# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୩/୨୦୧୯ (୧୬ ପୃଷ୍ଠା) | Bhubaneswar, Tuesday, September 3/2019 | ★★★★

୪୫ଶ ଭାଗ ୨୭୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




## ଫିଲ୍ମ ଅଫର ମିଳିଲେ ଖୁସି ହୁଏ: ତବୁ

ଫିଲ୍ମ ପାଇଁ ଅଫର ମିଳିବା ପ୍ରେରଣାଦାୟକ ବୋଲି 'ଜୱାନି ଜାନେମନ୍' ଅଭିନେତ୍ରୀ ତବୁ(୪୭) ପ୍ରକାଶ କରିଛନ୍ତି।

୦୨

୧୪

## ଅନୁପମାଙ୍କୁ ବ୍ରୋଞ୍ଜ ପଦକ

ଦକ୍ଷିଣ କୋରିଆର ଚୁଙ୍ଗଜୁଠାରେ ଚାଲିଥିବା ବିଶ୍ୱ ମାର୍ଶାଲ ଆର୍ଟ ମାଷ୍ଟରଶିପ୍ ପ୍ରତିଯୋଗିତାରେ ଉତ୍କଳ କରାଟେ ସ୍କୁଲର ଅନୁପମା ସ୍ୱାଇଁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।



**ଆଜିର ସମ୍ପାଦକୀୟ**

ବ୍ୟାଙ୍କ ପ୍ରତିଦ୍ୱନ୍ଦ୍ୱିତା

**ଆଜିର ମନ୍ତବ୍ୟ**

"ଭାରତ ବିରୋଧରେ ପାକିସ୍ତାନ ପ୍ରଥମେ ପରମାଣୁ ଅସ୍ତ୍ର ବ୍ୟବହାର କରିବ ନାହିଁ।

**–ଇମ୍ରାନ ଖାନ୍, ପାକିସ୍ତାନ ପ୍ରଧାନମନ୍ତ୍ରୀ**





NATIONAL EGG CO-ORDINATION COMMITTEE (NECC) | 02.09.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 52 | 96 | 106 |
| CTC | 52 | 96 | 106 |
| DKL | 52 | 96 | 106 |
| BDK | 52 | 96 | 106 |
| BLS | 52 | 96 | 106 |
| ANG | 51 | 94 | 104 |
| BHM | 50 | 93 | 103 |

*Conditions Apply

**Eggs Retail Price- 42/-Dozen**

Issued in the Interest of Consumers


# ବିସ୍ଥାପିତଙ୍କ ପାଇଁ ବଡ଼ ଘୋଷଣା



**କ'ଣ ପାଇବେ ବିସ୍ଥାପିତ**

୨୦୧୩ ଥଇଥାନ ନୀତି ଅନୁଯାୟୀ ଜମି ଓ ସେଥିରେ ଥିବା କୋଠାର ମୂଲ୍ୟ

**ଅତିରିକ୍ତ ଭାବେ ପାଇବେ**

(ବାସଗୃହ ଉଚ୍ଛେଦ ପାଇଁ ୩ଟି ମଧ୍ୟରୁ ଗୋଟିଏ)

୧-ଏକକାଳୀନ ୩୦ ଲକ୍ଷ ଟଙ୍କା

୨-ମନ୍ଦିରର ୧.୫ କିମି ମଧ୍ୟରେ ୫୨୦ ବର୍ଗଫୁଟର ଘର

୩- ଦୁଇ କିମି ମଧ୍ୟରେ ୪୦x୨୫ ଫୁଟର ଜାଗା

**(ଦୋକାନ, ଲଜ୍, ଅସ୍ଥାୟୀ ଦୋକାନୀ, ମଠ ପାଇଁ ମଧ୍ୟ ଅତିରିକ୍ତ ସହାୟତା ଘୋଷଣା କରାଯାଇଛି।)**

ଭୁବନେଶ୍ୱର,୨।୯(ବ୍ୟୁରୋ)

ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ଘର, ଦୋକାନ, ମଠ ଉଚ୍ଛେଦ ଘଟଣାକୁ ନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଉଚ୍ଛେଦ ପ୍ରକ୍ରିୟାକୁ ନେଇ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିବାରୁ ଦୀର୍ଘଦିନ ଧରି ଦୋକାନ କରିଥିବା ଲୋକ ଜୀବିକା ହରାଇଛନ୍ତି। ବହୁ ପ୍ରାଚୀନ ଏମାର ମଠ ଭାଙ୍ଗି ମାଟିରେ ମିଶିଲାଣି। ଏନେଇ ବିଭିନ୍ନ ମହଲରେ କ୍ଷୋଭ ପ୍ରକାଶ ପାଇଛି। ଏହାକୁ ଦୃଷ୍ଟିରେ ରଖି ସରକାର ବିସ୍ଥାପିତଙ୍କ ଲାଗି ବଡ଼ଧରଣର ଆର୍ଥିକ ପ୍ୟାକେଜ ଘୋଷଣା କରି ଅସନ୍ତୁଷ୍ଟଙ୍କୁ ମନାଇବାକୁ ଚେଷ୍ଟା କରିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋମବାର ଜାରି କରାଯାଇଥିବା ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ, ଶ୍ରୀମନ୍ଦିର ସୁରକ୍ଷାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ମନ୍ଦିର ଚତୁଃପାର୍ଶ୍ୱରେ ଏକ ସୁରକ୍ଷିତ ଅଞ୍ଚଳ ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ଶ୍ରୀମନ୍ଦିର ପ୍ରମୁଖ ଐତିହ୍ୟସ୍ଥଳୀ ହୋଇଥିବା ଯୋଗୁ ଏହାର ସୁରକ୍ଷାରେ କୌଣସି ସାଲିସ କରାଯିବ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ଗତ ଅଗଷ୍ଟ ୨୩ରେ ପୁରୀ ପାଇଁ ମୁଖ୍ୟମନ୍ତ୍ରୀ ଏକ ପ୍ୟାକେଜ ଘୋଷଣା କରିଥିଲେ। ଶ୍ରୀମନ୍ଦିର ସୁରକ୍ଷା ଜୋନ୍‌ରୁ ସ୍ଥାନାନ୍ତରିତ ବାସଗୃହ, ☞ପୃଷ୍ଠା–୪

## ■ ଗରିବଙ୍କ ରାଶନ ଖାଉଥିଲେ ଅଯୋଗ୍ୟ ହିତାଧିକାରୀ

# ଧରାପଡ଼ିଲା ଆଧାର

ଭୁବନେଶ୍ୱର,୨।୯(ବ୍ୟୁରୋ)

- ■ ଏନ୍‌ଏଫ୍‌ଏସ୍‌ରୁ ବାଦ୍ ପଡ଼ିଲେ ୧୧ ଲକ୍ଷ ଅଯୋଗ୍ୟ ହିତାଧିକାରୀ
- ■ ଏଯାବତ୍ ୯୭ ପ୍ରତିଶତ ଆଧାର ସଂଯୋଗ ହୋଇଛି
- ■ ଲୁଟ୍ ଖାଦ୍ୟ ସାମଗ୍ରୀ ଫେରିବା ଚିନ୍ତା

ସରକାରଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଅଯୋଗ୍ୟ ହିତାଧିକାରୀ ଗତ ୪ବର୍ଷ ହେବ ଗରିବଙ୍କ ପାଇଁ ଆସିଥିବା ହଜାର ହଜାର କୁଇଣ୍ଟାଲ ଚାଉଳ, ଗହମ ଲୁଟି ନେଉଥିଲେ। ଗାଡ଼ି ଘୋଡ଼ା, କୋଠାଘର, ଏକର ଏକର ସମ୍ପତ୍ତି, ସରକାରୀ ଚାକିରି ଥିବା ଅଯୋଗ୍ୟ ହିତାଧିକାରୀ ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନା (ଏନ୍‌ଏଫ୍‌ଏସ୍‌ଏ)ରେ ଗରିବଙ୍କ ଖାଦ୍ୟ ସାମଗ୍ରୀ ହଡ଼ପ କରୁଥିଲେ। ତାହା ପୁଣି ଖୋଦ୍ ସରକାରୀ ବାବୁମାନଙ୍କ ଜ୍ଞାତସାରରେ। ରାଶନ କାର୍ଡ ସହ ଆଧାର ସଂଯୋଗ ହେବା ପରେ ଏଭଳି ସାଂଘାତିକ ତଥ୍ୟ ପଦାକୁ ଆସିଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ୧୦ ଲକ୍ଷ ୭୯ ହଜାର ଅଯୋଗ୍ୟ ହିତାଧିକାରୀ ଏନ୍‌ଏଫ୍‌ଏସ୍‌ଏରୁ ବାଦ୍ ପଡ଼ିଛନ୍ତି। ସେଥିରୁ ୮ଲକ୍ଷ ୧୮ ହଜାର ଏନ୍‌ଏଫ୍‌ଏସ୍‌ଏ କାର୍ଡଧାରୀ ଆଧାର ଲିଙ୍କ ପରେ ବାଦ୍ ପଡ଼ିଥିବା ବେଳେ ୨ ଲକ୍ଷ ୬୧ ହଜାର କାର୍ଡଧାରୀଙ୍କ ମୃତ୍ୟୁ ହୋଇସାରିଛି। ତେବେ ଏହି ଅଯୋଗ୍ୟ ଏବଂ ମୃତ ବ୍ୟକ୍ତିଙ୍କ କାର୍ଡରେ ବର୍ଷ ବର୍ଷ ଧରି କିପରି ରାଶନ ଲୁଟି ଚାଲିଥିଲେ ଏବଂ ଏହା ଜାଣି ମଧ୍ୟ କିପରି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

କେଉଁମାନେ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇପାରିବେ ଓ କେଉଁମାନଙ୍କୁ ବାଦ୍ ଦିଆଯିବ ସେ ନେଇ ରାଜ୍ୟ ସରକାର ଗାଇଡ୍ ଲାଇନ୍ ପ୍ରସ୍ତୁତ କରିଛନ୍ତି। ଗାଇଡ୍ ଲାଇନ୍ ଅନୁଯାୟୀ ୬ଟି ମାନଦଣ୍ଡ ଆଧାରରେ ଗରିବ ଲୋକଙ୍କୁ କେନ୍ଦ୍ର ସରକାରଙ୍କ ଏନ୍‌ଏଫ୍‌ଏସ୍‌ଏରେ ସାମିଲ କରାଯାଉଥିବା ବେଳେ ୯ଟି ମାନଦଣ୍ଡ ଆଧାରରେ ସ୍ୱଚ୍ଛଳ ବର୍ଗଙ୍କୁ ଏଥିରୁ ବାଦ୍ ଦିଆଯିବାର ବ୍ୟବସ୍ଥା ରହିଛି। ତେବେ ତଥ୍ୟ ଗୋପନ ରଖି ଲକ୍ଷଲକ୍ଷ ଅସାଧୁ ବ୍ୟକ୍ତି ଏହି ଯୋଜନାରେ ସାମିଲ ହୋଇ ଭରପୂର ଫାଇଦା ଉଠାଇବାରେ ଲାଗିପଡ଼ିଛନ୍ତି। ଏ ନେଇ ବିଭିନ୍ନ ମହଲରୁ ଅଭିଯୋଗ ଆସିବା ପରେ ତତ୍କାଳୀନ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବ ପ୍ରଦୀପ୍ତ ମହାପାତ୍ର ଅଯୋଗ୍ୟ ☞ପୃଷ୍ଠା–୪

**ଚନ୍ଦ୍ରଯାନ-୨ର ଆଉ ଏକ ସଫଳତା**

## ଅର୍ବିଟରରୁ ପୃଥକ୍ ହେଲା ଲ୍ୟାଣ୍ଡର ବିକ୍ରମ



**ଚେନ୍ନାଇ, ୨।୯(ପି.ଟି.):** ଚନ୍ଦ୍ରଯାନ–୨ ମିଶନରେ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ)କୁ ମିଳିଛି ଆଉ ଏକ ବଡ଼ ସଫଳତା। ରବିବାର ଚନ୍ଦ୍ରଯାନ–୨ ଶେଷ ତଥା ପଞ୍ଚମ କକ୍ଷପଥରେ ପହଞ୍ଚିବା ପରେ ପୂର୍ବ ସ୍ଥିରୀକୃତ ସମୟ ସୂଚୀ ଅନୁଯାୟୀ ସୋମବାର ଚନ୍ଦ୍ରଯାନ–୨ ଅର୍ବିଟରରୁ ଲ୍ୟାଣ୍ଡର ବିକ୍ରମକୁ ଅଲଗା କରାଯାଇଛି। ଦିନ ୧ଟା ୧୫ ମିନିଟରେ ଏହି ସଫଳତା ହାସଲ କରାଯାଇଥିବା ଇସ୍ରୋ ପକ୍ଷରୁ ଟୁଇଟ୍ କରାଯାଇଛି। ବାହାଘର ସରିବା ପରେ ଯେମିତି ଝିଅକୁ ଶାଶୁଘରକୁ ବିଦା କରାଯାଏ ଠିକ୍ ସେହିଭଳି ଅର୍ବିଟର୍‌ରୁ ଲ୍ୟାଣ୍ଡର୍‌କୁ ଅଲଗା କରି ଚନ୍ଦ୍ରପୃଷ୍ଠକୁ ପଠାଯାଇଛି ବୋଲି ବୈଜ୍ଞାନିକମାନେ କହିଛନ୍ତି। ବାସ୍ତବରେ ଭାରତୀୟ ମହାକାଶ ବିଜ୍ଞାନ ପାଇଁ ସେପ୍ଟେମ୍ବର ୨ ତାରିଖ ଏକ ମହତ୍ତ୍ୱପୂର୍ଣ୍ଣ ଦିନ ହୋଇ ରହିବ। ☞ପୃଷ୍ଠା–୪





**For a test drive, SMS 'TRIBER' to 53030 or call on 1800 300 44444 (Open from Monday to Sunday, 7:00 am - 11:00 pm).**

Terms and conditions apply. Model/Accessories shown may not be a part of the standard fitment. #Price mentioned is for TRIBER Petrol RXE for Ex-showroom All India and is exclusive of taxes. The colour in the image may vary slightly from the actual colour of the product. Renault India Pvt. Ltd. reserves the right to change or modify the mentioned conditions or specifications without prior notice. Contact your nearest dealer or visit www.renault.co.in for more details.

**SHOWROOMS: ODISHA: BHUBANESWAR:** RENAULT Bhubaneswar Mob: +91 8860076082, RENAULT Bhubaneswar North Mob: +91 9643800532. **BALANGIR:** RENAULT Balangir Mob: +91 9643800378. **JHARSUGUDA:** RENAULT Jharsuguda Mob: +91 7290055349. **ROURKELA:** RENAULT Rourkela Mob: + 91 8860875802. **SAMBALPUR:** RENAULT Sambalpur Mob: +91 8860048351.

L&K | SAATCHI & SAATCHI



"ମନମୋହନ ସିଂ ଜଣେ ଅର୍ଥନୀତିଜ୍ଞ ହୋଇଥିଲେ ହେଁ କେତେକ ବ୍ୟକ୍ତି ତାଙ୍କୁ କାଠକଣ୍ଢେଇ ଭଳି ବ୍ୟବହାର କରୁଛନ୍ତି।
- ସମ୍ବିତ ପାତ୍ର, ଭାଜପା ମୁଖପାତ୍ର



## ସଂକ୍ଷେପରେ

### ଛୁରି ଧରି ପାର୍ଲାମେଣ୍ଟରେ ପଶୁଥିବା ଯୁବକ ଅଟକ

ନୂଆଦିଲ୍ଲୀ,୨।୯(ପି.ଟି.):ହାତରେ ଛୁରି ଧରି ପାର୍ଲାମେଣ୍ଟ ଭବନ ଭିତରକୁ ପ୍ରବେଶ କରିବା ଲାଗି ଉଦ୍ୟମ କରୁଥିବା ଜଣେ ଯୁବକଙ୍କୁ ଦିଲ୍ଲୀ ପୋଲିସ ଅଟକ ରଖିଛି। ତାଙ୍କୁ ପାର୍ଲାମେଣ୍ଟ ପୋଲିସ ଷ୍ଟେଶନରେ ଜେରା କରାଯାଉଛି। ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣକୁ ଦୃଷ୍ଟିରେ ରଖି ରାଜଧାନୀରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବାବେଳେ ଏଭଳି ଘଟଣା ଘଟିଛି। ଜେରା କରିବା ପରେ ତାଙ୍କର ପ୍ରକୃତ ଉଦ୍ଦେଶ୍ୟ ଜଣାପଡ଼ିବ ବୋଲି ପୋଲିସ ଅଧିକାରୀ କହିଛନ୍ତି।

### ସ୍ୱଚ୍ଛ ଭାରତ ଅଭିଯାନ ଆମେରିକାରେ ପୁରସ୍କୃତ ହେବେ ମୋଦି



ନୂଆଦିଲ୍ଲୀ,୨।୯(ପି.ଟି.)-ସ୍ୱଚ୍ଛ ଭାରତ ଅଭିଯାନ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆମେରିକାରେ ପୁରସ୍କୃତ କରାଯିବ। ଆସନ୍ତା ମାସରେ ମୋଦି ଆମେରିକା ଗସ୍ତ କରିବାକୁ ଥିବାବେଳେ ବିଲ୍ ଓ ମେଲିଣ୍ଡା ଗେଟ୍ସ ଫାଉଣ୍ଡେଶନ ପକ୍ଷରୁ ତାଙ୍କୁ ସେଠାରେ ପୁରସ୍କୃତ କରାଯିବ ବୋଲି ଜଣାପଡ଼ିଛି। ପିଏମ୍ଓ ବ୍ୟାପାର ମନ୍ତ୍ରୀ ଜିତେନ୍ଦ୍ର ସିଂ ସୋମବାର ଏନେଇ ପ୍ରକାଶ କରିବା ସହ ମୋଦିଙ୍କ ଅଭିନବ ପ୍ରୟାସ ବିଶ୍ୱକୁ ପ୍ରଭାବିତ କରିଥିବା କହିଛନ୍ତି। ପ୍ରକାଶଥାଉ କି, ୨୦୧୪ରେ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକାରୀ ହୋଇଥିଲା। ଏଥିରେ ଘରୋଇ ପାଇଖାନା ନିର୍ମାଣ, ସର୍ବସାଧାରଣ ପାଇଖାନା ଓ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଥିଲା। ମୋଦିଙ୍କ ଏଭଳି ପ୍ରୟାସକୁ ବିଲ୍ ଓ ମେଲିଣ୍ଡା ଫାଉଣ୍ଡେଶନ ପକ୍ଷରୁ ପ୍ରଶଂସା କରାଯାଇଛି।

### ଉନ୍ନାଓ ପୀଡ଼ିତାଙ୍କ ବୟାନ ରେକର୍ଡ କଲା ସିବିଆଇ

ନୂଆଦିଲ୍ଲୀ,୨।୯(ପି.ଟି.):ସିବିଆଇ ପକ୍ଷରୁ ଉନ୍ନାଓ ପୀଡ଼ିତାଙ୍କ ସଡ଼କ ଦୁର୍ଘଟଣା ସମ୍ପର୍କିତ ବୟାନ ସୋମବାର ରେକର୍ଡ କରାଯାଇଛି। ଏହି ଦୁର୍ଘଟଣାରେ ପୀଡ଼ିତାଙ୍କ ମାଈଁଙ୍କ ପ୍ରାଣ ହରାଇଥିବାବେଳେ ସେ ଓ ତାଙ୍କ ଓକିଲ ଗୁରୁତର ହୋଇଥିଲେ। ଦିଲ୍ଲୀର ଏମ୍ସରେ ଚିକିତ୍ସିତ ହେବା ପରେ ସେ କ୍ରମଶଃ ସୁସ୍ଥହୋଇ ୱାର୍ଡକୁ ଫେରିଛନ୍ତି। ପୀଡ଼ିତା ବୟାନରେ କହିଥିଲେ ଯେ, ୨୦୧୭ରେ ନାବାଳିକା ଥିବାବେଳେ ଉତ୍ତରପ୍ରଦେଶ ବିଧାୟକ କୁଲଦୀପ ସିଂ ସେନ୍‌ଗାର ତାଙ୍କୁ ବଳାତ୍କାର କରିଥିଲେ। ଦୁର୍ଘଟଣା ପଛରେ ସେନ୍‌ଗାରଙ୍କ ପାଖଲୋକ ଥିବା ପୀଡ଼ିତାଙ୍କ ମାମୁ ଅଭିଯୋଗ କରିଥିଲେ। ପୀଡ଼ିତାଙ୍କ ଓକିଲ ଏବେ ବି ଆଇସିୟୁରେ ଥିବାରୁ ତାଙ୍କ ବୟାନ୍ ରେକର୍ଡ କରାଯାଇ ପାରି ନାହିଁ। ପୀଡ଼ିତାଙ୍କ ସହ ତାଙ୍କ ଓକିଲ କାର୍‌ରେ ଯାଉଥିବାବେଳେ ଏକ ଟ୍ରକ୍ ଦ୍ରୁତ ଗତିରେ ଆସି ରାଏବରେଲିର ଗୁରୁବକ୍ଷଗଞ୍ଜ ନିକଟରେ ସେମାନଙ୍କୁ ଧକ୍କା ଦେଇଥିଲା। ପୀଡ଼ିତାଙ୍କୁ ଜୀବନରେ ମାରିଦେବା ଲାଗି ସେନ୍‌ଗାରଙ୍କ ଏହା ଏକ ଷଡ଼ଯନ୍ତ୍ର ଥିଲା ବୋଲି ଅଭିଯୋଗ କରାଯାଇଛି।

### ଇତିହାସର ଆଇନାରେ

#### ସେପ୍ଟେମ୍ବର ୩ର ପ୍ରମୁଖ ଘଟଣା

**କାତାର ହେଲା ସ୍ୱାଧୀନ ରାଷ୍ଟ୍ର**

୧୯୭୧ ସେପ୍ଟେମ୍ବର ୩ରେ କାତାର ଏକ ସ୍ୱାଧୀନ ରାଷ୍ଟ୍ର ମାନ୍ୟତା ପାଇଥିଲା। କାତାର ହେଉଛି ପଶ୍ଚିମ ଏସିଆର ଏକ ରାଷ୍ଟ୍ର। ଆରବୀୟ ଉପଦ୍ୱୀପର ଉତ୍ତର-ପୂର୍ବ ଉପକୂଳରେ ଏହା ଅବସ୍ଥିତ। ଏହାର ଦକ୍ଷିଣରେ ସାଉଦି ଆରବ ଏବଂ ଅନ୍ୟ ଭୂଖଣ୍ଡ ପର୍ସିଆନ ଉପସାଗର ଦ୍ୱାରା ପରିବେଷ୍ଟିତ।

**ବିମାନ ଦୁର୍ଘଟଣା**

୧୯୯୭ ସେପ୍ଟେମ୍ବର ୩ରେ ଭିଏତନାମ ଏୟାରଲାଇନ୍ସ ଫ୍ଲାଇଟ ୮୧୫ ନମ୍‌ପେନ୍ ବିମାନ ବନ୍ଦର ନିକଟବର୍ତ୍ତୀ ହେବାକ୍ଷଣି ଦୁର୍ଘଟଣାଗ୍ରସ୍ତ ହେବାରୁ ୬୪ ବିମାନଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ନମ୍‌ପେନ୍ ହେଉଛି ଏକ ଜନବହୁଳ ନଗରୀ ତଥା କାମ୍ବୋଡିଆର ରାଜଧାନୀ। ଏହା କାମ୍ବୋଡିଆର ଅର୍ଥନୈତିକ, ଶିଳ୍ପ ଓ ସାଂସ୍କୃତିକ କେନ୍ଦ୍ର।

# ପାକ୍‌ର ମିଛ ଦୋହରାଇବାକୁ କୁଳଭୂଷଣଙ୍କ ଉପରେ ଚାପ

ନୂଆଦିଲ୍ଲୀ,୨।୯

କୁଳଭୂଷଣଙ୍କୁ ଦୂତାବାସ ମାଧ୍ୟମରେ ଆଇନଗତ ସହାୟତା ଯୋଗାଇଦେବା ପାଇଁ ସୁଯୋଗ ମିଳିଥିଲେ ହେଁ ତାଙ୍କୁ ପାକିସ୍ତାନର ମିଛ ଦୋହରାଇବା ପାଇଁ ଅତ୍ୟଧିକ ଚାପ ପକାଯାଇଥିବା ଜଣାପଡିଛି। ତାଙ୍କୁ ସୋମବାର ଭାରତୀୟ ଉପଉଚ୍ଚାୟୁକ୍ତ ଗୌରବ ଆହଲୁୱାଲିଆ ଭେଟିଥିବାବେଳେ ଚାପ ପକାଯାଇଥିବା ଲକ୍ଷଣ ସ୍ପଷ୍ଟ ହୋଇଛି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ୍ କୁମାର କହିଛନ୍ତି। ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ ସବିଶେଷ ରିପୋର୍ଟ ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତ (ଆଇସିଜେ)ଙ୍କ ନିର୍ଦ୍ଦେଶକ୍ରମେ ପାକିସ୍ତାନ କୁଳଭୂଷଣଙ୍କୁ ଦୂତାବାସ ସହାୟତା ଯୋଗାଇବାକୁ ବାଧ୍ୟ ହୋଇଛି। ମିଥ୍ୟା ଅଭିଯୋଗ ଆଣି ତାଙ୍କୁ ଦୋଷୀସାବ୍ୟସ୍ତ



ରବୀଶ୍ କୁମାର

କରାଯିବା ସହ ମୃତ୍ୟୁଦଣ୍ଡାଦେଶ ଦିଆଯାଇଛି। ଏହାର ସମୀକ୍ଷା ଓ ପୁନର୍ବିଚାର କରିବାକୁ ମଧ୍ୟ ଆଇସିଜେ ପାକିସ୍ତାନକୁ କହିଥିଲେ। ଗତ ଅଗଷ୍ଟରେ ପାକିସ୍ତାନ ଦେଇଥିବା ଦୂତାବାସ ସହାୟତା ପ୍ରସ୍ତାବରେ ପାକ୍ ସୁରକ୍ଷା କର୍ମୀ ଉପସ୍ଥିତ ରହିବେ ଓ ପ୍ରକୋଷ୍ଠରେ ସିସିଟିଭି କ୍ୟାମେରା ଲାଗିବା ସର୍ତ୍ତ ଥିଲା, ଯାହାକୁ ଭାରତ ପ୍ରତ୍ୟାଖ୍ୟାନ କରିଥିଲା। ସୋମବାର କୁଳଭୂଷଣଙ୍କୁ ଉପଉଚ୍ଚାୟୁକ୍ତ ଭେଟିବା ବେଳେ ଉପରୋକ୍ତ ସର୍ତ୍ତକୁ ହଟାଯାଇଥିଲା କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ତେବେ କୁଳଭୂଷଣଙ୍କୁ ଯଥାଶୀଘ୍ର ସମ୍ଭବ ନ୍ୟାୟ ମିଳିବା ଓ ସେ ସୁରକ୍ଷିତ ଭାବେ ଭାରତ ଫେରିବା ପର୍ଯ୍ୟନ୍ତ ସରକାର ଲଢ଼େଇ ଜାରି ରଖିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ନୂଆଦିଲ୍ଲୀ ପକ୍ଷରୁ କୁହାଯାଇଛି।

କନ୍‌ସୁଲାର ସମ୍ପର୍କିତ ୧୯୬୩ର ଭିଏନା ଚୁକ୍ତିନାମା ଅନୁଯାୟୀ କୁଳଭୂଷଣଙ୍କୁ ଦୂତାବାସ ସହାୟତା ଯୋଗାଇଦେବାକୁ ଆଇସିଜେ ନିର୍ଦ୍ଦେଶ ଦେବାର ଦୁଇମାସ ପରେ ସୋମବାର ତାଙ୍କୁ ଉପଉଚ୍ଚାୟୁକ୍ତ ଭେଟିବା ସୁଯୋଗ ପାଇଛନ୍ତି। ୨୦୧୭ ଡିସେମ୍ବରରେ କୁଳଭୂଷଣଙ୍କୁ ମାଆ ଅବନ୍ତୀ ଓ ସ୍ତ୍ରୀ ଚେତାଙ୍କୁଲ ଭେଟିବା ପରେ ସେ ଚାପରେ ଥିବା ଖବରଦାତାମାନଙ୍କୁ ସୂଚନା ଦେଇଥିଲେ। ଏହି ସାକ୍ଷାତ ପୂର୍ବରୁ କୁଳଭୂଷଣଙ୍କୁ ନିର୍ଯାତନା ଦିଆଯାଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଅଭିଯୋଗ ହୋଇଥିଲା।

## ମାମଲାର ଘଟଣାକ୍ରମ

**୨୦୧୬ ମାର୍ଚ୍ଚ ୩:** କୁଳଭୂଷଣଙ୍କୁ ପାକିସ୍ତାନ ଗିରଫ କରିଥିଲା।

**୨୦୧୭ ଏପ୍ରିଲ ୧୦:** ଗୁପ୍ତଚର ବୃତ୍ତି ଓ ଆତଙ୍କବାଦ ସହ ସମ୍ପୃକ୍ତି ଅଭିଯୋଗରେ ପାକ୍ ସେନା ଅଦାଲତ କୁଳଭୂଷଣଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ମୃତ୍ୟୁଦଣ୍ଡାଦେଶ ଦେଇଥିଲା।

**୨୦୧୭ ଏପ୍ରିଲ ୨୭:** କୁଳଭୂଷଣଙ୍କ ପରିବାର ତାଙ୍କୁ ଭେଟିବା ପାଇଁ ଭିଜା ଯୋଗାଇଦେବାକୁ ସୁଷମା ସ୍ୱରାଜ ପାକ୍ ବହିର୍ବ୍ୟାପାର ଉପଦେଷ୍ଟା ସର୍ତାଜ ଅଜିଜଙ୍କୁ ଅନୁରୋଧ କରିଥିଲେ।

**୨୦୧୭ ମେ ୮:** ପାକ୍ ସାମରିକ ଅଦାଲତ ରାୟ ବିରୋଧରେ ଆଇସିଜେରେ ଆବେଦନ କରିଥିଲା ଭାରତ। ତା' ପରଦିନ ଆଇସିଜେ କୁଳଭୂଷଣଙ୍କ ଦଣ୍ଡ ଉପରେ ରହିତାଦେଶ ଜାରି କରିଥିଲେ।

**୨୦୧୭ ଡିସେମ୍ବର ୨୬:** କୁଳଭୂଷଣଙ୍କୁ ଜେଲରେ ଭେଟିଥିଲେ ତାଙ୍କ ମା' ଓ ସ୍ତ୍ରୀ।

**୨୦୧୯ ଫେବୃୟାରୀ ୧୮:** ଆଇସିଜେରେ କୁଳଭୂଷଣ ମାମଲା ଉପରେ ୪ ଦିନ ଶୁଣାଣି ହୋଇଥିଲା।

**୨୦୧୯ ଜୁଲାଇ ୧୭:** କୁଳଭୂଷଣଙ୍କ ମୃତ୍ୟୁଦଣ୍ଡାଦେଶର ପୁନର୍ବିଚାର କରିବା ସହ ତାଙ୍କୁ ଦୂତାବାସ ସହାୟତା ଯୋଗାଇଦେବା ପାଇଁ ଆଇସିଜେ ପାକିସ୍ତାନକୁ ନିର୍ଦ୍ଦେଶ ଦେଇଥିଲେ।

**୨୦୧୯ ଅଗଷ୍ଟ ୨:** ପାକିସ୍ତାନର ସର୍ତ୍ତମୂଳକ ଦୂତାବାସ ସହାୟତା ପ୍ରସ୍ତାବକୁ ଭାରତୀୟ ଅଧିକାରୀ ପ୍ରତ୍ୟାଖ୍ୟାନ କରିଥିଲେ।

**୨୦୧୯ ସେପ୍ଟେମ୍ବର ୨:** ଦୂତାବାସ ସହାୟତା ମିଳିବା ପରେ ଭାରତୀୟ ଉପଉଚ୍ଚାୟୁକ୍ତ ଗୌରବ ଆହଲୁୱାଲିଆ ତାଙ୍କୁ ଭେଟିଛନ୍ତି।

### ଚିଦାମ୍ବରମଙ୍କ ସିବିଆଇ ରିମାଣ୍ଡ ଦିନେ ବଢ଼ିଲା

ନୂଆଦିଲ୍ଲୀ,୨।୯

ଆଇଏନ୍‌ଏକ୍ସ ମିଡିଆ ମାମଲାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମଙ୍କ ସିବିଆଇ ରିମାଣ୍ଡ ମିଆଦକୁ ସୁପ୍ରିମକୋର୍ଟ ମଙ୍ଗଳବାର ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଫଳରେ ତାଙ୍କର ତିହାର ଜେଲ୍ ଯିବା ସମ୍ଭାବନାକୁ ଏଡାଇଦିଆଯାଇପାରିଛି। ଚିଦାମ୍ବରମଙ୍କୁ ୭୪ ବର୍ଷ ହେଲାଣି। ଅଗଷ୍ଟ ୨୧ରେ ଗିରଫ ହେବା ପରେ ସେ ୧୧ ଦିନ ସିବିଆଇ ହାଜତରେ ରହିଲେଣି। ତେଣୁ ତାଙ୍କୁ ସୁରକ୍ଷା ଦିଆଯିବା ଆବଶ୍ୟକ ବୋଲି କପିଲ ସିବଲ ଯୁକ୍ତି ଦର୍ଶାଇଥିଲେ। ସେ ନିୟମିତ ଜାମିନ ପାଇଁ ଉପଯୁକ୍ତ କୋର୍ଟରେ ଆବେଦନ କରିପାରିବେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଚିଦାମ୍ବରମ କ'ଣ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ଜାମିନ ଆବେଦନ କରୁନାହାନ୍ତି ବୋଲି ବିଚାରପତି ଆର୍. ବାନୁମତି ଏବଂ ଏ.ଏସ୍. ବୋପାନ୍ନାଙ୍କ ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ସିବିଆଇ କୋର୍ଟରେ ଯଦି ଚିଦାମ୍ବରମଙ୍କ ଜାମିନ ଆବେଦନ ଖାରଜ ହୁଏ ତେବେ ସେ ଗୁରୁବାର ପର୍ଯ୍ୟନ୍ତ ହାଜତରେ ରହିବେ।

# ବାୟୁସେନା ମୁଖ୍ୟଙ୍କ ସହ ମିଗ୍ ଉଡ଼ାଇଲେ ଅଭିନନ୍ଦନ

ପଠାନ୍‌କୋଟ,୨।୯(ପି.ଟି.)



ଗତ ଫେବୃୟାରୀରେ ଭାରତ-ପାକିସ୍ତାନ ମୁହାଁମୁହିଁ ହେବା ସ୍ଥିତିରେ ଥିବାବେଳେ ବାଲାକୋଟ୍ ହିରୋ ୱିଂ କମାଣ୍ଡର ବର୍ଥମାନ ଅଭିନନ୍ଦନ ବୀରତ୍ୱର ପରିଚୟ ଦେଇ ଏଫ୍-୧୬ ପାକ୍ ବିମାନକୁ ଉଡ଼ାଇ ଦେଇଥିଲେ। ସୋମବାର ସେ ବାୟୁସେନା ମୁଖ୍ୟ ଏୟାର ମାର୍ଶାଲ ବି.ଏସ୍. ଧନୋଆଙ୍କ ସହ ମିଗ୍-୨୧ ବିମାନ ଉଡ଼ାଇଛନ୍ତି। ଧନୋଆ ଦୀର୍ଘ ୨୦ ବର୍ଷ ପରେ ମିଗ୍ ବିମାନ ଉଡ଼ାଇଥିଲେ। ୧୯୮୮ରେ ପାକିସ୍ତାନ ବିରୋଧରେ ଧନୋଆ ପରାକ୍ରମ ଦେଖାଇଥିଲେ। କାର୍‌ଗିଲ ଯୁଦ୍ଧବେଳେ ସେ ଅଦମ୍ୟ ସାହସ ଦେଖାଇ ପାକ୍ ସେନାକୁ ଫେରିଯିବାକୁ ବାଧ୍ୟ କରିଥିଲେ। ଅଭିନନ୍ଦନଙ୍କ ବାପାଙ୍କ ସହ ସେ କାର୍ଯ୍ୟ କରିଥିବା ପ୍ରକାଶ କରିଛନ୍ତି। ସୋମବାର ଅଭିନନ୍ଦନଙ୍କ ସହ ଧନୋଆଙ୍କ ୩୦ ମିନିଟ୍ ବିମାନ ଉଡ଼ାଣ ବେଳେ ଫଟୋ ଖବରଦାତା ଓ ଭିଡିଓ କ୍ରିଉଙ୍କୁ ପଠାନ୍‌କୋଟ୍ ଏୟାର ବେସ୍‌କୁ ନିଆଯାଇଥିଲା। ଉଡ଼ାଣ ପରେ ବିମାନର କକ୍‌ପିଟ୍‌ରେ ଫଟୋ ଶୁଟ୍ କରିଥିଲେ। ସେପ୍ଟେମ୍ବର ୩୦ରେ ଅବସରଗ୍ରହଣ କରିବାକୁ ଥିବା ଧନୋଆ ଅଭିନନ୍ଦନଙ୍କ ସହ ଉଡ଼ାଣ କରିବା ଗର୍ବର କଥା ବୋଲି କହିଛନ୍ତି। ପ୍ରକାଶଥାଉ କି, ବୀରତ୍ୱ ଓ ସାହସିକତା ଲାଗି ଅଭିନନ୍ଦନଙ୍କୁ ବୀରଚକ୍ରରେ ଭାରତ ସରକାର ସମ୍ମାନିତ କରିଛନ୍ତି।

## ମଧ୍ୟାହ୍ନଭୋଜନରେ ରୁଟି, ଲୁଣ

### ଖବରଦାତାଙ୍କ ବିରୋଧରେ ମାମଲା

ଲକ୍ଷ୍ନୌ, ୨।୯(ପି.ଟି.)

ଉତ୍ତରପ୍ରଦେଶର ମିର୍ଜାପୁର ଜିଲା ଜମାଲପୁର ବ୍ଲକ ଅନ୍ତର୍ଗତ ସିୟୁର ପ୍ରାଥମିକ ବିଦ୍ୟାଳୟରେ ପିଲାମାନଙ୍କୁ ମଧ୍ୟାହ୍ନଭୋଜନରେ ରୁଟି ଓ ଲୁଣ ଦିଆଯିବା ଘଟଣା ଗତ ଅଗଷ୍ଟ ୨୨ରେ ସୋସିଆଲ ମିଡିଆ ଓ ବିଭିନ୍ନ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଏହି ଘଟଣାକୁ ନେଇ ପ୍ରିଣ୍ଟ ମିଡ଼ିଆରେ କାମ କରୁଥିବା ଖବରଦାତା ପୱନ୍ କୁମାର ଜୟସ୍ୱାଲ୍ ଓ ଗ୍ରାମ ପ୍ରତିନିଧି ରାଜକୁମାର ପାଲ୍‌ଙ୍କ ବିରୋଧରେ ଶନିବାର ମିର୍ଜାପୁର ବିଇଓ ପ୍ରେମ ଶଙ୍କର ରାମ ମାମଲା ରୁଜୁ କରିଛନ୍ତି। ଲୁଚି ଛପି ସ୍କୁଲ ପିଲା ଖାଇବାବେଳର ଭିଡିଓ ସୁଟ୍‌କରିବା ଭଳି ହୀନ କାର୍ଯ୍ୟକରି ସେମାନେ ଉତ୍ତରପ୍ରଦେଶ ସରକାରକୁ ବଦ୍‌ନାମ କରିବାକୁ ଚେଷ୍ଟା କରିଥିବା ଅହିରୌରା ପୋଲିସ ଷ୍ଟେଶନରେ ଅଭିଯୋଗ କରାଯାଇଛି। ପ୍ରକାଶଥାଉ କି, ପାଲ୍‌ଙ୍କ ଆମନ୍ତ୍ରଣ କ୍ରମେ ଖବରଦାତା ନିଜ ମୋବାଇଲରେ ଭିଡିଓ ଉଠାଇ ଗଣମାଧ୍ୟମକୁ ଛାଡ଼ିଥିଲେ।

## ■ ସୁପ୍ରିମ୍‌କୋର୍ଟରେ ଚିନ୍ମୟାନନ୍ଦ ମାମଲା

# ଏସ୍‌ଆଇଟି ଗଠନ ଲାଗି ନିର୍ଦ୍ଦେଶ





ନୂଆଦିଲ୍ଲୀ, ୨।୯(ପି.ଟି.)

ଉତ୍ତରପ୍ରଦେଶର ଶାହ୍‌ଜାହାନ୍‌ପୁରରେ ଆଇନ ଛାତ୍ରୀ ନିଖୋଜ ହେବା ଓ ଏନେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା ସ୍ୱାମୀ ଚିନ୍ମୟାନନ୍ଦଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ଅଣାଯିବା ଘଟଣାରେ ଏସ୍‌ଆଇଟି (ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍) ଗଠନ କରିବାକୁ ସୁପ୍ରିମକୋର୍ଟ ସୋମବାର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଇଜି ପାହ୍ୟାର ଜଣେ ଅଧିକାରୀ ଏହାର ନେତୃତ୍ୱ ନେବାକୁ ନିର୍ଦ୍ଦେଶ ରହିଛି।

ରାଜସ୍ଥାନରୁ ଛାତ୍ରୀ ଉଦ୍ଧାର ହେବା ପରେ ତାଙ୍କୁ ଶୁକ୍ରବାର ସୁପ୍ରିମକୋର୍ଟରେ ହାଜର କରାଯାଇଥିଲା। ପୋଲିସ ହେପାଜତରେ ତାଙ୍କୁ ଦିଲ୍ଲୀରେ ରହିବା ଲାଗି ଅନୁମତି ଦିଆଯିବା ସହ ପୋଲିସ ସୁରକ୍ଷା ବ୍ୟବସ୍ଥା ମଧ୍ୟ ଯୋଗାଇ ଦିଆଯାଇଥିଲା। ସୋମବାର ବିଚାରପତି ଜଷ୍ଟିସ ଆର୍ ବାନୁମତୀ ଓ ଜଷ୍ଟିସ ଏ. ଏସ୍. ବୋପାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଲ୍ଲାହାବାଦ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଏକ ଖଣ୍ଡପୀଠ ଗଠନ କରି ତଦନ୍ତର ତଦାରଖ କରିବା ଲାଗି ଅନୁରୋଧ କରିଛନ୍ତି। ଏସ୍‌ଆଇଟି ଛାତ୍ରୀଙ୍କ ଅଭିଯୋଗର ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶଥାଉ କି, ଶାହ୍‌ଜାହାନ୍‌ପୁର ପୋଲିସ ନିକଟରେ ଗତ ଅଗଷ୍ଟ ୨୭ରେ ଛାତ୍ରୀ ନିଖୋଜ ଅଭିଯୋଗ ଅଣାଯାଇ ଚିନ୍ମୟାନନ୍ଦଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ଛାତ୍ରୀଙ୍କ ବାପା ଚିନ୍ମୟାନନ୍ଦଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ଆଣିଥିଲେ।

# ଡାକ୍ତରଙ୍କୁ ପିଟି ହତ୍ୟା: ୨୧ ଗିରଫ

ଗୁଆହାଟୀ,୨।୯

■ ଆସାମ ଚା' ବଗିଚାରେ ଭିଡ଼ହିଂସା

■ ପ୍ରତିବାଦରେ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଦେଶରେ ଗତ କିଛି ବର୍ଷ ମଧ୍ୟରେ ଭିଡ଼ ହିଂସା ବୃଦ୍ଧି ପାଇଛି। ଆସାମର ଜୋର୍‌ହାଟରେ ଥିବା ଏକ ଚା' ବଗିଚାରେ ଜଣେ ଡାକ୍ତରଙ୍କୁ ଉତ୍ୟକ୍ତ ଲୋକେ ପିଟି ପିଟି ହତ୍ୟା କରିଛନ୍ତି। ଏହି ଘଟଣାରେ ପୋଲିସ ୨୧ ଜଣଙ୍କୁ ଗିରଫ କରିଥିବାବେଳେ ଉକ୍ତ ଇଷ୍ଟେଟ୍‌କୁ ବନ୍ଦ କରିଦିଆଯାଇଛି। ଭିଡ଼ହିଂସା ପ୍ରତିବାଦରେ ଜୋର୍‌ହାଟର ଡାକ୍ତରମାନେ ସୋମବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିବାବେଳେ ଭାରତୀୟ ମେଡିକାଲ ଆସୋସିଏଶନ ପକ୍ଷରୁ ମଙ୍ଗଳବାର ଧର୍ମଘଟ ପାଇଁ ଡାକରା ଦିଆଯାଇଛି।

ଗତ ଶନିବାର ଇଷ୍ଟେଟ୍ ପରିସରରେ ଅସ୍ଥାୟୀ କର୍ମଚାରୀ ସୋମ୍ରା ମାଝିଙ୍କ ମୃତ୍ୟୁ ହୋଇଥିଲା। ଡାକ୍ତର ଦେବେନ ଦତ୍ତ (୭୩)ଙ୍କ ଅନୁପସ୍ଥିତି ଯୋଗୁ କର୍ମଚାରୀଙ୍କ ମୃତ୍ୟୁ ହେଲା ବୋଲି ଅଭିଯୋଗ କରି ଇଷ୍ଟେଟ୍‌ର ୨୫୦ ଜଣ କର୍ମଚାରୀ ତାଙ୍କୁ ଆକ୍ରମଣ କରିଥିଲେ।



ଡାକ୍ତର ଦେବେନ ଦତ୍ତ

ଗୁରୁତର ଆହତ ଡାକ୍ତରଙ୍କର ରବିବାର ମୃତ୍ୟୁ ଘଟିଥିଲା। ଜୋର୍‌ହାଟ ଡେପୁଟି କମିଶନରଙ୍କ କହିବା ଅନୁଯାୟୀ ଶନିବାର ମଧ୍ୟାହ୍ନରେ ସୋମ୍ରାଙ୍କୁ ଗୁରୁତର ଅବସ୍ଥାରେ ଇଷ୍ଟେଟ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେତେବେଳେ ଡାକ୍ତର ଦତ୍ତ ଅନୁପସ୍ଥିତ ଥିବାବେଳେ ଫାର୍ମାସିଷ୍ଟ ମଧ୍ୟ ଛୁଟିରେ ଥିଲେ। ଡ୍ୟୁଟିରେ ଥିବା ନର୍ସ ସାଲାଇନ ଲଗାଇବାର କିଛି ସମୟ ପରେ ସୋମ୍ରାଙ୍କ ମୃତ୍ୟୁ ଘଟିଥିଲା। ଅପରାହ୍ନରେ ଡାକ୍ତର ଦତ୍ତ ପହଞ୍ଚିବା ପରେ ଉତ୍ୟକ୍ତ କର୍ମଚାରୀମାନେ ତାଙ୍କୁ ମାଡ଼ ମାରିବା ସହ ଏକ ଘରେ ତାଲା ପକାଇ ରଖିଥିଲେ। ପୋଲିସ ତାଙ୍କୁ ଉଦ୍ଧାରକରି ହସ୍ପିଟାଲ ନେଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଅବସରପ୍ରାପ୍ତ ଡାକ୍ତର ଦତ୍ତ ଚା' ବଗିଚାରେ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟ କରୁଥିଲେ। ଟାଟା ଟି ଲିମିଟେଡ୍‌ରୁ ଅଲଗା ହୋଇଥିବା ଅମଲଗାମେଟେଡ ପ୍ଲାଣ୍ଟେଶନ୍ସ ପ୍ରା.ଲିଃ ଅଧୀନରେ ଏହି ଟି ଇଷ୍ଟେଟ୍ ରହିଛି। ଡାକ୍ତରଙ୍କୁ ହତ୍ୟା ଘଟଣାର ତୀବ୍ର ନିନ୍ଦା କରିଛି ପଶ୍ଚିମବଙ୍ଗ ଡାକ୍ତର ସଂଘ। ସେ ଯେଉଁମାନଙ୍କୁ ସ୍ୱେଚ୍ଛାକୃତ ଭାବେ ସେବା ଯୋଗାଉଥିଲେ ସେମାନେ ତାଙ୍କୁ ମାଡ଼ ମାରିବାବେଳେ ଟିକିଏ ବି ଭାବିଲେ ନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି।



ଶିଖ୍ ଯୁବତୀ ଧର୍ମାନ୍ତରୀକରଣ ପ୍ରତିବାଦରେ ନୂଆଦିଲ୍ଲୀସ୍ଥିତ ପାକ୍ ଦୂତାବାସ ଆଗରେ ଇମ୍ରାନ୍ ଖାନ୍‌ଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

### ପାକିସ୍ତାନ ସହ ଆଲୋଚନାକୁ ଜୟଶଙ୍କରଙ୍କ ଖଣ୍ଡନ

ଲଣ୍ଡନ,୨।୯(ପି.ଟି.)-ପାକିସ୍ତାନ ଖୋଲାଖୋଲି ଭାବେ ଆତଙ୍କବାଦୀ କାର୍ଯ୍ୟକଳାପ ଜାରି ରଖିଛି। ଆତଙ୍କବାଦୀଙ୍କୁ ନିଯୁକ୍ତି, ପ୍ରଶିକ୍ଷଣ ଓ ଆର୍ଥିକ ସହାୟତା ଯୋଗାଇ ଆସୁଛି। ଏଥିରୁ ବିରତ ନ ହେବା ପର୍ଯ୍ୟନ୍ତ ଦ୍ୱିପାକ୍ଷିକ ଆଲୋଚନା ଆରମ୍ଭ ହେବାର ପ୍ରଶ୍ନ ଉଠୁନାହିଁ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ପ୍ରକାଶ କରିଛନ୍ତି। ନ୍ୟୁୟର୍କ ଟାଇମ୍ସରେ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ତୁରନ୍ତ କଶ୍ମୀର ନେଇ ଦ୍ୱିପାକ୍ଷିକ ଆଲୋଚନା ଆରମ୍ଭ ନ ହେଲେ ଦକ୍ଷିଣ ଏସିଆ ଉପରେ ପରମାଣୁ ଯୁଦ୍ଧର କଳାବାଦଲ ଦେଖାଦେବ ବୋଲି ଉଲ୍ଲେଖ କରିଥିଲେ। ଏହାର ଉତ୍ତର ଦେଇ ବ୍ରସେଲ୍ସରେ ଏକ ସାକ୍ଷାତକାରରେ ଜୟଶଙ୍କର ଏଭଳି ମତ ରଖିଛନ୍ତି। ଆତଙ୍କବାଦୀ ଗୋଷ୍ଠୀଙ୍କୁ ଅର୍ଥ ଓ ସହାୟତା ଯୋଗାଯାଉଥିବା ପର୍ଯ୍ୟନ୍ତ ପାକିସ୍ତାନ ସହ ଆଲୋଚନା ସମ୍ଭବ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ବର୍ଷା ହେବାର ସମ୍ଭାବନା ଅଛି। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୦ | ୨୫.୪ |
| ଚାନ୍ଦବାଲି | ୨୯.୮ | ୨୭.୪ |
| କଟକ | ୩୨.୦ | ୨୪.୨ |
| ପାରାଦ୍ୱୀପ | ୩୧.୦ | ୨୭.୨ |
| ଭୁବନେଶ୍ୱର | ୩୨.୦ | ୨୫.୬ |
| ଗୋପାଳପୁର | ୩୨.୧ | ୨୪.୯ |
| ପୁରୀ | ୩୨.୨ | ୨୫.୫ |
| ଅନୁଗୋଳ | ୩୧.୧ | ୨୨.୦ |
| ବାରିପଦା | ୩୪.୦ | --- |
| ଝାରସୁଗୁଡ଼ା | ୩୩.୨ | ୨୪.୨ |
| କେନ୍ଦୁଝର | ୩୦.୯ | ୨୪.୪ |
| ସମ୍ବଲପୁର | ୩୩.୬ | ୨୫.୦ |
| ସୁନ୍ଦରଗଡ଼ | ୩୧.୦ | ୨୧.୦ |
| ହୀରାକୁଦ | ୩୨.୯ | ୨୫.୬ |
| ତାଳଚେର | --- | ୨୫.୦ |
| ଭବାନୀପାଟଣା | ୩୦.୦ | ୨୪.୨ |
| ବଲାଙ୍ଗୀର | --- | ୨୪.୦ |
| କୋରାପୁଟ | ୨୬.୦ | ୧୯.୬ |
| ଫୁଲବାଣୀ | ୨୯.୫ | --- |
| ଟିଟିଲାଗଡ଼ | ୩୦.୦ | ୨୧.୦ |
| ମାଲକାନଗିରି | ୨୭.୦ | ୨୧.୦ |
| ସୋନପୁର | ୩୦.୮ | ୨୦.୪ |
| ଦାରିଙ୍ଗିବାଡ଼ି | ୨୭.୭ | ୧୭.୫ |

ଡିଗ୍ରୀ ସେଲ୍‌ସିୟସ୍

# ଫିଲ୍ମ ପାଇଁ ଅଫର ପ୍ରେରଣାଦାୟୀ: ତବୁ

ମୁମ୍ବାଇ:

ଫିଲ୍ମ ପାଇଁ ଅଫର ମିଳିବା ପ୍ରେରଣାଦାୟକ ବୋଲି ବଲିଉଡ୍ ଅଭିନେତ୍ରୀ ତବୁ ପ୍ରକାଶ କରିଛନ୍ତି। ସେ ଅଧିକ ଆଶା କରୁ ନ ଥିଲେ ମଧ୍ୟ ବର୍ତ୍ତମାନ ଯେଉଁ କାର୍ଯ୍ୟ ମିଳିଛି ସେଥିରେ ସେ ଖୁସି ଥିବା କହିଛନ୍ତି। ଭବିଷ୍ୟତ ପାଇଁ ତାଙ୍କର କୌଣସି ଯୋଜନା ନାହିଁ। ବର୍ତ୍ତମାନ କାର୍ଯ୍ୟରେ ସେ ସନ୍ତୁଷ୍ଟ। ଏହା ହିଁ ତାଙ୍କୁ ଉତ୍ସାହିତ କରେ ବୋଲି ସେ କହିଛନ୍ତି।

ଫିଲ୍ମ ପାଇଁ କୌଣସି ଅଫର ମିଳିଲେ ଉତ୍ସାହିତ ହେବା ସ୍ୱାଭାବିକ କଥା। ୪୭ ବର୍ଷୀୟା ଏହି ଅଭିନେତ୍ରୀଙ୍କୁ 'ଜୱାନି ଜାନେମନ୍'ରେ ଦେଖିବାକୁ ମିଳିବ। ହାସ୍ୟରସାତ୍ମକ ଏହି ଫିଲ୍ମରେ ତବୁଙ୍କ ସହ ଅଭିନୟ କରିଛନ୍ତି ସୈଫ ଅଲି ଖାନ୍। ଏଥିରେ ଅଭିନେତ୍ରୀ ପୂଜା ବେଦୀଙ୍କ କନ୍ୟା ଆଲାଇଆ ଏଫ୍. ପ୍ରଥମକରି ଅଭିନୟ କରୁଥିବାବେଳେ ଏହାର ନିର୍ଦ୍ଦେଶନା ଦେଉଛନ୍ତି ନୀତିନ କାକ୍କର। ଏହାର ସହ-ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ସୈଫ, ଜ୍ୟାକି ଭଗନାନି ଏବଂ ଜୟ ଶେୱକ୍ରମାନି।

ତବୁ ପ୍ରଥମକରି ସାଗର ସରଦେଶାଇଙ୍କ ୧୯୮୨ ଫିଲ୍ମ 'ବଜାର'ରେ ଅଭିନୟ କରିଥିଲେ। କିନ୍ତୁ ଦେବ ଆନନ୍ଦଙ୍କ ସ୍କୁଲପଢୁଆ ଝିଅ ଚରିତ୍ରରେ 'ହମ୍ ନଉଜୱାନ'ରେ ଅଭିନୟ କରିବାପରେ ସେ ଦର୍ଶକଙ୍କ ନଜରକୁ ଆସିଥିଲେ। ୧୯୯୪ରେ ରିଷି କପୁରଙ୍କ ସହ 'ପେହେଲା ପେହେଲା ପ୍ୟାର'ରେ ଅଭିନୟ କରିବା ପରେ ବଲିଉଡ୍ ଅଭିନେତ୍ରୀର ମାନ୍ୟତା ପାଇଥିଲେ।



## ସଂକ୍ଷେପରେ

### ଖାରବେଳ ଭବନରେ ଖୋଲିବ ଏଜି ଅଫିସ

**ଭୁବନେଶ୍ୱର,୨।୯(ବ୍ୟୁରୋ):** ନିକଟରେ ଉଦ୍‌ଘାଟନ ହୋଇଥିବା ଖାରବେଳ ଭବନରେ ରାଜ୍ୟ ସରକାର ଆଡଭୋକେଟ ଜେନେରାଲ(ଏଜି)ଙ୍କ ଅଫିସ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ହାଇକୋର୍ଟ ଠାରୁ ଆରମ୍ଭ କରି ସୁପ୍ରିମକୋର୍ଟରେ ଥିବା ମାମଲାଗୁଡିକର ପରିଚାଳନା ପାଇଁ ଉତ୍ତମ ସମନ୍ୱୟ ରକ୍ଷା କରାଯାଇ ପାରିବ ବୋଲି ସରକାର ଚିନ୍ତା କରୁଛନ୍ତି। ଏ ନେଇ ପ୍ରକ୍ରିୟା ଆରମ୍ଭ କରିବାକୁ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଏଠାରେ ସୂଚନା ଯୋଗ୍ୟ ରାଜ୍ୟ ସରକାର ସଚିବାଳୟ ବିଲ୍ଡିଂରୁ କେତେକ ବିଭାଗକୁ ଖାରବେଳ ଭବନକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନେଇଛନ୍ତି।

### ଗୋଡିମୁକ୍ତ ଶ୍ରମିକଙ୍କୁ ବାସନ୍ଦ ଓ ନିର୍ଯାତନା ଅଭିଯୋଗ
### ପୁରୀ ପ୍ରଶାସନକୁ ତଦନ୍ତ ନିର୍ଦ୍ଦେଶ ଦେଲେ ଓଏଚ୍‌ଆର୍‌ସି

**ପୁରୀ ଅଫିସ,୨।୯:** ଗୋଡି ଖଟିବାକୁ ମନା କରିବାରୁ ଗୋଡି ମୁକ୍ତ ଶ୍ରମିକ ପରିବାରଙ୍କୁ ସାମାଜିକ, ଅର୍ଥନୈତିକ ବାସନ୍ଦ ଓ ନିର୍ଯାତନା ଅଭିଯୋଗ ଉପରେ ତଦନ୍ତ ଲାଗି ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ପୁରୀ ଜିଲାପାଳ ଏବଂ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ରହ୍ମଗିରି ଥାନା ଅଧୀନ ମନାପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ବାରିକ, କେଳୁଚରଣ ବାରିକ ଏବଂ ଆନନ୍ଦ ବାରିକଙ୍କୁ ପ୍ରଶାସନ ପକ୍ଷରୁ ଗୋଡିମୁକ୍ତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହାପରେ ମଧ ସେମାନଙ୍କୁ କେତେଜଣ ଗ୍ରାମବାସୀ ସାମାଜିକ ଓ ଅର୍ଥନୈତିକ ବାସନ୍ଦ କରିଥିଲେ। ଏ ନେଇ ବାସନ୍ଦ ପରିବାର ଜିଲାପାଳ ଏବଂ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ନ୍ୟାୟ ପାଇଁ ସେମାନେ ପ୍ରଶାସନକୁ ଗୁହାରି ଜଣାଇଥିଲେ। ମାତ୍ର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ଗୋଡି ବିରୋଧୀ ଭାରତ ସାମାଜିକ ସଙ୍ଗଠନର ଅଧକ୍ଷ ବାଘାମ୍ବର ପଟ୍ଟନାୟକ ଏ ନେଇ ଓଏଚ୍‌ଆର୍‌ସିରେ ଅଭିଯୋଗ କରିଥିଲେ। ଉପରୋକ୍ତ ଗୋଡିମୁକ୍ତ ଶ୍ରମିକ ପରିବାର ଭୟଭୀତ ଅବସ୍ଥାରେ ଗ୍ରାମରେ ରହୁଥିବା ସେ ଦର୍ଶାଇଥିଲେ।

### ପିଏମ୍ କିଷାନ ଯୋଜନା ଲାଗି ତାଲିକା ଦେଲେ ଟଙ୍କା ମିଳିବ: ତୋମାର

**ଭୁବନେଶ୍ୱର,୨।୯(ବ୍ୟୁରୋ):** ପିଏମ୍ କିଷାନ ଯୋଜନାକୁ ନେଇ ପୁଣିଥରେ ରାଜ୍ୟ ଓ କେନ୍ଦ୍ର ମୁହାଁମୁହିଁ ହୋଇଛନ୍ତି। ଦିନିକିଆ ରାଜ୍ୟ ଗସ୍ତରେ ଆସି ଏକ କାର୍ଯ୍ୟକ୍ରମରେ ଯୋଗଦେବା ପରେ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର ପିଏମ୍ କିଷାନ ଯୋଜନା ପାଇଁ ରାଜ୍ୟ ତାଲିକା ନ ଦେବା କଥାକୁ ପୁଣିଥରେ ଉଠାଇଛନ୍ତି। ରାଜ୍ୟ ଯେପର୍ଯ୍ୟନ୍ତ ତାଲିକା ନ ଦେବ ସେତେବେଳେ ଯାଏ ଚାଷୀଙ୍କୁ କିପରି ଟଙ୍କା ମିଳିବ ବୋଲି ସେ କହିଛନ୍ତି। ଏପରି ସ୍ଥିତିରେ ଏହି ଯୋଜନା ଲାଗି ରାଜ୍ୟକୁ ପୁଣିଥରେ କେନ୍ଦ୍ର ସରକାର ଚାଷୀଙ୍କ ତାଲିକା ମାଗିଛନ୍ତି। ଦେଶର ସାଢେ ୧୪କୋଟି ଚାଷୀ ଏହି ଯୋଜନାରେ ଯୋଡି ହୋଇଛନ୍ତି। ମାତ୍ର ରାଜ୍ୟ ସରକାର ଯୋଗ୍ୟ ଚାଷୀଙ୍କ ତାଲିକା ନ ଦେଲା ପର୍ଯ୍ୟନ୍ତ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା କେମିତି ଆସିବ ବୋଲି କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ, କେନ୍ଦ୍ର ସରକାର ଓଡ଼ିଶାର ସମସ୍ତ ଚାଷୀଙ୍କୁ ପିଏମ୍ କିଷାନ ଯୋଜନାରେ ଅର୍ଥ ଦେବାକୁ ଚାହୁଁଛି। ରାଜ୍ୟ ସରକାରଙ୍କୁ ଅନୁରୋଧ କରୁଛି ତୁରନ୍ତ ବାକି ଚାଷୀଙ୍କ ତାଲିକା ପ୍ରଦାନ କରନ୍ତୁ, ଯେମିତି ଆମେ ତୁରନ୍ତ ସହାୟତା ଦେଇପାରିବୁ। ପିଏମ୍ କିଷାନ ଯୋଜନାରେ ସାମିଲ କରିବା ପାଇଁ ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାର କେନ୍ଦ୍ରକୁ ୩୦ଲକ୍ଷ ୮୦ ହଜାର ଚାଷୀଙ୍କ ତାଲିକା ପ୍ରଦାନ କରିଛନ୍ତି। ଏମାନଙ୍କ ମଧ୍ୟରୁ ୩୦ ଲକ୍ଷ ୨୬ ହଜାର ଚାଷୀଙ୍କୁ ପ୍ରଥମ କିସ୍ତି ଟଙ୍କା ଦିଆଯାଇଛି। ୯ଲକ୍ଷ ୩୪ ହଜାର ଚାଷୀଙ୍କୁ ଦ୍ୱିତୀୟ କିସ୍ତି ଟଙ୍କା ଦିଆଯାଇଛି। ଅନ୍ୟପଟେ ରାଜ୍ୟ ସରକାରଙ୍କ ନିଜସ୍ୱ କାଳିଆ ଯୋଜନାରେ ୫୧ଲକ୍ଷ ଚାଷୀଙ୍କୁ ପ୍ରଥମ କିସ୍ତି ଟଙ୍କା ଦେଇଛନ୍ତି। ଏହି ତାଲିକାର ବାକି ୨୧ଲକ୍ଷ ଚାଷୀଙ୍କ ତାଲିକା କେନ୍ଦ୍ରକୁ ଦେଇନାହାନ୍ତି।




# କୁଳଭୂଷଣଙ୍କୁ ମିଳିଲା ଦୂତାବାସ ସହାୟତା

ଇସ୍‌ଲାମାବାଦ,୨।୯(ପି.ଟି.)

ଗୁପ୍ତଚର ବୃତ୍ତି ଅଭିଯୋଗରେ ପାକିସ୍ତାନରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ଭାରତର ଅବସରପ୍ରାପ୍ତ ନୌସେନା ଅଧିକାରୀ କୁଳଭୂଷଣ ଯାଦବଙ୍କୁ ସୋମବାର ଦୂତାବାସ ସହାୟତା ପ୍ରଦାନ ଲାଗି ପାକ୍ କର୍ତ୍ତୃପକ୍ଷ ଅନୁମତି ଦେଇଛନ୍ତି। ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତ (ଆଇସିଜେ)ଙ୍କ ରାୟ କ୍ରମେ ୨୦୧୬ରୁ ପାକିସ୍ତାନରେ ବନ୍ଦୀ ଥିବା କୁଳଭୂଷଣଙ୍କୁ ପ୍ରଥମ ଥର ପାଇଁ ଭାରତୀୟ କୂଟନୀତିଜ୍ଞ ଭେଟିଛନ୍ତି। କଶ୍ମୀର ପ୍ରସଙ୍ଗକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଲାଗି ରହିଥିବାବେଳେ ଇସ୍‌ଲାମାବାଦରେ ଥିବା ଭାରତର ଉପଉଚ୍ଚାୟୁକ୍ତ ଗୌରବ ଆହଲୁୱାଲିଆ ଜେଲ୍‌ରେ ପୂର୍ବତନ ନୌସେନା ଅଧିକାରୀଙ୍କୁ ଭେଟି ୧ ଘଣ୍ଟା ଆଲୋଚନା କରିଛନ୍ତି।

କୁଳଭୂଷଣଙ୍କୁ ଭେଟିବା ପୂର୍ବରୁ ଗୌରବ ପାକ୍ ବହିର୍ବ୍ୟାପାର ମନ୍ତ୍ରଣାଳୟ ଯାଇ ସେଠାରେ ମୁଖପାତ୍ର ମହମ୍ମଦ ଫୈଜଲଙ୍କୁ ସାକ୍ଷାତ କରିଥିଲେ। ନୌସେନାରୁ ଅବସର ନେବା ପରେ କୁଳଭୂଷଣ ବ୍ୟବସାୟିକ କାର୍ଯ୍ୟରେ ଇରାନ ଯାଇଥିବାବେଳେ ତାଙ୍କୁ ସେଠାରୁ ଅପହରଣ କରିନିଆଯାଇଥିଲା। ପରେ ତାଙ୍କ ବିରୋଧରେ ପାକ୍ ସରକାର ଗୁପ୍ତଚର ବୃତ୍ତି ଓ ଆତଙ୍କବାଦ ସହ ସମ୍ପୃକ୍ତିର ମିଥ୍ୟା ଅଭିଯୋଗ ଆଣିଥିଲେ। ୨୦୧୭ ଏପ୍ରିଲରେ ପାକିସ୍ତାନର ସାମରିକ ଅଦାଲତ ତାଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ମୃତ୍ୟୁଦଣ୍ଡାଦେଶ ଦେଇଥିଲା। ପାକ୍ ଅଦାଲତଙ୍କ ରାୟ ବିରୋଧରେ ଭାରତ ଆଇସିଜେଙ୍କ ଦ୍ୱାରସ୍ଥ ହୋଇଥିଲା। ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ନ ପାଇବା ପର୍ଯ୍ୟନ୍ତ ମୃତ୍ୟୁଦଣ୍ଡାଦେଶ କାର୍ଯ୍ୟକାରୀ ନ କରିବାକୁ ଜୁଲାଇ ୧୭ରେ ଆଇସିଜେ ପାକିସ୍ତାନକୁ କହିବା ସହ ତୁରନ୍ତ କୂଟନୈତିକ ସ୍ତରରେ ଆଇନଗତ ସହାୟତା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଅଗଷ୍ଟ ୨ରେ କୁଳଭୂଷଣଙ୍କୁ ଦୂତାବାସ ସହାୟତା ଯୋଗାଇଦିଆଯିବ ବୋଲି ପାକ୍ ବହିର୍ବ୍ୟାପାର ମନ୍ତ୍ରଣାଳୟ ଘୋଷଣା କରିଥିଲେ ହେଁ ଏହାର ସର୍ତ୍ତକୁ ନେଇ ଦୁଇଦେଶର କର୍ତ୍ତୃପକ୍ଷଙ୍କ ମଧ୍ୟରେ ମତଭେଦ ହେବାରୁ ତାହା ସମ୍ଭବ ହୋଇ ନ ଥିଲା। ଭାରତ ତୁରନ୍ତ ପ୍ରଭାବଶାଳୀ ତଥା ଅବାଧ କୂଟନୈତିକ ସହାୟତା ଦାବି କରିଥିଲା। ତେବେ ସୋମବାର ପ୍ରଦାନ କରାଯାଇଥିବା କୂଟନୈତିକ ସ୍ତରୀୟ ସହାୟତା ଅବାଧ କି ନୁହେଁ ତାହା ସ୍ପଷ୍ଟ ହୋଇନାହିଁ।


କୁଳଭୂଷଣ ଯାଦବ

### ଜେଲରେ ଭେଟିଲେ ଉପଉଚ୍ଚାୟୁକ୍ତ

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଏବଂ ଉକ୍ତ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯିବାକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଚରମସୀମାରେ ପହଞ୍ଚିଥିବାବେଳେ ଅଗଷ୍ଟ ୭ରେ ଭାରତ ସହ କୂଟନୈତିକ ଓ ବାଣିଜ୍ୟିକ ସମ୍ପର୍କ ଛିନ୍ନ କରିବା ସହ ଭାରତର ଉଚ୍ଚାୟୁକ୍ତ ଅଜୟ ବିସାରିଆଙ୍କୁ ବରଖାସ୍ତ କରିଥିଲା। ଉତ୍ତେଜନା ସତ୍ତ୍ୱେ ଆଇସିଜେଙ୍କ ନିର୍ଦ୍ଦେଶକ୍ରମେ ପାକିସ୍ତାନ କୁଳଭୂଷଣଙ୍କୁ କୂଟନୈତିକ ସହାୟତା ଯୋଗାଇବାକୁ ବାଧ ହୋଇଛି।

## ■ ବିଶ୍ୱ ନାରିକେଳ ଦିବସ ପାଳିତ
# ଫନୀ କ୍ଷତିଗ୍ରସ୍ତ ନଡ଼ିଆ ଚାଷୀଙ୍କୁ କେନ୍ଦ୍ର ଦେବ ସହାୟତା

ଭୁବନେଶ୍ୱର, ୨।୯(ବ୍ୟୁରୋ)

- ୧୨ ତାରିଖରେ ପ୍ରଧାନମନ୍ତ୍ରୀ କିଷାନ ମାନ ଧନ ଯୋଜନା ଶୁଭାରମ୍ଭ
- ୨୦୨୨ ସୁଦ୍ଧା ଦୁଇଗୁଣ ହେବ ନଡ଼ିଆ ଉଦ୍ୟୋଗ
- ଷ୍ଟାର୍ଟଅପ୍ ମାଧ୍ୟମରେ ନଡ଼ିଆ ଚାଷୀଙ୍କୁ ପ୍ରୋତ୍ସାହିତ କରାଯିବ

ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ନଡ଼ିଆ ଚାଷୀଙ୍କୁ କେନ୍ଦ୍ର ସରକାର ସହାୟତା ପ୍ରଦାନ କରିବେ। ଏଥିପାଇଁ ବିସ୍ତୃତ ରିପୋର୍ଟ ପ୍ରଦାନ ଲାଗି ରାଜ୍ୟ ସରକାରଙ୍କୁ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି। ସୋମବାର ବିଶ୍ୱ ନାରିକେଳ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ତୋମାର କହିଛନ୍ତି ଯେ, ନଡ଼ିଆ ଉତ୍ପାଦନରେ ଓଡ଼ିଶା ଦେଶରେ ଏକ ପ୍ରମୁଖ ସ୍ଥାନ ଅଧିକାର କରିଥିବାବେଳେ ଭାରତ ସରକାରଙ୍କ ପକ୍ଷରୁ ନଡ଼ିଆ ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଦିଆଯିବ। ଆସନ୍ତା ୧୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଞ୍ଚିଠାରେ ପ୍ରଧାନମନ୍ତ୍ରୀ କିଷାନ ମାନ ଧନ ଯୋଜନାର ଆନୁଷ୍ଠାନିକ ଶୁଭାରମ୍ଭ କରିବେ। ଏହି ଅବସରରେ ପ୍ରାୟ ୧୦ ଲକ୍ଷ କୃଷକଙ୍କୁ ସହାୟତାରାଶି ପ୍ରଦାନ କରାଯିବ। ଏହି ଯୋଜନା ଅନ୍ତର୍ଗତ ଓଡ଼ିଶାରୁ ବର୍ତ୍ତମାନ ସୁଦ୍ଧା ୫୨ ହଜାର ଚାଷୀ ପଞ୍ଜିକରଣ କରିଥିବା କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି। ବିଶ୍ୱ ବଜାରରେ ଭାରତର ନଡ଼ିଆ ଓ ଆନୁସଙ୍ଗିକ ପଦାର୍ଥର ଚାହିଦା ବୃଦ୍ଧି ପାଉଛି। ତେଣୁ ଆଗାମୀ ଦିନରେ ଦେଶବ୍ୟାପୀ ୧୦ ହଜାର ଫାର୍ମର୍ସ ପ୍ରଡ୍ୟୁସର ଅର୍ଗାନାଇଜେଶନ(ଏଫ୍‌ପିଓ) ସ୍ଥାପନ କରାଯିବ ବୋଲି ସେ ଘୋଷଣା କରିଛନ୍ତି। ଏହି ଏଫ୍‌ପିଓ କେନ୍ଦ୍ର ଦ୍ୱାରା ଚାଷୀଙ୍କୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସୂଚନା ଓ ସହାୟତା ପ୍ରଦାନ କରାଯିବ। ଏହି କେନ୍ଦ୍ରଗୁଡ଼ିକ ନଡ଼ିଆ ଚାଷୀଙ୍କ ଦକ୍ଷତା ବିକାଶରେ ମଧ ସହାୟକ ହେବ। ବର୍ତ୍ତମାନ ଦେଶରେ ସରକାରୀ ସହାୟତାରେ ୪୮୪ଟି ନଡ଼ିଆ ଉଦ୍ୟୋଗ ଚାଲୁଛି। ୨୦୨୨ ସୁଦ୍ଧା ଏହି ସଂଖ୍ୟାକୁ ଦ୍ୱିଗୁଣିତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ନଡ଼ିଆ ଚାଷୀମାନଙ୍କୁ ଷ୍ଟାର୍ଟଅପ୍ ଆରମ୍ଭ କରିବା ପାଇଁ କେନ୍ଦ୍ର ସରକାର ପୋତ୍ସାହିତ କରିବେ ବୋଲି ମନ୍ତ୍ରୀ କହିଛନ୍ତି।

ନାରିକେଳ ବିକାଶ ବୋର୍ଡ ପକ୍ଷରୁ କିଟ୍ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ ଅଧକ୍ଷତା କରି କହିଲେ, ଫନୀରେ ଉପକୂଳବର୍ତ୍ତୀ ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, ଯାଜପୁର ଏବଂ କେନ୍ଦ୍ରାପଡ଼ା ଜିଲାର ୭୯୩୦ ହେକ୍ଟର ଜମିରେ ନଡ଼ିଆ ଗଛ କ୍ଷତିଗ୍ରସ୍ତ ହୋଇଛି। ନାରିକେଳ ବିକାଶ ବୋର୍ଡ ଦ୍ୱାରା ଓଡ଼ିଶାରେ ନଡ଼ିଆ ଉତ୍ପାଦନ ବୃଦ୍ଧି ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବାକୁ ମନ୍ତ୍ରୀ ଅନୁରୋଧ କରିଛନ୍ତି। ନାରିକେଳ ଉନ୍ନୟନ ବୋର୍ଡ ଅଧକ୍ଷ ଉଷାରାଣୀ ନାରିକେଳ ଦିବସ ପାଳନ ସମ୍ପର୍କରେ କହିଥିଲେ। ଭୁବନେଶ୍ୱର-ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଭାରତ ସରକାରଙ୍କ କୃଷି ସଚିବ ସଞ୍ଜୟ ଅଗ୍ରୱାଲ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ନାରିକେଳ ବିକାଶ ବୋର୍ଡ ଉପାଧକ୍ଷ ବିଶ୍ୱନାଥ ରଥ ଧନ୍ୟବାଦ ଦେଇଥିଲେ। ଏଥିରେ ଓଡ଼ିଶା ସମେତ ଆନ୍ଧ୍ର ପ୍ରଦେଶ, କେରଳ, ତାମିଲନାଡୁ, ପଶ୍ଚିମବଙ୍ଗ, ଆସାମ ଭଳି ବିଭିନ୍ନ ରାଜ୍ୟର ୫୦୦ରୁ ଊର୍ଦ୍ଧ୍ୱ ନଡ଼ିଆ ଚାଷୀ ଯୋଗ ଦେଇଥିଲେ। ନଡ଼ିଆ ଉତ୍ପାଦକ ସମିତି, ନଡ଼ିଆ ଚାଷୀ ଏବଂ ନଡ଼ିଆ ଉତ୍ପାଦକ ଫେଡେରେଶନ ଓ କମ୍ପାନୀର ପ୍ରତିନିଧିମାନେ ନଡ଼ିଆ ଚାଷ ସମ୍ପର୍କିତ ଅଭିଜ୍ଞତା ଓ ଅନୁଭୂତି ବର୍ଣ୍ଣନା କରିଥିଲେ। ନଡ଼ିଆ ଚାଷ ସମ୍ବନ୍ଧୀୟ ଓଡ଼ିଆ, ଇଂଲିଶ ଓ ହିନ୍ଦୀରେ ଲିଖିତ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥିସହ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଏକ ପ୍ରଦର୍ଶନୀକୁ କେନ୍ଦ୍ର ମନ୍ତ୍ରୀ ତୋମାର ଉଦ୍‌ଘାଟନ କରିଥିଲେ। ଏଥିରେ ୧୫ ଉଦ୍ୟୋଗ ପକ୍ଷରୁ ନଡ଼ିଆ ଏବଂ ଏଥିରୁ ଉତ୍ପାଦିତ ବିଭିନ୍ନ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଆୟୋଜିତ ବୈଷୟିକ କର୍ମଶାଳାରେ ଓୟୁଏଟି ପ୍ରଫେସର ଡ. ଏସ୍. ସି. ସାହୁ ଏବଂ ଏମ୍‌ସର ଆସୋସିଏଟ୍ ପ୍ରଫେସର ଡ. ଅମିତ ଘୋଷ ପ୍ରମୁଖ ଯୋଗଦେଇ 'ନଡ଼ିଆ ଚାଷର ପଦ୍ଧତି ଏବଂ ସ୍ୱାସ୍ଥ୍ୟ ପାଇଁ ଏହାର ଉପଯୋଗିତା' ସମ୍ପର୍କରେ ଆଲୋଚନା କରିଥିଲେ।


ବିଶ୍ୱ ନାରିକେଳ ଦିବସ ଅବସରରେ ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିବା କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର୍ ଓ ଅନ୍ୟମାନେ।

## ଆଜି ନୂଆଁଖାଇ, ପୁରପଲ୍ଲୀ ଉତ୍ସବମୁଖର

ସମ୍ବଲପୁର,୨।୯(ବ୍ୟୁରୋ)

ମଙ୍ଗଳବାର ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ। ଏଥିପାଇଁ ପୁରପଲ୍ଲୀ ଉତ୍ସବମୁଖର ହୋଇଛି। ପରମ୍ପରା ଅନୁସାରେ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଏହି ଗଣପର୍ବ ପାଳିତ ହୋଇଥାଏ। ଇଷ୍ଟଦେବୀ ସମଲେଇଙ୍କ ନିକଟରେ ମଙ୍ଗଳବାର ନବାନ୍ନ ଭୋଗ ଲାଗିବ। ଏତଦ୍‌ବ୍ୟତୀତ ପଶ୍ଚିମ ଓଡ଼ିଶା ଅନ୍ତର୍ଗତ ବୌଦ୍ଧ ଜିଲାର ଭୈରବୀ, ନୂଆପଡ଼ା ଜିଲାର ଟାନ୍‌ୱାଟ୍ କଣା ଭଇଁରା, ବରଗଡ଼ ଓ ଝାରସୁଗୁଡ଼ା ଜିଲାର ସମଲେଇ, ସୁନ୍ଦରଗଡ଼ ଜିଲାର ସମଲେଇ ଓ ଶିଖରବାସିନୀ, ବଲାଙ୍ଗୀରର ଇଷ୍ଟଦେବୀ ପାଟଣେଶ୍ୱରୀ, ସୁବର୍ଣ୍ଣପୁରର ସୁରେଶ୍ୱରୀ ପୀଠରେ ମଧ ନୂଆଁଖାଇ ଲାଗି ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଏଥିପାଇଁ ଘରଠାରୁ ଦୂରରେ ରହୁଥିବା ଲୋକେ ସୋମବାର ଆସି ପହଞ୍ଚିଛନ୍ତି। ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ରେଳ ଷ୍ଟେଶନ, ବସ୍‌ଷ୍ଟାଣ୍ଡ, ଅଟୋରିକ୍ସା ଷ୍ଟାଣ୍ଡ ଓ ରିକ୍ସାଷ୍ଟାଣ୍ଡରେ ଲୋକଙ୍କ ଭିଡ଼ ଲାଗିଥିଲା। ଝାଡୁଆପଡ଼ା ବଡ଼ଦୁଆରସ୍ଥିତ ଆରଣ୍ୟକ ମଞ୍ଚ, ନନ୍ଦପଡ଼ା ବାଲୁଙ୍କେଶ୍ୱର କଲ୍ୟାଣ ମଣ୍ଡପସ୍ଥିତ ଚିତ୍ରୋତ୍ପଳା ମଞ୍ଚ, ବଡ଼ବଜାର ସମଲେଶ୍ୱରୀ ମଣ୍ଡପକୁ ନୂଆଁଖାଇ ଭେଟଘାଟ ଲାଗି ସଜ୍ଜିତ କରାଯାଇଛି। ସୁସଜ୍ଜିତ ମଞ୍ଚରେ କଳାକାରମାନେ ଅଭ୍ୟାସ ଶେଷ କରିଛନ୍ତି। ସକାଳୁ ରାତି ପର୍ଯ୍ୟନ୍ତ ସମ୍ବଲପୁର ଗୋଲବଜାର, ମୁଦିପଡ଼ା ଛକ ନିକଟ ପୁରୁଣା ବସ୍‌ଷ୍ଟାଣ୍ଡ, କମଳୀବଜାର, ଫାର୍ମ ରୋଡ୍, ଭିଏସ୍‌ଏସ୍ ମାର୍ଗ, ଚାରଭାଟି ଛକ, ବୁଢ଼ାରଜା, ମ୍ୟୁନିସିପାଲିଟି ଦୈନିକ ବଜାର, ଅଇଁଠାପାଲି କାଇଁଶିର, ଭାଲୁପାଲି ଛକ, ଧନୁପାଲି ଛକ, ଗୋବିନ୍ଦତୋଲା ବଡ଼ବଜାର, ମୁଦିପଡ଼ା ହଟଲି, ଲକ୍ଷ୍ମୀ ଟକିଜ୍ ଛକ ନିକଟ, କଚେରି ଛକ, ରେମେଡ଼ ବଜାରରେ ନୂଆଁଖାଇ ପାଇଁ ଗହଳି ଲାଗିଥିଲା। ନୂଆବସ୍ତ୍ର କିଣିବାକୁ ଦୋକାନଗୁଡ଼ିକରେ ଭିଡ଼ ଲାଗିଥିବା ଦେଖିବାକୁ ମିଳିଥିଲା। ସୋମବାର ଇଷ୍ଟଦେବୀ ସମଲେଇ ପରିସର ୧୦୮ ଦେବଦେବୀଙ୍କୁ ସିନ୍ଦୂର ନୀତି ଲାଗି ହୋଇଛି। ମଧ୍ୟରାତ୍ରିରେ ଦେବୀଙ୍କଠାରେ ସିନ୍ଦୂର ନୀତି ହୋଇଛି। ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ପାରଦ ମିଶ୍ରିତ ସିନ୍ଦୂର ଓ ଜଡ଼ାତେଲ ମିଶ୍ରଣ କରି ସିନ୍ଦୁର ପ୍ରସ୍ତୁତ କରିଥିଲେ। ପ୍ରଥମେ ଶୀତଳା ଦେବୀଙ୍କୁ ପୂଜକମାନେ ସିନ୍ଦୂର ଅର୍ପଣ କରିଥିଲେ। ଘଣ୍ଟ, ଶଙ୍ଖ, ହରିବୋଲ ହୁଳହୁଳିରେ ଉଚ୍ଛୁଳି ପଡ଼ିଥିଲା ମନ୍ଦିର ପରିସର। ଦେବେନ୍ଦ୍ର ରାୟ, ଗିରିଧାରୀ ରାୟ, ଶୁଭମ୍ ରାୟ, ପ୍ରକାଶ ରାୟ, ଚିତ୍ତରଞ୍ଜନ ରାୟ, ପଙ୍କଜ ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମନ୍ଦିର ଓ ମୁଖ୍ୟ ଫାଟକ ବିଭିନ୍ନ ରଙ୍ଗିନ ଆଲୋକମାଳା ଏବଂ ଫୁଲରେ ସଜ୍ଜିତ କରାଯାଇଛି। ସିନ୍ଦୂର ଅର୍ପଣ ସହ ସମଲେଇଙ୍କ ଆଭୂଷଣ ପ୍ରସ୍ତୁତ କରାଯାଇଛି। ସନ୍ଧ୍ୟା ସାଢ଼େ ୬ଟାରେ ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ଘରେ ଦେବୀଙ୍କ ପ୍ରିୟ ସାରୁପତ୍ର ପହଞ୍ଚିଛି।


ସମଲେଶ୍ୱରୀ ପାର୍ଶ୍ୱ ଦେବୀଦେବଙ୍କୁ ପୂଜକମାନେ ସିନ୍ଦୂର ଅର୍ପଣ କରୁଛନ୍ତି।

## ■ ଆରମ୍ଭ ହେଲା ବିଜେଡି ସଭ୍ୟ ସଂଗ୍ରହ ଅଭିଯାନ
# ୫୦ ଲକ୍ଷ ନୂଆ ସଭ୍ୟ ସାମିଲ କରିବାକୁ ଲକ୍ଷ୍ୟ

ଭୁବନେଶ୍ୱର,୨।୯(ବ୍ୟୁରୋ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଦଳର ସଭ୍ୟ ସଂଗ୍ରହ ଅଭିଯାନର ଶୁଭାରମ୍ଭ କରିଛନ୍ତି। ୧ କୋଟି ସଭ୍ୟ ସଂଗ୍ରହ ଲକ୍ଷ୍ୟ ନେଇ ଆରମ୍ଭ କରାଯାଇଥିବା ଏହି ଅଭିଯାନରେ ଦଳ ସଭାପତି ନବୀନ ପଟ୍ଟନାୟକ ପ୍ରଥମ ସଭ୍ୟ ହୋଇଛନ୍ତି। ଏହି କାର୍ଯ୍ୟକ୍ରମ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଚାଲିବ। ଚଳିତ ଥର ୫୦ ଲକ୍ଷ ନୂଆ ସଭ୍ୟଙ୍କୁ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟ କାର୍ଯ୍ୟାଳୟଠାରୁ ଆରମ୍ଭ ହୋଇଥିବାବେଳେ ଏହା ପର୍ଯ୍ୟାୟକ୍ରମେ ପ୍ରତ୍ୟେକ ଜିଲାସ୍ତରରେ କରାଯିବ।

ଏହି ଅବସରରେ ନବୀନ ପଟ୍ଟନାୟକ କହିଛନ୍ତି, ପବିତ୍ର ଗଣେଶ ପୂଜା ପାଇଁ ସମସ୍ତଙ୍କୁ ଅଭିନନ୍ଦନ। ବିଜେଡି ଓଡିଶାବାସୀଙ୍କ ଦଳ। ରାଜ୍ୟର ପ୍ରତ୍ୟେକ ଗାଁ ଓ ପ୍ରତି ଘରୁ ବିଜେଡି ଆଶୀର୍ବାଦ ପାଇଆସୁଛି। ଏହି ସଭ୍ୟ ସଂଗ୍ରହ ଅଭିଯାନ ମାଧ୍ୟମରେ ଆମେ ପୁଣିଥରେ ସେମାନଙ୍କୁ ଭେଟିବା। ରାଜ୍ୟର ସାଢ଼େ ୪ କୋଟି ଲୋକ ବିଜେଡିର ପରିବାର। ସେହି ଲୋକଙ୍କ ସହଯୋଗରେ ଆମ ସଭ୍ୟ ସଂଗ୍ରହ ଅଭିଯାନ ସଫଳ ହେବ। ଏହାଦ୍ୱାରା ସାଧାରଣ ଲୋକଙ୍କୁ ଭେଟିବାର ସୁଯୋଗ ଆଉଥରେ ମିଳିବ। ଚାଷୀ, ଯୁବକ ଓ ମହିଳାଙ୍କୁ ଭେଟି ସେମାନଙ୍କ ଭଲମନ୍ଦ ବୁଝି ଦଳକୁ ସୁଦୃଢ଼ କରିବା ପାଇଁ ନବୀନ ଦଳୀୟ କର୍ମୀଙ୍କୁ ଆହ୍ୱାନ କରିଛନ୍ତି। ଉଭୟ ଅଫ୍ ଲାଇନ୍ ଓ ଅନ୍‌ଲାଇନ୍‌ରେ ସଭ୍ୟ ସଂଗ୍ରହ ଚାଲିବ। ପଞ୍ଚାୟତର ପ୍ରତ୍ୟେକ ୱାର୍ଡରେ ସର୍ବନିମ୍ନ ସକ୍ରିୟ ୪ଜଣ, ଏନ୍‌ଏସିର ପ୍ରତ୍ୟେକ ୱାର୍ଡରେ ସକ୍ରିୟ ୫ଜଣ, ପୌରପାଳିକାର ୱାର୍ଡରେ ସକ୍ରିୟ ୧୫ଜଣ ଏବଂ ମହାନଗର ନିଗମର ପ୍ରତ୍ୟେକ ୱାର୍ଡରେ ୪୦ଜଣ ସକ୍ରିୟ ସଭ୍ୟଙ୍କ ଜରିଆରେ ପ୍ରତ୍ୟେକ ୨୪ଜଣ ଲେଖାଏ ନୂତନ ସଭ୍ୟ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖାଯାଇଛି। ମଙ୍ଗଳବାର ଢେଙ୍କାନାଳ ଓ ବାଲେଶ୍ୱର ଜିଲାରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ୨ ସପ୍ତାହ ମଧ୍ୟରେ ଜିଲା, ବ୍ଲକ ଓ ନଗରାଞ୍ଚଳରେ ଏହି କାର୍ଯ୍ୟକ୍ରମ ଆଗେଇ ନିଆଯିବ ବୋଲି ଦଳର ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି।

ସୂଚନାଯୋଗ୍ୟ ଯେ, ବିଜେଡି ଗତବର୍ଷ ସଭ୍ୟ ସଂଗ୍ରହ ଅଭିଯାନରେ ୪୭ଲକ୍ଷ ଲୋକଙ୍କୁ ସାମିଲ କରିଥିଲା। ଏଥର ଏହି ସଂଖ୍ୟାକୁ ଦୁଇଗୁଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ପ୍ରଥମଥର ଲାଗି ଦଳ ସଭ୍ୟମାନଙ୍କ ଆଧାର ଲିଙ୍କ କରିବାକୁ ଲକ୍ଷ୍ୟ ରଖିଛି। ଏହାଦ୍ୱାରା ସାଧାରଣ ଲୋକମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହେବେନାହିଁ ବୋଲି ମଧ ଦଳ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ବିଜେଡିର ଏହି ଆଧାର ଲିଙ୍କ ପ୍ରସଙ୍ଗକୁ ଉଭୟ କଂଗ୍ରେସ ଏବଂ ଭାଜପା ସମାଲୋଚନା କରିଛି।


ଦଳର ସଭ୍ୟସଂଗ୍ରହ ଅଭିଯାନରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ପ୍ରଥମ ସଦସ୍ୟଭାବେ ସଦସ୍ୟତା ଗ୍ରହଣ କରୁଛନ୍ତି।

### ଆଧାର ଲିଙ୍କ ପ୍ରସଙ୍ଗରେ ବିରୋଧୀଙ୍କ ସମାଲୋଚନା

ଭାଜପା ଉପସଭାପତି ସମୀର ମହାନ୍ତି କହିଛନ୍ତି, ବିଜେଡି ପ୍ରଥମରୁ ଆଧାର ଲିଙ୍କ କଥାକୁ ବିରୋଧ କରିଆସୁଥିଲା। ଉଭୟ ରାଜ୍ୟ ସଭା ଏବଂ ଲୋକ ସଭାରେ ବିରୋଧ କରିଥିଲା। ବର୍ତ୍ତମାନ ଦଳୀୟ ସଭ୍ୟ ସଂଗ୍ରହରେ ଆଧାର ଲିଙ୍କ କରିବା ପଛରେ ସେମାନଙ୍କର ନୂଆ ଷଡ଼ଯନ୍ତ୍ର ରହିଛି। ଯେଉଁମାନେ ଭୋଟ ଦେବେ ସେମାନଙ୍କୁ ସରକାରୀ ସୁବିଧା ଦେବା ଉଦ୍ଦେଶ୍ୟରେ ବିଜେଡି ଏପରି କରିଛି ହେଲେ ଆମେ ଏହାକୁ କରାଇ ଦେବୁନାହିଁ ବୋଲି ସମୀର କହିଛନ୍ତି।

କଂଗ୍ରେସ ବରିଷ୍ଠ ନେତା ଶରତ ରାଉତ କହିଛନ୍ତି, ଆଧାର ଲିଙ୍କ କଲେ ରାଶନ କାର୍ଡ ମିଳିବ। ଏବେ ବିଜେଡି ସଭ୍ୟ ହେବା ଲାଗି ମଧ ଆଧାର ଲିଙ୍କ ହେବ। ସେମାନେ ଲୋକଙ୍କୁ ସାହାଯ୍ୟ କରିବା ଲାଗି କରୁଛନ୍ତି ତାହା ପଛରେ ନିଶ୍ଚିତ କିଛି ସ୍ୱାର୍ଥ ରହିଛି। କୋଉ ସ୍ୱାର୍ଥ ରଖି ସେମାନେ ଏହା କରୁଛନ୍ତି ସେକଥା ଆକଳନ କରିବା କଷ୍ଟକର। ବିଜେଡିର ସବୁ ପଛରେ ସ୍ୱାର୍ଥ ରହୁଥିବାରୁ ଏହାକୁ ଆକଳନ କରିବା କିଛି ବଡ଼ କଥା ନୁହେଁ ବୋଲି ଶରତ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ............................


ଆରିୟନ୍
ପରିବାରବର୍ଗ


ଆୟୁଷ୍ମାନ
ପରିବାରବର୍ଗ


ଚିଦାନନ୍ଦ
ପରିବାରବର୍ଗ


ରୁଦ୍ର
ପରିବାରବର୍ଗ


ସାନଭି
ପରିବାରବର୍ଗ


ଯସୋଧନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### କିଛି ତଥ୍ୟ

ଜୁଲାଇ ମାସରେ ଭାରତୀୟ କମ୍ପାନୀଗୁଡ଼ିକର ବିଦେଶ ବଜାରରୁ ଋଣ ଦୁଇଗୁଣ ବଢ଼ି ୪.୯୮ ବିଲିୟନ ଡଲାର ରହିଛି। ଗତ ବର୍ଷ ସମାନ ସମୟରେ ଏହା ୨.୧୮ ବିଲିୟନ ଡଲାର ଥିଲା।
– ରିଜର୍ଭ ବ୍ୟାଙ୍କ

# ୨ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷିବ

**ଭୁବନେଶ୍ୱର, ୨।୯(ବ୍ୟୁରୋ)**

ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ରବିବାର ରାତିରୁ ସୋମବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ସୁନ୍ଦରଗଡ଼ରେ ସର୍ବାଧିକ ୭୪ମିମି ବର୍ଷା ହୋଇଥିବା ବେଳେ ସୋନପୁର ୫୫, କୋରାପୁଟ ୪୫.୮, ଦାରିଙ୍ଗବାଡ଼ିରେ ୪୨ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ତେବେ ସୋମବାର ସନ୍ଧ୍ୟା ସାଢ଼େ ୫ଟା ମଧ୍ୟରେ କୋରାପୁଟରେ ସର୍ବାଧିକ ୨୨ମିଲିମିଟର ବର୍ଷା ହୋଇଥିବା ବେଳେ କେନ୍ଦୁଝର ୧୩.୧, ମାଲକାନଗିରି ୭.୬, ଚାନ୍ଦବାଲି ୪.୯, ବାଲେଶ୍ୱର ୩.୧, ପାରାଦୀପ ୨.୩, ଭବାନିପାଟଣା ଓ ଟିଟିଲାଗଡ଼ରେ ୨ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏହାଛଡ଼ା ସୋମବାର କଳାହାଣ୍ଡି, କନ୍ଧମାଳ, ପୁରୀ, ନବରଙ୍ଗପୁର, ରାୟଗଡ଼ା, ଜଗତସିଂହପୁର, କଟକ, ସମ୍ବଲପୁର, ବରଗଡ଼, ଦେବଗଡ଼, ଢେଙ୍କାନାଳ, ଯାଜପୁର, ମୟୂରଭଞ୍ଜ, ବୌଦ୍ଧ, ଗଞ୍ଜାମ ଆଦି ଜିଲାର କିଛି ସ୍ଥାନରେ ମଧ୍ୟ ବର୍ଷା ହୋଇଥିବା ସୂଚନା ରହିଛି। ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ। ଏହାପରେ ୬ରୁ ପୁଣି ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ମଙ୍ଗଳବାର ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ବରଗଡ଼, ସମ୍ବଲପୁର ଓ ନୂଆପଡ଼ା ଆଦି ୬ଟି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏସବୁ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏହାଛଡ଼ା ଢେଙ୍କାନାଳ, ମୟୂରଭଞ୍ଜ, ଦେବଗଡ଼, ସୋନପୁର, ବଲାଙ୍ଗୀର, କୋରାପୁଟ, ନବରଙ୍ଗପୁର, ଗଜପତି ଆଦି ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବୁଧବାର କଟକ, ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ସୋନପୁର, ସୁନ୍ଦରଗଡ଼, କେନ୍ଦୁଝର, ବଲାଙ୍ଗୀର ଆଦି ୮ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏସବୁ ଜିଲାରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ତେବେ ୫ତାରିଖ ଦିନ ବର୍ଷା ହେବାର କୌଣସି ସୂଚନା ମିଳିନାହିଁ। ୬ତାରିଖ ଦିନ ବଲାଙ୍ଗୀର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, କୋରାପୁଟ, ଜଗତସିଂହପୁର, କେନ୍ଦ୍ରାପଡ଼ା ଆଦି ୮ଜିଲାକୁ ପାଣିପାଗ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି। ଉକ୍ତ ଦିନ ଏହି ସମସ୍ତ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ଆଶଙ୍କା କରିଛି।

### ଆଜି ୬ ଜିଲାକୁ ୟେଲୋ ୱାର୍ନିଂ




ନୂଆଖାଇ ଉପଲକ୍ଷେ ପୁରୀ ସମୁଦ୍ର ବେଳାଭୂମିରେ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ଧରାପଡ଼ାଇଲା ଆଧାର...

ହିତାଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଧରପଗଡ଼ ମଧ୍ୟ ଜୋରଦାର ହୋଇଥିଲା। କେତେକ ଅଯୋଗ୍ୟ ବ୍ୟକ୍ତିଙ୍କ ନାମରେ ଫୌଜଦାରି ମାମଲା ରୁଜୁ ହୋଇଥିଲା। ବେଆଇନ ଭାବେ ନେଇଥିବା ଖାଦ୍ୟ ଶସ୍ୟ ବାବଦରେ ବଜାର ଦର ଅର୍ଥ ପଇଠ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏପରି କି ଗଞ୍ଜାମ ଜିଲାର ୯ଜଣ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବିତ କରାଯିବା ସହ ସେମାନଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରାଯାଇଥିଲା। ତନାଘନା ଯୋଗୁ ଲକ୍ଷଲକ୍ଷ ସଂଖ୍ୟାରେ ବେଆଇନ ରାଶନ କାର୍ଡଧାରୀ ଭୟରେ ଫେରାଇ ଦେଇଥିଲେ। ଖାଦ୍ୟ ଶସ୍ୟ ବାବଦରେ ବେଆଇନ ରାଶନ କାର୍ଡଧାରୀଙ୍କ ଠାରୁ ୪୨ କୋଟି ୧୩ ଲକ୍ଷ ୯୦ ହଜାର ଟଙ୍କା ଜରିମାନା ଆକାରରେ ଆଦାୟ କରାଯାଇଥିଲା। ଏହାକୁ ନେଇ ବିରୋଧୀ ଦଳ କଂଗ୍ରେସ ଓ ଭାଜପା ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଏଥିଯୋଗୁ ଗତ ପଞ୍ଚାୟତ ନିର୍ବାଚନରେ ବିଜେଡିକୁ ଶକ୍ତ ଝଟ୍‌କା ମଧ୍ୟ ଲାଗିଥିଲା। ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଅଧିକାଂଶ ପଞ୍ଚାୟତରେ ବିଜେଡିକୁ ପରାଜୟର ମୁହଁ ଦେଖିବାକୁ ପଡ଼ିଥିଲା। କାଳେ ୨୦୧୯ ସାଧାରଣ ନିର୍ବାଚନରେ ଏହାର ପ୍ରଭାବ ପଡ଼ିବ ଏଥିପାଇଁ ଗୋଇନ୍ଦା ସୂଚନା ଆଧାରରେ ରାଜ୍ୟ ସରକାର ବେଆଇନ ହିତାଧିକାରୀଙ୍କଠାରୁ ଆଦାୟ କରିଥିବା ଜରିମାନା ରାଶି ଫେରାଇବା ସହ ମକଦ୍ଦମା ଉଠାଇ ଦେଇଥିଲେ। ଆଦାୟ ହୋଇଥିବା ରାଶିରୁ ୩୬ କୋଟି ୨୭ ଲକ୍ଷ ୫୫ ହଜାର ୭୮୫ ଟଙ୍କା ସରକାର ବେଆଇନ ରାଶନକାର୍ଡଧାରୀଙ୍କୁ ଫେରାଇ ଦେଇଥିଲେ। ଏହାର ସୁଯୋଗ ନେଇ ପୁଣି ବେଆଇନ ଏବଂ ଅସାଧୁ ଲୋକମାନେ ଏନ୍‌ଏଫ୍‌ଏସ୍‌ଏ କାର୍ଡ ହାତେଇବାରେ ସଫଳ ହୋଇଥିଲେ। କେନ୍ଦ୍ର ସରକାର ଯୋଗାଉଥିବା ଗରିବଙ୍କ ଖାଦ୍ୟ ସାମଗ୍ରୀ ଲୁଟ୍ କରିଚାଲିଲେ। ରାଜ୍ୟ ସରକାର ଏସବୁ ଜାଣି ମଧ୍ୟ ଦେଖି ନ ଦେଖିଲା ପରି ଚୁପ୍ ରହିଲେ। ତେବେ ଆଧାର କାର୍ଡକୁ ରାଶନ କାର୍ଡ ସହ ଶତପ୍ରତିଶତ ସଂଯୋଗ କରିବାକୁ କେନ୍ଦ୍ର ସରକାର ରାଜ୍ୟକୁ ନିର୍ଦ୍ଦେଶ ଦେଲେ। ଆଧାର ସଂଯୋଗ ନ ହେଲେ ରାଶନ ଯୋଗାଇ ଦିଆଯିବ ନାହିଁ ବୋଲି ପରୋକ୍ଷ ଚେତାବନୀ ଦେଲେ। ଏଭଳି ନିର୍ଦ୍ଦେଶ ପରେ ରାଜ୍ୟରେ ଏ ପର୍ଯ୍ୟନ୍ତ ୯୭ ପ୍ରତିଶତ ପରିବାରଙ୍କୁ ଆଧାର ସହ ସଂଯୋଗ କରାଯାଇଛି। ଆଧାର ସଂଯୋଗ ହେବା ପରେ ଚୋରି ଛୁପି ରାଶନ ଲୁଟ୍ କରୁଥିବା କଳାକାରନାମାର ଫର୍ଦ୍ଦାଫାଶ ହୋଇଛି। ଏନ୍‌ଏଫ୍‌ଏସ୍‌ରୁ ବାଦ୍ ପଡ଼ିଥିବା ୧୧ ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କ ସ୍ଥାନରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ କେବଳ ଚାଉଳ ପାଉଥିବା ସମ ପରିମାଣ ଲୋକଙ୍କୁ ସାମିଲ କରାଯାଇଛି। ରାଜ୍ୟ ସରକାର ୩ କୋଟି ୨୫ ଲକ୍ଷ ଲୋକଙ୍କୁ ରାଶନ ଯୋଗାଇ ଦେଉଥିଲେ। ସେଥିରୁ ୧୧ଲକ୍ଷ ବାଦ୍ ପଡ଼ିବା ଯୋଗୁ କାଳେ କୋଟା କମିଯିବ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ଏନ୍‌ଏଫ୍‌ଏସ୍‌ରେ ସାମିଲ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ଏନ୍‌ଏଫ୍‌ଏସ୍‌ରୁ ବାଦ୍ ପଡିଥିବା ୨୫ଲକ୍ଷ ଲୋକଙ୍କୁ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ ଯୋଗାଇ ଦେଉଥିଲେ। ସେଥିରୁ ୧୧ଲକ୍ଷ ଲୋକଙ୍କୁ ବାଦ୍ ଦିଆଯାଇଛି। ତେବେ ୧୦୦ ପ୍ରତିଶତ ଆଧାର ଲିଙ୍କ ହେବା ପରେ ଆହୁରି ଅଯୋଗ୍ୟ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିବେ ବୋଲି ଜଣେ ବିଭାଗୀୟ ଅଧିକାରୀ କହିଛନ୍ତି। ତେବେ ଯେଉଁ ଅଯୋଗ୍ୟ ହିତାଧିକାରୀ ଖାଦ୍ୟ ସାମଗ୍ରୀ ଲୁଟୁଥିଲେ ସେମାନଙ୍କ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ନେବେ ନା ଭୋଟ ଭୟରେ ଏହାକୁ ଅଣଦେଖା କରିବେ ଏ ନେଇ ବିରୋଧୀ ଦଳ ପ୍ରଶ୍ନ ଉଠାଇଛନ୍ତି।

ପ୍ରଥମ ପୃଷ୍ଠାରୁ...

## ବିସ୍ଥାପିତଙ୍କ ପାଇଁ ବଡ଼...

ଦୋକାନ ଘର ଓ ଲଜ୍ ମାଲିକମାନଙ୍କ ନିମନ୍ତେ ୨୦୧୩ରେ ଘୋଷିତ ଥଇଥାନ ନୀତି ଅନୁଯାୟୀ ଜମି ଓ ସେଥିରେ ଥିବା କୋଠାର ମୂଲ୍ୟ ବାବଦରେ ସହାୟତା ଦିଆଯିବ। ଏହାସହିତ ଅତିରିକ୍ତ ଭାବେ ସ୍ୱତନ୍ତ୍ର ଥଇଥାନ ଓ ପୁନର୍ବାସ ନୀତି ଅନୁଯାୟୀ କ୍ଷତିପୂରଣ ଏବଂ ସହାୟତା ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।

ସ୍ୱତନ୍ତ୍ର ଥଇଥାନ ଓ ପୁନର୍ବାସ ସହାୟତା ବାବଦରେ, ଅଧିଗୃହୀତ ଅଞ୍ଚଳରେ ଥିବା ଘରଗୁଡ଼ିକ ପାଇଁ ସବୁ ପରିବାରକୁ କ୍ଷତିପୂରଣ ଦିଆଯିବ। ପ୍ରଥମତଃ ସ୍ଥାନାନ୍ତରିତ ହେଉଥିବା ପରିବାରଗୁଡ଼ିକୁ ପରିବହନ ତଥା ଆନୁଷଙ୍ଗିକ ଖର୍ଚ୍ଚ ପାଇଁ ୫୦ ହଜାର ଟଙ୍କାର ତୁରନ୍ତ ସହାୟତା ମିଳିବ। ବିସ୍ଥାପିତ ପରିବାରଗୁଡ଼ିକ ବାସଗୃହ କିମ୍ବା ଜମି ପାଇବା ପର୍ଯ୍ୟନ୍ତ ମାସିକ ୧୦ ହଜାର ଟଙ୍କାର ଘରଭଡ଼ା ପାଇବେ। ପୁନର୍ବାସ ଯୋଜନାରେ ସରକାର ତିନୋଟି ସହାୟତା ବ୍ୟବସ୍ଥା କରିଛନ୍ତି। ଏଥିରୁ କ୍ଷତିଗ୍ରସ୍ତମାନେ ଯେକୌଣସି ଗୋଟିଏ ବାଛିପାରିବେ। ସେଥିମଧ୍ୟରୁ ଗୋଟିଏ ପରିବାର ଏକକାଳୀନ ୩୦ ଲକ୍ଷ ଟଙ୍କାର ସହାୟତା ନେଇପାରିବେ। ଏପରି ହେଲେ ସେମାନଙ୍କୁ ଆଉ ଭଡ଼ାଭଡ଼ା ମିଳିବ ନାହିଁ। ନ ହେଲେ ସେମାନେ ମନ୍ଦିରର ୧.୫ କିମି ଅଞ୍ଚଳ ମଧ୍ୟରେ ପ୍ରସ୍ତାବିତ ପୁନର୍ବାସ ଓ ଥଇଥାନ କଲୋନୀରେ ୫୨୦ ବର୍ଗ ଫୁଟର ଘର ନେଇପାରିବେ। ନଚେତ୍ ୨ କିମି ମଧ୍ୟରେ ୪୦x୨୫ ଫୁଟର ଏକ ଜାଗା ପାଇପାରିବେ।

ସେହିପରି ଦୋକାନ ଗୃହ ଅଧିଗ୍ରହଣ ଲାଗି ସହାୟତା ବାବଦରେ ପରିବହନ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଏକକାଳୀନ ୫୦ ହଜାର ଟଙ୍କା ସହାୟତା ଦିଆଯିବ। ଏହି କ୍ଷତିଗ୍ରସ୍ତମାନେ ଘରଭଡ଼ା ବାବଦରେ ଦୋକାନ ଘର ପାଇଁ ମଧ୍ୟ ୨ ପ୍ରକାର ସହାୟତା ପାଇବେ। ପ୍ରଥମତଃ ୨୦୦ ବର୍ଗ ଫୁଟ୍‌ରୁ କମ୍, ୨୦୦ରୁ ୫୦୦ ବର୍ଗ ଫୁଟ ମଧ୍ୟରେ ଏବଂ ୫୦୦ ବର୍ଗ ଫୁଟ୍‌ରୁ ଅଧିକ ଅଞ୍ଚଳର ଦୋକାନ ଲାଗି ମାସିକ ୫ ହଜାର, ୧୦ ହଜାର ଏବଂ ୧୫ ହଜାର ଟଙ୍କା ଘର ଭଡା ଦିଆଯିବ। ଯଦି ଏହା ସେମାନଙ୍କୁ ପସନ୍ଦ ନ ଆସେ ଜିଲାପାଳଙ୍କ ସହାୟତାରେ ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସରେ ଉପଲବ୍ଧ ଦୋକାନ ଘର ଦିଆଯିବ।

ଶ୍ରୀମନ୍ଦିର ସୁରକ୍ଷା ଜୋନ୍ ମଧ୍ୟରେ ଥିବା ପ୍ରତ୍ୟେକ ଘର ପାଇଁ ଥଇଥାନ ବ୍ୟବସ୍ଥା କରାଯିବ। ୧୫୦୦ ବର୍ଗଫୁଟ୍‌ରୁ ଅଧିକ ଅଞ୍ଚଳର ଲଜ୍‌ଗୁଡ଼ିକ ପାଇଁ ମଧ୍ୟ ପୁନର୍ବାସ ଥଇଥାନ ନୀତି ଅନୁଯାୟୀ କ୍ଷତିପୂରଣ ସାଙ୍ଗକୁ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଛି। ୩ ହଜାର ବର୍ଗ ଫୁଟରୁ ଅଧିକ ଅଞ୍ଚଳରେ ଥିବା ଲଜଗୁଡିକ ୧୦ଲକ୍ଷ ଟଙ୍କା ଏବଂ ୩ ହଜାର ବର୍ଗ ଫୁଟ୍‌ରୁ କମ୍ ଅଞ୍ଚଳର ଲଜ୍ ପାଇଁ ୫ ଲକ୍ଷ ଟଙ୍କା ତୁରନ୍ତ ସହାୟତା ବାବଦରେ ପ୍ରଦାନ କରାଯିବ। ଏହାଛଡା ପ୍ରତି ଲଜ୍‌କୁ ବର୍ଗଫୁଟ ପିଛା ୨୫ ଟଙ୍କା ଲେଖାଏ ମାସିକ ଆର୍ଥିକ ସହାୟତା ୧୮ ମାସ ପର୍ଯ୍ୟନ୍ତ ଦିଆଯିବ। ଲଜ୍ ମାଲିକମାନେ ବିଲ୍ଟ ଅପ୍ ଏରିଆର ପ୍ରତି ବର୍ଗଫୁଟ ପାଇଁ ୨ ହଜାର ଟଙ୍କା ଲେଖାଏ ଏକକାଳୀନ ସହାୟତା ନେଇପାରିବେ। ବଡଦାଣ୍ଡର ଉଭୟ ପାର୍ଶ୍ୱର ୩ଶହ ମିଟର ମଧ୍ୟରେ ସେମାନେ ଚାହିଁଲେ ୫୦x୩୦, ୫୦x୪୦ ଏବଂ ୫୦x୬୦ ବର୍ଗଫୁଟ ଜାଗା ଯୋଗାଇ ଦିଆଯିବ। ଏଥିରେ ଲଜ ନିର୍ମାଣ ପାଇଁ ବର୍ଗଫୁଟ ପିଛା ୭୫୦ ଟଙ୍କା ଲେଖା ସହାୟତା ମଧ୍ୟ ଦିଆଯିବ।

ଅସ୍ଥାୟୀ କ୍ଷୁଦ୍ର ବ୍ୟବସାୟୀଙ୍କୁ ଏକକାଳୀନ ୩୦ ହଜାର ଟଙ୍କାର ସହାୟତା ସହିତ ସେମାନଙ୍କୁ ଜିଲାପାଳ ବ୍ୟବସାୟ ଲାଗି ନିର୍ଦ୍ଧାରିତ ଜାଗା ଯୋଗାଇ ଦେବେ। ସୁରକ୍ଷିତ ଜୋନ୍ ମଧ୍ୟରେ ରହିଥିବା ମଠ ପାଇଁ ବିସ୍ତୃତ ଥଇଥାନ, ସଂରକ୍ଷଣ ଏବଂ ପୁନର୍ବାସ ବ୍ୟବସ୍ଥା କରାଯାଉଛି। ପୁରୀ ଜିଲାପାଳ ସମ୍ପୃକ୍ତ ପକ୍ଷମାନଙ୍କ ସହିତ ଆଲୋଚନା କରିବେ। ଏହାପରେ ମଠର ଗାଦି ଏବଂ ପ୍ରତିଷ୍ଠିତ ଦେବଦେବୀ ପୀଠର ସଂରକ୍ଷଣ କରାଯିବ। ପ୍ରତ୍ୟେକ ମଠର ସ୍ୱତନ୍ତ୍ର ପରିଚୟ ରହିଥିବାରୁ ସେଗୁଡିକର ପୁନର୍ବିନ୍ୟାସ ସମୟରେ ସମ୍ପୃକ୍ତ ମଠର କୀର୍ତ୍ତିରାଜିର ସଂରକ୍ଷଣ କରାଯିବା ସହିତ ଶ୍ରୀମନ୍ଦିରରେ ସେବା ପାଇଁ ଥିବା ପାରମ୍ପରିକ ବ୍ୟବସ୍ଥା ବଜାୟ ରଖାଯିବ। ଏହି ମଠଗୁଡିକରେ ପାର୍କିଂ ବ୍ୟବସ୍ଥା ସହିତ ସେମାନଙ୍କ ଆର୍ଥିକ ସୁରକ୍ଷା ପାଇଁ ମାର୍କେଟ କମ୍ପ୍ଲେକ୍ସଗୁଡିକରେ ଦୋକାନ ଘର ଯୋଗାଇ ଦିଆଯିବ। ଏହି ସମସ୍ତ ପ୍ୟାକେଜ ଜିଲାପାଳ କାର୍ଯ୍ୟକାରୀ କରିବେ। ଜିଲାପାଳ ସିଧା ସମ୍ପୃକ୍ତ ପକ୍ଷଙ୍କ ସହ ଆଲୋଚନା କରି କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ଅନୁମୋଦନ କ୍ରମେ ଆବଶ୍ୟକ ଅନୁଯାୟୀ ପ୍ୟାକେଜରେ ପରିବର୍ତ୍ତନ କରିପାରିବେ।

ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଯେଉଁମାନେ ସ୍ୱେଚ୍ଛାକୃତ ଭାବରେ ସୁରକ୍ଷା ଜୋନରେ ଥିବା ସେମାନଙ୍କର ସମ୍ପତ୍ତି ସରକାରଙ୍କୁ ହସ୍ତାନ୍ତର କରିବେ ସେମାନଙ୍କୁ ପ୍ୟାକେଜ୍ ସହିତ ୧୦ପ୍ରତିଶତ ଅଧିକ ଆର୍ଥିକ ସହାୟତା ଦିଆଯିବ।

## ଅର୍ବିଟରରୁ ପୃଥକ୍ ...

ଲ୍ୟାଣ୍ଡରକୁ ଏବେ ୧୧୯x୧୨୭ କିଲୋମିଟର ଅର୍ବିଟ୍‌ରେ ରଖାଯାଇଛି। କିନ୍ତୁ ଚନ୍ଦ୍ରୟାନ-୨ ଅର୍ବିଟର ଏବେ ସେହି ୫ମ କକ୍ଷରେ ପ୍ରଦକ୍ଷିଣ କରିବ। ଚନ୍ଦ୍ରୟାନ-୨ ଅର୍ବିଟର ଓ ଲ୍ୟାଣ୍ଡର ଭଲ ଅବସ୍ଥାରେ ରହିଛନ୍ତି ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ଇସ୍ରୋ ଟେଲିମେଟ୍ରିରେ ଥିବା ମିଶନ ଅପରେଶନ କମ୍ପ୍ଲେକ୍ସ(ଏମ୍‌ଓସି)ଓ ବେଙ୍ଗାଲୁରୁର ଟ୍ରାକିଂ ଆଣ୍ଡ୍ କମାଣ୍ଡ ନେଟ୍‌ୱର୍କ ବାୟଲାଲୁରେ ଥିବା ଇଣ୍ଡିଆନ୍ ଡିପ୍ ସ୍ପେସ ନେଟ୍‌ୱର୍କ ସହାୟତାରେ ଅର୍ବିଟର ଓ ଲ୍ୟାଣ୍ଡର କିଭଳି ତ୍ରୁଟିଶୂନ୍ୟ ରହିବ ତାହା ଉପରେ ଲଗାତର ନଜର ରଖାଯାଇଛି। ଲ୍ୟାଣ୍ଡର ବିକ୍ରମ ଅଲଗା ହେବା ପରେ ସେପ୍ଟେମ୍ବର ୩ ଓ ୪ ତାରିଖରେ ଦୁଇଟି ଡି- ଅର୍ବିଟାଲ ଅପରେଶନ କରାଯିବ । ଏହାପରେ ଲ୍ୟାଣ୍ଡର ଚନ୍ଦ୍ର ଚାରିପାଖରେ ୩୬x୧୧୦ କିଲୋମିଟର କକ୍ଷରେ ପ୍ରଦକ୍ଷିଣ କରିବ । ସେପ୍ଟେମ୍ବର ୭ତାରିଖ ରାତି ୧ଟା୩୦ରୁ ୨ଟା୩୦ ମଧ୍ୟରେ ଚନ୍ଦ୍ରର ଦକ୍ଷିଣ ମେରୁରେ ଏହା ଅବତରଣ କରିବାର ସମୟ ଧାର୍ଯ୍ୟ କରାଯାଇଛି। ଏହି ସମୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ଚନ୍ଦ୍ରପୃଷ୍ଠକୁ ସ୍ପର୍ଶ କରିବା ପରେ ଲ୍ୟାଣ୍ଡର୍‌ରୁ ରୋଭର ପ୍ରଜ୍ଞା ଅଲଗା ହୋଇ ଏହାର ଗବେଷଣା ଆରମ୍ଭ କରିଦେବ। ତେବେ ଉକ୍ତ ଲୁନାର ମିଶନ୍ ଆନ୍ତର୍ଜାତିକ ମହାକାଶ ବିଜ୍ଞାନ କ୍ଷେତ୍ରରେ ଭାରତର ବିକାଶ ଫର୍ଦ୍ଦକୁ ଯୋଡିଦେବ ବୋଲି ଆଶା କରାଯାଏ। ସେପ୍ଟେମ୍ବର ୭ରେ ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବା ଲାଗି ଅବଗଣନା ଆରମ୍ଭ ହୋଇଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଚତୁର୍ଥାଧିପ ଚନ୍ଦ୍ର ସପ୍ତମଭାବସ୍ଥ ଯୋଗୁ ପରିଜନଙ୍କ ସହ ଯାତ୍ରା, ବନ୍ଧୁମିଳନ ସାଙ୍ଗକୁ ନୂତନ ବସ୍ତ୍ରଭୂଷଣାଦି ପରିଧାନ କରିବେ। ଅର୍ଥ ସମ୍ବନ୍ଧୀୟ ଆଲୋଚନା ସହ ବାଣିଜ୍ୟ, ବ୍ୟବସାୟ ଓ ପ୍ରତିଦ୍ୱନ୍ଦ୍ୱିତାରୁ ସଫଳତା ପ୍ରାପ୍ତ ହେବେ। ରୋଗୀର ଆରୋଗ୍ୟ ସକାଶେ, ଋଣ ପରିଶୋଧ ପାଇଁ ମାନସିକ ସ୍ତରରେ ବ୍ୟଗ୍ରତା ପ୍ରକାଶ ପାଇବ।

**ବୃଷ** ମୁଖଭାବସ୍ଥ ରାହୁ ପ୍ରଭାବରୁ ଯୁକ୍ତିତର୍କକୁ କେନ୍ଦ୍ରକରି ସକାଳୁ ସକାଳୁ ମନଟା ବିଗିଡି ଯାଇପାରେ। ଆକସ୍ମିକ ଖର୍ଚ୍ଚଭାର ବୃଦ୍ଧି କାରଣରୁ ମନରେ ସରସତା ରହିବ ନାହିଁ। କର୍ମକ୍ଷେତ୍ରରେ ମଧ୍ୟ କେହି ଜଣେ ପ୍ରତିବାଦର ସ୍ୱର ଉଠାଇ ସମସ୍ୟା ସୃଷ୍ଟି କରିପାରନ୍ତି। ସାମାଜିକ ସ୍ତରରେ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ।

**ମିଥୁନ** କୋଣଭାବସ୍ଥ ଚନ୍ଦ୍ର ନୂତନ ସମ୍ପର୍କ ସ୍ଥାପନ ଦିଗରେ ସହାୟକ ହେବ। ଯାହା ଭାବିଛନ୍ତି ତାହାହିଁ ହେବ ଓ ପାଇବା ଜିନିଷ ମଧ୍ୟ ପାଇବେ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ଲାଭର ସୂଚନା ରହିଛି। ଅନାମନ୍ତ୍ରିତ ଭାବରେ ବିବାଦୀୟ ଘଟଣାରେ ମଧ୍ୟସ୍ଥତା କଲେ ଅପମାନିତ ହୋଇପାରନ୍ତି।

**କର୍କଟ** ଆଜିର ଶୁଭଚନ୍ଦ୍ର ହେତୁ ସାମାଜିକ ସମ୍ମାନ ସହ ଲୋକସମ୍ପର୍କ ବୃଦ୍ଧି ହେବ। ମାନସିକ ସ୍ତରରେ କେତେକ ଅକୁହା କଥାକୁ ବିଶ୍ଳେଷଣ କରି ଅବସାଦ ଉତ୍ପନ୍ନ ହୋଇପାରେ। କର୍ମକ୍ଷେତ୍ରରେ ପୁରୁଣା ସମସ୍ୟା ତୁଟି ଯାଇଥିଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ। ଅବଶ୍ୟ ହିତୈଷୀମାନଙ୍କ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧିପାଇବ।

**ସିଂହ** ଆପଣଙ୍କ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଅବଶ୍ୟ ରାଜନୈତିକ ସ୍ତର, ପ୍ରଶାସନିକ କ୍ଷେତ୍ର, ସଙ୍ଗଠନ ପାଇଁ ଦିନଟି ବହୁତ ଭଲ। ବିବାଦୀୟ ଘଟଣାରେ ବିଜୟ ଲାଭ କାରଣରୁ ବନ୍ଧୁ ମାନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ। ଆବଶ୍ୟକତା ପୂରଣ କ୍ଷେତ୍ରରେ ଧାର କରିବାକୁ ପଡ଼ିପାରେ।

**କନ୍ୟା** ଚନ୍ଦ୍ରଙ୍କ ଶୁଭ ପ୍ରଭାବରେ ଆପଣଙ୍କ ଆକର୍ଷଣୀୟ କଥନଶୈଳୀ ଅନ୍ୟମାନଙ୍କୁ ଆପଣାର କରିବାରେ ସାହାଯ୍ୟ କରିବ। ପାରିପାର୍ଶ୍ୱିକ କେତେକ ବ୍ୟତିକ୍ରମ ଜନିତ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ଆଲୋଚନାରେ ଭାବପ୍ରବଣତା ପରିହାର ପୂର୍ବକ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି।

**ତୁଳା** ଆଜିର ଯାତ୍ରା, ବିବାଦୀୟ କ୍ଷେତ୍ର, ପ୍ରତିଦ୍ୱନ୍ଦ୍ୱିତା ଓ କଚେରି ମାମଲା ପାଇଁ ସମୟର ଅନୁକୂଳତା ନାହିଁ। ପରୋକ୍ଷ ଶତ୍ରୁତା, ଋଣ ପରିଶୋଧ, କ୍ରନିକ୍ ରୋଗ ସକାଶେ ସମସ୍ୟାକୁ ଆନୟନ କରିପାରେ । ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ଚିନ୍ତାରେ ରହିପାରନ୍ତି। ମାତ୍ର ଗତକାଲି ଠାରୁ ମନରେ ଭାବୁଥିବା କଥାଟି ଆଜିହିଁ ବାସ୍ତବରେ ପରିଣତ ହେବ।

**ବିଛା** ପ୍ରିୟଜନଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧହୋଇ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। ସାହାଯ୍ୟ ଲାଭ କରି କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। କୌଣସି ମୂଲ୍ୟବାନ ଜିନିଷ ଘରକୁ ଆଣିପାରନ୍ତି। ସାମୟିକ ଭାବରେ ନିର୍ମାଣାଧୀନ କାର୍ଯ୍ୟ, ଭୂମି, ଗାଡିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିବ।

**ଧନୁ** ଆଜିର ଗ୍ରହସ୍ଥିତି ଆପଣଙ୍କ ସକାଶେ ପ୍ରତିକୂଳ ପରିବେଶ ସୃଷ୍ଟି କରିପାରେ। ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ଲାଭର ସୂଚନା ରହିଛି। କିନ୍ତୁ ସ୍ୱକୀୟ ଉଦ୍ୟମ ଓ ଆପୋସ ଆଲୋଚନା ସାଙ୍ଗକୁ ପାରସ୍ପରିକ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳାରୁ କୈଫିୟତ ଦେବାକୁ ପଡିପାରେ।

**ମକର** କର୍ମଭାବସ୍ଥ ଚନ୍ଦ୍ର ପରିବାର ଓ କର୍ମକ୍ଷେତ୍ରକୁ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସହାୟକ ହେବ। ଅତି ନିକଟରେ ରହି ଶତ୍ରୁତା କରୁଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ। ପରିବାରରେ କିଛି ଦିନ ହେବ ଲାଗି ରହିଥିବା ସମସ୍ୟାର ସରଳ ସମାଧାନ ଆଜି ହୋଇପାରେ। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ସମସ୍ୟା ଦୂର ହେବ।

**କୁମ୍ଭ** ଆପଣଙ୍କୁ ବନ୍ଧୁ ମାନେ ମନ ବୁଝିଲାଭଳି କଥାମାନ କହି ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି। ଟିକିଏ ଜୋର୍ ଦେଇ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଜମା ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କ ତରଫରୁ ସମସ୍ୟା ଆସିପାରେ।

**ମୀନ** ସାଧାରଣ କଥାକୁ କେନ୍ଦ୍ର କରି ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହୋଇପାରେ। ବିବାଦୀୟ ପରିସ୍ଥିତିରେ ନୀରବତା ଅବଲମ୍ବନ କରିବା ଭଲ ହେବ। ଅନ୍ୟ ଉପରେ ନିର୍ଭର ନ କରି କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି। ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ।

ଆଜି ପଶ୍ଚିମ ଓଡ଼ିଶାର ପବିତ୍ର ନୂଆଁଖାଇ ପର୍ବ, ଭାଦ୍ରବ ଶୁକ୍ଳପକ୍ଷର ଋଷି ପଞ୍ଚମୀ ମଙ୍ଗଳବାର, ସେପ୍ଟେମ୍ବର ୩ ତାରିଖ, ରାଶି ନକ୍ଷତ୍ର- ସ୍ୱାତୀ/ତୁଳା, ମକର ରାଶିର ଘାତବାର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୮ ।୩୦ମି. ଗତେ ଘ୧୦ ।୧୦ମି. ମଧ୍ୟେ, ଘ୧୧ ।୪୯ମି. ଗତେ ଘ୧ ।୨୭ମି. ମଧ୍ୟେ ଅମୃତ ବେଳା। ଦିବା ଘ୧୦ ।୧୦ମି. ଗତେ, ଘ୧୧ ।୪୯ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୨ ।୫୧ମି. ଗତେ ଘ୪ ।୨୪ମି. ମଧ୍ୟେ ରାହୁକାଳ।

classifieds Everyday
0674-2580101, 2549302

real estate

SALE

**7,50,000/- ଟଙ୍କା ଦେଇ 1500sqft. ଜାଗାର ମାଲିକ ହୁଅନ୍ତୁ, ଭୁବନେଶ୍ୱର ନୂଆ ରେଲୱେଷ୍ଟେସନ ପାଖରେ। 9040628648.** D-66775

2BHK simplex 26,00,000/- finishing Hanspal, Plot-Atala, Rangabazar. Contact: 9556318785. D-67055

**21000sqft gharabari converted (commercial zone) land sale at Pahal, near Bharat Motors, frontage 130ft NH connecting. Contact: 8480620050. (Broker excuse).** D-67376

20904sqft. gharabari commercial land for sale at Pahal, Adjacent to NH Phone- 7008346486, 9437192512 (Broker excuse). D-67377

**Bhubaneswar new railway station ପାଖରେ 7,00,000/-ରେ ଘରବାରି ପ୍ଲଟ ମିଳୁଛି। M: 8249038833.** D-66186

to-let

Ground floor with toilet at Changing chowck, suitable for office, consultancy, Dr. Chamber, Diagnostic, medicine store, Parlour. Call: 7008813110. D-14008

ଭୁବନେଶ୍ୱର ହଂସପାଳଛକ ୬୦୦୦ ବର୍ଗଫୁଟ ସିମ୍ଫୋନୀ ମଲ୍ ସାମ୍ନା **NH-5,** ଶୋ'ରୁମ୍ ଭଡ଼ାଦିଆଯିବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। **7008439019, 8895436651.** D-66763

DBHK with all facilities at Gangamandir, Cuttact. Contact: 0671-2204615. D-14164

1BHK independent house (300sqft.) available on rent at B/51, K-9, Kalinga Vihar, Near DN Regalia Mall, Bhubaneswar. Service family please contact: 7350004476. D-14168

healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic full body massage ladies/gents smart experts therapist. 9114697517. D-66949

Ayurvedic full body massage ladies & gents smart therapist. 9040900385. D-66950

Herbal full body massage by smart / expert therapist. Contact: 8338067247. D-67369

Summer special mesmerizing offer expert therapeutic refreshing massage appointment. 9668374480. D-67370

Full body herbal massage with refreshment expert therapist. 7381239385, 06742540855. D-67371

Experience full body massage with us (expert). Call: 7377048581, 06742597822. D-67372

Mostly experienced highly trends male therapist for full body massage. 9938579108, 8480233423. D-67373

astrology

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଲୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

> ଯେତେବେଳେ ଆମକୁ କିଛି ଦେଖାଯାଏନା– ସେତେବେଳେ ଆମେ ଜାଣିବା ଉଚିତ ଯେ, ଈଶ୍ୱର ଆମ ପାଖରୁ ତାଙ୍କର ଆଲୋକ ପ୍ରତ୍ୟାହୃତ କରି ନେଇଛନ୍ତି ଏବଂ ଆମ ଉପରେ ଭୁଲଭ୍ରାନ୍ତି ଲଦି ଦେଇଛନ୍ତି। କାରଣ –ଆମେ ଯଥାର୍ଥ ଜ୍ଞାନ ଆଡକୁ ପାଦେ ଆଗେଇ ଚାଲିବୁ। ସେହିପରି ସେ ଆମ ଉପରେ ପରାଜୟ ଲଦି ଦେଇଛନ୍ତି– ତା ଫଳରେ ଆମେ ବିଜୟ ପଥରେ ଆଗେଇଯିବୁ।
> –ଶ୍ରୀଅରବିନ୍ଦ

# ବ୍ୟାଙ୍କ ପ୍ରତିଦ୍ୱନ୍ଦ୍ୱିତା

ଭାରତୀୟ ଅର୍ଥନୀତି ବର୍ତ୍ତମାନ ଏକ ଖରାପ ସ୍ଥିତି ଦେଇ ଗତି କରୁଛି। ନିକଟରେ ସରକାରଙ୍କ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ଗତ ଏପ୍ରିଲ–ଜୁନ୍ ତ୍ରୈମାସରେ ସମୁଦାୟ ଘରୋଇ ଉତ୍ପାଦ (ଜିଡିପି) ୫ ପ୍ରତିଶତକୁ ଖସିଆସିଛି, ଯାହା ୬ ବର୍ଷର ସର୍ବନିମ୍ନ ସ୍ତରରେ ରହିଛି। ଏଭଳି ସ୍ଥଳେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ବଞ୍ଚାଇବା ପାଇଁ ସରକାର ୭୦,୦୦୦ କୋଟି ଟଙ୍କା ଦେବା ବିଷୟ ଘୋଷଣା କରିଛନ୍ତି। ଯେତେବେଳେ ଅର୍ଥନୀତି ତଳକୁ ତଳକୁ ଯାଉଛି, ସେତେବେଳେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରକୁ ବୃହତ୍ ପରିମାଣର ଆର୍ଥିକ ଉପହାର ଦିଆଯିବା ଆଦୌ ସ୍ପୃହଣୀୟ ନୁହେଁ ବୋଲି ଅର୍ଥନୀତିଜ୍ଞମାନେ ମତ ଦେଲେଣି। ତେବେ ଏହି ଅର୍ଥ ଭରଣା କରିବା ସହ ଅର୍ଥନୀତିକୁ ପୁନର୍ଜୀବିତ ଲକ୍ଷ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସରକାରକୁ ୧ ଲକ୍ଷ ୭୬ ହଜାର କୋଟି ଟଙ୍କା ଦେବାକୁ ପଦକ୍ଷେପ ନେଇଛି। ଏହିଭଳି ଅର୍ଥନୈତିକ ନିଷ୍ପତ୍ତି ନିଆଯାଉଥିବା ବେଳେ ନିକଟରେ ସବୁଠାରୁ ବୃହତ୍ ବ୍ୟାଙ୍କିଙ୍ଗ୍ ସଂସ୍କାର ଆଣିବା ଲାଗି କେନ୍ଦ୍ର ସରକାର ଯେଉଁ ଘୋଷଣା କରିଛନ୍ତି, ତାହାକୁ ନେଇ ବିତର୍କ ଆରମ୍ଭ ହୋଇଯାଇଛି। ୧୦ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ମିଶ୍ରଣ କରାଯାଇ ୪ଟି ବୃହତ୍ ବ୍ୟାଙ୍କ ସୃଷ୍ଟିର ପରିକଳ୍ପନା କରାଯାଇଛି। ଏହା କାର୍ଯ୍ୟକାରୀ ହେଲେ ବ୍ୟାଙ୍କଗୁଡ଼ିକ ସଳଖି ଉଠିବେ ବୋଲି ଯାହା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହୁଛନ୍ତି, ତାହାର ବାସ୍ତବ ଦିଗକୁ ଦେଖିଲେ ସେଭଳି ମନେ ହେଉନାହିଁ। କାରଣ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଅନାଦାୟ ଋଣ (ଏନ୍‌ପିଏ) ସ୍ତର ବହୁ ଉଚ୍ଚରେ ରହିଛି। କେତେ ଜଣ ବ୍ୟାଙ୍କ ଅଧିକାରୀଙ୍କ ଖାମଖିଆଲ ନିଷ୍ପତ୍ତି ଏଥିପାଇଁ ଦାୟୀ ବୋଲି କୁହାଯାଇପାରେ। ବିଜୟ ମାଲ୍ୟା, ନୀରବ ମୋଦି, ମେହୁଲ ଚୋକ୍‌ସିଙ୍କ ଭଳି ବ୍ୟବସାୟୀଙ୍କ ଆର୍ଥିକ ସ୍ୱାସ୍ଥ୍ୟକୁ ଠିକ୍ ଭାବେ ଆକଳନ କରା ନ ଯାଇ ସେମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ଋଣ ଦିଆଯିବା ଯୋଗୁ ଆଜି ବ୍ୟାଙ୍କିଙ୍ଗ କ୍ଷେତ୍ର ଅସୁବିଧାରେ ପଡ଼ିଛି। ଅବଶ୍ୟ ଏହି ବ୍ୟକ୍ତିଙ୍କ ନାମ ଆମେ ବାରମ୍ବାର ଶୁଣିଛେ। କିନ୍ତୁ ଏମାନଙ୍କ ବ୍ୟତୀତ ଆହୁରି ଅନେକ ବୃହତ୍ ଶିଳ୍ପ ମାଲିକ ଅଛନ୍ତି, ଯେଉଁମାନେ ଅନେକ ଲକ୍ଷ କୋଟି ଟଙ୍କାର ଋଣ ଶୁଝୁନାହାନ୍ତି। ସେମାନଙ୍କ ସମ୍ପର୍କରେ କୌଣସି ଆଲୋଚନା ହେବାର ପରିଲକ୍ଷିତ ହେଉନାହିଁ। ଏଭଳି ସ୍ଥଳେ କ୍ଷତି କରୁଥିବା ବ୍ୟାଙ୍କଗୁଡ଼ିକୁ ମିଶ୍ରଣ କରିଦେଲେ ଯେ ସେଗୁଡ଼ିକର ଆର୍ଥିକ ସ୍ଥିତି ବଦଳିଯିବ ଭାବିବା ଯୁକ୍ତିଯୁକ୍ତ ହେଉନାହିଁ। କାରଣ ଖସିଯିବା ଗୋଡ଼ ତଳକୁ ତଳକୁ। ସେଥିପାଇଁ କଠୋର ଆର୍ଥିକ ନିୟମ ପ୍ରଣୟନ କରାଯିବା ଉଚିତ। ଦେଖାଯାଉଛି ଯେତେବେଳେ କୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଆର୍ଥିକ ସଙ୍କଟରେ ପଡୁଛି, ସେତେବେଳେ ସରକାର ପ୍ୟାକେଜ ଦେଇ ସ୍ଥିତି ଟାଳିବାକୁ ଚେଷ୍ଟା କରୁଛନ୍ତି। ଏହା କେବଳ ବର୍ତ୍ତମାନର ଏନ୍‌ଡିଏ ଶାସିତ ସରକାର ନୁହେଁ, ପୂର୍ବ କଂଗ୍ରେସ ସରକାରଙ୍କ ଅମଳରେ ମଧ୍ୟ ବହୁବାର ଦେଖିବାକୁ ମିଳିଛି।

ବାସ୍ତବ କଥା ଦେଖିଲେ ସରକାର ଯେଉଁ ଆର୍ଥିକ ଉପହାର ବ୍ୟାଙ୍କଗୁଡ଼ିକୁ ଦେଉଛନ୍ତି, ତାହା କରଦାତାଙ୍କ ଅର୍ଥରୁ ଯାଉଛି। ଟିକସଦାତାଙ୍କ ଅର୍ଥ ଦେଶର ବିକାଶ କାର୍ଯ୍ୟ ଲାଗି ଉଦ୍ଦିଷ୍ଟ ହୋଇଥାଏ। ତାହା କେତେକଙ୍କ ଭୁଲ ପଦକ୍ଷେପ ଯୋଗୁ କ୍ଷତି ସହୁଥିବା ସଂସ୍ଥାକୁ ବଞ୍ଚାଇବା ପାଇଁ ଯେତେବେଳେ ବାରମ୍ବାର ବ୍ୟବହାର କରାଯିବ, ତାହାଦ୍ୱାରା ଦେଶର ବିକାଶ ବାଧାପ୍ରାପ୍ତ ହେବ। ସେହିଭଳି ଆର୍ଥିକ ଦୃଷ୍ଟିରୁ ସୁସ୍ଥ ବ୍ୟାଙ୍କ ସହ ଏକ ଦୁର୍ବଳ ବ୍ୟାଙ୍କ ମିଶିଗଲେ ତାହା ଏନ୍‌ପିଏକୁ କିଭଳି ମୁକାବିଲା କରିପାରିବ, ସେ ଦିଗରେ ବିଶେଷ କିଛି କୁହାଯାଉନାହିଁ। ଭାରତବର୍ଷରେ ଅଧିକାଂଶ ଲୋକ ଅର୍ଥନୀତିର କ୍ଲିଷ୍ଟତା ବୁଝିପାରନ୍ତି ନାହିଁ। ସରକାରଙ୍କ ପକ୍ଷରୁ କେଉଁ ପ୍ରକାର ସୁବିଧା ମିଳିପାରିବ ତାହା ଜନସାଧାରଣଙ୍କ ପାଇଁ ସର୍ବଦା ଜାଣିବାର ବିଷୟ ଭାବେ ରହିଆସିଛି। ଏପରି କି ଏମିତି ଉଚ୍ଚଶିକ୍ଷିତ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଅର୍ଥନୀତିର ବାସ୍ତବ ସ୍ଥିତି ଜାଣିବା ସକାଶେ ମୁଣ୍ଡ ଖେଳାଇ ନ ଥାଆନ୍ତି। ମାତ୍ର ଯେତେବେଳେ ବ୍ୟକ୍ତିବିଶେଷର ଆର୍ଥିକ ସ୍ଥିତିକୁ କୌଣସି ଭାବେ ମାଡ଼ ପହଞ୍ଚେ, ସେତେବେଳେ ସେମାନଙ୍କୁ ଚେଙ୍କ ଲାଗେ। ବର୍ତ୍ତମାନ ଅର୍ଥନୀତିର ମାନ୍ଦାବସ୍ଥା ଯୋଗୁ ସବୁଠାରୁ ବେଶି କ୍ଷତିରେ ପଡ଼ିଛି ଅଟୋମୋବାଇଲ ଓ ନିର୍ମାଣ କ୍ଷେତ୍ର। ଗାଡ଼ି ବିକ୍ରି ହେଉ ନ ଥିବାରୁ ଗାଡ଼ି ନିର୍ମାତାମାନେ କେତେକ କାରଖାନା ବନ୍ଦ କରିଦେଲେଣି। ଫଳରେ ଅନେକେ ଚାକିରି ହରାଇ ବେକାର ହୋଇଗଲେଣି। ସେହିପରି ଅର୍ଥାଭାବ ଯୋଗୁ ନିର୍ମାଣ କ୍ଷେତ୍ର ମଧ୍ୟ ଦୁର୍ଦ୍ଦିନ ଦେଇ ଗତି କରୁଛି। କୁହାଗଲାଣି ୨୦୦୮ରେ ଆମେରିକାରେ ସବ୍–ପ୍ରାଇମ୍ ସଙ୍କଟ ଯୋଗୁ ଦେଖାଦେଇଥିବା ବିଶ୍ୱ ମାନ୍ଦାବସ୍ଥାର ପ୍ରଭାବ ଭାରତ ଉପରେ ସେଭଳି ପଡ଼ି ନ ଥିଲା। ଏବେକାର ସ୍ଥିତି ଦେଖିଲେ ଖାଉଟି ସାମଗ୍ରୀ ବିକ୍ରି କମିବା ଆରମ୍ଭ କଲାଣି। ଟୁଥ୍‌ପେଷ୍ଟ ଓ ସାବୁନ ଭଳି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ କମାଇ ଲୋକେ କମ୍ ବ୍ୟବହାର କରୁଛନ୍ତି। ଯେତେବେଳେ ଏକ ଅର୍ଥନୀତିରେ ମୁଦ୍ରା କାରବାର କମିଯିବ ଓ ଲୋକଙ୍କ ପାଖରେ ତା'ର ଅଭାବ ଦେଖାଦେବ, ସେତେବେଳେ ଏଭଳି ସ୍ଥିତି ଉପୁଜିବା ସ୍ୱାଭାବିକ। ତେଣୁ ସରକାର ନିର୍ଦ୍ଦିଷ୍ଟ ଆର୍ଥିକ ସଂସ୍ଥାକୁ ପୁନରୁଦ୍ଧାର କରିବାକୁ ଚେଷ୍ଟା କରିବା ଅପେକ୍ଷା ସମଗ୍ର ଅର୍ଥନୀତିର ବିକାଶ କଥା ଭାବିବା ଦରକାର। ଘରୋଇ କ୍ଷେତ୍ରରେ ଆଭ୍ୟନ୍ତରୀଣ ପରିଚାଳନାଗତ ସଂସ୍କାର ରହିଆସିଥିବାରୁ ସେଗୁଡ଼ିକ ପ୍ରତିଦ୍ୱନ୍ଦ୍ୱିତା କରିପାରୁଛନ୍ତି। ସେହିଭଳି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଛାଡ଼ି ଦିଆଯାଉ। କାରଣ ପରିସ୍ଥିତି ଏମିତି ହୋଇଛି, 'ସର୍ଭାଇବାଲ୍ ଅଫ୍ ଦି ଫିଟେଷ୍ଟ' ବା 'ଯୋଗ୍ୟତମ ହିଁ ବଞ୍ଚିପାରିବ' ନୀତି ଦୁର୍ବଳ ଅନୁଷ୍ଠାନଗୁଡ଼ିକୁ ସଳଖି ଛିଡ଼ା ହେବା ପାଇଁ କେବଳ ରାସ୍ତା ଦେଖାଇପାରିବ।

## ୨୫ ବର୍ଷ ତଳର ଧରିତ୍ରୀ

**୩ ସେପ୍ଟେମ୍ବର ୧୯୯୪**

- ଜାନକୀ ରମଣ କମିଟିର ସଦସ୍ୟ ତଥା ଆୟକର ବିଭାଗର କର୍ମକର୍ତ୍ତା ସି.ପି. ରାମସ୍ୱାମୀ, ଯେକି ହର୍ଷଦ ମେହେଟ୍ଟାଙ୍କ ଘର ଉପରେ ଚଢାଉ କରିଥିଲେ ସେ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି।
- ବିଧାନସଭା ନିର୍ବାଚନ ହେବାକୁ ଥିବା ୧୦ଟି ରାଜ୍ୟରେ ଉତ୍ତେଜନାପ୍ରବଣ ଅଞ୍ଚଳ ଚିହ୍ନଟ ଲାଗି ନିର୍ବାଚନ କମିଶନ ପକ୍ଷରୁ ମୁଖ୍ୟ ଶାସନ ସଚିବ ଓ ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 3 | | | | 1 | | | | | | | B | | |
| | | | 6 | 8 | | | | A | 3 | | | 9 | 7 | |
| 0 | | | | | | | | 4 | | 9 | | E | | |
| A | | B | C | | 2 | 0 | | | | 8 | 4 | | | |
| 4 | | | | E | A | 1 | | | | | | | | |
| | | | | | 8 | | | E | 4 | | | 2 | D | A |
| 6 | | | B | | | 5 | D | | | | | | | |
| 2 | 5 | 3 | 7 | 1 | | | 8 | | | A | E | | | 6 |
| E | | D | | | | 4 | | 0 | 5 | | | 1 | | |
| | 9 | 8 | | | E | 6 | | | | 3 | C | | | |
| 7 | 8 | 0 | | | | | | | | | | C | | |
| | | | D | 6 | | | | | | | A | | 3 | E |
| | | | 1 | 3 | B | | | | | | | 8 | | 7 |
| | D | | A | 5 | 4 | 3 | | 8 | | 7 | | | | B |
| | | | | 7 | | | | B | 6 | | | | 1 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 3 | A | C | 6 | 1 | D | 5 | E | 4 | 8 | 7 | B | 9 | 0 |
| 7 | 8 | 6 | 2 | E | 0 | B | 1 | A | 3 | D | 9 | C | 4 | 5 |
| E | 9 | 1 | 5 | 3 | 4 | C | 8 | 0 | A | 2 | B | 7 | D | 6 |
| D | 4 | 0 | B | 7 | A | 6 | 2 | 9 | 5 | E | C | 1 | 8 | 3 |
| C | B | 5 | 8 | 9 | D | 7 | 4 | 3 | 0 | 6 | 1 | E | A | 2 |
| B | 6 | E | A | C | 5 | 8 | D | 7 | 9 | 4 | 0 | 3 | 2 | 1 |
| 1 | A | 3 | 4 | 8 | 9 | 2 | 6 | 5 | 7 | B | E | D | 0 | C |
| 5 | 2 | 4 | 0 | D | 3 | E | B | C | 8 | 1 | 6 | A | 7 | 9 |
| 8 | 0 | C | E | 2 | 7 | 3 | 9 | 1 | D | A | 5 | 4 | 6 | B |
| 9 | D | 7 | 6 | 1 | B | 0 | A | 4 | C | 3 | 2 | 5 | E | 8 |
| 6 | 1 | 2 | 9 | 4 | 8 | A | 3 | B | E | 5 | D | 0 | C | 7 |
| 0 | 5 | D | 1 | B | E | 9 | 7 | 6 | 2 | C | 4 | 8 | 3 | A |
| 4 | 7 | 8 | 3 | 0 | 2 | 5 | C | D | 1 | 9 | A | 6 | B | E |
| A | C | 9 | 7 | 5 | 6 | 4 | E | 8 | B | 0 | 3 | 2 | 1 | D |
| 3 | E | B | D | A | C | 1 | 0 | 2 | 6 | 7 | 8 | 9 | 5 | 4 |

ଗତକାଲିର ଉତ୍ତର

# ପ୍ଲାଷ୍ଟିକ୍ ବର୍ଜ୍ୟରେ ଅଣନିଃଶ୍ୱାସୀ ପୃଥିବୀ



ବୈକୁଣ୍ଠନାଥ ମିଶ୍ର

କିଛିବର୍ଷ ପୂର୍ବେ ସାଧାରଣ ପରିବହନ, ହାଟବଜାର ସଉଦା ଓ ଘରକରଣା ସାମଗ୍ରୀ ସବୁକିଛି ଖୋଟ କିମ୍ବା କପଡା ବ୍ୟାଗ୍ ଦ୍ୱାରା ହେଉଥିଲା। ବନ୍ଧୁ ଘରକୁ ମିଠା ନେବା ପାଇଁ ତାଳପତ୍ର ଭୋଗେଇ ଓ ମାଟି ହାଣ୍ଡି ବ୍ୟବହାର କରାଯାଉଥିଲା। ତେଜରାତି ଦୋକାନରେ ଖୋଟ ଅଖା, ଟିଣ, ମାଟିପାତ୍ର ଓ ସ୍ଥଳ ବିଶେଷରେ କାଚପାତ୍ର ବ୍ୟବହୃତ ହେଉଥିଲା। କିନ୍ତୁ ଆଜିକାଲି ଏସବୁ ବଦଳରେ କେବଳ ପ୍ଲାଷ୍ଟିକ୍‌ର ରାଜତ୍ୱ ଚାଲିଛି। ମନେହୁଏ ସତେଯେପରି ପ୍ଲାଷ୍ଟିକ୍ ଆମ ଜୀବନରେଖା ଓ ଏହା ବ୍ୟତିରେକେ ସାଧାରଣ ଜୀବନଯାତ୍ରା ଅଚଳ ହୋଇଯିବ। ମାଛ, ମାଂସ, ଫଳ, ପନିପରିବା ଏପରିକି ତରଳ ପଦାର୍ଥ ଓ ପାନୀୟ ଜଳ ମଧ୍ୟ ପ୍ଲାଷ୍ଟିକ୍ ଥଳି ଓ ପ୍ଲାଷ୍ଟିକ୍ ବୋତଲ ମାଧ୍ୟମରେ ପରିବାହିତ ହେଉଛି। ଏହା ଶସ୍ତା, ସୁନ୍ଦର ଓ ସହଜ ଭାବେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବାଆଣିବା କରାଯାଇ ପାରୁଛି। ସାଧାରଣ ପାନଦୋକାନରେ ମାଳମାଳ ଗୁଟ୍‌ଖା ଓ ମସଲା ପ୍ୟାକେଟ୍ ଦେଖିଲେ ଏଥିରୁ ମୁକ୍ତି ସମ୍ଭବ ବୋଲି ମନେହୁଏ ନାହିଁ। ଥରେମାତ୍ର ବ୍ୟବହୃତ ହୋଇ ଏଗୁଡ଼ିକ ବର୍ଜ୍ୟବସ୍ତୁରେ ପରିଣତ ହେଲା ପରେ ଏଗୁଡ଼ିକୁ ଇତସ୍ତତଃ ନିକ୍ଷେପ କରିବା ଦ୍ୱାରା ମାଟି, ପାଣି, ପବନ ସବୁକିଛି ପ୍ଲାଷ୍ଟିକ୍‌ମୟ ହୋଇଯାଉଛି।

ଅଚଳ ମୋବାଇଲ ଫୋନ୍, ଲାପ୍‌ଟପ୍, ଟିଭି, ଫ୍ରିଜ୍, ଏସି ଇତ୍ୟାଦି ଅଚଳ ହୋଇ ବର୍ଜ୍ୟରେ ପରିଣତ ହେଉଛି, ଯାହା ପରିବେଶ ଓ ସ୍ୱାସ୍ଥ୍ୟ ଉଭୟକୁ ପ୍ରଭାବିତ କରୁଛି। ପ୍ରତିବର୍ଷ ବିଶ୍ୱରେ ନିୟୁତ ନିୟୁତ ଟନ୍ ବୈଦ୍ୟୁତିକ ସରଞ୍ଜାମ ବର୍ଜ୍ୟରେ ପରିଣତ ହେଉଛି। ୨୦୧୬ରେ ୪୪.୭ ନିୟୁତ ଟନ୍ ବର୍ଜ୍ୟ ସୃଷ୍ଟି ହୋଇଥିଲା। ପ୍ରତିବର୍ଷ ବର୍ଜ୍ୟବସ୍ତୁର ପରିମାଣ ଆଶାତୀତ ଭାବେ ବୃଦ୍ଧି ପାଇଚାଲିଛି। ଚାଇନା ହେଉଛି ବିଶ୍ୱରେ ସର୍ବାଧିକ ପ୍ଲାଷ୍ଟିକ୍ ବର୍ଜ୍ୟ ସୃଷ୍ଟିକାରୀ ଦେଶ। ତା' ପଛକୁ ଅଛି ଭାରତ। ବିଶ୍ୱର ୬୬ ପ୍ରତିଶତ ଲୋକ ବର୍ଜ୍ୟବସ୍ତୁ କବଳରେ ଅଛନ୍ତି।

୨୦୧୯ ଜୁନ୍ ୧୬ରେ ଅନୁଷ୍ଠିତ ଜି୨୦ ଦେଶଗୁଡ଼ିକର ପରିବେଶ ସଂକ୍ରାନ୍ତ ଆଲୋଚନା ଏକପ୍ରକାର ବିଫଳ ହୋଇଛି। ଉକ୍ତ ଆଲୋଚନାରେ ସାମୁଦ୍ରିକ ପ୍ଲାଷ୍ଟିକ୍ ଆବର୍ଜନା ଉପରେ ଗୁରୁତ୍ୱାରୋପ କରାଯାଇଥିଲେ ମଧ୍ୟ ଏହାର ପ୍ରତିକାର ତଥା ନିରାକରଣ ପାଇଁ ଏକମତତା ପ୍ରକାଶ ପାଇପାରିଲା ନାହିଁ। ସମ୍ପ୍ରତି ମଣିଷର ବ୍ୟବହାର ପ୍ରାକୃତିକ ଜୈବବିବିଧତାକୁ କ୍ଷତି ପହଞ୍ଚାଇବା ସହ ଉଭୟ ଜଳ ଓ ସ୍ଥଳଚର ପ୍ରାଣୀ ଏବଂ ଉଦ୍ଭିଦ ପ୍ରଜାତିର ବିଲୁପ୍ତିର କାରଣ ସାଜିଛି।

ଜାତିସଂଘର ଏକ ସଦ୍ୟ ଅନୁଶୀଳନ ଅନୁଯାୟୀ ବିଶ୍ୱବ୍ୟାପୀ ପ୍ରକୃତି ଏକ ବୃହତ୍ ପରିବର୍ତ୍ତନର ଦ୍ୱାରଦେଶରେ ଉପନୀତ। ସକାରାତ୍ମକ ମାନବୀୟ ପ୍ରକ୍ରିୟା ହିଁ ଏ ଧ୍ୱଂସମୁଖୀ ପରିବର୍ତ୍ତନକୁ ରୋକିପାରେ। ୨୦୧୯ ମେ'ର ଜର୍ନାଲ ଅଫ୍ ସାଇନ୍ସର ରିପୋର୍ଟ ଅନୁସାରେ ଅଧିକାଂଶ ବୃହତ୍ ନଦୀର ଜଳ ମାନବକୃତ ଭାବେ ବ୍ୟାହତ ହୋଇସାରିଲାଣି। ୧୯୭୦ ଦଶକଠାରୁ କ୍ରମାଗତ ଭାବେ ଭୂପୃଷ୍ଠ ଓ ସମୁଦ୍ର ଉଭୟତଃ ଜୈବବିବିଧତା ଓ ସନ୍ତୁଳନ ନଷ୍ଟ ହୋଇଚାଲିଛି। ସବୁଠାରୁ ବିପଜ୍ଜନକ ଧ୍ୱଂସକାରୀ ଶକ୍ତି ହେଉଛି ପ୍ଲାଷ୍ଟିକ୍ ବର୍ଜ୍ୟଜନିତ ପ୍ରଦୂଷଣ। ପ୍ରସିଦ୍ଧ ଦାର୍ଶନିକ ଆଲଡସ୍ ହକ୍ସଲେ ୫୦/୬୦ବର୍ଷ ତଳେ କହିଥିଲେ, ''ନିକଟ ଭବିଷ୍ୟତରେ ବିଜ୍ଞାନ ହେବ ସମାଜର ଏକ ଅକଲ୍ୟାଣକାରୀ ଶକ୍ତି, ଯାହା ଏବେ ସତ୍ୟରେ ପରିଣତ ହୋଇଛି।''

ସାମ୍ପ୍ରତିକ ସମୟରେ ପ୍ଲାଷ୍ଟିକ୍ ବୋତଲରେ ପାନୀୟ ଜଳ ପରିବହନ ଅପରିହାର୍ଯ୍ୟ ହୋଇପଡ଼ିଛି। ଏଗୁଡ଼ିକର ବିକ୍ଷିପ୍ତୀକରଣ ସହ ଘରେ ବ୍ୟବହୃତ ପ୍ଲାଷ୍ଟିକ୍‌ର ବର୍ଜ୍ୟବସ୍ତୁ, ପ୍ଲାଷ୍ଟିକ୍ ବ୍ୟାଗ ଆଦି ନାଳ, ନର୍ଦ୍ଦମାରେ ଜମାହୋଇ ଜଳ ନିଷ୍କାସନର ପଥ ଅବରୋଧ କରୁଛି। ଫଳରେ ସାମାନ୍ୟ ବର୍ଷାରେ ପାହାଡ଼ି ସହରରେ ମଧ୍ୟ ବନ୍ୟାର ଭ୍ରମ ସୃଷ୍ଟି ହେଉଛି। ରାସ୍ତାର ଉଭୟ ପାର୍ଶ୍ୱରେ ଭଙ୍ଗା ଅଦରକାରୀ ପ୍ଲାଷ୍ଟିକ୍ ସ୍ତୂପ ଦୃଷ୍ଟିକଟୁ ହେବା ସହ ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି।

ଘରେ ଘରେ ଅଜାଠାରୁ ନାତି ପର୍ଯ୍ୟନ୍ତ ସମସ୍ତେ ପ୍ଲାଷ୍ଟିକ୍ ବୋତଲରେ ପାଣି ପିଉଛନ୍ତି। ଏପରିକି ସଭାସମିତିରେ ଭିଆଇପିଙ୍କ ଉଦ୍ଦେଶ୍ୟରେ ଟେବୁଲ ଉପରେ ପ୍ଲାଷ୍ଟିକ୍ ପାଣି ବୋତଲ ରଖାଯିବା ଏକ ଆଭିଜାତ୍ୟ ସୂଚକରେ ପରିଣତ ହେଲାଣି। ପ୍ଲାଷ୍ଟିକ୍ ବୋତଲ ଜଳ କେବଳ ଶରୀର ପାଇଁ କ୍ଷତିକାରକ ନୁହେଁ, ଏହା ପରିବେଶ ପାଇଁ ମଧ୍ୟ ଘାତକ। ଜଳଧାରକ ହିସାବରେ ପ୍ଲାଷ୍ଟିକ୍ ବୋତଲ ତ କ୍ଷତିକାରକ, ଅପରପକ୍ଷେ ଏକ ଲିଟର ଜଳ ଧରୁଥିବା ପ୍ଲାଷ୍ଟିକ୍ ବୋତଲ ତିଆରିରେ ପ୍ରାୟ ୧.୬ ଲିଟର ବିଶୁଦ୍ଧ ଜଳ ଆବଶ୍ୟକ ହୋଇଥାଏ। ଚିନ୍ତାର ବିଷୟ ଏହି ଯେ, ପ୍ଲାଷ୍ଟିକ୍ ବୋତଲରେ ପଛେ ଦୂଷିତ ଜଳ ଥାଉ କିନ୍ତୁ ବୋତଲ ତିଆରିରେ ବ୍ୟବହୃତ ହେଉଥିବା ଜଳ ଶୁଦ୍ଧ ଭୂତଳ ଜଳର ଅଂଶବିଶେଷ।

ଆଜକୁ ମାତ୍ର ୬ ଦଶକ ପୂର୍ବେ ପ୍ଲାଷ୍ଟିକ୍ ଉତ୍ପାଦନ ଆରମ୍ଭ ହେଲା। ପାନୀୟ ଜଳକୁ ବୋତଲରେ ପ୍ୟାକିଂ କରିବା କାର୍ଯ୍ୟ ୧୯୯୦ ଦଶକରେ ଆରମ୍ଭହୋଇ ଖୁବ୍‌ଶୀଘ୍ର ଲୋକପ୍ରିୟତା ଅର୍ଜନ କଲା। ବୋତଲ ତିଆରିର ପ୍ରମୁଖ ଉପାଦାନ ହେଉଛି ପଲିଥିନ ଟେରିଫ୍‌ଥାଲେଟ୍ (ପିଇଟି) କିମ୍ବା ପଲିଷ୍ଟର ପ୍ଲାଷ୍ଟିକ୍, ଯେଉଁଥିରେ ଜଳ, ଥଣ୍ଡାପାନୀୟ ଓ ବିଭିନ୍ନ କମ୍ପାନୀର ତରଳ ଉତ୍ପାଦ ବ୍ୟାପକ ଭାବେ ବଜାରରେ ବିକ୍ରି ହେଉଛି। ବୈଜ୍ଞାନିକଙ୍କ ମତରେ ଏହି ପିଇଟି ଶହ ଶହ ବର୍ଷ ପର୍ଯ୍ୟନ୍ତ ଜୀବାଣୁମାନଙ୍କ ଦ୍ୱାରା ଅପଘଟିତ ହୋଇ ପାରନ୍ତି ନାହିଁ। ଏହି ପିଇଟି କେବଳ ମନୁଷ୍ୟ ନୁହେଁ ସମଗ୍ର ପରିବେଶ ପାଇଁ ବିପଦ। ଏହାକୁ ଅଗ୍ନିରେ ଦଗ୍ଧ କଲେ ଏହା ଅଧିକ ବିଷାକ୍ତ ଧୂମ ନିର୍ଗତ କରି ଅପୋଡ଼ା ପ୍ଲାଷ୍ଟିକ୍‌ଠାରୁ ଅଧିକ କ୍ଷତିକାରକ ହୋଇଥାଏ। ସମୁଦ୍ରରେ ପ୍ଲାଷ୍ଟିକ୍ ଜମା ହୋଇ ମାଛ ଓ ଅନ୍ୟାନ୍ୟ ଜଳଚର ଜୀବଙ୍କ ପ୍ରତି ଘୋର ବିପଦ ସୃଷ୍ଟି କରୁଛି। ପ୍ଲାଷ୍ଟିକ୍ ଦ୍ରବ୍ୟ ଓ ଏହାର ତିଆରିରେ ବ୍ୟବହୃତ ରାସାୟନିକ ପଦାର୍ଥ ସମୁଦ୍ରର ଲୁଣି ଜଳର ସଂସ୍ପର୍ଶରେ ଆସି ଜଳକୁ ବିଷାକ୍ତ କରିଦେଉଛି। ମାଛମାନେ ଏହି ରାସାୟନିକ ଦ୍ରବ୍ୟକୁ ସେବନ କରୁଛନ୍ତି ଓ ମଣିଷ ସେହି ମାଛ ଭକ୍ଷଣ କରୁଛି। ସୁତରାଂ ମଣିଷ ପ୍ରକାରାନ୍ତରେ ଏହି ବିଷାକ୍ତ ରସାୟନକୁ ସେବନ କରି ବିପଦକୁ ବରଣ କରୁଛି।

ସମୁଦ୍ରକୁ ପ୍ଲାଷ୍ଟିକ୍ ବର୍ଜ୍ୟମୁକ୍ତ କରିବାର ପ୍ରୟାସ ବିଶ୍ୱବ୍ୟାପୀ ଗ୍ରହଣ କରାଯିବା ଅତି ଜରୁରୀ। ନଚେତ୍ ସମୁଦ୍ରରେ ଜଳଚର ଜୀବ ଅପେକ୍ଷା ପ୍ଲାଷ୍ଟିକ୍ ବର୍ଜ୍ୟ ଅଧିକ ହୋଇଯିବ। ଏକ ଆକଳନ ଅନୁସାରେ ୨୦୫୦ ସୁଦ୍ଧା ସମୁଦ୍ରରୁ ମତ୍ସ୍ୟଜୀବୀଙ୍କ ଜାଲରେ ମାଛଠାରୁ କାହିଁ କେତେଗୁଣ ଅଧିକ ପ୍ଲାଷ୍ଟିକ୍ ବର୍ଜ୍ୟ ପଡ଼ିବ। ଏପରି ସ୍ଥିତିରେ ପୃଥିବୀ ପ୍ଲାଷ୍ଟିକ୍‌ମୟ ହେବାକୁ ଆଉ ଡେରି ନାହିଁ। ଖବରକାଗଜରେ ପ୍ରକାଶିତ ଏକ ବିସ୍ମୟକର ତଥ୍ୟ ଅନୁଯାୟୀ ମହାକାଶରେ ଏବଂ ସର୍ବୋଚ୍ଚ ଗିରିଶୃଙ୍ଗ ଏଭରେଷ୍ଟରେ ମଧ୍ୟ ବିପୁଳ ପରିମାଣରେ ପ୍ଲାଷ୍ଟିକ୍ ବର୍ଜ୍ୟ ଜମାହେଲାଣି।

ବିଶ୍ୱବ୍ୟାପୀ ପ୍ଲାଷ୍ଟିକ୍ ବ୍ୟବହାର ଓ ତା'ର ବର୍ଜ୍ୟ ପରିଚାଳନା ଏକ ବୃହତ୍ ସମସ୍ୟା ରୂପେ ଦଣ୍ଡାୟମାନ ହେଲାଣି। ବିଶେଷକରି ଚାଇନା ଓ ଭାରତ ଭଳି ଘନ ଜନସଂଖ୍ୟା ବିଶିଷ୍ଟ ଦେଶଗୁଡ଼ିକ ପାଇଁ ଏହା ଉଦ୍‌ବେଗର କାରଣ ସାଜିଲାଣି। କେବଳ ଭାରତରେ ପ୍ରତ୍ୟହ ୨୬ ହଜାର ଟନ୍ ପ୍ଲାଷ୍ଟିକ୍ ଆବର୍ଜନା ସୃଷ୍ଟି ହେଉଛି। ମାଟି, ପାଣି ଓ ପବନକୁ ପ୍ରଦୂଷିତ କରୁଥିବା ପ୍ଲାଷ୍ଟିକ୍ ଆବର୍ଜନା ପରିଚାଳନା ପାଇଁ ଆମ ଦେଶରେ ଏ ଯାବତ୍ କୌଣସି ନିର୍ଦ୍ଦିଷ୍ଟ ଯୋଜନା କାର୍ଯ୍ୟକାରୀ ହୋଇନାହିଁ। ପ୍ଲାଷ୍ଟିକ୍ ଉତ୍ପାଦନ ଉପରେ ମଧ୍ୟ ନିୟନ୍ତ୍ରଣ ନାହିଁ। କେବଳ କେତେକ ରାଜ୍ୟ ସରକାର ନାମକୁମାତ୍ର ଏହାର ପ୍ରଚଳନକୁ ନିଷେଧ କରିଛନ୍ତି। ପିଇଟି ସାଧାରଣତଃ ଶସ୍ତା, ସହଜ ଓ ସୁଲଭ୍ୟ ହୋଇଥିବାରୁ କମ୍ପାନୀମାନେ ଅଧିକ ମହଙ୍ଗା ସାବ୍ୟସ୍ତ ହୋଇଥିବା ପ୍ରାକୃତିକ ଉପାଦାନ କଥା ଚିନ୍ତା କରୁନାହାନ୍ତି। ଯଦି ସାମାନ୍ୟ କିଛି ପାରିଶ୍ରମିକ ପ୍ରଦାନ କରାଯାଇ ଗ୍ରାମ ଓ ସହରରୁ ପ୍ଲାଷ୍ଟିକ୍ ଆବର୍ଜନା ସଫାକରି ଏହାର ପୁନଃଚକ୍ରୀକରଣର ବ୍ୟବସ୍ଥା କରାଯାନ୍ତା, ତେବେ ଆବର୍ଜନା ସଫା ହେବା ସହ କ୍ଷୁଦ୍ର ନିଯୁକ୍ତି ସମ୍ଭବ ହୋଇପାରନ୍ତା ଓ ନୂତନ ପ୍ଲାଷ୍ଟିକ୍ ଦ୍ରବ୍ୟ ଉତ୍ପାଦନ ହ୍ରାସ ପାଆନ୍ତା।

ବିଶ୍ୱର ସାମ୍ପ୍ରତିକ ପ୍ଲାଷ୍ଟିକ୍ ବର୍ଜ୍ୟଜନିତ ପ୍ରଦୂଷଣ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି, ରାଜ୍ୟ ବା ରାଷ୍ଟ୍ରର ଦୋଷ ନୁହେଁ। ଏହା ଏକ ସାମୂହିକ ସମସ୍ୟା। ସୁତରାଂ ଏ ସମସ୍ୟାର ତ୍ୱରିତ ସମାଧାନ ପାଇଁ ସବୁସ୍ତରରେ ବ୍ୟଗ୍ରତା ପ୍ରକାଶ ପାଇବା ଉଚିତ। ତିବ୍ବତୀୟ ଧର୍ମଗୁରୁ ସନ୍ଥ ଦଲାଇଲାମା କହନ୍ତି– ଯେତେଦିନ ପର୍ଯ୍ୟନ୍ତ ଜଳ, ବାୟୁ, ମାଟି, ମହାକାଶ ସମସ୍ତ ପ୍ରତିକୂଳତାକୁ ସହ୍ୟକରି ପ୍ରାଣୀମାନଙ୍କର ଜୀବନଧାରଣ ପ୍ରକ୍ରିୟାକୁ ସୁଗମ ନ କରିଛନ୍ତି, ସେତେଦିନ ଯାଏ ଆମର ବିଶ୍ରାମ ନାହିଁ। ପୃଥିବୀକୁ ପ୍ଲାଷ୍ଟିକ୍ ବର୍ଜ୍ୟମୁକ୍ତ କରିବା ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଉଚିତ। ନଚେତ୍ ଏହାର ବିଷମୟ ପରିଣତି ପ୍ରାଣୀ, ଉଦ୍ଭିଦ ନିର୍ବିଶେଷରେ ସମସ୍ତଙ୍କୁ ଭୋଗିବାକୁ ହେବ।

ସିଦ୍ଧଳ, ଜଗତ୍‌ସିଂହପୁର, ମୋ–୯୯୩୭୪୫୦୫୪୦

# ସମୟ ଚକ୍ର ବୁଲୁଛି



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ଏପରି କିଛି କଥା ଅଛି, ଯାହା ଆମଭଳି ବହୁ ଲୋକଙ୍କ ମନକୁ ଆନ୍ଦୋଳିତ କରୁଛି। କାହାକୁ ସମାଲୋଚନା କରିବା ଆମ ଉଦ୍ଦେଶ୍ୟ ନୁହେଁ। ସକାରାତ୍ମକ ଦୃଷ୍ଟିଭଙ୍ଗୀ ରଖି ଆମ ଚାରିଆଡ଼େ ଘଟି ଯାଉଥିବା କିଛି ଘଟଣା ବିଷୟରେ ଏଠାରେ ଉଲ୍ଲେଖ କରୁଛି।

କିଛି ଦିନ ତଳର ଘଟଣା। ମା'ର ମୃତ୍ୟୁ ହେଲା, ଅଥଚ ପୁଅର ଦେଖା ନାହିଁ। ଗାଁ ଲୋକେ ମା'ଙ୍କ ମୃତଦେହକୁ କୋକେଇରେ ନେଇ ଶ୍ମଶାନରେ ଉପସ୍ଥିତ ହେଲେ। ମୁଖାଗ୍ନି ଦେବା ପାଇଁ ପୁଅକୁ ଖୋଜା ପଡ଼ିଲା। ପୁଅ ମଦନିଶାରେ ଟଳି ଟଳି ମା'ର ମୃତଦେହ ନିକଟକୁ ଆସିଲା। ଠିକ୍‌ଭାବେ ଠିଆ ମଧ୍ୟ ହୋଇପାରୁ ନ ଥାଏ। ଉପସ୍ଥିତ ଲୋକେ ପଚାରିଲେ, କୁଆଡ଼େ ଥିଲ ? ପୁଅର ଉତ୍ତର ମଧ୍ୟ ସିଧା ଥିଲା–ମଦ ଦୋକାନକୁ ଯାଇଥିଲି, ଟିକେ ବିଅର ପିଇଦେଇଛି। ମନରେ ଟିକେ ବି ଅନୁଶୋଚନା ନାହିଁ।

ଆଉ ଏକ ଘଟଣା। ସାରଥି ଦତ୍ତା, ବୟସ ୬୫ ବର୍ଷ। ପିତୃ ଦିବସରେ ତାଙ୍କୁ ଭେଟିଥିବା କିଛି ସ୍ୱେଚ୍ଛାସେବୀଙ୍କୁ ସେ ତାଙ୍କ ମନର ବ୍ୟଥା ବ୍ୟକ୍ତକରି କହନ୍ତି, ମୁଁ ପିଲାମାନଙ୍କୁ ବହୁ କଷ୍ଟରେ ଲାଳନପାଳନ କରିଥିଲି। ଆଜି ସେମାନେ ସମସ୍ତେ ସମାଜରେ ପ୍ରତିଷ୍ଠିତ। ଆଜକୁ ତିନି ବର୍ଷ ତଳେ ମୋ ପିଲାମାନେ ମୋତେ ଘରୁ ତଡ଼ିଦେଲେ। ମୁଁ କିପରି ଅଛି, ସେ ବିଷୟରେ ସେମାନଙ୍କର ଖୋଜ ଖବର ନାହିଁ। ମୋ ଝିଅଜ୍ୱାଇଁ ବାଙ୍ଗାଲୋରରେ ଭଲ ଚାକିରି କରି ରହୁଛନ୍ତି। ସେମାନେ ମଧ୍ୟ ମୋତେ ନେବାକୁ ଚାହିଁଲେ ନାହିଁ। କାରଣ ଏହାଦ୍ୱାରା ସେମାନଙ୍କର ସମ୍ମାନରେ ଆଞ୍ଚ ଆସିବ। ତେଣୁ କ୍ୟାପିଟାଲ ହସ୍ପିଟାଲ ପଛପଟେ ଥିବା ରାତ୍ରି ଆଶ୍ରୟସ୍ଥଳୀରେ ଆଶ୍ରିତ।

ଆଉ ଜଣେ ଭଦ୍ରବ୍ୟକ୍ତି। ନାମ ଉଗ୍ରସେନ ସାହୁ। ପୁରୀରେ ଘର ଖଣ୍ଡେ କରିଥିଲେ। ଝିଅ ବିବାହ ବେଳକୁ ପୁଅମାନେ ଟଙ୍କା ନ ଦେବାରୁ ସେ ବାଧହୋଇ ଘରଟିକୁ ବିକିଦେଲେ। ପରବର୍ତ୍ତୀ ସମୟରେ ପୁଅମାନେ ତାଙ୍କୁ ଘରୁ ବାହାର କରିଦେବା ସହ ସ୍ତ୍ରୀଙ୍କୁ ତାଙ୍କ ବାପଘରେ ଛାଡ଼ିଦେଲେ। ଅନ୍ୟ ଉପାୟ ନ ପାଇ ଉଗ୍ରସେନ ପୁରୀ ବଡ଼ଦାଣ୍ଡରେ ଆସି କିଛିଦିନ ଭିକ ମାଗିଲେ। କିନ୍ତୁ ପରେ ଭାବିଲେ ପୁରୀରେ ବହୁ ଚିହ୍ନାଲୋକ ଅଛନ୍ତି, ସେ ଭିକ ମାଗୁଥିବା କଥା ଲୋକମାନେ ଜାଣିଲେ ପୁଅମାନଙ୍କର ସାମାଜିକ ପ୍ରତିଷ୍ଠାରେ ଆଞ୍ଚ ଆସିବ। ତେଣୁ ସେ ପୁରୀ ଛାଡ଼ି ଉପରିଲିଖିତ ରାତ୍ରି ଆଶ୍ରୟସ୍ଥଳୀରେ ବାସ କରୁଛନ୍ତି।

ଆମେ ରହୁଥିବା ଅଞ୍ଚଳର ଗୋଟିଏ ଘଟଣା। ପାଞ୍ଚ ପୁଅ ଓ ତିନି ଝିଅ ଥାଇ ବୃଦ୍ଧା ମା' ଅଲୋଡ଼ା। ତାଙ୍କର ଯତ୍ନ ନେବାକୁ କାହାର ଆଗ୍ରହ ନାହିଁ। ପ୍ରଥମେ ବୁଢ଼ୀ ବଳବୟସ ଥିବାବେଳେ ଏକୁଟିଆ ଘରଭଡ଼ା ନେଇ ଗୋଟିଏ ପୁଅ ରହୁଥିବା ଘର ପାଖରେ ଥିଲେ। ବର୍ତ୍ତମାନ ବଳବୟସ ଗଲାଣି, ସେ ଯାହା ଘୁଷୁରୁଛନ୍ତି। ତେଣୁ ସେ ଅନ୍ୟ ଉପାୟ ନ ପାଇ ଜରାଶ୍ରମରେ ରହୁଛନ୍ତି।

ପୁଅଟି ଅତିରିକ୍ତ ଶାସନ ସଚିବ ପାହ୍ୟାର ଜଣେ ଅଫିସର। ବାପାମା' ବଞ୍ଚିଛନ୍ତି। ବାପା ସରକାରୀ ଚାକିରି କରୁଥିଲେ। ତେଣୁ ପେନସନ ମଧ୍ୟ ପାଉଛନ୍ତି। ପୁଅବୋହୂ ଓ ବାପାମା' ଗୋଟିଏ ଆପାର୍ଟମେଣ୍ଟରେ ଭଡ଼ାରେ ରହୁଥିଲେ ମଧ୍ୟ ଭିନ୍ନ ଭିନ୍ନ ବ୍ଲକ୍‌ରେ ରହୁଛନ୍ତି। ସେମାନଙ୍କ ହାଣ୍ଡି ଅଲଗା, ବୁଢ଼ୀଙ୍କର ବଳବୟସ ବି କମିଗଲାଣି। ଘୁଷୁରି ଘୁଷୁରି ଯାହା ରୋଷେଇବାସ କରି ସ୍ୱାମୀଙ୍କୁ ଗଣ୍ଡେ ଖାଇବାକୁ ଦେଉଛନ୍ତି ଏବଂ ନିଜେ ଖାଉଛନ୍ତି। ବିଚରା ପୁଅଟି ସବୁ ଜାଣୁଥିଲେ ମଧ୍ୟ ସ୍ତ୍ରୀ କଥାରେ ଉଠ୍‌ବସ୍ ହେଉଛି।

୯୦ ମସିହା କଥା। ମୁଁ ଆଡିଶନାଲ ଟ୍ରେଜେରି ଅଫିସର ଭାବେ କାର୍ଯ୍ୟରତ ଥିଲି। ସେତେବେଳେ ମନ୍ତ୍ରୀମାନେ ନିଜେ ତାଙ୍କ ଦରମା ଓ ଟି.ଏ. ବିଲ୍ ଇତ୍ୟାଦି ଟ୍ରେଜେରିରେ ଦାଖଲ କରି ବ୍ୟାଙ୍କରୁ ଟଙ୍କା ନେଉଥିଲେ। ଜଣେ ମନ୍ତ୍ରୀଙ୍କ ପାଖରେ ଥିବା ଜମାଦାର ଉକ୍ତ ବିଲ୍ ସବୁକୁ ନେଇ ଆସୁଥିଲେ। ତେଣୁ ତାଙ୍କ ସହିତ ଚିହ୍ନାପରିଚୟ ଥିଲା। ମୁଁ ସେହି ଟ୍ରେଜେରିରେ କାମ କରୁଥିବା ବେଳେ ସେ ସରକାରୀ ଚାକିରିରୁ ଅବସର ନେଲେ। କଥା ପ୍ରସଙ୍ଗରେ କହିଲେ ଯେ, ସେ ପ୍ରାକ୍‌ସ୍ୱାଧୀନତା କାଳରେ ବିଶ୍ୱନାଥ ଦାସଙ୍କ ମନ୍ତ୍ରିମଣ୍ଡଳରେ କୌଣସି ଏକ ମନ୍ତ୍ରୀଙ୍କ ପାଖରେ ଜମାଦାର ଭାବରେ ଚାକିରି ଆରମ୍ଭ କରିଥିଲେ। ଅପୁତ୍ରକ ଥିବା ହେତୁ ପୁତୁରାକୁ ପୁଅ କରିଥିଲେ। ମନ୍ତ୍ରୀଙ୍କ ଦପ୍ତରରେ କାମ କରୁଥିବା ହେତୁ କୁହାପୋଛା କରି ତାଙ୍କ ଜାଗାରେ ତାଙ୍କ ପୁତୁରାକୁ ରଖାଇଲେ ଏବଂ ସେ ରହୁଥିବା କ୍ୱାର୍ଟର୍ସଟିକୁ ମଧ୍ୟ ପୁତୁରା ନାମରେ କରାଇଦେଲେ। ଯେଉଁଦିନ ସେ ଅବସର ନେଲେ, ପୁତୁରା ପଚାରିଲା, ଦାଦି ତୁମେ କେବେ ଗାଁକୁ ଯିବ ? ଲୋକଟି ଅତ୍ୟନ୍ତ ସ୍ୱାଭିମାନୀ ଥିଲା। ସେ ଟ୍ରେଜେରିରୁ ତାଙ୍କର ପ୍ରଥମ ପେନ୍‌ସନଟି ନେଇ ଗ୍ରାମାଞ୍ଚଳରେ ଥିବା ଟ୍ରେଜେରିକୁ ତାଙ୍କ ପେନ୍‌ସନ ବହି ପଠାଇବାକୁ ଅନୁରୋଧ କରି ଦରଖାସ୍ତଟିଏ ଦେଇ ତାଙ୍କ ଦୁଃଖ କହିଲେ, ଆଜ୍ଞା! ସବୁ ଗଛ ଲଗାଇବେ କିନ୍ତୁ ମଣିଷ ଗଛ ଲଗାଇବେ ନାହିଁ।

ଏସବୁ ଘଟଣା ଦେଖି ଓ ଶୁଣି ଆମକୁ ଫକୀରମୋହନଙ୍କ ଗଳ୍ପ 'ଡାକମୁନ୍‌ସୀ' ଓ 'ସଭ୍ୟ ଜମିଦାର' କଥା ମନେପଡ଼ିଯାଉଛି। ବାପାମା'ଙ୍କୁ ଅବହେଳା କରୁଥିବା ପୁଅ–ବୋହୂଙ୍କୁ ଆମର ପରାମର୍ଶ– ବାବୁ! ଯୌବନ ସବୁଦିନ ରହେ ନାହିଁ। ଆଜି ତୁମେ ଯୁବକ ବା ଯୁବତୀ ଅଛ, ଆସନ୍ତାକାଲି ଏଇ ବୁଢ଼ାବୁଢ଼ୀଙ୍କ ପରି ଯେ ନ ଘୁଷୁରିବ ସେ କଥା କିଏ କହିବ ? ତୁମେ ତୁମ ବାପା ମା'ଙ୍କୁ ଯେପରି ଅବହେଳା କରୁଛ ସେସବୁର ମୂକସାକ୍ଷୀ ହେଉଛନ୍ତି ତୁମ ପିଲାମାନେ। ସମୟ ଚକ୍ର ବୁଲୁଛି। ସୁତରାଂ ଏସବୁ ଘଟଣାର ଯେ ତୁମ ଜୀବନରେ ପୁନରାବୃତ୍ତି ହେବ ନାହିଁ ଏ କଥା କିଏ କହିବ ?

ମୋ– ୯୪୩୮୦୭୨୮୫୦

## ଏଇ ଭାରତରେ

ଜଣେ ଚିତ୍ରକର ନିଜକୁ ମହାକାଶଚାରୀ ବେଶରେ ସଜେଇ ପଥୁରିଆ ସ୍ଥାନରେ ଚାଲି ଚନ୍ଦ୍ରପୃଷ୍ଠରେ ଚାଲିବାର ଭ୍ରମ ସୃଷ୍ଟି କରିଛନ୍ତି ଅନ୍ୟମାନଙ୍କ ମନରେ। ଏପରି ଏକ ଘଟଣା ଘଟିଛି ବେଙ୍ଗାଲୁରୁଠାରେ। ବେଙ୍ଗାଲୁରୁର ଟୁଙ୍ଗାନଗର ମୁଖ୍ୟରାସ୍ତା ପାର୍ଶ୍ୱରେ ପଡେ ଏଭଳି ଅନେକ ପୋଥୋଲ୍ସ (ପଥରରେ ବଡ଼ ବଡ଼ ଗର୍ତ୍ତ)। ତେଣୁ ଏହି ଅଞ୍ଚଳ ସହିତ ସଂଯୋଗକାରୀ ସଡ଼କ ନିର୍ମାଣ କରାଯିବା ଅସମ୍ଭବ। ତେବେ ମହାକାଶଚାରୀ ବେଶରେ ଏହି ବ୍ୟକ୍ତି ମହାଶୂନ୍ୟରେ ଚାଲିବା ସ୍ଥାନୀୟ ଲୋକଙ୍କୁ ସ୍ତବ୍ଧ କରିଛି। ବାଦଲ ନଞ୍ଜୁଦସ୍ୱାମୀ ନାମକ ଏହି ଚିତ୍ରକର ଅନେକ ସମୟରେ ନିଜ ଚିତ୍ରକଳା ମାଧ୍ୟମରେ ବିଭିନ୍ନ କ୍ଷେତ୍ରରେ ଦୋଷତ୍ରୁଟି ଦର୍ଶାଇ ସ୍ୱର ଉତ୍ତୋଳନ କରିବା ସହିତ ଗଣମାଧ୍ୟମରେ ଚର୍ଚ୍ଚିତ ହୁଅନ୍ତି। ସେ ମହାକାଶଚାରୀ ବେଶରେ ବେଙ୍ଗାଲୁରୁର ଉପରୋକ୍ତ ଅଞ୍ଚଳରେ ଚାଲିବାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଅଞ୍ଚଳର ପଥର ଓ ବାଲୁକାମୟ ଅଞ୍ଚଳ ଚନ୍ଦ୍ରପୃଷ୍ଠର ଭ୍ରମ ସୃଷ୍ଟି କରିଥିଲା। ଉକ୍ତ ବ୍ୟକ୍ତିଙ୍କର ଭିଡିଓକୁ ପାଖାପାଖି ୨୦୦୦ ବ୍ୟକ୍ତି ଲାଇକ୍ କରିବା ସହିତ ଅନେକ ମତାମତ ଦେଇଛନ୍ତି। ଜଣେ ଟୁଇଟର୍‌ରେ ଏହା ଉପରେ ମତ ଦେଇ ଲେଖିଛନ୍ତି, ଆଗ୍ନେୟଗିରିଗୁଡିକ ଏତେ ବଡ଼ ଯେ, ଏଗୁଡିକ ଉପରେ ମହାକାଶଚାରୀମାନଙ୍କୁ ସହଜରେ ତାଲିମ ଦିଆଯାଇ ମୁନ୍ ମିଶନ୍ ସଫଳତା ପାଇଁ ଯୋଜନା ପ୍ରସ୍ତୁତ କରାଯାଇପାରିବ।

## ଚିରନ୍ତନୀ

ସକଳ ଶରୀର ପରେ, ପ୍ରାଣମୂଳେ ବାଜଇ ଝଙ୍କାର
ଅନ୍ତର ମଥିତ କରେ ଅପହୃତ ଧନ ଆଶଙ୍କାର
ସୃଷ୍ଟିର ବିରାଟ ପ୍ରାଣେ ତଥା ଅହରହ
ଲାଗଇ ଯେ ଦୂରନ୍ତ ବିରହ!
ଗଳଇ ରୁଧିରରାଶି ଯନ୍ତ୍ରଣାର କ୍ଷତ ଅବକାଶ
ନିତି ପ୍ରଦୋଷ ଉଷାରେ ସେ ବେଦନା ଲଭଇ ପ୍ରକାଶ
ପରାଚୀ ପ୍ରତୀଚୀ ଭାଲେ ରକତର ରାଗେ,
ବିରହର ଶତ କ୍ଷତ ଦାଗେ।

(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଆତ୍ମା କମିଟି କାହା ସ୍ୱାର୍ଥରେ

ମହାଶୟ,

ଧରିତ୍ରୀ(୨୦।୮)ରେ ପ୍ରକାଶିତ ହୋଇଛି '୪ ବର୍ଷ ହେଲା ଗଠନ ହୋଇପାରୁନି ଆତ୍ମା କମିଟି'। ଆଜ୍ଞା! ଏ ଆତ୍ମା କମିଟି ଏକ ପ୍ରହସନ ଛଡା କିଛି ନୁହେଁ। କେବଳ ସରକାରଙ୍କ ଯୋଜନା ଅର୍ଥ ଆତ୍ମସାତ୍ କରିବାର ଏକ ବାଟ ବୋଲି କୁହାଯାଇପାରେ। ବରଂ ଆତ୍ମା ଏବଂ ପାଣି ପଞ୍ଚାୟତ ଇତ୍ୟାଦିକୁ ସରକାର ତୁରନ୍ତ ହଟାଇ ଦେଇ ସିଧା କିପରି ଚାଷୀମାନେ ଉପକୃତ ହେବେ ତାହାର ବ୍ୟବସ୍ଥା କରନ୍ତୁ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ବାରୁଦ ଗଦା ଉପରେ ଆଫଗାନିସ୍ତାନ

ଏକ ବିବାହ ଉତ୍ସବରେ ସନ୍ତ୍ରାସବାଦୀମାନେ ବୋମା ବିସ୍ଫୋରଣ କରି ୨୩/୨୪ ଜଣଙ୍କୁ ମାରିବା ସଙ୍ଗେ ସଙ୍ଗେ ୧୬ ଜଣଙ୍କୁ ଆହତ କରିଛନ୍ତି। ଏଥିରୁ ସ୍ପଷ୍ଟ ଅନୁମେୟ ସତେ ଯେପରି ସମଗ୍ର ଆଫଗାନିସ୍ତାନ ବାରୁଦ ଗଦା ଉପରେ ବସିଛି। ସବୁବେଳେ ବୋମା ବିସ୍ଫୋରଣ ଓ ନରସଂହାର ଭଳି ଦୁଃଖଦାୟକ ଖବର ଶୁଣିବାକୁ ମିଳୁଛି। ମନେହେଉଛି ଆଫଗାନିସ୍ତାନର ନିରାପତ୍ତାବାହିନୀ ସନ୍ତ୍ରାସବାଦୀଙ୍କୁ ଦମନ କରି ନିୟନ୍ତ୍ରଣକୁ ଆଣିପାରୁନାହାନ୍ତି।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ଅପରାଧୀଙ୍କୁ ନିୟନ୍ତ୍ରଣ କରାଯାଉ

କଟକ–ଭୁବନେଶ୍ୱରରେ ପୂଜାପାର୍ବଣ ସମୟ ଆସିଲେ ଅପରାଧୀମାନେ ସକ୍ରିୟ ହୋଇଉଠନ୍ତି। ବିଶୃଙ୍ଖଳା ସୃଷ୍ଟି କରିବା, ଲୁଟିବା, ଚାନ୍ଦା ଆଦାୟ କିମ୍ବା ଆକ୍ରମଣ କରିବାକୁ ସେମାନେ ପଛେଇ ନ ଥାନ୍ତି। ସମାଜ ଉପରେ ନିଜର ଆଧିପତ୍ୟ ବିସ୍ତାର କରିଥାନ୍ତି। ସାଧାରଣ ନାଗରିକ ଭୟଭୀତ ହୋଇଥାଏ। ପୋଲିସ ପ୍ରଶାସନ ଅପରାଧୀମାନଙ୍କ ତାଲିକା ପ୍ରସ୍ତୁତ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। କେତେକ କ୍ଷେତ୍ରରେ ଆତ୍ମଗୋପନ କରି କିମ୍ବା ଲୁକ୍କାୟିତ ଭାବେ ଅପରାଧୀମାନେ ଚଳପ୍ରଚଳ କରନ୍ତି। ସେମାନଙ୍କୁ ନିୟନ୍ତ୍ରଣ କରିବା ଉଚିତ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ଖୋଲା ରହିବ ପଞ୍ଚାୟତ ଅଫିସ୍

**କେନ୍ଦ୍ରାପଡା ଅଫିସ, ୨।୯:** ପ୍ରତ୍ୟେହ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ପଞ୍ଚାୟତ କାର୍ଯ୍ୟାଳୟ ଖୋଲା ରହିବ ବୋଲି ଜିଲାପାଳ ସମର୍ଥ ବର୍ମା ଗତ ୩୧ ତାରିଖରେ ବିଡିଓମାନଙ୍କୁ ଚିଠି କରିଛନ୍ତି। ଏହି ଚିଠି ଅନୁଯାୟୀ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏହି ସମୟରେ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ସମାଧାନ ଦିଗରେ ଦୃଷ୍ଟି ଦେବେ। ତେବେ ଦୁଇଟି ପଞ୍ଚାୟତରେ ଜଣେ ନିର୍ବାହୀ ଅଧିକାରୀ ନିଯୁକ୍ତି ପାଇଥିଲେ, ଗୋଟିଏ ପଞ୍ଚାୟତରେ ସୋମବାର, ବୁଧବାର ଓ ଶୁକ୍ରବାର ରହବାକୁ ନିର୍ଦ୍ଦେଶ ଥିବା ବେଳେ ଦ୍ୱିତୀୟ ପଞ୍ଚାୟତରେ ମଙ୍ଗଳବାର, ଗୁରୁବାର ଓ ଶନିବାର ଉପସ୍ଥିତ ରହିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି।

ଟ୍ରକ୍ ଡ୍ରାଇଭର ଅପହରଣ ମାମଲା

### ଅପହୃତଙ୍କ ପତ୍ତା ମିଳୁନି, ୨ କୋର୍ଟ ଚାଲାଣ

**ଡେରାବିଶ, ୨।୯ (ସ୍ୱ.ପ୍ର.):** ସଦର ଥାନା ଅଧୀନ ଚାନ୍ଦୋଳ ପଞ୍ଚାୟତ ପନାପଡ଼ା ଗ୍ରାମର ଟ୍ରକ ଡ୍ରାଇଭର ଗୋପକୃଷ୍ଣ ସାହୁଙ୍କୁ ୩ଦିନ ତଳେ ଅପହରଣ କରାଯାଇଥିବା ବେଳେ ଏ ପର୍ଯ୍ୟନ୍ତ ତାଙ୍କର ପତ୍ତା ପାଇନି ପୋଲିସ। ତେବେ ଗୋପକୃଷ୍ଣଙ୍କ ଭାଇ ମନୋରଞ୍ଜନଙ୍କ ଅଭିଯୋଗ ଆଧାରରେ ପୋଲିସ ୨୪୪/୧୯ ନଂ.ରେ ମାମଲା ରୁଜୁ କରିଥିବା ବେଳେ ରବିବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନିଶ୍ଚିନ୍ତକୋଇଲି ଥାନା ଅଧୀନ ରାମରାଙ୍ଗ ଗ୍ରାମର ରତ୍ନାକର ସାମନ୍ତରାୟ ଓ କଟିକଟା ବଜାରର ସେଲୁନ ମାଲିକ ସନିଆ ବାରିକ। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବାରୁ ତାଙ୍କୁ ଗିରଫ କରାଯାଇପାରି ନ ଥିବା ଏସ୍ଆଇ ରମାକାନ୍ତ ବେହେରା କହିଛନ୍ତି। ଟ୍ରକ ମାଲିକ ରତ୍ନାକର ସାମନ୍ତରାୟ, ସନିଆ ବାରିକ, ସନ୍ତୋଷ ଦତ୍ତ, ନିଳ ସାହୁ ଓ ଅନ୍ୟ କେତେଜଣ ମିଶି ଗୋପକୃଷ୍ଣଙ୍କୁ ନଣ୍ଡାକରି ବଜାରରେ ବୁଲାଇବା ସହ ଅପହରଣ କରିନେଇଥିଲେ ବୋଲି ମନୋରଞ୍ଜନ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ରତ୍ନାକର ଓ ସନିଆଙ୍କୁ ଅଟକ ରଖି ପଚରା ଉଚୁରା କରୁଥିବା ବେଳେ ରବିବାର ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ଗୋପକୃଷ୍ଣଙ୍କୁ ଉଦ୍ଧାର କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି ବୋଲି ତଦନ୍ତକାରୀ ଅଧିକାରୀ ସୂଚନା ଦେଇଛନ୍ତି।

ନିଖୋଜ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର ଘଟଣା

### ତଦନ୍ତ ଦାବି କଲେ ଗ୍ରାମବାସୀ



**ପାଟକୁରା, ୨।୯ (ଡି.ଏନ୍.ଏ.):** ଗରଦପୁର ବ୍ଲକ ତେଣ୍ଡାକୁଡ଼ା ପଞ୍ଚାୟତ ଅଧୀନ ସାନନୟନପୁର ଗ୍ରାମର ରମା ଦଳେଇ ୩ ଦିନ ନିଖୋଜ ଥିବା ବେଳେ ରବିବାର ମହାନଦୀର କୁଜଙ୍ଗ ନିକଟରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ଗାଁକୁ ଆସିବା ପରେ ଏହି ଘଟଣାର ତଦନ୍ତ ଦାବି କରି ଗ୍ରାମବାସୀ ପୋଲିସକୁ ଡାକିବା ସହ ଶବ ସତ୍କାର ପାଇଁ ଛାଡ଼ି ନ ଥିଲେ। ୪ ଘଣ୍ଟା ମୃତଦେହ ପଡ଼ି ରହିବା ପରେ ଖବରପାଇ କୁଦାନଗରୀ ଫାଣ୍ଡି ଅଧିକାରୀ ମହମ୍ମଦ ଜାମସେଦ, ପୂର୍ବତନ ସରପଞ୍ଚ ରବୀନ୍ଦ୍ରନାଥ ମହାନ୍ତି, ଦୀପ୍ତିରଂଜନ କାନୁନଗୋ, ବିଜେଡି ନେତା ମିର ଗୋଲାମ ହେସେନ୍ ପ୍ରମୁଖ ଗ୍ରାମରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ମେଡିକାଲରୁ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ତଦନୁସାରେ ତଦନ୍ତ କରାଯିବ ବୋଲି ପୋଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏଥିସହ ଏ ସମ୍ପର୍କରେ ପୋଲିସ୍ ଓ ସ୍ଥାନୀୟ ସରପଞ୍ଚଙ୍କ ଉପସ୍ଥିତିରେ ଆଲୋଚନା କରାଯିବ ବୋଲି ନିଷ୍ପତ୍ତି ନିଆଯିବା ପରେ ମୃତଦେହ ସତ୍କାର କରାଯାଇଥିଲା। ସୂଚନାଯୋଗ୍ୟ, ଗତ ୩୦ ତାରିଖରେ ରମା ନିଖୋଜ ହୋଇଯାଇଥିବା ନେଇ ତାଙ୍କ ଝିଅର ୨ ପୁଅ ଥାନାରେ ଅଭିଯୋଗ କରିଥିଲେ। ପୂର୍ବରୁ ରମାଙ୍କ ପୁଅ ବୋହୂ ତାଙ୍କୁ ବିଭିନ୍ନ ସମୟରେ ନିର୍ଯାତନା ଦେଉଥିବାରୁ ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇଛି ସେ ନେଇ ସନ୍ଦେହ ହେବାରୁ ଗ୍ରାମବାସୀ ଏହି ଘଟଣାର ତଦନ୍ତ ଦାବି କରିଛନ୍ତି।



ଡେରାବିଶ ବଜାରରେ ଗଣେଶଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଛି।



ଖଡ଼ିଅଙ୍ଗ ମଣ୍ଡପରେ ବୁଢ଼ା ଗଣେଶ।

# ବିଘ୍ନବିନାଶକଙ୍କ ଧରାବତରଣ

**କେନ୍ଦ୍ରାପଡ଼ା ଅଫିସ୍/ଡେରାବିଶ, (ସ୍ୱ.ପ୍ର.), ୨।୯**

ଗଣେଶ ଚତୁର୍ଥୀ ଅବସରରେ ସୋମବାରଠାରୁ କେନ୍ଦ୍ରାପଡ଼ା ସହରର ୨୩ ସ୍ଥାନରେ ବିଘ୍ନବିନାଶକ ଶ୍ରୀଗଣେଶଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନ କରାଯାଇ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଉଛି। ବିଭିନ୍ନ ଶିକ୍ଷାନୁଷ୍ଠାନ, କ୍ଲବ, ବ୍ୟବସାୟସ୍ଥଳ ଆଦିରେ ଗଣେଶଙ୍କ ମୂର୍ତ୍ତି ସ୍ଥାପନ କରାଯାଇ ପୂଜା କରାଯାଉଛି। ଏହି ଉପଲକ୍ଷେ ମନକରପୁରସ୍ଥିତ ସ୍ୱଳ୍ପକାଳୀନ ରହଣୀକେନ୍ଦ୍ର ରିସୱା ସ୍ୱେଚ୍ଛାସେବୀ ଅନୁଷ୍ଠାନର ଅନ୍ତେବାସିନୀ ଗଜାନନଙ୍କ ମୂର୍ତ୍ତି ସ୍ଥାପନ କରି ପୂଜା କରିଥିଲେ। ଅନୁଷ୍ଠାନର ପରିଚାଳିକା ମିନତି ମହାରଣା, ରେଣୁକା ରାଉତରାୟ, ସ୍ନିଗ୍ଧା ସୁଚରିତା ତ୍ରିପାଠୀ, ନିର୍ଦ୍ଦେଶକ ସେକ୍ ଲିୟାକତ୍ ହୁସେନ୍, ସଭାପତି ସୁହାନା ୱାରିସ୍ ପ୍ରମୁଖ ପୂଜା ଉତ୍ସବ ପରିଚାଳନା କରିଥିଲେ। ସେହିପରି ସହରର ଖଡ଼ିଅଙ୍ଗ, ବଳଗଣ୍ଡି, ସୁନାଇଲୋ, ଗହଣା ମାହାଲ, ସାନ୍ତସାହି, ବାସୁଳାଇ, ମହିପାଳ, କାକଟ ଛକ ଆଦି ମଣ୍ଡପରେ ଗଣେଶ ପୂଜା ଅନୁଷ୍ଠିତ ହେଉଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଏସ୍‌ପି ନୀତିଶେଖରଙ୍କ ନିର୍ଦ୍ଦେଶକ୍ରମେ ଜିଲା ପୋଲିସର ୫ ପ୍ଲାଟୁନ ଫୋର୍ସ ସହରର ବିଭିନ୍ନ ସ୍ଥାନରେ ମୁତୟନ ହୋଇଛନ୍ତି।

ସେହିପରି ଆଦ୍ୟଦେବ ଶ୍ରୀଗଣପତିଙ୍କ ପୂଜା ପାଇଁ ଉତ୍ସବମୁଖର ହୋଇଛି ଡେରାବିଶ ବ୍ଲକ ଅଞ୍ଚଳ। ବ୍ଲକ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ, କ୍ଲବ, ଯୁବକ ସଂଘ ଆଦି ପକ୍ଷରୁ ଗଣେଶଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନ କରାଯାଇ ପୂଜା କରାଯାଉଛି। ଗୁଆଳସିଂସ୍ଥିତ କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲରେ ଆୟୋଜିତ ଏହି ଉତ୍ସବକୁ ସ୍କୁଲର ପ୍ରତିଷ୍ଠାତା ଅଜୟ କୁମାର ରାଉତ ପରିଚାଳନା କରିଥିଲେ। ସେହିପରି ଡେରାବିଶ ମହିଳା ମହାବିଦ୍ୟାଳୟ, କେନ୍ଦ୍ରାପଡା ପଲ୍ଲୀ ଟେକନିକ କଲେଜ, ଡେରାବିଶ ହାଇସ୍କୁଲ, ବଜାରସ୍ଥିତ ଦାମୋଦରଜୀଉ ବିଦ୍ୟାପୀଠ, ସଦାନନ୍ଦପୁର ସ୍କୁଲ, ବେଲାରପୁର ହାଇସ୍କୁଲ, ବାଘିଲୋ ବାବନପୁରସ୍ଥିତ ମାରୁତି ଉଚ୍ଚ ବିଦ୍ୟାପୀଠ, ଠାକୁରପାଟଣାସ୍ଥିତ ସୁଦର୍ଶନ ହାଇସ୍କୁଲ, ଫକୀରାବାଦର ରାମଚନ୍ଦ୍ର ବିଦ୍ୟାପୀଠ ଓ ଛୋଟି ହାଇସ୍କୁଲ ସମେତ ନରସିଂହପୁର, ଏଣ୍ଡର, ବାଲିଆ, ଗୋଲରାହାଟ, ଲକ୍ଷ୍ମୀନାରାୟଣପୁର, ରଘୁଦେଇପୁର, ଛୋଟି, ବାରିମୂଳ, ଗୁଆଳସିଂ, କୁଶିଆପାଳ, କାଉପଡ଼ା ଓ ଚାଟରାଚକଡ଼ା ପଞ୍ଚାୟତରେ ଥିବା ସମସ୍ତ ମହାବିଦ୍ୟାଳୟ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଗଜାନନଙ୍କ ପୂଜା ଅନୁଷ୍ଠିତ ହୋଇଥିଲା।

ଗଛ ପଡ଼ି ଛାତ୍ରୀଙ୍କ ମୃତ୍ୟୁ ଘଟଣା

# କ୍ଷତିପୂରଣ ଦାବିରେ ୨ ଘଣ୍ଟା ରାସ୍ତାରୋକୋ

**କେନ୍ଦ୍ରାପଡା ଅଫିସ୍, ୨।୯**

ସହରର ତିନିମୁହାଣିସ୍ଥିତ କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କ ପରିସରରେ ଥିବା ଏକ ଗଛ ରବିବାର କଟାଯିବା ସମୟରେ ଜଣେ ଛାତ୍ରୀଙ୍କ ଉପରେ ପଡ଼ିବାରୁ ସେ ଗୁରୁତର ହୋଇଥିଲେ। ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ରବିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ଭାରତୀ ବିଦ୍ୟା ମନ୍ଦିରର ନବମ ଶ୍ରେଣୀ ଛାତ୍ରୀ ସିଜଲ ବଳ। ତେବେ ସିଜଲଙ୍କ ମୃତଦେହ କଜଳାଠାରେ ପହଞ୍ଚିବା ପରେ କ୍ଷତିପୂରଣ ଦାବିରେ ଗ୍ରାମବାସୀ ଓ ପରିବାର ଲୋକେ ସୋମବାର ତିନିମୁହାଣିଠାରେ ଉକ୍ତ ବ୍ୟାଙ୍କ ସମ୍ମୁଖ ରାସ୍ତାରେ ଶବ ରଖି ରାସ୍ତାରୋକୋ କରିଥିଲେ। ଦୁଇଘଣ୍ଟା ଧରି ରାସ୍ତାରୋକୋ କରାଯାଇଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ିମୋଟର ଅଟକି ରହିଥିଲା। ବ୍ୟାଙ୍କ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ସେଠାରେ ପହଞ୍ଚି ଲୋକମାନଙ୍କୁ



ତିନିମୁହାଣିଠାରେ ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିବା ଜଣାପଡ଼ିଛି। ତେବେ ଗଛ କଟାଯିବା ସମୟରେ କୌଣସି ସତର୍କତା ଅବଲମ୍ବନ କରାଯାଇ ନଥିବାରୁ ଏଭଳି ଅଘଟଣ ଘଟିଥିବା ମୃତା ଛାତ୍ରୀଙ୍କ ବାପା ଶିଶିର ବଳ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ରବିବାର ତିନିମୁହାଣିସ୍ଥିତ କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କ ପରିସରରେ ଥିବା ଏକ ଝାଉଁ ଗଛ କଟାଯାଉଥିଲା। ଏହି ସମୟରେ ସିଜଲ ଟ୍ୟୁଶନରୁ ଫେରୁଥିବା ବେଳେ ଝାଉଁ ଗଛଟି ତାଙ୍କ ଉପରେ ପଡ଼ିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ପରେ କଟକସ୍ଥିତ ଏକ ଘରୋଇ ମେଡିକାଲକୁ ନିଆଯାଇଥିଲା। ହେଲେ ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ସିଜଲଙ୍କର ମୃତ୍ୟୁ ହୋଇଛି। ତେବେ ଏ ନେଇ ଶିଶିର ଟାଉନ ଥାନାରେ ଅଭିଯୋଗ କରିଥିଲେ। ସୋମବାର ଅପରାହ୍ନରେ ରାସ୍ତାରୋକୋ କରାଯିବା ପରେ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଶିଲ କୁମାର ସାମଲ, ବ୍ୟାଙ୍କ ଜେନେରାଲ ମ୍ୟାନେଜର ମନ୍ମଥ ରାଉତ, ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର, ଏଏସ୍‌ପି ଗାଗାରିନ୍ ମହାନ୍ତି, ଡିଏସ୍‌ପି କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ଥାନା ଅଧିକାରୀ ଜ୍ୟୋତିରଞ୍ଜନ ମହାପାତ୍ର ସିଜଲଙ୍କ ପରିବାର ସଦସ୍ୟଙ୍କ ସହ କ୍ଷତିପୂରଣ ସମ୍ପର୍କରେ ଆଲୋଚନା କରିଥିଲେ। ସିଜଲଙ୍କ ବଡ଼ ଭଉଣୀ କିରଣ ବଳଙ୍କୁ ବ୍ୟାଙ୍କରେ କିରାଣି ଚାକିରି ସହିତ ୧ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ତାଙ୍କ ଘର ଡେରାବିଶ ବ୍ଲକ ଜଅଁରାବାରିମୂଳ ପଞ୍ଚାୟତ ପାଣିଓଳା ଗ୍ରାମରେ। ସେ ତାଙ୍କ ବଡ଼ବାପାଙ୍କ ଘର କେନ୍ଦ୍ରାପଡ଼ା ସହରସ୍ଥ କଜଳାଠାରେ ରହି ପାଠ ପଢୁଥିଲେ। ସନ୍ଧ୍ୟାରେ ତାଙ୍କ ନିଜ ଗ୍ରାମ ଶ୍ମଶାନରେ ଶବ ସତ୍କାର କରାଯାଇଛି।

### ରାଧାରମଣ ମଠ ପରିସରରେ ସ୍ୱାସ୍ଥ୍ୟସେବା ଶିବିର

**ପଟ୍ଟାମୁଣ୍ଡାଇ, ୨।୯ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘ ଓ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରବିବାର ସ୍ଥାନୀୟ ରାଧାରମଣ ମଠ ପରିସରରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ରାଧାରମଣ ମଠ ମହନ୍ତ ଅସିମାନନ୍ଦ ଦାସ ମହାରାଜ ଉଦ୍‌ଘାଟନ କରିଥିଲେ। ଶିବିରରେ ବିଭିନ୍ନ ବିଭାଗର ବିଶେଷଜ୍ଞମାନେ ଉପସ୍ଥିତ ରହି ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ବିଭିନ୍ନ ପରାମର୍ଶ ଦେଇଥିଲେ। ଶିବିରରେ ଅସ୍ଥିଶଲ୍ୟ ବିଭାଗ ଡାକ୍ତର ନାରାୟଣ ଚନ୍ଦ୍ର ମହାକୁଲ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ସନତ ଚନ୍ଦ୍ର ସ୍ୱାଇଁ, ଡା. ବିରଞ୍ଚି ନାରାୟଣ ଜଗଦେବ ଓ ଆୟୁଷ ଡାକ୍ତର ହୃଷୀକେଶ ଲେଙ୍କା, ଡା. ଅମିତ୍ ପୃଷ୍ଟି, ଡା. ବିଷ୍ଣୁପ୍ରସାଦ ସର, ଡା. ସଞ୍ଜୟ କୁମାର ଚୌଧୁରୀ ପ୍ରମୁଖ ଯୋଗଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବରିଷ୍ଠ ନାଗରିକ ମଞ୍ଚ ଓ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଦସ୍ୟମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଗୁଜରାଟରେ ଡେଙ୍ଗୁ ଆକ୍ରାନ୍ତ ଓଡ଼ିଆ ଯୁବକଙ୍କ ମୃତ୍ୟୁ

**ରାଜକନିକା, ୨।୯ (ଡି.ଏନ୍.ଏ.)**

ରାଜକନିକା ବ୍ଲକ ଅଧୀନ ଅବଦୁଲପୁର ଗ୍ରାମର ପୁରସ୍ତମ ସାହୁଙ୍କ ପୁଅ ଦୀପକ (୨୬)ଙ୍କ ସୋମବାର ଡେଙ୍ଗୁରେ ମୃତ୍ୟୁ ଘଟିଛି। ସେ ଗୁଜରାଟର ଏକ ଘରୋଇ କଲେଜରେ ପାଠ ପଢ଼ିବା ସହ ଏକ କମ୍ପାନୀରେ ପାର୍ଟ ଟାଇମ୍ କାମ କରୁଥିଲେ। ଗତ କିଛିଦିନ ହେବ ସେ ଜ୍ୱରରେ ପୀଡ଼ିତ ଥିବା ବେଳେ ସୋମବାର ତାଙ୍କର ଡେଙ୍ଗୁରେ ମୃତ୍ୟୁ ଘଟିଥିବା ନେଇ ଫୋନ୍ ଯୋଗେ ଖବର ମିଳିଛି। ପୁରସ୍ତମ ଦିନ ମଜୁରି ଲାଗି ପରିବାର ପ୍ରତିପୋଷଣ କରିବା ସହ ପୁଅକୁ ପାଠ ପଢ଼ିବାକୁ ରାଜ୍ୟ ବାହାରକୁ ପଠାଇଥିଲେ। ପୁଅ ଚାକିରି କଲେ ଦୁଃଖ ଦୂର ହେବ ବୋଲି ମା'ବାପା ସ୍ୱପ୍ନ ଦେଖୁଥିବା ବେଳେ ଦୀପକଙ୍କ ମୃତ୍ୟୁ ଖବରପାଇ ତାଙ୍କ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ଦୀପକଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତେବେ ଗୁଜରାଟରୁ ମୃତଦେହ ଆଣିବା ସହ ଦୀପକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ମହାନଦୀରେ ବୁଡ଼ି ନିଖୋଜ ଯୁବକଙ୍କ ପତ୍ତା ମିଳୁନି

**ଡେରାବିଶ, ୨।୯ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅଧୀନ ପଲେଇ ଗ୍ରାମର ବିଚିତ୍ର ନାଥଙ୍କ ପୁଅ ଶ୍ରୀଧର (୨୪) ରବିବାର କଟକ ଜିଲା କିଶୋରନଗର ଥାନା ଅଧୀନ କାଳିକାପୁରଠାରେ ମହାନଦୀରେ ଗାଧୋଉଥିବା ବେଳେ ଭାସିଯାଇ ନିଖୋଜ ହୋଇଯାଇଥଲେ। ସୋମବାର ସନ୍ଧ୍ୟା ପର୍ଯ୍ୟନ୍ତ ତାଙ୍କର ସନ୍ଧାନ ମିଳି ନଥିବା ଜଣାପଡ଼ିଛି। ଶ୍ରୀଧର ତାଙ୍କ ପିଉସୀ ଘରେ ରହି କାମ କରୁଥିଲେ। ରବିବାର ସାଙ୍ଗମାନଙ୍କ ସହ ମହାନଦୀରେ ଗାଧୋଉଥିବା ବେଳେ ସେ ସ୍ରୋତରେ ଭାସି ଯାଇଥିଲେ। ଖବରପାଇ ସାଲେପୁର ଦମକଳ କେନ୍ଦ୍ର କର୍ମଚାରୀ ଖୋଜାଖୋଜି କରିଥିଲେ ବି ଶ୍ରୀଧରଙ୍କର ପତ୍ତା ମିଳି ନ ଥିଲା। ସୋମବାର ମଧ୍ୟ ଶ୍ରୀଧରଙ୍କର ପତ୍ତା ମିଳିନାହିଁ।

# ମହିମା ଆଶ୍ରମରେ ନୂଆଁଖାଇ ପର୍ବ

**ଡେରାବିଶ, ୨।୯ (ସ୍ୱ.ପ୍ର.)**

ମହିମା ଧର୍ମର ଦ୍ୱିତୀୟ ଜୋରନ୍ଦା ଭାବେ ପରିଚିତ ଡେରାବିଶ ବ୍ଲକ ଅଧୀନ ଯଅଁରାବାରିମୂଳ ପଞ୍ଚାୟତ ଖାନନଗରସ୍ଥିତ ମହିମା ଆଶ୍ରମରେ ରବିବାର ନୂଆଁଖାଇ ପର୍ବ ମହା ଆଡ଼ମ୍ବରରେ ପାଳିତ ହୋଇଥିଲା। ପ୍ରାତଃରୁ ଆଶ୍ରମ ପରିସରରେ ଆଶ୍ରମର ପ୍ରତିଷ୍ଠାତା ବ୍ରହ୍ମ ଅବଧୂତ ତାରକବାବାଙ୍କ ସମାଧି ମନ୍ଦିରରେ ପୂଜାର୍ଚ୍ଚନା ପରେ ନୂଆଁଖାଇ ଭୋଗ ଲାଗି କରାଯାଇଥିଲା। ଆଶ୍ରମ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲା ସମେତ କଟକ, ଯାଜପୁର, ଜଗତସିଂହପୁର ଓ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ। ପରେ ମହିମା ଧର୍ମର ସାଧୁମାନେ ନୂଆ ଚୁଡ଼ା ଭୋଗ ସେବନ କରିଥିଲେ। ଘଣ୍ଟ, ସଂକୀର୍ତ୍ତନ ମଧ୍ୟରେ ଆଶ୍ରମ ପରିସର ଭକ୍ତିମୟ ହୋଇଥିଲା। ଆଶ୍ରମର ମୁଖ୍ୟ ବ୍ରହ୍ମ ଅବଧୂତ କିଶୋର ଚନ୍ଦ୍ର ବାବାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସାଧୁ କାଶୀନାଥ ଦାସ, ସାଧୁ ତରଣୀ ଦାସ, ସାଧୁ ସଚ୍ଚିଦାନନ୍ଦ ଦାସ, ସାଧୁ ଅନାଦୀ ଦାସ, ସାଧୁ ପ୍ରବୀଣ ଦାସ, ଦିବାକର ବୈରାଗୀ ପ୍ରମୁଖ ସହଯୋଗ କରିଥିଲେ।



ଆଶ୍ରମ ପରିସରରେ ସାଧୁମାନେ ନୂଆ ଚୁଡ଼ା ଭୋଗ ସେବନ କରୁଛନ୍ତି।

କଣ୍ଡରାପାଟିଆରେ ସ୍ୱଚ୍ଛ ଭାରତ ମିଶନ ଫେଲ୍

# ବାଧକ ସାଜିଛି ବନାଞ୍ଚଳ ବିବାଦ

**କେନ୍ଦ୍ରାପଡ଼ା ଅଫିସ୍, ୨।୯**

- ୧୦୦ରୁ ୧୪ ପରିବାରର ରହିଛି ପାଇଖାନା
- ୫୦୦ରୁ ଊର୍ଦ୍ଧ୍ୱ ଲୋକ ବାହାରେ କରୁଛନ୍ତି ମଳ ତ୍ୟାଗ

"କଣ୍ଡରାପାଟିଆ ଗ୍ରାମବାସୀଙ୍କ ସମସ୍ୟା ସମ୍ପର୍କରେ ଅଭିଯୋଗ ମିଳିଛି। ତେବେ ସେଠାରେ ଉନ୍ନୟନ କାର୍ଯ୍ୟ କରାଯିବା ନେଇ ବନ ବିଭାଗ ସହ ଖୁବ୍ ଶୀଘ୍ର ଆଲୋଚନା କରାଯିବ। -ରମେଶ ଚନ୍ଦ୍ର ସେଠୀ, ବିଡିଓ

"ଏହି ଗ୍ରାମରେ କେତେଜଣ ଅଧିବାସୀ ଜବରଦଖଲ କରି ଚାଷ କରିବା ସହିତ ଚିଙ୍ଗୁଡ଼ି ଘେରି କରୁଛନ୍ତି। ଏଥିପାଇଁ ବନାଞ୍ଚଳ ନଷ୍ଟ ହେଉଛି। ତେବେ ଏଠାରୁ ଜବରଦଖଲ ଉଚ୍ଛେଦ କରାଯାଇ ହେନ୍ତାଳ ବଣ ସୃଷ୍ଟି କରାଯିବା ଯୋଜନା ରହିଛି। -ବିଜୟ ପରିଡ଼ା, ମହାକାଳପଡ଼ା ବନବିଭାଗ ରେଞ୍ଜ ଅଧିକାରୀ

୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱଚ୍ଛ ଭାରତ ମିଶନ ଯୋଜନା ଘୋଷଣା କରିଥିଲେ। ଇତିମଧ୍ୟରେ ଏହି ଘୋଷଣାକୁ ୫ ବର୍ଷ ପୂରିବାକୁ ଆଉ ମାତ୍ର ମାସଟିଏ ବାକି ରହିଛି। ହେଲେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ପଞ୍ଚାୟତ ଅଧୀନ କଣ୍ଡରାପାଟିଆ ଗ୍ରାମରେ ଏହି ମିଶନ ସମ୍ପୂର୍ଣ୍ଣ ଫେଲ୍ ମାରିଥିବା ଦେଖାଯାଇଛି। ଏହି ରାଜସ୍ୱ ଗ୍ରାମରେ ପ୍ରାୟ ଶହେ ପରିବାର ବସବାସ କରୁଥିବା ବେଳେ ଅଦ୍ୟାବଧି ମାତ୍ର ୧୪ ଜଣଙ୍କ ଘରେ ପାଇଖାନା ରହିଛି। ଫଳରେ ୫ଶହରୁ ଊର୍ଦ୍ଧ୍ୱ ଲୋକ ଖୋଲାରେ ମଳମୂତ୍ର ତ୍ୟାଗ କରୁଛନ୍ତି। ତେବେ ବନାଞ୍ଚଳ ବିବାଦ ଯୋଗୁ ଏହି ରାଜସ୍ୱ ଗ୍ରାମରେ ଉନ୍ନୟନ କାର୍ଯ୍ୟ ହୋଇପାରୁ ନଥିବା ଗ୍ରାମବାସୀ କହିଛନ୍ତି। ଗାଁକୁ ଯିବାଆସିବା ପାଇଁ ସ୍ଥାୟୀ ରାସ୍ତାଟିଏ ନ ଥିବା ବେଳେ ଉନ୍ନୟନ କାର୍ଯ୍ୟ ଅଗ୍ରଗତି ହୋଇପାରୁ ନାହିଁ।

ବନ ବିଭାଗ ପକ୍ଷରୁ ଏହି ରାଜସ୍ୱ ଗ୍ରାମକୁ ସଂରକ୍ଷିତ ବନାଞ୍ଚଳ ଦର୍ଶାଇ ଉନ୍ନୟନ କାର୍ଯ୍ୟକୁ ବନ୍ଦ କରାଯାଉଛି। ଏପରିକି ଗ୍ରାମରେ ପାଇଖାନା ନିର୍ମାଣକୁ ବିରୋଧ କରାଯାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ସେହି ଗ୍ରାମର ତପନ ମଜୁମଦାର କହିଛନ୍ତି, ବହୁ ବର୍ଷ ହେବ ରାଜ୍ୟ ସରକାର କଣ୍ଡରାପାଟିଆକୁ ରାଜସ୍ୱ ଗ୍ରାମ ଭାବେ ସ୍ୱୀକୃତି ଦେଇଛନ୍ତି। ତେବେ ଏହି ଅଞ୍ଚଳର ବାସିନ୍ଦାଙ୍କ ନିକଟରେ ଜମି ପଟ୍ଟା ନାହିଁ। ଗ୍ରାମବାସୀ ଗୃହ ନିର୍ମାଣ କରିବା ଆରମ୍ଭ କଲେ ବନ ବିଭାଗ ଏହାକୁ ବନ୍ଦ କରୁଛି। ଏଠାରେ ସାମାଜିକ ଉନ୍ନୟନ କାର୍ଯ୍ୟ ବନ୍ଦ ରହିଥିବା ସମୟରେ ଗ୍ରାମ ରାସ୍ତା ନିର୍ମାଣକୁ ବନ ବିଭାଗ ବନ୍ଦ କରିଛି। ଏପରିକି କେତେକ ବ୍ୟକ୍ତିଙ୍କ ଚାଳଘର ଛପର କରିବାରେ ମଧ୍ୟ ବନ ବିଭାଗ ବାଧା ଦେଉଥିବା ତପନ ଅଭିଯୋଗ କରିଛନ୍ତି। ଏପରିସ୍ଥଳେ ପାଇଖାନା ନିର୍ମାଣ ଆମ ପାଇଁ ସ୍ୱପ୍ନ। ସେହିପରି ଗ୍ରାମର ହୃଷୀକେଶ ଧରା କୁହନ୍ତି, କିଛି ମାସ ପୂର୍ବେ ଏଠାରେ ଘର ନିର୍ମାଣ ପାଇଁ ସେ ଚେଷ୍ଟା କରିଥିଲେ। ହେଲେ ବନ ବିଭାଗ ପକ୍ଷରୁ ଏହାକୁ ବିରୋଧ କରାଯିବାରୁ ଘର କାର୍ଯ୍ୟ ବନ୍ଦ ରହିଛି। ସେହିପରି ସବୁଦିନିଆ ରାସ୍ତା ପାଇଁ ରାଜନେତା ଓ ପ୍ରଶାସକଙ୍କ ନିକଟରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ବି ସୁଫଳ ମିଳି ପାରିନାହିଁ। ସ୍ୱଚ୍ଛ ଭାରତ ମିଶନର ସଫଳତା ସମ୍ପର୍କରେ ଜମ୍ବୁ ପଞ୍ଚାୟତ ସରପଞ୍ଚ ପଞ୍ଚେଇ ମଣ୍ଡଳ କହିଛନ୍ତି, ବନ ବିଭାଗ ବିରୋଧ ଯୋଗୁ ଏହି ଗ୍ରାମରେ ପକ୍କା ଘର ଓ ପାଇଖାନା ନିର୍ମାଣ ହୋଇପାରୁନାହିଁ। ୧୦୦ରୁ ଊର୍ଦ୍ଧ୍ୱ ପରିବାର ଘର କରିଥିଲେ ମଧ୍ୟ ମାତ୍ର ୧୪ ପରିବାରର ପାଇଖାନା ରହିଛି। ଗ୍ରାମର ଉନ୍ନୟନରେ ସମସ୍ୟା ସମ୍ପର୍କରେ ବ୍ଲକ ପ୍ରଶାସନ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିବା ସରପଞ୍ଚ ମଣ୍ଡଳ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଡିଓ ରମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ କଣ୍ଡରାପାଟିଆ ରାଜସ୍ୱ ଗ୍ରାମର ସମସ୍ୟା ସମ୍ପର୍କରେ ବହୁବାର ଅଭିଯୋଗ ମିଳିଛି। ଏଠାରେ ଉନ୍ନୟନ କାର୍ଯ୍ୟ ଆରମ୍ଭ କରିବା ପାଇଁ ବନ ବିଭାଗ ସହିତ ବୈଠକ କରାଯିବ ବୋଲି ବିଡିଓ ସେଠୀ ପ୍ରତିଶ୍ରୁତି ଦେଇଛନ୍ତି। ମହାକାଳପଡ଼ା ବନବିଭାଗ ରେଞ୍ଜ ଅଧିକାରୀ ବିଜୟ ପରିଡ଼ା କହିଛନ୍ତି, ରାଜ୍ୟ ସରକାରଙ୍କ ୧୯୮୦ ମସିହା ବିଜ୍ଞପ୍ତି ଅନୁଯାୟୀ, କଣ୍ଡରାପାଟିଆ ରାଜସ୍ୱ ଗ୍ରାମ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଛି। ୧୯୭୦ ମସିହାରୁ ହେନ୍ତାଳବଣ ଘେରା ଏହି ଅଞ୍ଚଳରେ କେତେକ ଅଧିବାସୀ ଜବରଦଖଲ କରି ଚାଷ କରିବା ସହିତ ଚିଙ୍ଗୁଡି ଘେରି କରୁଛନ୍ତି। ଏଥିପାଇଁ ବନାଞ୍ଚଳ ନଷ୍ଟ ହେବାରେ ଲାଗିଛି। ଆଗାମୀ ଦିନରେ ଏହି ଅଞ୍ଚଳରେ ହେନ୍ତାଳବଣ ସୃଷ୍ଟି କରିବା ପାଇଁ ବନବିଭାଗ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଥିବା ବେଳେ ଜବରଦଖଲକାରୀଙ୍କୁ ଏଠାରୁ ହଟାଯିବା ଯୋଜନା ଥିବା ରେଞ୍ଜ ଅଧିକାରୀ ପରିଡା ସୂଚନା ଦେଇଛନ୍ତି।

### ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**ଡେରାବିଶ, ୨।୯ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅଧୀନ ନାଲୁବାବା ଆଶ୍ରମରେ ଦୀର୍ଘ ବର୍ଷ ଧରି ପାଳିତ ହୋଇ ଆସୁଥିବା ଶାରଦୀୟ ଦୁର୍ଗାପୂଜା ପାଇଁ ରବିବାର ଆଶ୍ରମ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି ସଭାପତି ରମାକାନ୍ତ ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଗୁରୁଚରଣ ନାଥ ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଉମେଶ ନାଥ ଗତବର୍ଷ ପୂଜାର ଆୟବ୍ୟୟ ପାଠ କରିବା ସହ ଚଳିତ ବର୍ଷ ପାଇଁ ଖର୍ଚ୍ଚର ଚିଠା ପ୍ରସ୍ତୁତ କରିଥିଲେ। ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ଚଳିତବର୍ଷ ପୂଜା ପାଇଁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ପାରମ୍ପରିକ ରୀତିନୀତି ଅନୁସାରେ ଆସନ୍ତା ସୁନିଆ ତିଥିରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ଶୁଭମାଟି ଉଠାଣ ହେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାପରଠାରୁ ପୂଜାର ସମସ୍ତ କାର୍ଯ୍ୟ ରୀତିନୀତି ଅନୁସାରେ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଶେଷରେ ଉପସଭାପତି ସୌଦାଗର ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଦେଶୀୟ ପକ୍ଷୀଙ୍କ ନୂଆ ଠିକଣା ଲକ୍ଷ୍ମୀପ୍ରସାଦଡିଆ

ରାଜନଗର, ୨୧୯(ଡି.ଏନ.ଏ.)


ଭିତରକନିକା ଜାତୀୟ ଉଦ୍ୟାନରେ ଦେଶୀୟ ପକ୍ଷୀ।

ଭିତରକନିକା ଜାତୀୟଉଦ୍ୟାନରେ ଏବେ ରଙ୍ଗବେରଙ୍ଗ ଦେଶୀୟ ପକ୍ଷୀଙ୍କ ସମାଗମ ପ୍ରକୃତିପ୍ରେମୀ ମଣିଷକୁ ଆମୋଦିତ କରିବାରେ ଲାଗିଛି। ମୌସୁମୀର ସ୍ପର୍ଶରେ ପକ୍ଷୀମାନଙ୍କର ଭିଡ ଭିତରକନିକାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଛି। କିନ୍ତୁ ଚଳିତବର୍ଷ ଦେଶୀୟ ପକ୍ଷୀମାନେ ସେମାନଙ୍କର ପୁରୁଣା ବାସସ୍ଥାନ ଛାଡି ଏବେ ନୂଆ ଠିକଣା ଲକ୍ଷ୍ମୀପ୍ରସାଦଡିଆରେ ପାଦ ଥାପିଛନ୍ତି। ଏହାକୁ ନେଇ ପକ୍ଷୀ ଗବେଷକ, ପରିବେଶବିତ୍‌ଙ୍କ ମଧ୍ୟରେ ନା ନା ଆଶଙ୍କା ସୃଷ୍ଟି ହୋଇଛି। ଗତ ୪ବର୍ଷ ଧରି ଦେଶୀୟ ପକ୍ଷୀମାନେ ସେମାନଙ୍କର ପୁରୁଣା ବାସଭୂମି ବଗଗହନ ଛାଡି ଜାତୀୟଉଦ୍ୟାନର ଘଞ୍ଚ ମଠଆଡିଆ ଠାରେ ବସା ବାନ୍ଧି ଆସୁଥିଲେ।ତେବେ ଚଳିତବର୍ଷ ପକ୍ଷୀମାନେ ଏ ଠିକଣାକୁ ପରିତ୍ୟାଗ କରି ଏବେ ନୂଆଠିକଣାରେ ବସା ବାନ୍ଧିବା ଦେଖିବାକୁ ମିଳିଛି । ଜାତୀୟ ଉଦ୍ୟାନ ଉପରେ ବିଶ୍ୱତାପନ ଓ ଜଳବାୟୁର ପ୍ରଭାବ ପରିଲକ୍ଷିତ ହେବାରେ ଲାଗିଛି। ବିଶେଷକରି ଜାତୀୟଉଦ୍ୟାନ ଭିତରେ ଥିବା ଆର୍ଦ୍ରଭୂମି ଉପରେ ବିଶ୍ୱତାପନର ପ୍ରଭାବ ବଢିବାରେ ଲାଗିଛି। ଯାହାଫଳରେ ଆଗନ୍ତୁକ ଦେଶୀୟ ପକ୍ଷୀମାନେ ସେମାନଙ୍କର ଉପଯୁକ୍ତ ବାସଭୂମି ପାଉ ନ ଥିବାରୁ ପୁନର୍ବାର ଠିକଣା ବଦଳାଇଛନ୍ତି। ଏହାକୁ ନେଇ ବନବିଭାଗ ଚିନ୍ତାରେ ପଡିଛି।

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକରେ ଥିବା ଭିତରକନିକାକୁ ପ୍ରତିବର୍ଷ ବର୍ଷାଋତୁରେ ବିଭିନ୍ନ ସ୍ଥାନରୁ ଦେଶୀୟ ପକ୍ଷୀମାନେ ଆସି ଅସ୍ଥାୟୀ ଭାବେ ବସା ବାନ୍ଧିଥାନ୍ତି। ପକ୍ଷୀବିହାର ରୂପେ ପରିଚିତ ବଗଗହନରେ ପୂର୍ବରୁ ଦେଶୀୟ ପକ୍ଷୀ ଭିଡ ଜମାଇବା ସହିତ ବସା ବାନ୍ଧିବା ଦେଖିବାକୁ ମିଳୁଥିଲା। ମାତ୍ର ୪ ବର୍ଷ ହେଲା ଦେଶୀୟ ପକ୍ଷୀମାନେ ବଗଗହନ ବଦଳରେ ସେଠାରୁ ୩ କିମି ଦୂର ମଠଆଡିଆରେ ଭିଡ ଜମାଇ ଆସୁଥିଲେ। ଚଳିତବର୍ଷ ମଠଆଡିଆରେ ମାତ୍ର ୩-୪ ହଜାର ଦେଶୀୟ ପକ୍ଷୀ ବସା ବାନ୍ଧି ଅଣ୍ଡା ଦେଇଛନ୍ତି। ବଗଗହନରେ ପକ୍ଷୀ ବସା ବାନ୍ଧି

**ଭିତରକନିକା ଜାତୀୟ ଉଦ୍ୟାନ**

ନ ଥିବା ବେଳେ ଦେଶୀୟ ପକ୍ଷୀ କୁଆଡେ ଗଲେ, ସେ ନେଇ ବନବିଭାଗ ଚିନ୍ତାରେ ପଡିଥିଲା। ଗତମାସ ୨୩ ତାରିଖ ଠାରୁ ୨୯ ତାରିଖ ଯାଏଁ ଦେଶୀୟ ପକ୍ଷୀଙ୍କ ଗଣନା ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ଏଥିପାଇଁ ୨ଟି ଟିମ୍ ଗଠନ ହୋଇଥିଲା। ୨ଟି ଟିମ୍ ୨୩ ତାରିଖରେ ମଠଆଡିଆରେ ପହଞ୍ଚିବା ପରେ ପକ୍ଷୀମାନେ କାଠି କୁଟା ନେଇ ଉଡୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ପକ୍ଷୀମାନେ ବସା ବାନ୍ଧିବାକୁ କାଠି କୁଟା ନେଉଥିବାରୁ ପକ୍ଷୀଙ୍କ ଗଣନା ବନ୍ଦ ରଖାଯାଇଥିଲା। ମାତ୍ର ଦେଶୀୟ ପକ୍ଷୀମାନେ ଠିକଣା ବଦଳାଇ ଭିତରକନିକାର ଦୁର୍ଗାପ୍ରସାଦ ଫରେଷ୍ଟ ବ୍ଲକର ଲକ୍ଷ୍ମୀପ୍ରସାଦଡିଆରେ ଭିଡ ଜମାଇଛନ୍ତି। ସେଠାରେ ଥିବା ରୁଅ ଓ ବନି ଗଛରେ ୧୦ହଜାରରୁ ଊର୍ଦ୍ଧ୍ୱ ଦେଶୀୟ ପକ୍ଷୀ ବସା ବାନ୍ଧି ଅଣ୍ଡା ଦେଇଛନ୍ତି। ଏମାନଙ୍କ ମଧ୍ୟରେ ଅଧିକ ସଂଖ୍ୟକ ଗେଣ୍ଡାଳିଆ ଓ ବଗ ଥିବା ବନବିଭାଗ ସୂତ୍ରରୁ ଜଣାପଡିଛି। ଜଣେ ପର୍ଯ୍ୟଟକଙ୍କ ନଜରକୁ ପକ୍ଷୀଙ୍କ ନୂଆ ଠିକଣା ଆସିବା ପରେ ବନବିଭାଗ ଟିମ୍ ସେଠାରେ ପହଞ୍ଚି ସ୍ଥିତି ପରିଖିବା ସହ ଡିଏଫଓଙ୍କୁ ଅବଗତ କରାଇଛନ୍ତି । ହଠାତ ଦେଶୀୟ ପକ୍ଷୀ ଠିକଣା କାହିଁକି ବଦଳାଇଲେ ସେ ନେଇ ପକ୍ଷୀପ୍ରେମୀମାନେ ଦ୍ୱନ୍ଦ୍ୱରେ ରହିଛନ୍ତି। ସାଧାରଣତଃ ଯେଉଁଠାରେ ପାଣି, ପ୍ରଚୁର ମାଛ ଥିବ, ସେଠାରେ ପକ୍ଷୀମାନେ ବସା ବାନ୍ଧିଥାନ୍ତି। ଏବର୍ଷ ଜୁନ ପରେ ବର୍ଷା ଉଭାନ ହୋଇ ଯାଇଥିବାରୁ ମଠଆଡିଆରେ ପକ୍ଷୀମାନଙ୍କ ପାଇଁ ଖାଦ୍ୟ ଅଭାବ ଦେଖାଯାଇଥିଲା। ଏହାପରେ ପକ୍ଷୀମାନେ ଲକ୍ଷ୍ମୀପ୍ରସାଦଡିଆକୁ ନିଜର ନୂଆଠିକଣା ବନାଇବା ସହିତ ବସାବାନ୍ଧି ଅଣ୍ଡା ଦେଇଥିବା ଦେଖିବାକୁ ମିଳିଛି । ଭିତରକନିକା ଜାତୀୟ ଉଦ୍ୟାନ ସୁରକ୍ଷା ଦାୟିତ୍ୱରେ ଥିବା ଅତିରିକ୍ତ ବନ ସଂରକ୍ଷକ ସୁବ୍ରତ କୁମାର ପାତ୍ରଙ୍କ କହିବା ଅନୁଯାୟୀ, ପକ୍ଷୀମାନେ ଲକ୍ଷ୍ମୀପ୍ରସାଦଡିଆକୁ ନିଜର ନୂଆ ଠିକଣା ଭାବେ ବାଛି ନେଇ ବସା ବାନ୍ଧିବା ଆରମ୍ଭ କରିଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନାଲି କଇଁଚ ନାଲି କଇଁଚ**
**କଥାରେ କଥାରେ ରଖିବୁ ଟେକ ।**

ମଣିଷର ବ୍ୟବହାର ହିଁ ତା'ର ପ୍ରକୃତ ପରିଚୟ ହୋଇଥାଏ। ଆଚରଣ, ଉଚ୍ଚାରଣର ଶୁଦ୍ଧତା ମଣିଷକୁ ମହନୀୟ କରି ଗଢ଼ିତୋଳିଥାଏ। ବ୍ୟକ୍ତି ନିଜ ଆଭିଜାତ୍ୟ, ମାନ ସମ୍ମାନକୁ ତଳେ ପକେଇବା ଅନୁଚିତ। ମାନ ସମ୍ମାନ ଥରେ ଚାଲିଗଲେ ଆଉ ମିଳି ନ ଥାଏ। ସଚେତନ ବ୍ୟକ୍ତି ସର୍ବଦା ଏଥିପ୍ରତି ସଜାଗ ରହିବା ବିଧେୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନ ଜାଣି ପାରିଲି ବୁଢ଼ା ସେରନ୍ତା**
**ଲାଭ ଯାକ ନେଲା ପୂରିଆ ଓତା ।**

ଜଣେ କଷ୍ଟ କରି କାମ କରେ, ଆଉ ଜଣେ ସେ ଶ୍ରମର ଫଳ ଅନାୟାସରେ ଭୋଗ କରେ। ସମାଜରେ ଏଭଳି ଅନ୍ୟାୟର ଚିତ୍ର ଆଜି ଅନେକ ପରିମାଣରେ ଜୀବନକୁ ଗ୍ରାସ କରି ଚାଲିଛି। ଶାରୀରିକ ସ୍ତରରେ ଅକ୍ଷମ, ଦୁର୍ବଳ ତଥା ଦରିଦ୍ର, ନିଃସହାୟ ଲୋକଙ୍କୁ ପ୍ରୟୋଗକରି ସବଳ ଲୋକେ ଫାଇଦା ଉଠାଇଚାଲୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
- ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଜିଲାପାଳଙ୍କ ଅଚାନକ ଜମ୍ବୁ ପଞ୍ଚାୟତ ଗସ୍ତ

ମହାକାଳପଡ଼ା, ୨୧୯ (ଡି.ଏନ୍.ଏ.)


ବୈଠକରେ ଜିଲାପାଳ ଓ ମହିଳା ମହାସଂଘର ସଦସ୍ୟାମାନେ।

ଜିଲାପାଳ ସମର୍ଥ ବର୍ମା ସୋମବାର ଅଚାନକ ମହାକାଳପଡ଼ା ବ୍ଲକ ଜମ୍ବୁ ପଞ୍ଚାୟତ ଅଞ୍ଚଳ ଗସ୍ତ କରିବା ସହ ମହିଳା ମହସଂଘ ବୈଠକରେ ଯୋଗଦେଇଥିଲେ। ଏହି ଅବସରରେ ସେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଜମ୍ବୁ ପଞ୍ଚାୟତ ମହିଳା ମହାସଂଘକୁ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ମିଳୁଥିବା ଅଣୁ ବିନିଯୋଗ ପାଣ୍ଠି ଓ ଜୀବନ ଜୀବିକା ପାଣ୍ଠିର କିପରି ବିନିଯୋଗ କରାଯାଉଛି ସେ ସମ୍ପର୍କରେ ଜିଲାପାଳ ପଚାରି ବୁଝିଥିଲେ। ତେବେ ଏହି ପାଣ୍ଠିରେ ମହିଳାମାନେ ଆତ୍ମ ନିର୍ଭରଶୀଳ ହେବା ପାଇଁ ଟେଲରିଂ, ପାନବରଜ ଆଦି କରୁଥିବା ବେଳେ ଏହା ଦେଖି ଜିଲାପାଳ ସନ୍ତୋଷ ବ୍ୟକ୍ତ କରିଥିଲେ। ଜିଲାପାଳଙ୍କ ଏହି ଗସ୍ତରେ କେନ୍ଦ୍ରାପଡ଼ା ଉପ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଡିପିଏମ୍ ସତ୍ୟଭାମା ଭୂୟାଁ, ପ୍ରଭାତ ରଞ୍ଜନ ମଲିକ, ସୁଭଦ୍ର ସେଠୀଙ୍କ ସମେତ ଜମ୍ବୁ ସରପଞ୍ଚ ପଞ୍ଚମୀ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

# ୬ ଦିନ ତଳେ ରୁଆ ଯାଇଥିବା ଧାନ ଗଛରୁ ଥୋଡ ବାହାରିଲା

ରାଜନଗର,୨୧୯(ଡି.ଏନ.ଏ.)


ଥୋଡ଼ ବାହାରିଥିବା ଧାନଗଛକୁ ଚାଷୀମାନେ ଦେଖାଉଛନ୍ତି।

୬ ଦିନ ତଳେ ରୁଆ ଯାଇଥିବା ଧାନ ଗଛରୁ ଥୋଡ ବାହାରିବା ଆଶ୍ଚର୍ଯ୍ୟ ମନେ ହେଲେ ବି ସତ। ରାଜନଗର ବ୍ଲକ ଗୋସିଗାଁରେ ଏଭଳି ଘଟଣା ଦେଖିବାକୁ ମିଳିଛି । ଚଳିତବର୍ଷ ଚାଷପୋଯୋଗୀ ବର୍ଷା ଅଭାବ ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ବିଳମ୍ବରେ ଚାଷକାର୍ଯ୍ୟ ଆରମ୍ଭ ହୋଇଥିଲା। ବିଶେଷକରି ରାଜନଗର ବ୍ଲକ ଓ ଏହାର ଆଖପାଖ ଅଞ୍ଚଳରେ ଡେରିରେ ଚାଷୀମାନେ ରୁଆ ବେଉଷଣ ଆରମ୍ଭ କରିଥିଲେ। ଏବେ ଚାଷକାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ତେବେ କେତେକ ଚାଷଜମିରେ ୬ଦିନ ତଳେ ରୁଆ ବେଉଷଣ କରାଯାଇଥିବା ଧାନଗଛରୁ ଥୋଡ ବାହାରିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଚାଷୀମାନେ ଆଶଙ୍କା ଭିତରେ ରହିଛନ୍ତି। ପ୍ରକୃଷ୍ଟ ସମୟ ମଧ୍ୟରେ ଧାନ ହୃଷ୍ଟପୃଷ୍ଟ ହେବା ସହିତ ଗର୍ଭଣା ସଂକ୍ରାନ୍ତି ବେଳକୁ ଥୋଡ ବାହାରିଥାଏ । ମାତ୍ର ଜଳବାୟୁର ପ୍ରଭାବ ଯୋଗୁ ଏପରି ଘଟଣା ଘଟିଛି ବୋଲି ଆଲୋଚନା ହେଉଛି। ରାଜନଗର ବ୍ଲକ ଗୋସିଗାଁର ଚାଷୀ ମହେଶ୍ୱର ବିଶ୍ୱାଳ, ଗର୍ଜନପୁର ଗ୍ରାମର ଗୋପୀନାଥ ମଳିକ, ନୁରୁଗାଁର ଅନନ୍ତ ପ୍ରଧାନ, ନରଣପୁର ଗ୍ରାମର ଭରତ ଖଣ୍ଡାଇ ପ୍ରମୁଖ ସେମାନଙ୍କ ଜମିରେ ୬ଦିନ ତଳେ ଅଧିକ ଅମଳକ୍ଷମ ୧୦୧୦ ଧାନ ତଳି ରୋଇଥିଲେ। ମାତ୍ର ସେମାନଙ୍କ ଜମିରେ ଧାନଗଛରୁ ଥୋଡ ବାହାରିଛି। ସେମାନଙ୍କ କହିବାନୁଯାୟୀ ୨୩ ଦିନ ପୂର୍ବରୁ ଆମେ ତଳି ବୁଣିଥିଲୁ। ବିଳମ୍ବରେ ବର୍ଷା ହେବାରୁ ଆମେ ସେହି ତଳିକୁ ଚାଷଜମିରେ ରୋଇଥିଲୁ। ଏଭଳି କେବେ ଘଟି ନ ଥିଲା। ଯଦି ଏବେଠୁଁ ଧାନ ଥୋଡ ଧରେ ତେବେ ସେଗୁଡିକ ସବୁ ନଷ୍ଟ ହୋଇଯିବ। ବର୍ଷକର ଫସଲ ସବୁଦିନ ପାଇଁ ହରାଇବୁ। ତୁରନ୍ତ କୃଷିବିଭାଗର ବୈଜ୍ଞାନିକମାନେ ଘଟଣାସ୍ଥଳକୁ ଆସି ଏହି ଥୋଡ ସମ୍ବନ୍ଧରେ ଅନୁଧ୍ୟାନ କରିବା ପାଇଁ ସେମାନେ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# ଗଜାନନଙ୍କ ଆଗମନରେ ପୁରପଲ୍ଲୀ ଉତ୍ସବମୁଖର

ପଟ୍ଟାମୁଣ୍ଡାଇ,୨୧୯ (ସ୍ୱ.ପ୍ର)

ବିଦ୍ୟାଦାତା,ସିଦ୍ଧିଦାତା ଗଜାନନଙ୍କ ଆଗମନରେ ପୁରପଲ୍ଲୀ ଉତ୍ସବମୁଖର ହୋଇପଡିଛି। ପଟ୍ଟାମୁଣ୍ଡାଇର ବିଭିନ୍ନ ସ୍କୁଲ, କଲେଜରେ ଛାତ୍ରୀଛାତ୍ରମାନେ ଗଣେଶ ପୂଜା ପାଳନ କରିଛନ୍ତି । ଏହାଛଡା ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ, ଯୁବକସଂଘ,କ୍ଲବ, ସ୍ୱେଚ୍ଛାସେବୀ ସଙ୍ଗଠନ, ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକରେ ମହାଆଡମ୍ବରରେ ଗଣେଶଙ୍କ ପୂଜା ପାଳିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରାଧାରମଣମଠ ଶିଶୁ ଶିକ୍ଷାମନ୍ଦିର, ବେଲତଳ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରଭୃତି ଶିକ୍ଷାନୁଷ୍ଠାନରେ ଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି । ଗଣେଶ ପୂଜା ପାଇଁ କେତେକ ଯୁବକସଂଘ ଓ କ୍ଲବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ।

# ମାର୍ଶାଘାଇରେ ଗଣେଶ ପୂଜା ପାଳିତ



ମାର୍ଶାଘାଇ,୨୧୯(ଡି.ଏନ୍.ଏ.)

ଗଣେଶ ପୂଜା ପାଇଁ ମାର୍ଶାଘାଇ ଅଞ୍ଚଳ ଉତ୍ସବମୁଖର ହୋଇପଡିଛି । ଏହି ଅଞ୍ଚଳର ସମସ୍ତ ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ମହାବିଦ୍ୟାଳୟ ପର୍ଯ୍ୟନ୍ତ ବିଦ୍ୟାଦାତା ଗଣେଶଙ୍କର ପୂଜାର୍ଚ୍ଚନା ହୋଇଛି। ସ୍କୁଲ କଲେଜର ପିଲାମାନେ ଗଣେଶଙ୍କର ମୃଣ୍ମୟ ମୂର୍ତ୍ତି ମଣ୍ଡପରେ ସ୍ଥାପନ କରି ପୂଜାକୁ ଧୂମଧାମରେ ପାଳନ କରିଛନ୍ତି । ଏହାଛଡା ବିଭିନ୍ନ ଅନୁଷ୍ଠାନ, ଗାଁ ଗହଳିର ପାଠାଗାର ଓ କ୍ଲବ ପ୍ରଭୃତିରେ ଯୁବକମାନେ ପାରମ୍ପରିକ ରୀତିରେ ବିଦ୍ୟାଦାତା ଗଣେଶଙ୍କର ପୂଜା କରିଛନ୍ତି। ଏହି ପୂଜା କେତେକ ସ୍ଥାନରେ ସଙ୍ଗେ ସଙ୍ଗେ ଉଦ୍‌ଯାପିତ ହୋଇଥିବା ବେଳେ କେତେକ ସ୍ଥାନରେ ୪ରୁ ୫ ଦିନ ଧରି ଅନୁଷ୍ଠିତ ହୋଇଥାଏ । ଗୁଡ଼ିଆମାନଙ୍କ ଏହା ଏକ ବଡ ପର୍ବ ଭାବେ ପରିଚିତ । ଏଣୁ ଏହି ପର୍ବକୁ ସ୍ଥାନୀୟ ଅଞ୍ଚଳର ଗୁଡିଆମାନେ ଧୂମଧାମରେ ପାଳନ କରିଛନ୍ତି । ପୂଜା ପାଇଁ ମାର୍ଶାଘାଇ ଅଞ୍ଚଳ ଉତ୍ସବ ମୁଖର ହୋଇଉଠିଛି ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି
ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ ୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ - ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

ASTROLOGY
ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

BUSINESS

FINANCE
Regd. ଫାଇନାସ କମ୍ପାନୀ
ସରକାରୀ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୧୨ ଘଣ୍ଟାରେ । ୧% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।
ଠକ ମାନଙ୍କୁ ସାବଧାନ
ଥରେ ନିଶ୍ଚୟ ସଂମ୍ପର୍କ କରନ୍ତୁ
8278077123
8607378206

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ଋଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

ଋଣ
ଉଜ୍ଜ୍ୱଳ ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
8743077374
8743913774
ujjawalfinancelimited@gmail.com
Add : - 41/14, Sec.1, Pushp Vihar, Delhi

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1984ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ। ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

EDUCATION

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
- ସ୍ପେଶାଲିଷ୍ଟ -
ବଶୀକରଣ ଓ ମୁଠ୍‌କରଣ
ପ୍ରେମ ବିବାହ, ମନମୁତାବକ ପ୍ରେମ, ବଶୀକରଣ, ଯାଦୁ ଟୋନା, ମୁଠୀକରଣୀ,ବିଦେଶ ଯାତ୍ରା ଓ ବ୍ୟବସାୟରେ ପ୍ରତିବନ୍ଧକ, ବିବାହ-ପ୍ରେମରେ ବାଧା, କ୍ରୋଧି ଲୋକଙ୍କୁ ବଶୀଭୂତ କରିବା, ପୁରୁଣା ରୋଗରେ ଔଷଧ କାମ ନ କରିବା, ପତି-ପତ୍ନୀଙ୍କ ମଧ୍ୟରେ ମତାନ୍ତର, ଦୁଷ୍ଟ ଲୋକ ଏବଂ ଶତ୍ରୁଠାରୁ ମୁକ୍ତି।
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765

ଧ୍ୟାନରେ ରଖନ୍ତୁ ଆମ କମ୍ପାନୀର ଅନ୍ୟ କୌଣସି ଶାଖା ନାହିଁ।
HI-TECH TOWER
ଗୋଲ୍ଡମେଡାଲିଷ୍ଟ କମ୍ପାନୀ ଦ୍ୱାରା ସବୁ କମ୍ପାନୀର
ଡିଜିଟାଲ ଟାୱାର ପ୍ଲଟ୍, ଛାତ, ଜମି, କ୍ଷେତରେ ଲଗାନ୍ତୁ
ଅଗ୍ରିମ 60 ଲକ୍ଷ, ଭଡ଼ା + 40,000
ମୋବାଇଲ, ଲାପଟପ୍, 20,000/-ର ଅତିରିକ୍ତ ଆର୍ଥିକ ଲାଭ
7024558747
7354398404
908, Ward, Backside Anand Market, Dhiman Line, Yamunagar, Delhi

HEALTH CARE

AT PURI AT PURI AT PURI
ଗୁପ୍ତ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ବୈବାହିକ ସମସ୍ୟା, ଶୀଘ୍ର ସ୍ଖଳନ, ପୁରୁଷ ସମସ୍ୟା, ମୂତ୍ରରେ ଧାତୁ ପଡିବା, ସ୍ତ୍ରୀ ରୋଗ - ରକ୍ତସ୍ରାବ ଅନିୟମିତତା, ଧଳାସ୍ରାବ, ସନ୍ତାନ ହୀନତା, ମୁଖବ୍ରଣ, ରୁପି ଏବଂ ସମସ୍ତ ଚର୍ମ ରୋଗର ଉତ୍ତମ ପରାମର୍ଶ ଏବଂ ଚିକିତ୍ସା।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm


**ପାଠକଙ୍କ ପାଇଁ ସୂଚନା:**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩ ସେପ୍ଟେମ୍ବର, ୨୦୧୯



**ସଂକ୍ଷେପରେ**

## ପିଆଇସିଟିରେ ଦୁର୍ଘଟଣା

**ପାରାଦୀପ,୨।୯(ସ୍ୱ.ପ୍ର.):** ପାରାଦୀପ ବନ୍ଦରର କ୍ଲିନ୍ କାର୍ଗୋ ବର୍ଥ ପିଆଇସିଟି (ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ)ରେ ସୋମବାର ଦୁର୍ଘଟଣା ଘଟିଛି। ଜାହାଜରେ ମୋବାଇଲ ହାର୍ବର କ୍ରେନ୍ ଦ୍ୱାରା କଏଲ ବୋଝେଇ ବେଳେ ରଶି ଛିଣ୍ଡି ଯିବାରୁ ବର୍ଥ ଉପରେ କଏଲ ଖସିପଡିଥିଲା। ଆଉ କେତେକ କଏଲ ଜାହାଜର ହାର୍ଜ (ଖଣି) ଭିତରେ ପଡିଥିଲା। ଏହା ଦ୍ୱାରା ବର୍ଥ ଓ ଜାହାଜ କ୍ଷତିଗ୍ରସ୍ତ ହୋଇଥିଲେ ହେଁ କୌଣସି ଶ୍ରମିକ ଓ କର୍ମଚାରୀଙ୍କର କ୍ଷତି ହୋଇ ନ ଥିବା କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି। କିନ୍ତୁ ଜଣେ ଶ୍ରମିକଙ୍କ ହାତରେ ଆଘାତ ଲାଗିଥିବା ବିଶେଷ ସୂତ୍ରରୁ ଜଣାଯାଇଛି। ୩୦ଟନ ବିଶିଷ୍ଟ କଏଲଗୁଡିକ ତଳେ ପଡିବା ଯୋଗୁ ତାହା ମଧ ଖରାପ ହୋଇଛି। ଏ ସମ୍ପର୍କରେ କମ୍ପାନୀ ମାନବ ସମ୍ବଳ ଅଧିକାରୀ କୁଳମଣି ପଣ୍ଡାଙ୍କୁ ପଚାରିବାରେ ସେ କହିଲେ ଯେ ଏହା ଏକ ସାମାନ୍ୟ ଘଟଣା। ଆମ କମ୍ପାନୀ ସୁରକ୍ଷା ଓ ନିରାପତ୍ତା କ୍ଷେତ୍ରରେ ଆଇଏସଓ ସାର୍ଟିଫିକେଟ ପାଇଛି ବୋଲି ସେ କହିଛନ୍ତି। ଆଇଏସ୍‌ଓ ସାର୍ଟିଫିକେଟ ପାଇଥିବା କମ୍ପାନୀରେ କ୍ରେନ୍ ରଶି କିପରି ଛିଡୁଛି ବୋଲି ପଚାରିବାରୁ ସେ କହିଲେ ଯେ ବେଳେବେଳେ ଏମିତି ଘଟେ। ସୂଚନାଯୋଗ୍ୟ, ୨ମାସ ଭିତରେ ୪ଥରରୁ ଅଧିକ ଦୁର୍ଘଟଣା ଘଟିଲାଣି। ଗତ ଜୁଲାଇ ୧୮ରେ କନ୍‌ଭେୟର ବେଲ୍ଟରେ ଜଣେ ଶ୍ରମିକଙ୍କ ହାତ କଟିଯାଇଥିଲା।

## ମୋ ସରକାର କାର୍ଯ୍ୟକ୍ରମ

**ପାରାଦୀପ,୨।୯(ସ୍ୱ.ପ୍ର.):** ପାରାଦୀପ ନୂଆବଜାରସ୍ଥିତ ପୋର୍ଟ କ୍ଲବ ପରିସରରେ ସୋମବାର ସନ୍ଧ୍ୟାରେ ପୋଲିସ ପକ୍ଷରୁ ମୋ ସରକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପାରାଦୀପରେ ଥିବା ୫ଟି ଥାନାର ପୋଲିସ କର୍ମଚାରୀଙ୍କୁ ମୋ ସରକାର କାର୍ଯ୍ୟକ୍ରମର ୮ଟି ଦିଗ ସମ୍ପର୍କରେ କୁହାଯାଇଥିଲା। ସାଧାରଣ ଲୋକେ ଥାନାକୁ ଅଭିଯୋଗ କରିବାକୁ ଆସିଲେ ପୂର୍ବରୁ ସେମାନଙ୍କୁ ଯେଭଳି ବ୍ୟବହାର କରାଯାଉଥିଲା, ସେଥିରେ ପରିବର୍ତ୍ତନ କରି ନରମ ମନଭାବ ପୋଷଣ କରିବାକୁ ପରାମର୍ଶ ଦିଆଯାଇଥିଲା। ଅଭିଯୋଗକୁ ସିସିଟିଏନ୍‌ଏସ୍ ଦ୍ୱାରା ତୁରନ୍ତ ପଞ୍ଜୀକୃତ କରିବାକୁ ମଧ କୁହାଯାଇଥିଲା। ଏହା ପରେ ଅଭିଯୋଗକାରୀଙ୍କ ମୋବାଇଲକୁ ଏସ୍‌ଏମ୍‌ଏସ୍ ଆସିବ। ସେହି ନମ୍ବରକୁ ମୁଖ୍ୟମନ୍ତ୍ରୀ, ଡିଜିପି କିମ୍ବା ଏସ୍‌ପି ଫୋନ୍ ଯୋଗେ ୮ଟି ପ୍ରସଙ୍ଗ ପଚାରିବେ। ପୋଲିସର ବ୍ୟବହାର କିପରି, ଅଭିଯୋଗ ରଖିବାକୁ କେତେ ସମୟ ନେଲେ, ଉତ୍କୋଚ ମାଗିଲେ କି, ଦୁର୍ବ୍ୟବହାର କଲେ କି ଆଦି ପ୍ରଶ୍ନ କରିବେ। ଅଭିଯୋଗକାରୀଙ୍କ ଉତ୍ତର ଯଦି ସନ୍ତୋଷଜନକ ହୁଏ, ତେବେ ର୍‍ୟାଙ୍କ୍ ଅନୁସାରେ ପୋଲିସ ଅଧିକାରୀଙ୍କୁ ଚିହ୍ନ ମାଧମରେ ଡିଭିଜନ ଦିଆଯିବ। ଯେପରି କି ଖରାପ ଥିଲେ ନାଲି, ଅଳ୍ପ ଖରାପ ଥିଲେ ହଳଦିଆ, ସନ୍ତୋଷଜନକ ହେଲେ ସବୁଜ ଚିହ୍ନ ମିଳିବ। କେଉଁ ତଦନ୍ତକାରୀ ଅଧିକାରୀ ଘଟଣାସ୍ଥଳକୁ ଯିବେ ତାହା ଥାନା ଅଧିକାରୀ ନିର୍ଣ୍ଣୟ କରିବେ। ତେବେ କନଷ୍ଟେବଲଙ୍କଠାରୁ ଆରମ୍ଭ କରି ଆଇଆଇସିଙ୍କ ପର୍ଯ୍ୟନ୍ତ ସମସ୍ତେ ଯତ୍ନବାନ ହେବାକୁ ଏଥିରେ ଏସ୍‌ପି ପ୍ରକାଶ ଆର କହିଥିଲେ। ଏହି ବ୍ୟବସ୍ଥାକୁ ସିଏମ୍‌ଏସ୍ (କଲ୍ ମ୍ୟାନେଜମେଣ୍ଟ ସିଷ୍ଟମ) କୁହାଯାଏ ବୋଲି ସେ କହିଥିଲେ। ଡିଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ଏଏସ୍‌ପି ବିଷ୍ଣୁଚରଣ ମିଶ୍ର ତାଲିମ ଦେଇଥିଲେ। ମଡେଲ ଥାନା ଅଧିକାରୀ ରଜନୀକାନ୍ତ ସାମଲ ଧନ୍ୟବାଦ ଦେଇଥିଲେ। ସମସ୍ତ ଥାନାର ଅଧିକାରୀଙ୍କ ସମେତ କନ୍‌ଷ୍ଟେବଲ, ଗୃହରକ୍ଷୀମାନେ ଉପସ୍ଥିତ ଥିଲେ।

## ସନ୍ତରା ଦଣ୍ଡାରେ ଚାରାରୋପଣ

**କୁଜଙ୍ଗ,୨।୯(ସ୍ୱ.ପ୍ର):** ସନ୍ତରା ଗଣେଶପୂଜା କମିଟି ପକ୍ଷରୁ ଗଣେଶ ଚତୁର୍ଥୀରେ ଚାରାରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରମିକନେତା ରାକେଶ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବକ ଯୁବତୀମାନେ ପାରାଦୀପର କ୍ରମବର୍ଦ୍ଧିଷ୍ଣୁ ଶିଳ୍ପ ଜନିତ ପ୍ରଦୂଷଣ ରୋକିବାକୁ ବ୍ୟାପକ ଚାରା ରୋପଣ କରିବାକୁ କହିଥିଲେ। ପୂଜାକୁ ବ୍ୟୟବହୁଳ ନ କରି ବୃକ୍ଷରୋପଣ, ପ୍ଲାଷ୍ଟିକ୍ ବର୍ଜନ ପରି ଉତ୍ତମ କାର୍ଯ୍ୟରେ ନିୟୋଜିତ କଲେ ସମାଜର ମଙ୍ଗଳ ହୋଇପାରନ୍ତା ବୋଲି ସେ କହିଥିଲେ। ଯୁବକ ସଂଘ ପକ୍ଷରୁ ଦିଲୀପ ଖଟୁଆ, ରଞ୍ଜିତ ବେହେରା, ସଞ୍ଜୟ କୁମାର ତରାଇ, ପ୍ରଭୁପାତ ପଟ୍ଟନାୟକ, ବୁଟୁ ଦାସ, ପ୍ରତାପ ଦାସ, ସାଗର, ଅନିଲ, ଗୋପୀନାଥ, ରମାକାନ୍ତ ସାହୁ, ନାରଣ ରାଓ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

■ ଏନ୍‌ଆର୍‌ସି ତାଲିକା ପ୍ରକାଶ ପରେ ଉଷ୍ମହେଲା ବାଂଲାଦେଶୀ ବିତାଡ଼ନ ପ୍ରସଙ୍ଗ

# ଚିହ୍ନଟ ପରେ ବି ପାଉଛନ୍ତି ସରକାରୀ ସୁବିଧା

**ପାରାଦୀପ,୨।୯(ସ୍ୱ.ପ୍ର.)**

■ଦଖଲ କରୁଛନ୍ତି ଜଳ, ଜମି ଓ ଜଙ୍ଗଲ
■ଆପରାଧିକ କାର୍ଯ୍ୟରେ ରହୁଛନ୍ତି ସମ୍ପୃକ୍ତ

କେନ୍ଦ୍ର ସରକାର ଗତ ଶନିବାର ଏନ୍‌ଆରସି (ଜାତୀୟ ନାଗରିକ ପଞ୍ଜିକା) ତାଲିକା ଘୋଷଣା କରିବା ପରେ ଏବେ ଓଡ଼ିଶା ଉପକୂଳରେ ଥିବା ବାଂଲାଦେଶୀଙ୍କ କଥା ଚର୍ଚ୍ଚାକୁ ଆସିଛି। ୨୦୦୫ ଜାନୁୟାରୀରେ ଓଡ଼ିଶା ଉପକୂଳରେ ଚିହ୍ନଟ ହୋଇଥିବା ବାଂଲାଦେଶୀଙ୍କୁ ପୁଣି ଥରେ ଚିହ୍ନଟ କରି ବିତାଡନ କରାଯାଉ ବୋଲି ଉତ୍କଳ ସମାଜ ପକ୍ଷରୁ ଦାବି ଉଠିଛି। ସରକାର ନିଜ ସମ୍ବଳରେ ବାଂଲାଦେଶୀଙ୍କୁ କାହିଁକି ପୋଷିବେ, ଜନସଂଖ୍ୟା କାହିଁକି ବଢିବ, ଲକ୍ଷାଧିକ ଲୋକଙ୍କୁ ୪ ଡେସିମିଲ ଜାଗା ଦେଇପାରୁ ନ ଥିବା ସରକାର ସେମାନଙ୍କୁ ଜମି, ଜଳ, ଜଙ୍ଗଲ ଅଧିକାର ଦେବାକୁ କାହିଁକି ସୁଯୋଗ ଦେଉଛନ୍ତି ବୋଲି କହିଛନ୍ତି ଉତ୍କଳ ସମାଜର ଯଜ୍ଞ ରାଉତ। ସୂଚନାଯୋଗ୍ୟ ୨୦୦୫ ଚିହ୍ନଟ ବେଳେ ଜଗତ୍‌ସିଂହପୁର ଜିଲାର ୫୮ କିମି ସମୁଦ୍ର ସୀମା ଅଞ୍ଚଳରେ ୧୧୧୨ ବଙ୍ଗଳାଦେଶୀ ପରିବାର ଥିବା ଚିହ୍ନଟ କରାଯାଇଥିଲା। ସେଥିରେ ଏରସମା ବ୍ଲକରେ ୪୨୩ ଓ ପାରାଦୀପ ପୌର ପାଳିକାରେ ୨୯୭ ଥିଲେ। ବାଂଲାଦେଶୀ ଓ ବାଂଲାଭାଷୀ ରହୁଥିବା ଅଞ୍ଚଳ ଅଠରବାଙ୍କୀର ଲକ୍‌ପଡ଼ା ବସ୍ତିକୁ ୨୦୦୬ ଜୁନ୍ ୯ରେ ଉଚ୍ଛେଦ କରାଯାଇଥିଲା। ଏହା ପରଠାରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇନାହିଁ। ଏବେ ପାରାଦୀପ ଚତୁଃପାର୍ଶ୍ୱରେ ଜନସଂଖ୍ୟାର ୪୦ ପ୍ରତିଶତ ବାଂଲାଭାଷୀ ବସବାସ କଲେଣି। ଚୂନକଣ, ଚାନ୍ଦିନୀ, ରାମଚଣ୍ଡୀପଡ଼ା, ମୂଷାଡିଆ, ବିଜୟଚନ୍ଦ୍ରପୁର, ଲକ୍‌ପଡ଼ା, ଷଣ୍ଢକୁଦ, ମଧୁବନ ଜଗନ୍ନାଥ କଲୋନୀ, ନେହେରୁ ବଙ୍ଗଳା ଆଦି ବସ୍ତିରେ ବାଂଲାଭାଷୀଙ୍କ ସଂଖ୍ୟା ଅଧିକ। ସେହିପରି ଏକାଧିକ ବସ୍ତିର ନାମ ରହିଛି ବଙ୍ଗାଳିପଡ଼ା। ସର୍ବଶିକ୍ଷା ଯୋଜନାରେ ଚାଲିଥିବା ୧୨ ବିଦ୍ୟାଳୟ ମଧ୍ୟରୁ ୨ଟିର ନାମ ବଙ୍ଗାଳିପଡ଼ା ପ୍ରାଥମିକ ବିଦ୍ୟାଳୟ।

ରାଜନୈତିକ ଛତ୍ରଛାୟା ତଳେ ରହି ସେମାନେ ଏବେ ଭାରତୀୟ ନାଗରିକଙ୍କ ଭଳି ସରକାରୀ କାଗଜପତ୍ର ନିଜ ନାମରେ କରିନେଲେଣି। ଏକ ସରକାରୀ ରିପୋର୍ଟରେ ଦର୍ଶାଯାଇଛି ଯେ, ୧୯୫୦ରେ କେନ୍ଦ୍ର ସରକାର ଦଣ୍ଡକାରଣ୍ୟ ଯୋଜନାରେ ଉପକୂଳ ଓଡ଼ିଶାରେ ୧୨୫୦ ବାଂଲାଦେଶୀଙ୍କୁ ଶରଣାର୍ଥୀ ଭାବେ ଥଇଥାନ କରିଥିଲେ। ଏହି ସଂଖ୍ୟା ୧୯୯୯ ବେଳକୁ ୪୩ ଲକ୍ଷ ୪୦ ହଜାର ୫୨୫ରେ ପହଞ୍ଚିଥିଲା। ଏବେ ସେମାନଙ୍କ ସଂଖ୍ୟା କେତେ ଘୋଷଣା କରାଯାଇନାହିଁ। ୨୦୧୫ ମାର୍ଚ୍ଚ ୩୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭାରେ ଘୋଷଣା କରିଥିଲେ ଯେ ଓଡ଼ିଶାରେ ୩୯୯୭ ବାଂଲାଦେଶୀ ବେଆଇନ ଭାବେ ଅଛନ୍ତି। ସେମାନଙ୍କ ମଧ୍ୟରୁ କେନ୍ଦ୍ରାପଡ଼ାରେ ୧୬୪୯, ଜଗତ୍‌ସିଂହପୁରରେ ୧୧୧୨, ମାଲକାନାଗିରିରେ ୬୨୫, ଭଦ୍ରକରେ ୩୧୩, ବାଲେଶ୍ୱରରେ ୧୫୦, ନବରଙ୍ଗପୁରରେ ୧୦୬, ବରଗଡ଼ ଜିଲାରେ ୨ ଅଛନ୍ତି। କେନ୍ଦ୍ର ସରକାର ମଧ ଘୋଷଣା କରିଥିଲେ ୧୯୭୧ ଡିସେମ୍ବର ୧୬ ପରେ ଯେଉଁମାନେ ଭାରତ ଆସିଛନ୍ତି ସେମାନଙ୍କୁ ଅନୁପ୍ରବେଶକାରୀ ଭାବେ ଗଣାଯିବ।

ଭାରତ-ବାଂଲାଦେଶ ସୀମା ୧୩୩୩.୫ କିମି ମଧ୍ୟରୁ ଭାରତ ସୀମା ସଂଲଗ୍ନ ବାଂଲାଦେଶର ୪ଟି ଜିଲା ରହିଛି। ସେଗୁଡିକ ହେଲା ଫୁଲନା, ବରସିଲ, ହରିଦପୁର ଓ ଯଶୋର। ଓଡ଼ିଶାରେ ଥିବା ଅଧିକାଂଶ ବାଂଲାଦେଶୀ ସେହି ୪ ଜିଲାର ବୋଲି କେତେକ କୁହନ୍ତି। ବାଂଲାଭାଷୀମାନେ ଜବରଦଖଲ ବ୍ୟତିରେକ ଆପରାଧିକ କାର୍ଯ୍ୟରେ ଅଧିକ ଜଡିତ ଥିବା ଜଣାଗଲାଣି। କେନ୍ଦ୍ରାପଡ଼ା-ଜଗତ୍‌ସିଂହପୁର ଜିଲାରେ ଥିବା ବିଭିନ୍ନ ମାମଲାରେ ୧୭ ହଜାର ବାଂଲାଭାଷୀ ଅଭିଯୁକ୍ତ ଥିବା ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ କିଛିଦିନ ତଳେ କୁହାଯାଇଥିଲା। ୨୦୦୪ ଜାନୁୟାରୀ ୭ରୁ ରାଜ୍ୟରେ ନାଗରିକ ସଂଶୋଧନ ବିଲ୍ ୨୦୦୩ କାର୍ଯ୍ୟକାରୀ ହୋଇଥିଲେ ହେଁ ସେ ଦିଗରେ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ରାଜନୈତିକ ଛତ୍ରଛାୟା ତଳେ ବାଂଲାଦେଶୀମାନେ କାୟାବିସ୍ତାର କରିବାରେ ଲାଗିଛନ୍ତି। ଶରଣାର୍ଥୀ ଭାବେ ଆଶ୍ରୟ ନେଇଥିବା ଏହି ବାଂଲାଦେଶୀମାନେ ସନ୍ତ୍ରାସବାଦ କାର୍ଯ୍ୟରେ ଲିପ୍ତ ଥିବା ଗତ ୫ ବର୍ଷରେ ଏକାଧିକ ପ୍ରମାଣ ରହିଛି। ପାରାଦୀପରୁ ୩ ଜଣ ସନ୍ଦିଗ୍ଧ ବାଂଲାଦେଶୀଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି। ଏହା ସତ୍ତ୍ୱେ ବାଂଲାଦେଶୀ ବିତାଡନ କଥା ଆଲୋଚନା ନ ହେବା ଆଶ୍ଚର୍ଯ୍ୟର କଥା ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି।



ପାରାଦୀପରେ ବାଂଲାଦେଶୀମାନେ ରହୁଥିବା ଅଞ୍ଚଳ।

## ମହିଳାମାନେ ସଙ୍ଗଠିତ ହେବା ଆବଶ୍ୟକ

**ଜଗତ୍‌ସିଂହପୁର ଅଫିସ,୨।୯:** ଶାଳଜଙ୍ଗ ପଞ୍ଚାୟତର ଯୋଜ ସ୍କୁଲ ପଡ଼ିଆରେ ମହିଳାମାନଙ୍କ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ଏହି ସଭାର ଉଦ୍ଦେଶ୍ୟ ହେଉଛି ପଞ୍ଚାୟତର ମହିଳାମାନଙ୍କୁ ସଙ୍ଗଠିତ କରି ଆତ୍ମନିର୍ଭରଶୀଳ କରାଇବା। ଏବେ ବି ମହିଳାମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇନାହାନ୍ତି। ତେଣୁ ପଞ୍ଚାୟତର ମହିଳାମାନେ ଏକତ୍ରିତ ହୋଇ ପଞ୍ଚାୟତସ୍ତରୀୟ ସଙ୍ଗଠନ, ମହିଳା ଓ ଶିଶୁ ବିକାଶ ସମିତି ଗଠନ କରିଥିବା କୁହାଯାଇଥିଲା। ଏହି ଅବସରରେ ପଞ୍ଚାୟତସ୍ତରୀୟ ମହିଳା ସଙ୍ଗଠନ ଗଠନର ଉଦ୍ଦେଶ୍ୟ ସମ୍ପର୍କରେ ଆବାହକ ବଳିତା ରାଉତ ଆଲୋକପାତ କରିଥିଲେ। ସଙ୍ଗଠନ ସଭାପତି ବିଷ୍ଣୁ ଚରଣ ବେହେରା ମହିଳା ସଶକ୍ତିକରଣ ଉପରେ ବକ୍ତବ୍ୟ ରଖିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ସରୋଜ ଷଡ଼ଙ୍ଗୀ ଓ ସମ୍ମାନିତ ଅତିଥି ଭାବେ ସୁଷମା ପ୍ରଧାନ, ରେଣୁବାଳା ସାସମଲ, ଦିଲ୍‌ଦାର ହୁସେନ, ଅନିରୁଦ୍ଧ ମିଶ୍ର ଓ ରବୀନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ତିରିଆ,୨।୯(ଡି.ଏନ.ଏ.)** ତିରିଆ ଥାନା ଅଧୀନ ଉତ୍ତରେଶ୍ୱର ମନ୍ଦିର ନିକଟରେ ରବିବାର ରାତିରେ ଏକ ଟାଟାଏସିଇ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆଠଗଡ଼ ଥାନା ସଠିଲୋ ଗ୍ରାମର ଶ୍ରୀନିବାସ ଗୋଛି(୩୭)। ସେ ଭାପୁରରୁ ଗ୍ରାମକୁ ଫେରୁଥିବାବେଳେ ଦୁର୍ଘଟଣା ଘଟିଥିଲା।



ସାହିତ୍ୟ ଆସରରେ ଉପସ୍ଥିତ ଅନୁଷ୍ଠାନର କର୍ମକର୍ତ୍ତା ଓ ଅନ୍ୟମାନେ।

# ମାଟିଘରର ସାହିତ୍ୟ ଆସର

**ରାହାମା,୨।୯(ଡି.ଏନ୍.ଏ)** କୁଜଙ୍ଗ ବ୍ଲକ ରାହାମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମାଟି ଘରର ସାହିତ୍ୟ ଆସର ଅନୁଷ୍ଠିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ପ୍ରାଧ୍ୟାପକ ଡ. କ୍ଷୀରୋଦ କୁମାର ଓଝାଙ୍କ ଅଧ୍ୟକ୍ଷତାରେ ସ୍ୱଚ୍ଛତା ହିଁ ଦିବ୍ୟତ୍ୱ ଉପରେ ତର୍କ ଓ ଆଲୋଚନା କରାଯାଇଥିଲା। ସମ୍ପାଦକ ବିଷ୍ଣୁ ପ୍ରସାଦ ସେଠୀ ବିବରଣୀ ପାଠ କରିଥିଲେ। ଉପସଭାପତି ସଞ୍ଜୁକ୍ତା ସାହୁଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ରଜକିଶୋର ମହାରାଜ, ଇନ୍ଦୁପ୍ରଭା ବିଶ୍ୱାଳ, ସୁଚିତ୍ରା ମହାନ୍ତି, ସ୍ୱାସ୍ଥ୍ୟ ପରିଦର୍ଶକ ବନମାଳୀ ତ୍ରିପାଠୀ, ସୁଶାନ୍ତ ମହାନ୍ତି, ଜୟନ୍ତୀ ମଳିକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ବିଦ୍ୟାଳୟରେ ଚାରାରୋରଣ

**ବାଲିକୁଦା,୨।୯(ସ୍ୱ.ପ୍ର.)** ବୋରିକିନା ପଞ୍ଚାୟତ ଦୂଆ-ଓଳାଷ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗଣେଶ ପୂଜା ଅବସରରେ ଚାରାରୋପଣ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ବିଦ୍ୟାଳୟ ପରିସରରେ ନଡ଼ିଆ ଚାରାରୋପଣ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ବାଉରୀବନ୍ଧୁ ମୁଦୁଲି, ପରିଚାଳନା କମିଟି ସଭାପତି ଅଶୋକ ଦାସଙ୍କ ସମେତ ସଦସ୍ୟ ତ୍ରିଲୋଚନ ମହାନ୍ତି, ସମୀର ଜେନା, ପ୍ରକାଶ ବିଶ୍ୱାଳ, ମିତା କୁମାରୀ ସେନାପତି, ଶଶିକଳା ପାତ୍ର, ଅମିତା ନାୟକ, ମନସ୍ୱିନୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପୂଜକ ଚିତ୍ତରଞ୍ଜନ ମିଶ୍ରଙ୍କ ମନ୍ତ୍ରପାଠ ପରେ ଚାରାରୋପଣ କରାଯାଇଥିଲା। ସେହିପରି ବିଦ୍ୟାଳୟରେ ଗଣନାଥଙ୍କ ପୂଜା ହୋଇଥିଲା।

# ବିଧାୟକ ପ୍ରତିନିଧିଙ୍କ ପରଲୋକ

**କୁଜଙ୍ଗ,୨।୯(ସ୍ୱ.ପ୍ର)** କୁଜଙ୍ଗ ବ୍ଲକର ପୂର୍ବତନ ବିଜେଡି ସଭାପତି, ଲୋକପ୍ରିୟ ସରପଞ୍ଚ, ଖବରଦାତା ତଥା ପାରାଦୀପ ବିଧାୟକଙ୍କ ପ୍ରତିନିଧି ଚିତ୍ତରଞ୍ଜନ ମିଶ୍ର(୫୭)ଙ୍କ ସୋମବାର ସକାଳ ୭ଟାରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ବାଘୁଆଠେଙ୍ଗସ୍ଥିତ ନିଜ ବାସଭବନରେ ସକାଳେ ମିଶ୍ର ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କୁଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଛାତ୍ର ଜୀବନରୁ ସେ ବରିଷ୍ଠ ନେତା ଡା. ଦାମୋଦର ରାଉତଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ରାଜନୀତି ମାଧ୍ୟମରେ ସମାଜସେବା କରିବାକୁ ମନ ବଳାଇଥିଲେ। ତାଙ୍କ ପରଲୋକ ଖବର ପାଇ ଡା. ଦାମୋଦର ରାଉତ, ବିଧାୟକ ସମ୍ବିତ ରାଉତରାୟ, ଭାଜପା ନେତା ସମ୍ପଦ ସ୍ୱାଇଁ, ପୂର୍ବତନ ଏମ୍‌ପି ଡା.କୁଳମଣି ସାମଲ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ସୁମନ୍ତ ବିଶ୍ୱାଳ, ବ୍ଲକ୍ ବିଜେଡି ସଭାପତି ନରେନ୍ଦ୍ର ପରିଡା, ବିଜେଡି ରାଜ୍ୟ ସମ୍ପାଦକ ସନ୍ତୋଷ ପଟ୍ଟନାୟକ, ଗୋଲେଖ ନାୟକ, ଏମ୍‌ପିଙ୍କ ପ୍ରତିନିଧି ସୁତଳ ସ୍ୱାଇଁ, ଅଜୟ କୁମାର ସାହୁ, ପୀତାମ୍ବର ତରାଇ, ଗତିକୃଷ୍ଣ ଶତପଥୀ, ଥାନା ଅଧିକାରୀ ଦିଲୀପ କୁମାର ସାହୁ, ବ୍ଲକ୍ ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେହେରା, କଂଗ୍ରେସ ନେତା ଏଏନ୍‌ଡି ଯାଦବ, କୁଜଙ୍ଗ ପ୍ରେସ୍ କ୍ଲବ୍ ସମ୍ପାଦକ ଦୁଷ୍ମନ୍ତ ମାଝୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଏମ୍‌ପି ରାଜଶ୍ରୀ ମଲ୍ଲିକ ମଧ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଦୁଇପୁତ୍ର ସୁଧା ଚନ୍ଦନ ଓ ଚୀରଞ୍ଜୀବ, ଭାଇ ପ୍ରଭାତ ରଞ୍ଜନ ଓ ପ୍ରଶାନ୍ତ ରଞ୍ଜନ ଉପସ୍ଥିତ ଥିଲେ।



ଚିତ୍ତରଞ୍ଜନ ମିଶ୍ରଙ୍କୁ ବିଧାୟକ ଓ ଅନ୍ୟମାନେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

**ଯୌତୁକ ନିର୍ଯାତନା ଅଭିଯୋଗ**

# ମାନବିକ ଅଧିକାର ପରିଷଦର ଦ୍ୱାରସ୍ଥ ହେଲେ ପୀଡ଼ିତା

**ରାହାମା,୨।୯(ଡି.ଏନ୍.ଏ.)** ତିର୍ତ୍ତୋଲ ଥାନା ବୋଧେଇ ପଞ୍ଚାୟତ ବିକିପୁର ଗ୍ରାମର ଜଣେ ମହିଳାଙ୍କୁ ଶାଶୁଘର ଲୋକେ ଯୌତୁକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏନେଇ ପୀଡ଼ିତା ମହିଳା ଅନ୍ତର୍ଜାତୀୟ ମାନବିକ ଅଧିକାର ପରିଷଦ ଓଡିଶା ଶାଖାର ଦ୍ୱାରସ୍ଥ ହୋଇଛନ୍ତି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅଧୀନ ପଦ୍ମପୁର ଗ୍ରାମର ଅକ୍ଷୟ ମଳିକଙ୍କ ଝିଅ ଶସ୍ମିତା(୨୮)। ୨୦୧୩ରେ ସେ ବିକିପୁର ଗ୍ରାମର ବାମଦେବ ମଳିକଙ୍କ ପୁଅ ତନ୍ମୟଙ୍କୁ ବିବାହ କରିଥିଲେ। ବିବାହ ବେଳେ ଦାବି ମୁତାବକ ୮୦ହଜାର ଟଙ୍କା ସହ ବିଭିନ୍ନ ଯୌତୁକ ସାମଗ୍ରୀ ବାପଘର ପକ୍ଷରୁ ଦିଆଯାଇଥିଲା। କିନ୍ତୁ ବିବାହର ୪ ମାସ ପରେ ଆଉ ୪ ଲକ୍ଷ ଟଙ୍କା ଯୌତୁକ ଆଣିବାକୁ ଶାଶୁଘର ଲୋକେ ଦାବି କରିଥିଲେ। ଏଥିପାଇଁ ସ୍ୱାମୀ ତନ୍ମୟ, ଶ୍ୱଶୁର ବାମଦେବ, ଶାଶୁ ଶୁକ, ଦିଅର ଅନୁ, ଯାଆ ପ୍ରଭାତି, ନଣନ୍ଦ କୁନି, ଚୁନି, ରତନି ଓ ରୋଜି ପ୍ରମୁଖ ମିଶି ତାଙ୍କୁ ନିର୍ଯାତନା ଦେଉଛନ୍ତି ବୋଲି ଶସ୍ମିତା ଅଭିଯୋଗ କରିଛନ୍ତି। ଏନେଇ ସେ ତିର୍ତ୍ତୋଲ ଥାନାରେ ଅନେକଥର ଅଭିଯୋଗ କରିଥିଲେ। ୩ ଦିନ ତଳେ ଶସ୍ମିତା ରାତିରେ ଘରେ ଶୋଇଥିବାବେଳେ ତାଙ୍କୁ ମାରିବାକୁ ବଳପୂର୍ବକ ଏକ ଗାତରେ ପୋତିଦେବାକୁ ଚେଷ୍ଟା କରାଯାଇଥିଲା। ତେବେ ସେ ଚିତ୍କାର କରିବାରୁ ତାଙ୍କୁ ଛାଡ଼ିଦେଇଥିଲେ। ଏହା ପରେ ସେ ଜୀବନ ବିକଳରେ ଘରେ ପଶି ଭିତରୁ କବାଟ ଦେଇଦେଇଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ଅନ୍ତର୍ଜାତୀୟ ମାନବିକ ଅଧିକାର ପରିଷଦର ଓଡ଼ିଶା ମହିଳା ଶାଖା ଅଧକ୍ଷା ଗୀତାଞ୍ଜଳି ଦାସ, ସୁଶାନ୍ତ ପ୍ରଧାନ, ଅଶିତ ରାଉତ, ଶ୍ରୀକାନ୍ତ ଦାସ ପ୍ରମୁଖ ତିର୍ତ୍ତୋଲ ଥାନାରେ ପହଞ୍ଚିଥିଲେ। ସେଠାରୁ ଥାନା ଅଧିକାରୀ କୃଷ୍ଣ ପ୍ରସାଦ ମିଶ୍ରଙ୍କ ସହଯୋଗରେ ଶସ୍ମିତାଙ୍କ ଶାଶୁଘରକୁ ଯାଇ ଘଟଣାର ତଦନ୍ତ କରିବା ସହ କେତେକ ଯୌତୁକ ସାମଗ୍ରୀ ଜବତ କରି ବାପଘର ଲୋକଙ୍କୁ ଦେଇଥିଲେ। ଏନେଇ କେସ୍ ନଂ.୨୪୬/୧୯ ରୁଜୁ ହୋଇଛି। ଦୋଷୀଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପୋଲିସ କହିଛି।

# ପଶ୍ଚିମେଶ୍ୱରଙ୍କ ପରିଚାଳନା କମିଟି ଗଠିତ

**ରାହାମା,୨।୯(ଡି.ଏନ୍.ଏ.)** କୁଜଙ୍ଗ ବ୍ଲକ ବଣିତୋଠାରେ ଥିବା ପୁରାତନ ଶୈବ ପୀଠ ପଶ୍ଚିମେଶ୍ୱରଙ୍କ ନୂତନ ପରିଚାଳନା କମିଟି ଗଠିତ ହୋଇଛି। ଏହି ଅବସରରେ ମୁଖ୍ୟ ପୂଜକ ମନୋରଞ୍ଜନ ପଣ୍ଡାଙ୍କ ଆହ୍ୱାନ କ୍ରମେ ଏକ ବୈଠକ ହୋଇଥିଲା। ଏଥିରେ ଠାକୁରଙ୍କ ସେବାପୂଜା, ପର୍ବପର୍ବାଣୀ, ଶ୍ରଦ୍ଧାଳୁଙ୍କ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରାଯାଇଥିଲା। ପରେ ପରିଚାଳନା କମିଟି ଗଠନ କରାଯାଇଥିଲା। ପୂର୍ବତନ ଜିଲା ପରିଷଦ ସଭ୍ୟ ଅଜୟ କୁମାର ସାହୁଙ୍କୁ ମୁଖ୍ୟ ପରିଚାଳକ ଭାବେ ମନୋନିତ କରାଯାଇଥିଲା। ଏହି ପରିଚାଳନା କମିଟି ସଦସ୍ୟ ଭାବେ ସର୍ବଶ୍ରୀ ଗୌରହରି ସ୍ୱାଇଁ, ବ୍ରଜ କିଶୋର ମହାରାଜ, ଭିକାରୀ ଚରଣ ସେନାପତି, ସୁନାକର ବେହେରା, ରବୀନ୍ଦ୍ର କୁମାର ସ୍ୱାଇଁ, ସନ୍ତୋଷ କୁମାର ସ୍ୱାଇଁ, ଚନ୍ଦ୍ରମଣି ବାଇ, ଗଣେଶ୍ୱର ସ୍ୱାଇଁ, ଆଇନଜୀବୀ ସରୋଜ କୁମାର ପାଣିଗ୍ରାହୀ ଓ ଅନାଦି ଚରଣ ଷଡ଼ଙ୍ଗୀଙ୍କୁ ମନୋନିତ କରାଯାଇଥିଲା।



ବୈଠକରେ ଉପସ୍ଥିତ କମିଟି କର୍ମକର୍ତ୍ତା।

# ସବ୍‌ଷ୍ଟେଶନ କାମ ଅଧା, ଠିକାଦାରଙ୍କ ଦେଖାନାହିଁ

**ନାଉଗାଁ,୨।୯(ସ୍ୱ.ପ୍ର.)**

■ଦିଗହରା ସୌଭାଗ୍ୟ ଯୋଜନା
■ବିଦ୍ୟୁତ୍ ସେବା ପାଉନାହାନ୍ତି ଉପଭୋକ୍ତା
■ବୋର୍ଡ ବସିଛି, ବଲ୍ବ ଜଳୁନି

ଗରିବ ପରିବାରକୁ ବିଦ୍ୟୁତ୍ ସେବା ଯୋଗାଇଦେବା ପାଇଁ କେନ୍ଦ୍ର ସରକାର 'ସୌଭାଗ୍ୟ ଯୋଜନା' କରିଛନ୍ତି। ୨୦୧୯ ମାର୍ଚ୍ଚ ଶେଷ ସୁଦ୍ଧା ଏହି ଯୋଜନାରେ କାର୍ଯ୍ୟ ଶେଷ କରିବା ପାଇଁ ସରକାରଙ୍କ ପକ୍ଷରୁ ସେସ୍ତୁକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ଠିକାଦାରମାନେ କାମ ଅଧାରେ ପକାଇ ରଖିଛନ୍ତି। କେଉଁଠି ଉପଭୋକ୍ତାଙ୍କ ଘର କାନ୍ଥରେ ବିଦ୍ୟୁତ୍ ବୋର୍ଡ ଲଗାଇ ଦେଇ ଠିକାଦାର ଦେଖାଦେଉନାହାନ୍ତି ତ ଆଉ କେଉଁଠି ବିଦ୍ୟୁତ୍ ସେବା ନ ପାଇ ମଧ ଉପଭୋକ୍ତାଙ୍କ ନାଁରେ ବିଲ୍ ଆସୁଛି। ଅନେକ ସ୍ଥାନରେ ବିଦ୍ୟୁତ୍ ସବ୍‌ଷ୍ଟେଶନ କାମ ଅଧାରେ ରହିଛି। କିନ୍ତୁ ସେସ୍ତୁ ପକ୍ଷରୁ କାମ ସମ୍ପୂର୍ଣ୍ଣ ହୋଇଯାଇଥିବା କୁହାଯାଉଛି। ନାଉଗାଁ ବ୍ଲକର ୧୬ ପଞ୍ଚାୟତରେ ଦେଖିବାକୁ ମିଳୁଛି ଏଭଳି ସମସ୍ୟା। ସୌଭାଗ୍ୟ ଯୋଜନାରେ ଗରିବ ପରିବାରକୁ ବିଦ୍ୟୁତ ସେବା ଯୋଗାଇ ଦେବା ପାଇଁ ଏଠାରେ ୩ଟି ସଂସ୍ଥା ସହିତ ସେସ୍ତୁକୁ ଦାୟିତ୍ୱ ଦିଆଯାଇଥିଲା। ସେଗୁଡିକ ହେଲା ବିଜୟ ଇଲେକ୍ଟ୍ରିକାଲ, ଲେଜର ପାୱାର ଓ ଗୁପ୍ତା। ସେଥିମଧ୍ୟରୁ ବିଜୟ ଇଲେକ୍ଟ୍ରିକାଲକୁ ୪୯ଟି ବିଦ୍ୟୁତ୍ ସବ୍‌ଷ୍ଟେଶନ କାମ କରିବାକୁ ଦିଆଯାଇଥିବାବେଳେ ସମ୍ପୃକ୍ତ ସଂସ୍ଥା ୪୬ଟି ଶେଷ କରିଛି।

ସେହିପରି ଲେଜର ପାୱାରକୁ ୭ଟି ଓ ଗୁପ୍ତାକୁ ୩ଟି ବିଦ୍ୟୁତ ସବ୍‌ଷ୍ଟେଶନ ଦିଆଯାଇଥିବାବେଳେ ଦୁଇ ସଂସ୍ଥା ସମସ୍ତ କାର୍ଯ୍ୟ ଶେଷ କରିଛନ୍ତି। ସେସ୍ତୁ ୨୭ଟି ବିଦ୍ୟୁତ୍ ସବ୍‌ଷ୍ଟେଶନରୁ ୨୩ଟି ଶେଷ କରିଥିବା ରିପୋର୍ଟ ପ୍ରଦାନ କରାଯାଇଛି। ଏହି ସମସ୍ତ ସଂସ୍ଥା ପକ୍ଷରୁ ୩ ହଜାର ୧୭୭ ହିତାଧିକାରୀଙ୍କୁ ବିଦ୍ୟୁତ ସେବା ଯୋଗାଇ ଦିଆଯାଇଥିବା ସେସ୍ତୁ ପକ୍ଷରୁ ସୂଚନା ଦିଆଯାଇଛି। କିନ୍ତୁ ବାସ୍ତବ କଥା ଭିନ୍ନ। ସଂସ୍ଥା ପକ୍ଷରୁ ଅନେକ ସବ୍‌ଷ୍ଟେଶନରେ କେବଳ ଖୁଣ୍ଟ ପୋତାଯାଇ ମେଶିନ ରଖାଯାଇଛି। କୌଣସି ହିତାଧିକାରୀଙ୍କ ଘରକୁ ତାର ସଂଯୋଗ କରାଯାଇନାହିଁ। ଏପରିକି ଏନଜେଏନ୍ କାର୍ଯ୍ୟାଳୟ ସମ୍ମୁଖରେ କେବୁଲ ଗଦାହୋଇ ରହିଛି। ଗାଁଗୁଡିକରେ ୮ମାସ ଧରି ମେଶିନ ପଡିରହିଥିଲେ ମଧ ଠିକାଦାରଙ୍କ ଦେଖାମିଳୁନି। ଅନ୍ୟପକ୍ଷରେ ପେଟି ଠିକାଦାରମାନେ ଥିଲାବାଲା ତଥା ନିଜ ସମ୍ପର୍କୀୟମାନଙ୍କୁ ଏହି ଯୋଜନାରେ ସାମିଲ କରାଇ ସିଙ୍ଗିଲ ଫେଜର କେବୁଲ ପରିବର୍ତ୍ତେ ୩ ଫେଜ କେବୁଲ ବ୍ୟକ୍ତିଗତ ସ୍ଥାନରେ ଲଗାଇଛନ୍ତି। ଏହି ବ୍ଲକର ତିରୁଣା, କୋରୁଆ, ଡେରିକି, ଡାବର, ଶିଖର ଓ ବାଂଶ, ରୋହିଆ, ନାଉଗାଁ, ଘୋଡାଂଶ, ଅଲଣା, ଗଜରାଜପୁର, ଗଳଦାରୀ, ନୂଆଗାଁ ଆଦି ପଞ୍ଚାୟତରେ ହିତାଧିକାରୀଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇନାହିଁ। ଅନେକଙ୍କ ଘରେ ବିଦ୍ୟୁତ୍ ବୋର୍ଡ ଲଗାଯାଇଛି। କିନ୍ତୁ ଖୁଣ୍ଟ ନ ଥିବାରୁ ତାର ଟଣାଯାଇନାହିଁ। ଫନୀ ବାତ୍ୟା ପରେ ସେମାନେ ନିଜ ହାତରୁ ଖର୍ଚ୍ଚ କରି ଖୁଣ୍ଟ ଆଣି ପକାଇବା ପରେ ଠିକାଦାର ଆସି ବିଦ୍ୟୁତ୍ ସଂଯୋଗ ଦେଇଥିବା ଅନେକ ହିତାଧିକାରୀ କହିଛନ୍ତି। ଏପରି କି ଫନୀ ବାତ୍ୟା ପରେ ସରକାରଙ୍କ ଦ୍ୱାରା ଦିଆଯାଇଥିବା ଖୁଣ୍ଟକୁ ଠିକାଦାରମାନେ ସୌଭାଗ୍ୟ ଯୋଜନାରେ ଦେଖାଇ ବିଲ୍ କରିନେବାକୁ ମସୁଧା କରୁଥିବା ଅଭିଯୋଗ ହୋଇଛି। ସବ୍‌ଷ୍ଟେଶନଗୁଡିକ କାର୍ଯ୍ୟକ୍ଷମ କଲେ ଲୋ-ଭୋଲ୍‌ଟେଜରୁ ନିସ୍ତାର ମିଳିବ ବୋଲି ବହୁ ହିତାଧିକାରୀ କହିଛନ୍ତି। ଏ ସମ୍ପର୍କରେ ବାଲିକୁଦା ଉପଖଣ୍ଡ ଏସଡିଓ ଦେବଦତ୍ତ ଉପାଧ୍ୟାୟଙ୍କୁ ପଚାରିବାରୁ ଠିକାଦାରଙ୍କ ସହିତ ଆଲୋଚନା କରି ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ପୁରପଲ୍ଲୀରେ ପୂଜା ପାଇଲେ ଗଜାନନ


ବିରିଡ଼ି ଆଳିପଡ଼ା ବେହେରାସାହି


ବିରିଡ଼ି ମଙ୍ଗୁଳି ଷଠିଭୁଇଁ କ୍ଲବ୍


କୁଜଙ୍ଗର ଏକ ମଣ୍ଡପରେ ପୂଜା ପାଉଥିବା ଗଜାନନ


ବିରିଡ଼ି ପ୍ରଗତି କ୍ଲବ୍ ସଦେଇ ଶାସନ


ରଘୁନାଥପୁର ବରଗଳା ପୂଜା ମଣ୍ଡପ


ରଘୁନାଥପୁର ଧନୀପୁର ପୂଜା ମଣ୍ଡପ


ତିର୍ତ୍ତୋଲ ମାଣିତ୍ରୀ ମା' ଭାଷିଆଣୀ କ୍ଲବ୍


ବିରିଡ଼ି ଏମ୍‌ବିୱାଓ


ନାଉଗାଁର ଏକ ମଣ୍ଡପରେ ପୂଜା ପାଉଥିବା ଗଣେଶ

**ରଘୁନାଥପୁର,୨୧୯(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ, ଯୁବକ ସଂଘ ଓ ବଜାର କମିଟି ପକ୍ଷରୁ ସୋମବାର ଗଜାନନଙ୍କ ପୂଜା କରାଯାଇଛି। ଜଗନ୍ନାଥପୁର, ଗୋପାଳପୁର, ରଘୁନାଥପୁର, ତାରପୁର ବାଇପାସ, ଜଇପୁର ଛକ, ରେଙ୍ଗୁଆ, ତରିକୁନ୍ଦ ବଜାର, ଜଇଶୋଳ, ବରାଗୋଳ, ବିରାଡିକଟକ ଓ ଧନୀପୁରରେ ଆକର୍ଷଣୀୟ ପୂଜାମଣ୍ଡପରେ ଗଣେଶଙ୍କୁ ପୂଜା କରାଯାଇଛି। ବହୁ ପୂଜା ମଣ୍ଡପରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

**ନାଉଗାଁ,(ସ୍ୱ.ପ୍ର):** ନାଉଗାଁ ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଗଣେଶ ପୂଜା ଅନୁଷ୍ଠିତ ହୋଇଛି। ସେହିପରି ନାଉଗାଁ, ଗଙ୍ଗଦାହାଟ, କଂଚୁଣିଆ, ଅଲଣାହାଟ, ମୁଣ୍ଡାଳ ଆଦି ବଜାରରେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଓ ଯୁବକ ସଂଘ ପକ୍ଷରୁ ପୂଜା କରାଯାଇଥିଲା। ଗଣେଶ ପୂଜା ପରିଷଦ ଗୋଠଦା, ନନ୍ଦ କିଶୋର ଯୁଥ କ୍ଲବ ନନ୍ଦିଗ୍ରାମ, ମହାବୀର ଯୁଥ କ୍ଲବ ମହିଷାମୁଣ୍ଡାରେ ଗଣେଶ ପୂଜା ଅନୁଷ୍ଠିତ ହୋଇଛି। ବନ୍ଧମୁଣ୍ଡାସ୍ଥିତ ୟଙ୍ଗଷ୍ଟାର ଯୁଥ କ୍ଲବ ପକ୍ଷରୁ ତ୍ରୟୋଦଶତମ ଓ ମା' ବରାହୀ ଯୁବକ ସଂଘ ପକ୍ଷରୁ ୩ୟ ବାର୍ଷିକ ପୂଜା ହୋଇଥିଲା। ଶିଖରଘାଟ ଯୁଥ କ୍ଲବ ପକ୍ଷରୁ ୨୩୪ତମ ବାର୍ଷିକ ପୂଜା ଉତ୍ସବ ହୋଇଛି।

**ତିର୍ତ୍ତୋଲ,(ଡି.ଏନ.ଏ.):** ତିର୍ତ୍ତୋଲ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ, କ୍ଲବ, ପ୍ରତିଷ୍ଠାନରେ ଅଗ୍ରପୂଜ୍ୟ ବିଘ୍ନବିନାଶକଙ୍କ ପୂଜା ଅନୁଷ୍ଠିତ ହୋଇଛି। ତିର୍ତ୍ତୋଲ କଲେଜ, ମଣିଚରଣ ସାରଳା ଏକାଡେମୀ, ତିର୍ତ୍ତୋଲ ବାଳିକା ବିଦ୍ୟାଳୟ, ରଘୁପତି ଆଇଡିଆଲ ସ୍କୁଲ, କନକପୁର ସାରଦା ଏକାଡେମୀରେ ଯଥାରୀତି ପୂଜା କରାଯାଇଥିଲା। ଜଗନ୍ନାଥପୁର ନାଳପୋଲ ସ୍ଥିତ ଜ୍ଞାନ ବିକାଶ କ୍ଲବ, ଗଣେଶ ମଣ୍ଡପ କ୍ଲବ ତରଫରୁ ସବୁବର୍ଷ ଭଳି ଚଳିତ ବର୍ଷ ମହାଆଡମ୍ବରେ ପୂଜା କରାଯାଉଛି। ଏଠାରେ ସପ୍ତାହ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ହେବ। ସେହିପରି ସରଣୀ ଛକ ଗଣେଶ ମନ୍ଦିର, ଇଦ୍ରିସିଂ-ଖନ୍ଦୋଳସ୍ଥିତ ଗଡେଶ୍ୱର ଯୁବ ପରିଷଦ, ତିର୍ତ୍ତୋଲ ବ୍ଲକ ଛକ, ମାଣତିରି ସ୍ଥିତ ମା'ଭାସିଆଣି କ୍ଲବ, ଗୋପିଆକୁଦ ସ୍ଥିତ ସନ୍ତୋଷୀ କ୍ଲବ, ବିବଛପୁର ବଜ୍ରମହାକାଳୀ କ୍ଲବ, ନେହେରୁ ବଜାରରେ ଗଣେଶ ପୂଜା ହୋଇଛି।

**ବିରିଡି,(ଡି.ଏନ.ଏ):** ବାଇଶିମୌଜା ଅଳୀପଡା ଯୁବକ ସଂଘ, ଅଳୀପଡା ବେହେରା ସାହି, ଅଳୀପଡା ଏମବିୱାଇସି କ୍ଲବ, ମଇନ୍ଦିପୁର, ଚାଷୀଖଣ୍ଡ, ମଙ୍ଗୁଳି ସାଥୀ ଭଉଣୀ ପୂଜା କମିଟି, ଶଙ୍ଖାରୀସାହି, ରାୟ ରଘୁନାଥପୁର, ଦଣ୍ଡିଲୋ, ଅଡଙ୍ଗଗଡ, ଅଡଙ୍ଗମଜୁରାଇ, ଗୌସନଗର ଠାରେ ଶ୍ରୀଗଣେଶଙ୍କ ପୂଜା ଅନୁଷ୍ଠିତ ହୋଇଛି। ସଦେଇଶାସନର ପ୍ରଗତୀ କ୍ଲବ, ବସନ୍ତପୁର ବାପୁଜୀ ପାଠାଗାର, ଦଣ୍ଡିଲୋ, ଦୋଗୋଛିଆ ବଜାର, ହଳଦିଆପଡାରେ ଏହି ପୂଜା ମହା ଆଡମ୍ବରରେ ହୋଇଛି।

**କୁଜଙ୍ଗ,(ସ୍ୱ.ପ୍ର):** ପଙ୍କପାଳ, ଜନାପାଳ, ବଡ଼ପାଳ, କୁଜଙ୍ଗ ବଜାର, ଭୂତମୁଣ୍ଡାଇ, ବିଶ୍ୱାଳି ଓ ବାଲିତୁଠରେ ସୁଉଚ୍ଚ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକମାଳାରେ ପୂଜାମଣ୍ଡପ କରାଯାଇ ଗଣେଶଙ୍କ ପୂଜା ଅନୁଷ୍ଠିତ ହୋଇଛି। ଜଗନ୍ନାଥପୁର ନାଥସାହୀରେ ମା' ରାମଚଣ୍ଡି କ୍ଲବ ପକ୍ଷରୁ ୨୯ ତମ ପୂଜା ହେଉଛି। ସ୍ୱର୍ଗତ ପ୍ରଶାନ୍ତ ଦାସଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିକ୍ରମ କୁମାର ଦାସ(ସୁବା), ନୃସିଂହ ନାଥ, ସିଲୁ ଦାସ, ଆଶିଷ ପଲାଇ, ଡ୍ୟାନୀ ନନ୍ଦ, ତପନ ନାଥ, ଦିଲୀପ ଦାସ ପ୍ରମୁଖ ଏହି ପୂଜା ପରିଚାଳନା କରୁଛନ୍ତି। ତାଳପଡା, ପଙ୍କପାଳ, କୁଜଙ୍ଗ ଶିଶୁମନ୍ଦିର ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିଘ୍ନ ବିନାଶକଙ୍କ ପୂଜା ହୋଇଛି।

**ବାଲିକୁଦା,(ସ୍ୱ.ପ୍ର.):** ବାଲିକୁଦାର ବିଭିନ୍ନ ଶିକ୍ଷାନୁଷ୍ଠାନ, ପୂଜା କମିଟି, ଯୁବକ ସଂଘ ଓ କାର୍ଯ୍ୟାଳୟରେ ସୋମବାର ଗଣେଶ ପୂଜା ଅନୁଷ୍ଠିତ ହୋଇଛି। ପୂଜା ମଣ୍ଡପଗୁଡିକ ସନ୍ଧ୍ୟାରେ ବିଭିନ୍ନ ଆଲୋକମାଳାରେ ଝଲସି ଉଠିଥିଲା।

■ ବାଲିକୁଦାରେ ସାର କଳାବଜାର

## ଅଧିକ ଦରରେ କିଣୁଛନ୍ତି ଚାଷୀ

**ବାଲିକୁଦା,୨।୯(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକରେ ରାସାୟନିକ ସାରର ବ୍ୟାପକ କଳାବଜାର ହେଉଛି। ଏସବୁ ଜାଣି ପ୍ରଶାସନ ନୀରବ ରହିବା ସମ୍ପୃକ୍ତ ବ୍ୟବସାୟୀଙ୍କୁ ସୁହାଉଛି। ଅନ୍ୟପକ୍ଷରେ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ସରକାରଙ୍କ ଧାର୍ଯ୍ୟ ଦରଠାରୁ ବସ୍ତା ପ୍ରତି ୧୦୦ ଟଙ୍କାରୁ ଅଧିକ ମୂଲ୍ୟରେ ସେମାନେ ସାର କିଣୁଛନ୍ତି। ପ୍ରକାଶ ଯେ, ବାଲିକୁଦା ବ୍ଲକରେ ଚଳିତବର୍ଷ ସ୍ୱଳ୍ପବୃଷ୍ଟି ଯୋଗୁ ପ୍ରଥମ ପର୍ଯ୍ୟାୟରେ ଚାଷୀମାନେ ବୁଣିଥିବା ଧାନ ବିହନ ବ୍ୟାପକ ମାତ୍ରାରେ ନଷ୍ଟ ହୋଇଗଲା। ଯାହାକିଛି ଫସଲ ହୋଇଥିଲା ଭାଦ୍ରବ ମାସରେ ଚାଷୀ ରୁଆ ବେଉଷଣ କରିବାକୁ ସାର ଆବଶ୍ୟକ କଲେ। କିନ୍ତୁ ସାର ବ୍ୟବସାୟୀମାନେ ସରକାରୀ ଅଧିକାରୀଙ୍କୁ ହାତ କରି ଧାର୍ଯ୍ୟ ଦରଠାରୁ ଅଧିକ ଦରରେ ସାର ବିକ୍ରି କରୁଛନ୍ତି। ଚାଷୀଙ୍କୁ ସୁଲଭ ମୂଲ୍ୟରେ ସାର ଯୋଗାଇବା ପାଇଁ ମାର୍କଫେଡ୍, ଆଗ୍ରୋ ଆଦି ସଂସ୍ଥା ରହିଛି। ମାର୍କଫେଡ୍ କେବଳ ବାଲିକୁଦାର ସମବାୟ ସମିତିଗୁଡିକୁ ସାର ଯୋଗାଣ କରୁଛି। କିନ୍ତୁ ଏହି ସାର ଚାଷୀଙ୍କ ବଦଳରେ ବ୍ୟବସାୟୀଙ୍କ ପାଖକୁ ଯାଉଥିବା ଅଭିଯୋଗ ହେଉଛି। ମାର୍କଫେଡ୍ ଯେଉଁ ଏଜେନ୍ସି ଦେଇଛି, ତାହା ମଧ୍ୟ କଳାବଜାରରେ ସାର ବିକ୍ରି କରୁଛି। ଏହି ଦୁଇ ସଂସ୍ଥା ବ୍ୟତୀତ ବିଭିନ୍ନ ସାର କମ୍ପାନୀ ମଧ୍ୟ ନିଜସ୍ୱ ଏଜେନ୍ସି ରଖିଛନ୍ତି। ଏସବୁ ସତ୍ତ୍ୱେ ବାଲିକୁଦା, ଇଶ୍ୱରପୁର, ବଡ଼ଗାଁ, ବୋରିକିନା, ନାରଦିଆ, ଆମ୍ବଶାଳ, ମାଛଗାଁ, ଓଷକଣା, ଇଛାପୁର, ଶୋଭା, ତିତିରା, ମୂଳଗାଁ, ଡେଙ୍ଗାପୋଲ ଆଦି ଅଞ୍ଚଳରେ ଚାଷୀ ଶୋଷିତ ହେଉଛନ୍ତି। ପିପିଏଲର ନବରତ୍ନ ଡିଏପି ୧୮.୪୬ ବସ୍ତା ( ୫୦ କି.ଗ୍ରା) ପ୍ରତି ୧୩୪୦ ଟଙ୍କା ଥିବାବେଳେ ବଜାରରେ ୧୪୫୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ୨୦.୨୦.୦.୧୩ ବସ୍ତା ପ୍ରତି ୧୧୪୦ ଟଙ୍କା ପରିବର୍ତ୍ତେ ୧୨୫୦ଟଙ୍କା, ଇଫ୍‌କୋ ଡିଏପି ୧୮.୪୬ ବସ୍ତା ପ୍ରତି ୧୩୦୦ ଟଙ୍କା ପରିବର୍ତ୍ତେ ୧୪୫୦, ଇଫକୋ ୨୦.୨୦.୦.୧୩ ବସ୍ତା ପ୍ରତି



■ ବ୍ୟବସାୟୀ ମାଲାମାଲ, ଚାଷୀ ହତାଶ

■ ପ୍ରତିବାଦ କଲେ ଶୁଣିବାକୁ କେହିନାହିଁ

୧୦୦୦ ଟଙ୍କା ବଦଳରେ ୧୧୫୦ରେ ବିକ୍ରି ହେଉଛି। ସବୁଠୁ ଆଶ୍ଚର୍ଯ୍ୟ କଥା ୟୁରିଆ ବସ୍ତା (୪୫ କିଗ୍ରା) ପ୍ରତି ୨୭୦ଟଙ୍କା ଥିବାବେଳେ ଇଫକୋ ୩୭୦, ନାଗାର୍ଜୁନ ୪୦୦ ଟଙ୍କାରେ ବିକ୍ରି ହେଉଛି। ଚାଷୀ ପ୍ରତିବାଦ କଲେ ବ୍ୟବସାୟୀ ଶୁଣୁନାହାନ୍ତି। ଇଚ୍ଛା ହେଲେ ସାର ନିଅ ନ ହେଲେ ନାହିଁ ବୋଲି ଧମକ ଦେଉଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବ୍ଲକ ସଂଯୋଜକ ରଘୁନାଥ ନାୟକଙ୍କ ସମେତ ବିଭିନ୍ନ ପଞ୍ଚାୟତର ସଂଯୋଜକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା କୃଷି ଅଧିକାରି ପ୍ରମୋଦ କୁମାର ମଲ୍ଲିକଙ୍କୁ ପଚାରିବାରୁ ସେ କହିଲେ ଯେ, ଚାଷୀ ସଚେତନ ହେଲେ ସାର କଳାବଜାର ରୋକାଯାଇପାରିବ। ଏଥିରେ ଆମ ବିଭାଗର କୌଣସି ସମ୍ପୃକ୍ତି ନାହିଁ। ଏନେଇ ପୂର୍ବରୁ କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ପାଇନି। କେବଳ ଶୁଣିଛି। ତଥାପି ଖୁବଶୀଘ୍ର ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

■ ଜିଲା ପୋଲିସ ପକ୍ଷରୁ ମୋ ସରକାର ଉପରେ ତାଲିମ

## ନରମ ମନୋଭାବ ପୋଷଣକୁ ଗୁରୁତ୍ୱ

**ଜଗତ୍‌ସିଂହପୁର ଅଫିସ, ୨।୯**

ରାଜ୍ୟରେ ଲୋକାଭିମୁଖୀ ସରକାର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ ସରକାର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ସେହି ଅନୁଯାୟୀ, ଜଗତ୍‌ସିଂହପୁର ଜିଲା ପୋଲିସ ପକ୍ଷରୁ ସୋମବାର ମୋ ସରକାର ଉପରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପୋଲିସ ଲୋକଙ୍କ ନିକଟତର ହେବା, ବିଶେଷକରି ଲୋକଙ୍କ ପ୍ରତି ନରମ ମନୋଭାବ ପୋଷଣ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ ମୋ ସରକାରର ଆଭିମୁଖ୍ୟ ଓ କାର୍ଯ୍ୟାନ୍ୱୟନ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପ୍ରତି ଥାନା ଓ ଏସ୍‌ପିଙ୍କ କାର୍ଯ୍ୟାଳୟରେ ହେଲ୍‌ପ ଡେସ୍କ ରହିବ। ଏହି ଡେସ୍କ ଉପରେ ସିସିଟିଭି କ୍ୟାମେରା ଲାଗିବ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଡେସ୍କର ସିଧାସଳଖ ସଂଯୋଗ ବ୍ୟବସ୍ଥା କରାଯିବ। ସିସିଟିଏନ୍‌ଏସ୍ ଜରିଆରେ ମୁଖ୍ୟମନ୍ତ୍ରୀ କିମ୍ବା ଡିଜିପି ଚାହିଁଲେ ଡେସ୍କ ସହ କଥା ହୋଇପାରିବେ। ଏପରି କି ଅଭିଯୋଗକାରୀଙ୍କ ମୋବାଇଲ ନମ୍ବର ଦେଖି ମୁଖ୍ୟମନ୍ତ୍ରୀ, ଡିଜିପି ପ୍ରମୁଖ ତାଙ୍କ ସହ କଥା ହୋଇ ପୋଲିସର ଆଚରଣ ଓ କାର୍ଯ୍ୟ ସମ୍ପର୍କରେ ବୁଝିପାରିବେ। ପୋଲିସର ଦକ୍ଷତା ମାପିବା ପାଇଁ ମାନଦଣ୍ଡ ରଖାଯାଇଛି। ଭଲ କାମ କଲେ ପୁରସ୍କାର ଓ ଖରାପ କାମଙ୍କ ପାଇଁ ଦଣ୍ଡ ବ୍ୟବସ୍ଥା ଅଛି। ଜିଲା ପୋଲିସ କାର୍ଯ୍ୟାଳୟରେ ଲୋକଙ୍କଠାରୁ ଫିଡବ୍ୟାକ୍ ନେବା ପାଇଁ କଲ୍ ସେଣ୍ଟର (ମୋବାଇଲ ନଂ. ୦୬୭୨୪୨୨୦୫୨୯) କାର୍ଯ୍ୟକ୍ଷମ ହେଉଛି। ସେପ୍ଟେମ୍ବର ୪ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ କଲ ସେଣ୍ଟର ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବ। ଏହି ସମୟ ମଧ୍ୟରେ ପୋଲିସ କର୍ମଚାରୀଙ୍କୁ ମୋ ସରକାର କାର୍ଯ୍ୟକ୍ରମ ସହ ଯୋଡିବାକୁ ଯଥାସମ୍ଭବ ଉଦ୍ୟମ କରାଯିବ। କୌଣସି ପ୍ରକାର ତ୍ରୁଟିକୁ ବରଦାସ୍ତ କରାଯିବ ନାହିଁ ବୋଲି ଏହି ଅବସରରେ ଏସ୍‌ପି ପ୍ରକାଶ ଆର୍ କହିଛନ୍ତି। ଥାନାସ୍ତରରେ ପୋଲିସ କର୍ମଚାରୀଙ୍କ ଦକ୍ଷତା ମାପିବା ପାଇଁ ୮ଟି ମାନଦଣ୍ଡ ରଖାଯାଇଛି। ପ୍ରଥମତଃ କର୍ମଚାରୀଙ୍କ ସମୟାନୁବର୍ତ୍ତିତାକୁ ଗୁରୁତ୍ୱ ଦିଆଯାଇଛି। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପୋଲିସ କର୍ମଚାରୀ ତାଙ୍କ କାମ କରିଛନ୍ତି କି ନାହିଁ ଦେଖାଯିବ। ଧର୍ତ୍ତବ୍ୟ ଅପରାଧ ହୋଇ ନ ଥିବା ମାମଲା ଉପରେ ନିଷ୍ପତ୍ତି ୧୫ ଦିନ ଭିତରେ ନେଇଛନ୍ତି କି ନାହିଁ ଅନୁଧ୍ୟାନ କରାଯିବ। କାରଣ ଦର୍ଶାଇ ତଦନ୍ତକାରୀ ଅଧିକାରୀ ଆଉ ୧୫ ଦିନ ମଧ୍ୟବର୍ତ୍ତିକାଳୀନ ରିପୋର୍ଟ ଦେଇ ସମୟ ନେଇପାରିବେ। କେହି ଅଭିଯୋଗକାରୀ ଓଡ଼ିଆ କିମ୍ବା ଅଣଓଡ଼ିଆ ହୋଇଥିଲେ ତାଙ୍କ ସହ ସେହି ଭାଷାରେ କଥା ହେବା କଥା। ତେଣୁ ଭାଷା ବ୍ୟବହାର ଠିକ ହୋଇଛି କି ନାହିଁ ତାହା ମଧ୍ୟ ଅନୁଧ୍ୟାନ ହେବ। ଅଭିଯୋଗକାରୀ ଅଭିଯୋଗ କଲାପରେ ଗ୍ରହଣ ପତ୍ର(ଆକ୍‌ନଲେଜମେଣ୍ଟ) ପାଇବେ। ତଦନ୍ତକାରୀ ଅଧିକାରୀଙ୍କ ମୋବାଇଲ ନମ୍ବର ପାଇବା ଅଭିଯୋଗକାରୀଙ୍କ ଅଧିକାର। ତେଣୁ ଏଥିରେ ବ୍ୟତିକ୍ରମ ହେବା ଉଚିତ ନୁହେଁ। ଅଭିଯୋଗକାରୀ ତଥା ଲୋକଙ୍କ ସହ ପୋଲିସର ବ୍ୟବହାର କିପରି ରହୁଛି ତା'ଉପରେ ଗୁରୁତ୍ୱାରୋପ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ପୋଲିସ କର୍ମଚାରୀଙ୍କ ସଚ୍ଚୋଟତା (ଇଣ୍ଟିଗ୍ରିଟି) ମପାଯିବ। କୌଣସି ପୋଲିସ କର୍ମଚାରୀ ଲାଞ୍ଚ ମାଗିଲେ, ବେଆଇନ ଭାବେ କିଛି କାଗଜ ଚାହିଁଲେ କିମ୍ବା ବ୍ୟବହାର କରିବା ପାଇଁ ଚାପ ପକାଇଲେ, କୌଣସି ଦ୍ରବ୍ୟ ମାଗିଲେ, ମୋଟାମୋଟି ଭାବରେ କୌଣସି ପ୍ରକାରେ ପ୍ରଭାବିତ କରିବାକୁ ଚେଷ୍ଟା କଲେ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି। ଏହିସବୁ ମାନଦଣ୍ଡକୁ ବିଚାରକୁ ନେଇ ପୋଲିସ କର୍ମଚାରୀଙ୍କୁ ୫ଟି ଡିଭିଜନରେ ବିଭକ୍ତ କରାଯିବ। ସେଗୁଡିକ ହେଲା ରେଡ୍ (ନାଲି), ଏଲୋ (ହଳଦିଆ), ଗ୍ରୀନ୍ (ସବୁଜ)-୧, ଗ୍ରୀନ୍-୨ ଓ ଗ୍ରୀନ୍ -୩। ସବୁଠୁ ଖରାପ କାମ କରୁଥିବା କର୍ମଚାରୀଙ୍କୁ ରେଡ ଡିଭିଜନ୍ ମିଳିବ। ତାଙ୍କ ପରେ ରହିବେ ଏଲୋ ଡିଭିଜନର କର୍ମଚାରୀ। ଗ୍ରୀନ୍ ଡିଭିଜନ କର୍ମଚାରୀମାନେ ଭଲ କାମ କରୁଥିବା ପ୍ରମାଣିତ ହେବେ। ଗ୍ରୀନ୍-୧ ଭଲ, ଗ୍ରୀନ୍-୨ ବହୁତ ଭଲ ଓ ଗ୍ରୀନ୍-୩ ଡିଭିଜନ କର୍ମଚାରୀ ଅତ୍ୟଧିକ ଭଲ ସାର୍ଟିଫିକେଟ୍ ପାଇବେ। ଭଲ କାମ କରୁଥିବା କର୍ମଚାରୀଙ୍କୁ ସମ୍ମାନିତ କରାଯିବ। ସେହିପରି ରେଡ୍ ଓ ଏଲୋ ଡିଭିଜନଧାରୀଙ୍କୁ ଦଣ୍ଡିତ କରାଯିବ। ଏପରି କି ସମ୍ପୃକ୍ତ ଥାନା ଆଇଆଇସି ମଧ୍ୟ ସମାନ ଭାବେ ଦଣ୍ଡ ପାଇବେ। ପ୍ରତି ମାସରେ ଏ ସମ୍ପର୍କରେ ସମୀକ୍ଷା କରାଯିବ।


ତାଲିମ ଶିବିରରେ ଯୋଗଦେଇଥିବା ବରିଷ୍ଠ ପୋଲିସ ଅଧିକାରୀ।

■ ପୋଲିସ ଦକ୍ଷତା ମାପିବେ ଲୋକେ

■ ଖରାପ ପ୍ରଦର୍ଶନ କଲେ ଦଣ୍ଡ, ଭଲ ହେଲେ ପୁରସ୍କାର

■ ପ୍ରତି ଥାନା ଓ ଏସ୍‌ପିଙ୍କ କାର୍ଯ୍ୟାଳୟରେ ରହିବ ହେଲ୍ପ ଡେସ୍କ



ସୌନ୍ଦର୍ଯ୍ୟ

# କେଶ କଳା କରିବାର ଘରୋଇ ଉପାୟ

ଆଜିକାଲି କେଶ ପାଚିବା ଏକ ସାଧାରଣ ସମସ୍ୟା ହୋଇଗଲାଣି। ଅସମୟରେ ବି କେଶ ପାଚି ଯାଉଛି। ତେବେ ଆପଣ ଚାହିଁଲେ ଏହି ସମସ୍ୟାକୁ ଘରୋଇ ଉପଚାର ଦ୍ୱାରା ଦୂରେଇ ପାରିବେ। ଜାଣନ୍ତୁ ସେ ନେଇ କିଛି ଟିପ୍ସ...

- ଅଁଳା ଖଣ୍ଡକୁ ନଡ଼ିଆ ତେଲରେ ପକାଇ କଳା ହେବା ପର୍ଯ୍ୟନ୍ତ ଫୁଟାନ୍ତୁ। ଏହି ତେଲକୁ କେଶରେ ଲଗାଇଲେ କେଶ କଳା ହେବା ସହ ଗହନ ହୋଇଥାଏ।
- ନଡ଼ିଆ ତେଲରେ ଭୃଙ୍ଗରାଜପତ୍ର ପକାଇ ଫୁଟାନ୍ତୁ। ଏହି ତେଲ କେଶରେ ଲଗାଇ ମାଲିସ କଲେ କେଶ କଳା ହେବା ସହ ସେଥିରେ ଚମକ ଆସିଥାଏ।
- କେଶ କଳା କରିବା ପାଇଁ ଭିଟାମିନ୍ ଇ, ଓମେଗା ୩, ଫ୍ୟାଟି ଏସିଡ୍‌ର ଆବଶ୍ୟକତା ରହିଛି। ବିଶେଷ କରି ଆର୍ଗନ ଅଏଲ୍‌ରେ ଏସବୁ ତତ୍ତ୍ୱ ରହିଛି। ପ୍ରତିଦିନ ଆପଣ ଏହି ତେଲକୁ କେଶରେ ମସାଜ୍ କରିପାରିବେ।
- ଆପଣଙ୍କ ଖାଦ୍ୟ ତାଲିକାରେ ଅଁଳାକୁ ସାମିଲ କରନ୍ତୁ। ଏହାକୁ ଆପଣ କଞ୍ଚା ଖାଇପାରିବେ। ଏହାର ଜୁସ୍ ମଧ୍ୟ ପିଇ ପାରିବେ।
- ଅଁଳା ପାଉଡରରେ ପାଣି ଏବଂ ଲେମ୍ବୁ ରସ ମିଶାଇ କେଶରେ ଲଗାନ୍ତୁ।
- ଭୃଙ୍ଗରାଜ ପତ୍ରକୁ ଶୁଖାଇ ପାଉଡର କରି ଏଥିରେ ଦହି ମିଶାଇ କେଶରେ ଲଗାନ୍ତୁ।
- ଅଶ୍ୱଗନ୍ଧା ଏବଂ ଭୃଙ୍ଗରାଜର ପେଷ୍ଟରେ ନଡ଼ିଆ ତେଲ ମିଶାଇ କେଶରେ ଲଗାନ୍ତୁ। ଏକ ଘଣ୍ଟା ପରେ କେଶକୁ ହାଲ୍‌କା ଉଷୁମ ପାଣିରେ ଧୋଇ ଦିଅନ୍ତୁ।
- ରାତିରେ କେଶର ମୂଳରେ ପିଆଜ ରସ ଲଗାନ୍ତୁ। ସକାଳେ ଧୋଇ ଦିଅନ୍ତୁ।
- ପ୍ରତିଦିନ କେଶରେ ରାଶିତେଲ ଲଗାନ୍ତୁ ଏବଂ ରାଶି ଖାଆନ୍ତୁ। ଦେଖିବେ କେଶ କଳା ହୋଇଯିବ।
- ଅଧାକପ୍ ଦହିରେ ଏକ ଚାମଚ ଲେମ୍ବୁରସ ଏବଂ ଅଳ୍ପ ପରିମାଣରେ ଗୋଲମରିଚ ଗୁଣ୍ଡ ମିଶାଇ କେଶରେ ଲଗାନ୍ତୁ।



# ସଫଳତା ପଛରେ..

ପ୍ରତ୍ୟେକଙ୍କ ଜୀବନରେ ଗୁରୁ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥାଆନ୍ତି। ସେମାନଙ୍କର ପ୍ରେରଣା ଆମକୁ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହେବାକୁ ଯଥେଷ୍ଟ ସାହାଯ୍ୟ କରିଥାଏ। ସେହିପରି ବିଭିନ୍ନ କ୍ଷେତ୍ରରେ ପରିଚୟ ସୃଷ୍ଟି କରିଥିବା କେତେଜଣ ମହିଳା ନିଜ ଗୁରୁଙ୍କ ସ୍ମୃତିକୁ ମନେ ପକାଇ ଯାହା କହନ୍ତି....


ଛନ୍ଦା


ତମନ୍ନା


ଜ୍ୟୋତ୍ସ୍ନା


ପ୍ରଜ୍ଞା


ଶୈଳଭାମା


ଶ୍ରଦ୍ଧାଞ୍ଜଳି

**ଅନୁପ୍ରାଣିତ କରିଥିଲା ଗୁରୁଙ୍କ ଅନୁଚିନ୍ତା : (ଛନ୍ଦା ମିଶ୍ର, ଲେଖିକା)**

ଢେଙ୍କାନାଳ ଜିଲାର ସୁନାମଧନ୍ୟ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢିବାର ସୁଯୋଗ ପାଇଥିଲି। ସୌଭାଗ୍ୟକ୍ରମେ ଆମର ପ୍ରଧାନ ଶିକ୍ଷକ ଥିଲେ ସ୍ୱର୍ଗତ ରୁଦ୍ର ନାରାୟଣ ମିଶ୍ର। ଧୋବ ଫରଫର ଧୋତି ଓ କୁର୍ତ୍ତାରେ ସେ ଉଜ୍ଜ୍ୱଳମଣ୍ଡଳ ଓ ବଳିଷ୍ଠ ବ୍ୟକ୍ତିତ୍ୱଙ୍କ ସାନ୍ନିଧ୍ୟ ଲାଭ କରିବା ସତେ ଯେପରି ମୋ ପାଇଁ ଏକ ଈଶ୍ୱରୀୟ ଆଶୀର୍ବାଦ ଥିଲା। ଶୃଙ୍ଖଳା ଓ ନୀତିଗତ ଆଦର୍ଶର ସେ ଥିଲେ ମୂର୍ତ୍ତିମନ୍ତ ପ୍ରତୀକ। ସାର୍‌ଙ୍କୁ ଦେଖିଲେ କେବଳ ଆମେ ଛାତ୍ରୀଛାତ୍ର ନୁହେଁ, ଶିକ୍ଷକଙ୍କ ମଥା ବି ଭକ୍ତିରେ ନଇଁ ଯାଉଥିଲା। ସେତେବେଳେ ପ୍ରାର୍ଥନା ସଭା ପରେ ସେ ଅନୁଚିନ୍ତାଟିଏ ଉଦାହରଣ ସହ ଆମକୁ ବୁଝାଉଥିଲେ । ଅନେକ ଅନୁଚିନ୍ତା ମଧ୍ୟରେ ଦୁଇଟି ଅନୁଚିନ୍ତା ଆଜି ବି ମୋ ପାଇଁ ଗୁରୁମନ୍ତ୍ର ହୋଇ ରହିଛି, ଯାହାକି ମୋ ଜୀବନ ଜିଇଁବାର ମାଧ୍ୟମ ପାଲଟିଛି। ଥରେ ସେ କହିଥିଲେ – ପିଲାଏ, ଯେତେବେଳେ ଈଶ୍ୱରଙ୍କ ପାଖେ କୌଣସି ଅଳି କରୁଛ, କେବଳ ନିଜ ପାଇଁ ନ କରି ସମଗ୍ର ବିଶ୍ୱ ପାଇଁ କରିବ। ତା' ଦ୍ୱାରା ତୁମେ ମଧ ସେହି ବିଶ୍ୱ ମଧ୍ୟରେ ରହି ଈଶ୍ୱରଙ୍କ ଆଶିଷ ପ୍ରାପ୍ତ କରିବ। ଆଉ ଦ୍ୱିତୀୟଟି ହେଲା – ନିଜକୁ ଏପରି ଗଢି ତୋଳ ଯେପରି , ଅର୍ଥ ପଛରେ ତୁମେ ନୁହେଁ ବରଂ ଅର୍ଥ ତୁମ ପଛରେ ଧାଇଁବ। ପ୍ରଭୁ ସମସ୍ତଙ୍କୁ ଭଲରେ ରଖନ୍ତୁ କହି ସେ ହାତ ମୁଣ୍ଡରେ ଛୁଆଁଇଲା ବେଳେ ଅନ୍ତର ଏକ ଦିବ୍ୟ ପୁଲକରେ ଉଲ୍ଲସିତ ହୋଇଉଠେ। ଆଜି ବି ଠାକୁରଙ୍କୁ କିଛି ମାଗିବା ବେଳେ ସାର୍‌ଙ୍କର ସୌମ୍ୟ ଚେହେରାଟି ଆଖି ଆଗରେ ଭାସିଉଠେ।

**ସଚ୍ଚା ଗୁରୁଙ୍କ ଆଶ୍ରିତ ହୋଇଥିଲି : (ଶୈଳଭାମା ମହାପାତ୍ର, ଗାୟିକା)**

ସ୍କୁଲ ହେଉ ଅବା ସଙ୍ଗୀତ ଜୀବନ, ପିଲାବେଳୁ ମୁଁ ଗୁରୁଙ୍କ ଆଶ୍ରିତ ହୋଇଛି। ଅନେକ ଜଣଙ୍କ ପାଖରେ ସଙ୍ଗୀତ ଶିଖାଇବାର କଳା ଅଛି, କିନ୍ତୁ ବାସ୍ତବ ସାଧକ ବହୁତ କମ୍ ଥାଆନ୍ତି। ଜଣେ ଭଲ ଗୁରୁ ସବୁବେଳେ ଚାହେଁ ତାର ଶିଷ୍ୟକୁ ସବୁବେଳେ ଉଚିତ୍ ଜାଗାକୁ ନେବ। ଭଲ ରାସ୍ତା ଦେଖାଇବ। ମୋ ଜୀବନରେ ତିନି ଜଣ ଗୁରୁ ଅଛନ୍ତି, ସେ ହେଉଛନ୍ତି ସ୍କୁଲ ଜୀବନର ଶାନ୍ତନୁ ଦାସ, ଦ୍ୱିତୀୟ ଗୁରୁ କଲେଜ ଜୀବନର ପ୍ରିନ୍ସିପାଲ ଅନନ୍ତ ନାରାୟଣ ମିଶ୍ର, ଯାହାଙ୍କଠାରୁ ମୁଁ କ୍ଲାସିକାଲ ଗୀତ ଆରମ୍ଭରୁ ଶିଖିଥିଲି। ତୃତୀୟ ଗୁରୁ ହେଉଛନ୍ତି ପ୍ରଦୀପ ପାତ୍ର ଯାହାଙ୍କଠାରୁ ମୁଁ ସଙ୍ଗୀତର ଫଣ୍ଡାମେଣ୍ଟାଲ, ଗ୍ରାମାର, ମ୍ୟାଥ୍,କାଉଣ୍ଟିଂ ସବୁକିଛି ଶିଖିଛି। ମୁଁ ଯେତେବେଳେ ଚାଇଲ୍ଡ ଆର୍ଟିଷ୍ଟ ହୋଇ ରେଡିଓକୁ ଯାଉଥିଲି, ସେଠାରେ ମୋର କମ୍ପୋଜର ଥିଲେ ସ୍ୱର୍ଗତ ପ୍ରଦୀପ ପାତ୍ର। ଗତବର୍ଷ ସେ ଇହଧାମ ତ୍ୟାଗ କରିଛନ୍ତି। ଯେମିତି କି କଥାରେ ଅଛି, ବ୍ରହ୍ମା ବିଳିବିଳେଇଲେ ବେଦ। ସେ ଥିଲେ ସେଭଳି ଜଣେ ଗୁରୁ। ମୁଁ ଗୁରୁ ଅନନ୍ତ ନାରାୟଣ ମିଶ୍ରଙ୍କଠାରୁ କ୍ଲାସିକାଲ ସଙ୍ଗୀତ ଶିଖିଥିଲି ସତ, କିନ୍ତୁ ମୋତେ ପ୍ରକୃତରେ ଗ୍ରୁମିଂ କରିଛନ୍ତି ପ୍ରଦୀପ ପାତ୍ର। ମୋ ଘର ସୁନାବେଡ଼ା। ସେତେବେଳେ ଜୟପୁରରେ ଥିବା ଆକାଶ ବାଣୀକୁ ରେଡିଓ ରେକର୍ଡିଂ ପାଇଁ ୧/୨ ମାସରେ ଥରେ ଦିନବେଳା ମୁଁ ସେଠାକୁ ଯାଏ। ସେଠାରୁ ରେକର୍ଡିଂ ସାରି ପ୍ରଦୀପ ସାର୍‌ଙ୍କ ଘରକୁ ଯାଏ। ସେଠାରେ ତାଙ୍କ ପରିବାର ସହ ରାତ୍ରିଭୋଜନ ସାରି ସାର୍‌ଙ୍କଠାରୁ ଗୀତ ଶିଖେ ରାତି ୧୦ ଟାରୁ ଭୋର୍ ୪ଟା ପର୍ଯ୍ୟନ୍ତ। ଭଏସ୍‌ର ଇମ୍ପ୍ରୁଭ୍‌ମେଣ୍ଟ କିପରି ହେବ ସେଥିପ୍ରତି ସାର୍ ଯଥେଷ୍ଟ ଗୁରୁତ୍ୱ ଦିଅନ୍ତି। ସାଧାରଣତଃ ସମସ୍ତେ କୁହନ୍ତି, ସଙ୍ଗୀତ ସନ୍ଧ୍ୟାବେଳେ ଶିଖାଯାଏ। କିନ୍ତୁ ମୋ ଗୁରୁ କୁହନ୍ତି ସଙ୍ଗୀତ ଶିଖିବାର ଗୋଟିଏ ମୁଡ୍ ଥାଏ। ସଙ୍ଗୀତ ହେଉଛି ଏକ ଧ୍ୟାନ। ଶାନ୍ତ ପରିବେଶ ମିଳିଲେ ହିଁ ସଙ୍ଗୀତ ପରିବେଷଣ କରାଯାଇପାରିବ। ରାତି ଅନିଦ୍ରା ହେଉଥିବାରୁ ପତ୍ନୀ ତାଙ୍କୁ ଚା' ପିଇବାକୁ ଦେଉଥାନ୍ତି। ଆଉ ମୋତେ ବି। ସେ ସମୟ ଆଜି ବିଗତ ହୋଇଯାଇଛି ସତ, କିନ୍ତୁ ଆଜି ମୁଁ ଅନୁଭବ କରୁଛି ଯେ, ଜଣେ ସଚ୍ଚା ଗୁରୁ ଥିଲେ ସେ। ଦେଖାଇ ହେବା କି ଆତ୍ମଗର୍ବ ତାଙ୍କର ନ ଥିଲା। ସଙ୍ଗୀତ ଦୁନିଆଁରେ ମୁଁ ଆଜି ସମଗ୍ର ଲୋକଙ୍କ ମନ ଜିଣିପାରିଛି କେବଳ ତାଙ୍କ ପ୍ରେରଣା ପାଇଁ। ଭଗବାନ୍ ଓ ବାପାମାଆଙ୍କ ଆଶୀର୍ବାଦକୁ ବି ଏହାର ଶ୍ରେୟ ଦେବି।

**ଜୀବନର ମୋଡ଼ ବଦଳାଇ ଦେଇଥିଲା ଦିଦିଙ୍କ ଗାଳି : (ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଫୁଟବଲ ଖେଳାଳି)**

ସ୍କୁଲରେ ପାଠ ପଢ଼ିବାବେଳେ ଖେଳ ପିରିୟଡ୍‌ରେ ମୁଁ ଆଦୌ ଖେଳିବାକୁ ଯାଏନି। କିନ୍ତୁ ମୋ ବଡ଼ ଭଉଣୀ ଗୀତାଞ୍ଜଳି ଖୋକେ ଖେଳେ। ସେ ମୋତେ ଖୋକୋ ଖେଳିବା ପାଇଁ କହିଲେ ବି ମୁଁ ତା କଥାକୁ ଏତେ ଗୁରୁତ୍ୱ ଦିଏନି। ଦିନେ ସ୍କୁଲର ଲତିକା ଦିଦି ପଚାରିଲେ ତୋ ବଡ଼ ଭଉଣୀ ତ ଭଲ ଖୋକେ ଖେଳୁଛି, ତୁ କାହିଁକି ଖେଳୁନୁ। କାଲି ଯଦି ଖେଳ ପିରିୟଡରେ ତୁ ଫିଲ୍ଡକୁ ନ ଆସିଥିବୁ, ତା' ହେଲେ ମୁଁ ତୋତେ ପିଟିପଟି ଖେଳ ପଡ଼ିଆକୁ ଆଣିବି। ଦିଦିଙ୍କର ଏହି ଗାଳି ଶୁଣି ମୁଁ ଡରିଯାଇଥିଲି। ତା ପରଦିନ ଦିଦି ଆସିବା ପୂର୍ବରୁ ମୁଁ ଖେଳ ପିରିୟଡରେ ଯାଇ ପଡ଼ିଆରେ ପହଞ୍ଚିଯାଇଥିଲି। ଦିଦି ବି ମୋତେ ଦେଖି ଖୁବ୍ ଖୁସି ହେଲେ। ତା' ପରେ ଧୀରେ ଧୀରେ ଖେଳ ପ୍ରତି ଆଗ୍ରହ ଆସିଲା। ସେଠାରେ ଫୁଟ୍‌ବଲ୍ କୋଚ୍ ଚନ୍ଦନ ଚନ୍ଦା ଫୁଟ୍‌ବଲ୍ ଖେଳିବା ପାଇଁ ମୋତେ ଉତ୍ସାହିତ କଲେ। ଭଲ ଖେଳିଲେ ମୁଁ ରାଜ୍ୟ ତଥା ଦେଶ ପାଇଁ ବି ଖେଳି ପାରିବି ବୋଲି କହିଲେ। ସେବେଠାରୁ ଖେଳ ମୋର ନିଶା ପାଲଟିଯାଇଥିଲା। ପରେ କଳିଙ୍ଗ ଷ୍ଟାଡିୟମ୍‌ରେ କୋଚ୍ ନନ୍ଦକିଶୋର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଫୁଟ୍‌ବଲ୍ ଖେଳିଲି। ସେ ସବୁବେଳେ କୁହନ୍ତି, ପରିଶ୍ରମର ବିକଳ୍ପ ନାହିଁ। ଖେଳିବାବେଳେ ପ୍ରତିଟି ଭୁଲ୍‌ରେ ସେ ସୁଧାର ଆଣନ୍ତି। ମୋ ଜୀବନରେ ପ୍ରତିଟି ଗୁରୁଙ୍କର ଉତ୍ସାହ ଓ ପ୍ରେରଣା ବାସ୍ତବରେ ମୋ ପାଇଁ ସଫଳତାର ଅସ୍ତ୍ର ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

**ବିଶ୍ୱ ଦରବାରରେ ମୋତେ ପହଞ୍ଚାଇ ଛନ୍ତି ଗୁରୁ : (ଜ୍ୟୋତ୍ସ୍ନା ସାହୁ, ଓଡ଼ିଶୀ ନୃତ୍ୟାଙ୍ଗନା)**

ଶାସ୍ତ୍ର କହେ, ବିଦ୍ୟାରମ୍ଭେ ଗୁରୁ ଶ୍ରେଷ୍ଠ। କିନ୍ତୁ ବେଳେ ବେଳେ ମନରେ ଆସିଥାଏ ପୁସ୍ତକଗତ ବିଦ୍ୟାକୁ ଆହରଣ କରିଦେଲେ ଆମର ଜ୍ଞାନ ଆହରଣ ହୋଇଯିବ। ବାସ୍ତବରେ ପୁସ୍ତକରେ ଲେଖାଥିବା ବାକ୍ୟ ଏବଂ ଶିକ୍ଷାର ପଛରେ ଯେଉଁ ତତ୍ତ୍ୱ ସନ୍ନିହିତ ଥାଏ ତାକୁ କେବଳ ଜଣେ ଅନୁଭୂତିସମ୍ପନ୍ନ ଗୁରୁ ହିଁ ଆମକୁ ଶିଖାଇଥାନ୍ତି। ଆଜି ଯଦି ମୁଁ ରାଜ୍ୟ, ଦେଶ ତଥା ଦେଶ ବାହାରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିବାକୁ ସମର୍ଥ ହୋଇଛି, ତାହା କେବଳ ମୋ ଗୁରୁଙ୍କ ପାଇଁ। ମୋ ଜୀବନରେ ପ୍ରତିଟି ଗୁରୁ ମୋ ପାଇଁ ମାର୍ଗଦର୍ଶକ ହୋଇଛନ୍ତି। ଗୁରୁ ଆଭାନଳିନୀ କୁମାର ମୋ ପାଦକୁ ଧରି ପ୍ରଥମେ ପାଦ ବାଡେଇବାକୁ ଶିଖାଇଥିଲେ। ଆଉ ଆଜି ଯଦି ସେହି ପାଦରେ ମୁଁ ନାଚି ପାରୁଛି କେବଳ ତାଙ୍କରି ପାଇଁ। ଗୁରୁ ସ୍ୱର୍ଗତ ରଘୁନାଥ ଦତ୍ତ ମୋ ଉପରକୁ ବାଡି ଫୋପାଡିଥିଲେ, ଯେଉଁଥିପାଇଁ ମୋର ଡାହାଣ ହାତ ଫାଟି ରକ୍ତ ବାହାରିଥିଲା। କିନ୍ତୁ ସେତେବେଳେ ବାପାମା'ଙ୍କର ସହଯୋଗ ଏବଂ ମୋର ଇଚ୍ଛାଶକ୍ତି ପାଇଁ ମାଡ଼ ଖାଇବାକୁ ଆକ୍ଷେପ ନ କରି ଲକ୍ଷ୍ୟସ୍ଥଳରେ ମୁଁ ଆଗେଇ ଚାଲୁଥିଲି। ତାଙ୍କ ଆଶୀର୍ବାଦରୁ ଆଜି ମୁଁ ତାଙ୍କରି ସ୍ମରଣେ ପ୍ରତିବର୍ଷ ଆୟୋଜିତ କରିପାରୁଛି 'ଗୁରୁ ସ୍ମରଣେ' ଓଡ଼ିଶୀ ନୃତ୍ୟ ଉତ୍ସବ। ଗୁରୁ ମାୟାଧର ରାଉତ, ଗୁରୁ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି ଏବଂ ଗୁରୁ ରତିକାନ୍ତ ମହାପାତ୍ରଙ୍କ ଠାରୁ ଓଡ଼ିଶୀ ନୃତ୍ୟ ଅଭିନୟର କଳା, କାରୁକାର୍ଯ୍ୟ ଏବଂ ନୃତ୍ୟରେ ଖୁନ୍ଦି ହୋଇ ରହିଥିବା ଅଳଙ୍କାରର ଅଧିକ ଜ୍ଞାନ ଆହରଣ କରି ମୁଁ ଆଜି ବିଶ୍ୱ ଦରବାରରେ ନିଜକୁ ପହଞ୍ଚାଇ ପାରିଛି। ବାସ୍ତବରେ ଗୁରୁଙ୍କ ବିନା ସଫଳତା ହିଁ ଅସମ୍ଭବ।

**ସବୁ ଗୁରୁଙ୍କ ପାଖରୁ କିଛି ନା କିଛି ଶିଖିଥାଏ (ତମନ୍ନା, ଅଭିନେତ୍ରୀ)**

ମୋ ଜୀବନରେ ଅନେକଙ୍କ ନିକଟରୁ ମୁଁ ଅନେକ କଥା ଶିଖିଛି। ସେମାନଙ୍କର ସହଯୋଗ, ଶୁଭେଚ୍ଛା ମୋତେ ଆଜି ଏହି ସ୍ଥାନରେ ପହଞ୍ଚାଇଛି। ବୟସ ଏବଂ ଅଭିଜ୍ଞତା ତୁଳନାରେ ଗୁରୁଙ୍କର ସ୍ଥାନ ସବୁବେଳେ ଊର୍ଦ୍ଧ୍ୱରେ। କେବଳ ବଡ଼ ଲୋକ ନୁହନ୍ତି ଛୋଟ ପିଲାଙ୍କ ନିକଟରୁ ଅନେକ କିଛି ଶିଖିବା କଥାକୁ ମୁଁ କେବେ ଏଡ଼ାଇ ଦିଏନା। ତମେ କାହା ପାଖରୁ କ'ଣ ଶିଖୁଛ ତାହା ନିଜ ଉପରେ ହିଁ ନିର୍ଭର କରିଥାଏ। ମୋର ପ୍ରଥମ ଗୁରୁ ହେଲେ ଓଡ଼ିଆ ସିନେମା ଜଗତର ଗିମିକ ମାଷ୍ଟର ଭାବରେ ପରିଚିତ ନିର୍ଦ୍ଦେଶକ ସଞ୍ଜୟ ନାୟକ। ସେ ମୋତେ ଓଲିଉଡ୍‌ରେ ଏଣ୍ଟ୍ରି କରିବାର ସୁଯୋଗ ଦେଇଥିଲେ। କେବଳ ଅଭିନୟ ନୁହେଁ, ମୁଁ ମଡେଲିଂ ସହ ଜଡିତ। ଗତ ଦୁଇ ବର୍ଷ ଧରି ମୁଁ ବିଭିନ୍ନ ସୁନ୍ଦରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛି। ଏ କ୍ଷେତ୍ରରେ ମୋ ଗୁରୁ ସବ୍ୟସାଚୀ ଶତପଥୀଙ୍କ ଅବଦାନକୁ ମୁଁ କେବେ ଭୁଲିପାରିବି ନାହିଁ। ତାଙ୍କର ଟିପ୍ସ ମୋତେ ମିସ୍ ଡିଭା-୨୦୧୮ର ଟପ୍-୫ ଭିତରେ ସ୍ଥାନ ଦେଇଥିଲା। ଏହାବ୍ୟତୀତ ୨୦୧୯ ଫେମିନା ମିସ୍ ଇଣ୍ଡିଆରେ ଟପ୍ ଟେନ୍ ଫାଇନାଲିଷ୍ଟରେ ରହିବାର ସୁଯୋଗ ପାଇଥିଲି। ଏ କ୍ଷେତ୍ରରେ ସବୁଠାରୁ ଉପରେ ରହିବେ ମୋ ବାପା ବାସୁଦେବ ବ୍ୟାସ। ପ୍ରତିଟି କ୍ଷେତ୍ରରେ ସେ ମୋ ପଛରେ ଛାଇ ପରି ଠିଆ ହୋଇଛନ୍ତି। ତାଙ୍କର ପ୍ରତିଟି କଥାକୁ ମୁଁ ଅକ୍ଷରେ ଅକ୍ଷରେ ପାଳନ କରିଥାଏ।

**ପ୍ରଭାବିତ କରିଥିଲା ତାଙ୍କର ସଚ୍ଚୋଟପଣିଆ : (ପ୍ରଜ୍ଞା ପ୍ରବର୍ତ୍ତିକା ଦାସ, ଅଧ୍ୟାପିକା)**

ଆଜି ଯେଉଁଠି ବି ପହଞ୍ଚିଛି ଭଗବାନଙ୍କ ଆଶୀର୍ବାଦ ସହ ଗୁରୁଙ୍କର ଯଥେଷ୍ଟ ରହିଛି ଅବଦାନ। ଶିଷ୍ୟର ଜ୍ଞାନରେ ପାରଦର୍ଶିତା ହିଁ ଜଣେ ଗୁରୁଙ୍କ ପାଇଁ ଉପଯୁକ୍ତ ଦକ୍ଷିଣା। ଆଉ ମୋ ଗୁରୁ ଠିକ୍ ସେହିପରି ଥିଲେ। ମୋର ଗ୍ରାଜୁଏଶନ୍ ଏବଂ ପିଏଚ୍‌ଡି ସମୟରେ ଗୋକୁଳି ସାର୍‌ଙ୍କ ଅବଦାନ ମୁଁ ବର୍ଣ୍ଣନା କରିପାରିବି ନାହିଁ। ମୋ ଦ୍ୱାରା ପ୍ରସ୍ତୁତ ବହିକୁ ମୁଁ ତାଙ୍କୁ ହିଁ ସମର୍ପିବାକୁ ଚାହୁଁଥିଲି କିନ୍ତୁ ଦୁର୍ଭାଗ୍ୟବଶତଃ ସେ ସୁଯୋଗ ହାତଛଡା ହୋଇଥିଲା। ଏହି ପୁସ୍ତକକୁ ତାଙ୍କ ଦ୍ୱାରା ଉନ୍ମୋଚନ କରିବାକୁ ଚାହୁଁଥିଲି। କିନ୍ତୁ ଠିକ୍ ଏହାର ଦିନକ ପୂର୍ବରୁ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଜଣେ ନାଟ୍ୟକାର ଥିଲେ। ନାଟକରେ ଅଭିନୟ କଲାବେଳେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ସେ ସବୁବେଳେ କହୁଥିଲେ ପରିଶ୍ରମ କର, ନିଶ୍ଚୟ ଦିନେ ଫଳ ପାଇବ। ନିଷ୍ଠାପରତା ଏବଂ ପରିଶ୍ରମ କ'ଣ ମୁଁ ତାଙ୍କ ଠାରୁ ହିଁ ଶିଖିବାକୁ ପାଇଛି। ପ୍ରତିଟି କାର୍ଯ୍ୟରେ ତାଙ୍କର ସଚ୍ଚୋଟପଣିଆ ମୋତେ ବେଶ୍ ପ୍ରଭାବିତ କରିଥିଲା।

– ଦେବସ୍ମିତା ମହାନ୍ତି

# ପିଲାଙ୍କୁ କରନ୍ତୁ ସଂସ୍କାରୀ

ଛୋଟ ପିଲା ମାଟି ପିଣ୍ଡୁଳା। ଏହି ସମୟରୁ ସେମାନଙ୍କୁ ଆଚାର ବ୍ୟବହାର ଶିଖାଇଲେ ସେମାନେ ଭବିଷ୍ୟତରେ ନିଜକୁ ଜଣେ ଆଦର୍ଶ ପିଲା ଭାବରେ ଗଢ଼ିପାରିବେ। ତେବେ ଏ ନେଇ ଯେଉଁ କେତୋଟି ବିଷୟ ପ୍ରତି ନଜର ଦେବାକୁ ପଡିଥାଏ ଜାଣନ୍ତୁ ସେ ସମ୍ପର୍କରେ...

- ଘରର ମାହୋଲ ଏପରି ରଖନ୍ତୁ ଯେପରିକି ସେ ବଡ଼ମାନଙ୍କ ଆଦର ଓ ସମ୍ମାନ କରିବ।
- ସାନମାନଙ୍କ ପ୍ରତି ଭଲପାଇବା ଓ ତ୍ୟାଗ ଭାବନା ମଧ୍ୟ ଶିଖାନ୍ତୁ।
- ବଡ଼ମାନଙ୍କ ବ୍ୟବହାର ଦେଖି ପିଲାମାନେ ନକଲ କରିଥାନ୍ତି। ତେଣୁ ସେମାନଙ୍କ ସାମ୍ନାରେ ଆପଣ ଭଲ ବ୍ୟବହାର କରନ୍ତୁ।
- ଯଦି ସେ କିଛି ଭୁଲ୍ କରୁଛି ତେବେ ଗାଳି କିମ୍ବା ମାଡ଼ ନ ଦେଇ ଆଦରରେ ବୁଝାନ୍ତୁ।
- ସତ କହିବାର ମହତ୍ତ୍ୱ ପିଲାକୁ ବୁଝାନ୍ତୁ। ଯଦି ତାକୁ କୌଣସି ପ୍ରତିଶ୍ରୁତି ଦେଉଛନ୍ତି ତେବେ ତାହାକୁ ପୂରଣ କରନ୍ତୁ। ଏପରି ନ କଲେ ସେମାନଙ୍କ





ମନରେ ମଧ୍ୟ ସେଭଳି ଭାବନା ରହିଯିବ।
- ଯଦି ଆପଣଙ୍କ ପିଲା କିଛି ଭଲ କାମ କରୁଛି ତେବେ ତାକୁ ଖୁସି କରିବା ପାଇଁ ପୁରସ୍କାର ସ୍ୱରୂପ ସାଙ୍ଗସାଥୀଙ୍କ ସହ ଖେଳିବାକୁ ଦିଅନ୍ତୁ ବା ମନ ପସନ୍ଦର ଟିଭି ଚ୍ୟାନେଲ ଦେଖିବାକୁ ଦିଅନ୍ତୁ।
- ଏପରି ଅନୁଶାସନରେ ବଢ଼ାନ୍ତୁ ଯେପରି ସ୍କୁଲ ଆସିବା ପରେ ସେ ସ୍କୁଲ ବ୍ୟାଗ୍,ଡ୍ରେସ୍ ନିଜ ଜାଗାରେ ରଖିପାରୁଥିବ।
- ଘରେ ବଡ଼ମାନଙ୍କ ସହ କିପରି କଥାବାର୍ତ୍ତା କରିବ ଶିଖାଇବା ସହ ବାହାର ଲୋକଙ୍କ ସହିତ କିପରି କଥାବାର୍ତ୍ତା ଓ ବ୍ୟବହାର କରିବ ବି ଶିଖାନ୍ତୁ।
- ପିଲାଙ୍କ ସହ ଉତ୍ତମ ସାଙ୍ଗ ଭଳି ବ୍ୟବହାର କରନ୍ତୁ ଯେପରି କୌଣସି କଥା ଆପଣଙ୍କୁ କହିବାକୁ ସେ ସଙ୍କୋଚ କରିବ ନାହିଁ।
- ପିଲାକୁ ସରି ବା ଥ୍ୟାଙ୍କ୍ ୟୁ କହିବାର ଅଭ୍ୟାସ କରାନ୍ତୁ।



# ଚେହେରା ଅନୁସାରେ ଇୟରିଂ

ବଜାରରେ ବିଭିନ୍ନ ପ୍ରକାରର ଇୟରିଂ ମିଳିଥାଏ। ହେଲେ କେଉଁ ଇୟରିଂ କିଭଳି ଚେହେରାକୁ ମାନିବ ଏନେଇ ଅନେକେ ଦ୍ୱନ୍ଦ୍ୱରେ ପଡିଯାଆନ୍ତି। ଏହି ଦ୍ୱନ୍ଦ୍ୱକୁ ଦୂରେଇବା ପାଇଁ ଆପଣାନ୍ତୁ ନିମ୍ନୋକ୍ତ କିଛି ଟିପ୍ସ..

**ଲମ୍ବା ଚେହେରା** – ଯଦି ଆପଣଙ୍କ ଚେହେରାର ଆକାର ଲମ୍ବା ତେବେ ଲମ୍ବା ଇୟର ରିଙ୍ଗ୍‌ସ ପିନ୍ଧନ୍ତୁ ନାହିଁ। ଏହା ବଦଳରେ ଛୋଟ ଛୋଟ ଷ୍ଟଡ୍ ବା ଡ୍ରାପ୍ ଇୟର ରିଙ୍ଗ୍‌ସ ପିନ୍ଧିପାରିବେ। ଏହା ଆପଣଙ୍କ ଚେହେରାକୁ ଚଉଡା ଦେଖାଇବା ସହ ଏକ ଅଲଗା ଲୁକ୍ ଦେଇଥାଏ।

**ଓଭାଲ୍ ଚେହେରା** – ଯଦି ଆପଣଙ୍କ ଚେହେରା ଚଉଡା, ତେବେ ଯେକୌଣସି ଇୟର ରିଙ୍ଗ୍‌ସ ଆପଣଙ୍କୁ ମାନିବ। କିନ୍ତୁ ଧ୍ୟାନ ରଖନ୍ତୁ ଯେପରିକି ବହୁତ ଲମ୍ବା ଇୟର ରିଙ୍ଗ୍‌ସ ପିନ୍ଧିବେ ନାହିଁ। କାରଣ ଏହା ଆପଣଙ୍କ ଚେହେରାକୁ ମାନିବ ନାହିଁ।

**ଗୋଲ୍ ଚେହେରା** – ଯଦି ଆପଣଙ୍କ ଚେହେରା ଗୋଲ୍ ଆକାରର, ତେବେ ଏପରି ଇୟର ରିଙ୍ଗ୍‌ସ ପିନ୍ଧନ୍ତୁ ଯାହାଦ୍ୱାରା ଚେହେରା ଫୁଲ୍ ଫୁଲ୍ ଲାଗିବ। କମ୍ ଲମ୍ବା ଥିବା ଏବଂ ଜ୍ୟାମେଟ୍ରିକାଲ୍ ସେପ୍‌ର ଇୟର ରିଙ୍ଗ୍‌ସ ପିନ୍ଧିପାରିବେ। ଏହା ଆପଣଙ୍କୁ ବେଶ୍ ମାନିବ।

**ଡାଇମଣ୍ଡ ଆକାର ଚେହେରା** – ଯଦି ଆପଣଙ୍କ ଚେହେରା ଡାଇମଣ୍ଡ ଆକାରର ତେବେ ଲମ୍ବା ଏବଂ କଭର୍ସ(ସମ୍ପୂର୍ଣ୍ଣ କାନକୁ କଭର କରୁଥିବା) ଇୟର ରିଙ୍ଗ୍‌ସ ପିନ୍ଧନ୍ତୁ। ଏହା ଆପଣଙ୍କୁ ଭଲ ଲାଗିବ। ଆପଣ ଚାହିଁଲେ ଅଧିକ ଷ୍ଟୋନ୍ ଥିବା ବା ହୁପ୍‌ର ଇୟର ରିଙ୍ଗ୍‌ସ ପିନ୍ଧିପାରିବେ।

ଫ୍ୟାଶନ୍



## ସଂକ୍ଷେପରେ

### ବିଦେଶୀ ନିବେଶକ ପ୍ରତ୍ୟାହାର କରିଛନ୍ତି ୩୮,୯୩୦ କୋଟି

**ନୂଆଦିଲ୍ଲୀ, ୨-୯:** ଘରୋଇ ବଜାରର ଆର୍ଥିକ ସ୍ଥିତି ଭଲ ନଥିବାରୁ ଏହାର ପ୍ରଭାବ ବିଦେଶୀ ପୁଞ୍ଜି ନିବେଶକଙ୍କ ଉପରେ ପଡିଛି। ଏଥି ଲାଗି ନିବେଶକଙ୍କ ମନୋଭାବ ପ୍ରଭାବିତ ହୋଇଛି। ଫଳରେ ୨୦୧୮-୧୯ ଆର୍ଥିକ ବର୍ଷରେ ଫରେନ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ)ମାନେ ବଜାରରୁ ୩୮,୯୩୦ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଥିବା ବଜାର ନିୟନ୍ତ୍ରକ ସେବି ଏହାର ବାର୍ଷିକ ରିପୋର୍ଟରେ ଉଲ୍ଲେଖ କରିଛି। ନିବେଶକଙ୍କ ମନୋଭାବରେ ପରିବର୍ତ୍ତନ ଆଣିବା ଲାଗି ପୁଞ୍ଜି ଉଠାଣ, ଏଫ୍‌ପିଆଙ୍କ ଲାଗି ରହିଥିବା ନିୟମ, ଡାଟା ପ୍ରାଇଭେସି ଭଳି ବିଭିନ୍ନ ପ୍ରସଙ୍ଗକୁ ଧ୍ୟାନରେ ରଖାଯାଇଥିବା ବାର୍ଷିକ ରିପୋର୍ଟରେ ପ୍ରକାଶ ପାଇଛି।

### ଧୀରେ ଧୀରେ ଫେରିବ ଅଭିବୃଦ୍ଧି: ୟୁବିଏସ୍

**ନୂଆଦିଲ୍ଲୀ, ୨-୯:** ଦେଶର ଜିଡିପି ଅଭିବୃଦ୍ଧି ଧାରାରେ ହ୍ରାସ ଜାରି ରହିଥିବା ବେଳେ ଏହା ଆଗାମୀ ଦିନରେ ଆଉ ଦେଖାଯିବ ନାହିଁ ବୋଲି ଆର୍ଥିକ ସଂସ୍ଥା ୟୁବିଏସ୍ କହିଛି। ଭାରତ ଏହାର ନିମ୍ନତମ ଅଭିବୃଦ୍ଧିକୁ ଜୁନ ତ୍ରୈମାସରେ ଦେଖି ସାରିଛି। ଏବେଠାରୁ ବଜାରରେ ସୁଧାର ଧାରା ଫେରିବାର ସମ୍ଭାବନା ରହିଛି। ମାତ୍ର ଅଭିବୃଦ୍ଧି ତ୍ୱରିତ ନ ହୋଇ ଧୀରେ ଧୀରେ ଫେରିବ ବୋଲି ଏହା ସ୍ପଷ୍ଟ କରିଛି। ବଜାରର ଆର୍ଥିକ ଅଭିବୃଦ୍ଧି କମିବା ଯୋଗୁ ଦେଶରେ ଚାହିଦା ଏବଂ ପୁଞ୍ଜି ନିବେଶ କମିଛି। କମ୍ପାନୀଗୁଡିକର ଉତ୍ପାଦନ ମଧ୍ୟ କମିଛି। କମ୍ପାନୀ ପକ୍ଷରୁ ହୋଇଥିବା ଏକ ସର୍ବେକ୍ଷଣ ଅନୁସାରେ ଅଭିବୃଦ୍ଧି ଗୋଟିଏ ବର୍ଷ ମଧ୍ୟରେ ଫେରିବ ବୋଲି ୫୦% କମ୍ପାନୀ ମତ ରଖିଛନ୍ତି।

### ଅଭିବୃଦ୍ଧି ଅନୁମାନ କମାଇଲା ଡିବିଏସ୍

**ନୂଆଦିଲ୍ଲୀ, ୨-୯:** ଚଳିତ ଆର୍ଥିକ ବର୍ଷ ଲାଗି ଭାରତର ଅଭିବୃଦ୍ଧି ଅନୁମାନକୁ ବ୍ୟାଙ୍କିଂ ସେବା ପ୍ରଦାନକାରୀ ଡିବିଏସ୍ ହ୍ରାସ କରିଛି। ୨୦୧୯-୨୦ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ୬.୮% ରହିବ ବୋଲି ଏହା ପୂର୍ବରୁ କହିଥିଲା। ମାତ୍ର ବର୍ତ୍ତମାନ ଏହା ଅନୁମାନ ୬.୨%କୁ ହ୍ରାସ କରିଛି। ୨୦୧୯-୨୦ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସ ଘରୋଇ ବଜାରରେ ମାନ୍ଦାବସ୍ଥା ରହିଥିବା ଡିବିଏସ୍ ଏହାର ରିପୋର୍ଟରେ ପ୍ରକାଶ କରିଛି। ଦ୍ୱିତୀୟ ତ୍ରୈମାସରେ ଏହା ସୁଧୁରିବାର ଅବସର ରହିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଆର୍ଥିକ ବର୍ଷ ଶେଷ ସୁଦ୍ଧା ତ୍ରୈମାସ ଅଭିବୃଦ୍ଧି ହାର ୬.୫% ଛୁଇଁପାରେ। ୨୦୨୦-୨୧ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ହାର ସୁଧାର ନେଇ ଏହା ଆଶା ପ୍ରକଟ କରିଛି। ଅଭିବୃଦ୍ଧି ହାର ୭% ନିକଟତର ହେବ ବୋଲି ଏହା ପ୍ରକାଶ କରିଛି। ଅର୍ଥନୀତି ୬.୮% ହାରରେ ତ୍ୱରାନ୍ୱିତ ହେବା ନେଇ ଏହା ଅନୁମାନ କରିଛି। ଅକ୍ଟୋବରରେ ସୁଧହାର ୦.୧୫%ରୁ ୦.୨୫% ପର୍ଯ୍ୟନ୍ତ କମିପାରେ ବୋଲି ଡିବିଏସ୍‌ର ଅର୍ଥନୀତିଜ୍ଞ ରାଧିକା ରାଓ କହିଛନ୍ତି।

### ଏସ୍‌ବିଆଇ କାର୍ଡରେ ଅତ୍ୟାଧୁନିକ ସୁବିଧା

**ମୁମ୍ବାଇ, ୨-୯:** ଏସ୍‌ବିଆଇ କାର୍ଡ ପକ୍ଷରୁ ଏହାର ଗ୍ରାହକଙ୍କ ଲାଗି ନୂଆ ଅତ୍ୟାଧୁନିକ ସୁବିଧା ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ଏହାର ମୋବାଇଲ ଆପ୍ଲିକେଶନରେ ଇଣ୍ଟରାକ୍ଟିଭ ଲାଇଭ ଆସିଷ୍ଟାନ୍ସ ନାମକ ସେବା ଆରମ୍ଭ କରିଛି। ଏହା ଗ୍ରାହକଙ୍କ ଅଭିଜ୍ଞତାକୁ ବଢାଇବାରେ ସହାୟକ ହେବ ବୋଲି ଜଣାପଡିଛି। ନୂଆ ସୁବିଧା ଦ୍ୱାରା ୪୦ରୁ ଊର୍ଦ୍ଧ୍ୱ ଅଭିନବ ଫିଚର ସଂଯୋଗ ହୋଇଛି। ଏହା ଦ୍ୱାରା ଇଏମ୍‌ଆଇ କନଭର୍ସନ, ବାଲାନ୍ସ ପଠାଇବା, କ୍ରେଡିଟ କାର୍ଡ ଋଣ, ଆକାଉଣ୍ଟ ପରି ଚାଳନା ଭଳି ଅନ୍ୟ ସୁବିଧା ଲାଭ କରିହେବ। ଏହା ଇଣ୍ଡଷ୍ଟ୍ରିର ଫାଷ୍ଟ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଗ୍ରାହକଙ୍କୁ ସେବା ଯୋଗାଣ କ୍ଷେତ୍ରରେ ବିଭିନ୍ନ ସୁବିଧା ଯୋଗାଣ ନେଇ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଏସ୍‌ବିଆଇ କାର୍ଡର ଏମ୍‌ଡି ତଥା ସିଇଓ ହରଦୟାଲ ଶର୍ମା କହିଛନ୍ତି।

“ବିଭିନ୍ନ ପ୍ରସଙ୍ଗରେ ଜାଣିବା ଲାଗି ଭାରତୀୟ ୟୁଜର ୟୁଟ୍ୟୁବର ସହାୟତା ନେଉଛନ୍ତି।
– ଡନ୍ ଆଣ୍ଡରସନ, ୟୁଟ୍ୟୁବ ଲର୍ନିଂ ପାର୍ଟନରଶିପ ମୁଖ୍ୟ



“ଚାହିଦା କମିବାରୁ ଅଟୋମୋବାଇଲ ଶିଳ୍ପରେ ମାନ୍ଦାବସ୍ଥା ଦେଖିବାକୁ ମିଳିଛି।
– ଦେବାଶିଷ ହାଣ୍ଡା, ଉପସଭାପତି, ସୁଜୁକି ମୋଟର ସାଇକେଲ



# ଖସିଲା ମାନୁଫାକଚରିଂ କ୍ଷେତ୍ର ଅଭିବୃଦ୍ଧି

**ନୂଆଦିଲ୍ଲୀ, ୨-୯**

ଘରୋଇ ବଜାରର ବିଭିନ୍ନ କ୍ଷେତ୍ର ଉପରେ ମାନ୍ଦାବସ୍ଥା ପ୍ରଭାବ ପଡିଛି। ଏବେ ବିନିର୍ମାଣ କ୍ଷେତ୍ରରେ ଏଭଳି ସ୍ଥିତି ଦେଖାଯାଇଛି। ଏଥି ଯୋଗୁ ଦେଶର ମାନୁଫାକଚରିଂ ଅଭିବୃଦ୍ଧି ୧୫ ମାସର ସର୍ବନିମ୍ନ ସ୍ତରକୁ ଖସି ଆସିଛି। ଆଇଏଚ୍‌ଏସ୍ ମାର୍କିଟ ଇଣ୍ଡିଆ ପକ୍ଷରୁ ପ୍ରକାଶିତ ମାନୁଫାକଚରିଂ ପରଚେଜିଂ ମ୍ୟାନେଜର୍ସ ଇଣ୍ଡେକ୍ସ (ପିଏମ୍‌ଆଇ) ଜୁଲାଇରେ ୫୨.୫%ରୁ ହ୍ରାସ ଘଟି ଅଗଷ୍ଟରେ ୫୧.୪% ରହିଛି। ଏହା ୨୦୧୮ ମେ ପରଠାରୁ ସର୍ବନିମ୍ନ ସ୍ତର। ୪୦୦ ଉତ୍ପାଦନକାରୀଙ୍କୁ ନେଇ ଏହି ସର୍ଭେ କରାଯାଇଥିବା ବେଳେ ଏଥିରେ ନୂଆ ଅର୍ଡର, ଉତ୍ପାଦନ, ନିଯୁକ୍ତି, ଯୋଗାଣକାରୀଙ୍କ ସାମଗ୍ରୀ ଡେଲିଭରି ଅବଧି, କ୍ରୟ ଷ୍ଟକ ଭଳି ପ୍ରମୁଖ ବିଷୟଗୁଡିକୁ ବିଚାର କରାଯାଇଛି। ଏହି ସମୟରେ ବିକ୍ରି ଅଭିବୃଦ୍ଧି ୧୫ ମାସର ସର୍ବନିମ୍ନ ସ୍ତରରେ ରହିଛି। ଏହାବାଦ ଉତ୍ପାଦନ ଏବଂ ନିଯୁକ୍ତି ସୃଷ୍ଟି ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ସେହିଭଳି ଉତ୍ପାଦନ ୟୁନିଟ୍‌ଗୁଡିକର ଇନ୍‌ପୁଟ କ୍ରୟ ନିମ୍ନସ୍ତରକୁ ଖସିଆସିଥିବା ରିପୋର୍ଟରେ ପ୍ରକାଶ ପାଇଛି।

ସର୍ଭେରେ କୁହାଯାଇଛି ଯେ, ଆଲୋଚ୍ୟ ସମୟରେ ଇନ୍‌ପୁଟ ଖର୍ଚ୍ଚ ବୃଦ୍ଧି ଏବଂ ବାଣିଜ୍ୟ ପାଇଁ ଆତ୍ମବିଶ୍ୱାସରେ ଉନ୍ନତି ପରିଲକ୍ଷିତ ହୋଇଛି। ଯାହା ୧୬ ମାସର ସବୁଠାରୁ ସର୍ବୋଚ୍ଚ ସ୍ତର। ଏହାବାଦ ଶିଳ୍ପ ସଂସ୍ଥାଗୁଡିକ ଉପରେ ପ୍ରତିଯୋଗିତା ଚାପ ଏବଂ ବଜାରରେ ସ୍ଥିତି ଆହ୍ୱାନପୂର୍ଣ୍ଣ ରହିବା ଯୋଗୁ ମାନୁଫାକଚରିଂ ଅଭିବୃଦ୍ଧିକୁ ଏହା ପ୍ରଭାବିତ କରିଛି। ବିଦେଶରୁ ଅର୍ଡର ଅଭିବୃଦ୍ଧି ଏହି ସମୟରେ କମିଛି। ୨୦୧୮ ଏପ୍ରିଲ ପରଠାରୁ ଉକ୍ତ କ୍ଷେତ୍ରରେ ଏହା ସର୍ବନିମ୍ନ ସ୍ତର।

ଜୁନ ତ୍ରୈମାସରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ୬ ବର୍ଷର ସର୍ବନିମ୍ନ ସ୍ତର ୫%କୁ ଖସି ଆସିଛି। ଏହି ସମୟରେ ମାନୁଫାକଚରିଂ କ୍ଷେତ୍ର ଧୀମା ରହିଥିବା ରିପୋର୍ଟ ବଜାରର ପ୍ରକୃତ ସ୍ଥିତିକୁ ଦେଖାଉଛି। ଅର୍ଥନୈତିକ ମାନ୍ଦାବସ୍ଥା ବିରୋଧରେ ଲଢିବା ଲାଗି ସରକାର ବିଭିନ୍ନ ପଦକ୍ଷେପ ନେଉଥିବା କହୁଛନ୍ତି। ଏହି ସମୟରେ ସରକାରୀ ନିବେଶରେ ବୃଦ୍ଧି, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ନୂଆ ପୁଞ୍ଜି ଯୋଗାଣ, ଏଫ୍‌ଡିଆଇ ନିୟମ, ବିଦେଶୀ ଓନରଶିପ ନିୟମରେ ସଂଶୋଧନ ଏବଂ ଭିତ୍ତିଭୂମି ନିବେଶକୁ ବଢାଇବା ଦିଗରେ ସରକାର ପଦକ୍ଷେପ ନେଉଛନ୍ତି। ଇତିମଧ୍ୟରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଏହାର ସୁଧହାରକୁ ୪ଥର ହ୍ରାସ କରିବା ସହ ଏହା ଅଗଷ୍ଟରେ ୫.୪%କୁ ଖସିଛି।

**ମାନ୍ଦାବସ୍ଥା ପ୍ରଭାବ**
- ୧୫ ମାସର ସର୍ବନିମ୍ନ ସ୍ତରକୁ ଆସିଲା
- ୫୧.୪% ସ୍ତରରେ ପିଏମ୍‌ଆଇ
- ବଜାର ସ୍ଥିତି ଆହ୍ୱାନପୂର୍ଣ୍ଣ
- ଉତ୍ପାଦନ, ନିଯୁକ୍ତି ସୃଷ୍ଟି ପ୍ରଭାବିତ



**୮ ପ୍ରମୁଖ କ୍ଷେତ୍ର ଅଭିବୃଦ୍ଧି ୨.୧%କୁ ହ୍ରାସ**

ଦେଶର ୮ ପ୍ରମୁଖ କ୍ଷେତ୍ର ଶିଳ୍ପ କ୍ଷେତ୍ର ଅଭିବୃଦ୍ଧି ଜୁଲାଇରେ ୨.୧%କୁ ଖସିଛି। କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ ଏବଂ ରିଫାଇନେରୀ ପ୍ରଡକ୍ଟ କ୍ଷେତ୍ରରେ କାର୍ଯ୍ୟଧାରା ହ୍ରାସ ହେବା ଯୋଗୁ ଏଭଳି ସ୍ଥିତି ଆସିଥିବା ସରକାରୀ ତଥ୍ୟରୁ ସାମ୍ନାକୁ ଆସିଛି। କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ, ରିଫାଇନେରୀ ପ୍ରଡକ୍ଟ, ସାର, ଇସ୍ପାତ,ସିମେଣ୍ଟ ଏବଂ ଇଲେକ୍ଟ୍ରିସିଟି ଭଳି କ୍ଷେତ୍ର ଗତ ବର୍ଷ ଜୁଲାଇରେ ଭଲ ପ୍ରଦର୍ଶନ କରିବା ସହ ଅଭିବୃଦ୍ଧି ୭.୩% ରହିଥିଲା। ସୋମବାର ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ତଥ୍ୟ ମୁତାବକ ଜୁଲାଇରେ କୋଇଲା, ପ୍ରାକୃତିକ ବାଷ୍ପ, ଅଶୋଧିତ ତୈଳ କ୍ଷେତ୍ରରେ ଅଭିବୃଦ୍ଧି ନକାରାତ୍ମକ ରହିଛି। ଏପ୍ରିଲ-ଜୁଲାଇ ସମୟରେ ଦେଶର ୮ ପ୍ରମୁଖ କ୍ଷେତ୍ର ଅଭିବୃଦ୍ଧି ୩% ରହିଛି। ଏହା ଗତ ବର୍ଷ ସମାନ ସମୟରେ ୫.୯% ରହିଥିଲା।

## ଆଧାରରେ ରିଟର୍ନ ଫାଇଲ କଲେ ସିଧାସଳଖ ମିଳିବ ପାନ୍

**ନୂଆଦିଲ୍ଲୀ, ୨-୯**




ଆଧାରରେ ଆୟକର ରିଟର୍ନ ପୈଠ କଲେ ଟିକସଦାତାଙ୍କୁ ସିଧାସଳଖ ପାନ୍ ଜାରି କରାଯିବ। ଆୟକର ବିଭାଗ ଏଭଳି ଟିକସଦାତାଙ୍କ ଲାଗି ନୂଆ ପଦକ୍ଷେପ ଗ୍ରହଣ କରିଛି। ଆଧାର ଏବଂ ପାନ୍ ଡାଟାବେସ ସଂଯୋଗ ଦ୍ୱାରା ବିଭାଗ ଏଭଳି ସୁବିଧା କରିବ ବୋଲି ଜଣାପଡିଛି। ଅଗଷ୍ଟ ୩୦ରେ ଆୟକର ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ମୁତାବକ, ପାନ୍ ନ ଥାଇ ଯେଉଁ ବ୍ୟକ୍ତିଙ୍କର ଆଧାର ରହିଛି ଏବଂ ସେଥିରେ ସେ ରିଟର୍ନ ଫାଇଲ କରିଥିଲେ ପାନ୍ ପାଇବାକୁ ତାଙ୍କୁ ଦର୍ଶାଇବାକୁ ହେବ। ଏଥି ଲାଗି କୌଣସି ଅଲଗା ଦସ୍ତାବିଜ ଦେବାକୁ ପଡିବ ନାହିଁ। ସେପ୍ଟେମ୍ବର ପହିଲାରୁ ନୂଆ ନିୟମ କାର୍ଯ୍ୟକାରୀ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ୟୁନିକ୍ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ(ୟୁଆଇଡିଏଆଇ)ର ସୂଚନା ବ୍ୟବହାରରେ ବ୍ୟକ୍ତି ବିଶେଷଙ୍କ ଲାଗି ଆୟକର ବିଭାଗ ପାନ୍ ଜାରି କରିବ। ଆଧାର ପାନ୍ ଡାଟାବେସ ସଂଯୋଗ ହେବା ପରେ ଲୋକଙ୍କୁ ଏହି ସୁବିଧା ଦେବା ସହଜ ହେବ ବୋଲି କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି)ର ଅଧ୍ୟକ୍ଷ ପି.ସି. ମୋଦି ଜୁଲାଇରେ ଗଣମାଧ୍ୟମକୁ ଏକ ସାକ୍ଷାତକାରରେ ସୂଚନା ଦେଇଥିଲେ। ପାନ୍ ନ ଥିବା କ୍ଷେତ୍ରରେ ଏହା ହେବ ବୋଲି ସେ କହିଥିଲେ। ଏଭଳି କ୍ଷେତ୍ରରେ ଆସେସିଂ ଅଫିସର ପ୍ରତ୍ୟକ୍ଷ ଭାବେ ପାନ୍ ଜାରି କରି ପାରିବେ ବୋଲି ଆଇନରେ ଉଲ୍ଲେଖ ରହିଛି।

## ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଲା ଅଟୋମୋବାଇଲ ଶିଳ୍ପ

**ନୂଆଦିଲ୍ଲୀ, ୨-୯**

ଘରୋଇ ବଜାରରେ ଅଟୋମୋବାଇଲ ଶିଳ୍ପ ବର୍ତ୍ତମାନ ମାନ୍ଦାବସ୍ଥା ଦେଇ ଗତି କରୁଛି। ଯାନ ବିକ୍ରି କ୍ରମାଗତ ଭାବେ ହ୍ରାସ ହେଉଥିବା ବେଳେ ଏହାକୁ ନେଇ ଶିଳ୍ପ ଚିନ୍ତାରେ ରହିଛି। ସମସ୍ୟା ସମାଧାନ ଲାଗି ଅଟୋ ଉଦ୍ୟୋଗ ପକ୍ଷରୁ ସରକାରଙ୍କ ହସ୍ତକ୍ଷେପ ଲୋଡା ଯାଇଛି। ସରକାର ତୁରନ୍ତ ଭିତ୍ତିରେ ଜିଏସ୍‌ଟି ହ୍ରାସ, ସ୍କ୍ରାପେଜ ନୀତି କାର୍ଯ୍ୟକାରୀ କରାଇବା ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ଅଟୋ ଶିଳ୍ପ ପକ୍ଷରୁ ନିବେଦନ କରାଯାଇଛି। ପାସେଞ୍ଜର ଯାନ ବ୍ୟତୀତ ୨ ଚକିଆ ଯାନ ବିକ୍ରି ନକରାତ୍ମକ ରହିଥିବାରୁ ବଜାର ଏବେ ମଧ୍ୟ ପ୍ରଭାବିତ ରହିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଗତ ମାସର ଘୋଷଣା ସତ୍ତ୍ୱେ ବଜାରରେ ବିଶେଷ ପ୍ରଭାବ ପରିଲକ୍ଷିତ ହେଉ ନ ଥିବା ଅଟୋ ଶିଳ୍ପ ସଂଘ ସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ ମାନୁଫାକଚରର୍ସ (ସିଆମ୍) ସୋମବାର କହିଛି।

ଏପରି ସ୍ଥିତିରେ ଗ୍ରାହକଙ୍କୁ ରିହାତି ପ୍ରଦାନ କରିବା କମ୍ପାନୀ ଗୁଡିକ ପାଇଁ କଷ୍ଟକର ବ୍ୟାପାର ହୋଇ ପଡୁଛି। ସରକାର ଜିଏସ୍‌ଟିକୁ ୨୮%ରୁ ୧୮%କୁ ହ୍ରାସ କଲେ ଯାନ ମୂଲ୍ୟ କମିବ ବୋଲି ସିଆମ୍ ସଭାପତି ରାଜନ ୱାଧେରା କହିଛନ୍ତି। ଏହାବାଦ ଅଟୋ ଶିଳ୍ପର ସବୁ ବର୍ଗ ପାଇଁ ସ୍କ୍ରାପେଜ ନୀତିରେ ପ୍ରୋତ୍ସାହନ ବ୍ୟବସ୍ଥା କଲେ ଶିଳ୍ପ ଲାଭବାନ ହେବ ବୋଲି କୁହାଯାଇଛି। ପାର୍ବଣ ଆସୁଥିବାରୁ ଏଭଳି ନୀତି ଘୋଷଣା ହେଲେ ପ୍ରଭାବିତ ଶିଳ୍ପ ଏହାର ଫାଇଦା ପାଇବ ବୋଲି ୱାଧେରା କହିଛନ୍ତି। ଅଗଷ୍ଟରେ କମ୍ପାନୀଗୁଡିକର ବିକ୍ରି ଅଭିବୃଦ୍ଧିରେ ଦୁଇ ଅଙ୍କ ବିଶିଷ୍ଟ ହ୍ରାସ ଘଟିଥିବା ଶିଳ୍ପ ପକ୍ଷରୁ କୁହାଯାଇଛି।

**କ୍ରମାଗତ କମୁଛି ଯାନ ବିକ୍ରି**



**ଉତ୍ପାଦନ କମାଇଲା ମାରୁତି ସୁଜୁକି**

ମାନ୍ଦାବସ୍ଥାକୁ ଧ୍ୟାନରେ ରଖି ଦେଶର ପ୍ରମୁଖ ପାସେଞ୍ଜର ଯାନ ନିର୍ମାତା ମାରୁତି ସୁଜୁକି ଲଗାତାର ୭ ମାସ ପାଇଁ ଏହାର ଉତ୍ପାଦନକୁ ହ୍ରାସ କରିଛି। କମ୍ପାନୀ ଅଗଷ୍ଟ ମାସରେ ୩୩.୯୯% ଉତ୍ପାଦନ କମାଇଛି। ଏହି ସମୟରେ କମ୍ପାନୀ ୧.୧୧ ଲକ୍ଷ ଯାନ ଉତ୍ପାଦନ କରିଛି। ଏହା ଗତ ବର୍ଷ ସମାନ ସମୟରେ ୧.୬୮ ଲକ୍ଷ ୟୁନିଟ ରହିଥିବା ସୋମବାର ବିଏସ୍‌ଇକୁ ଦିଆଯାଇଥିବା ଫାଇଲିଂରେ ଉଲ୍ଲେଖ କରାଯାଇଛି।

## ବିଜିୟୁରେ ଷ୍ଟାର୍ଟଅପ୍ ଇକୋସିଷ୍ଟମ ସଂକ୍ରାନ୍ତ ସେମିନାର

**ଭୁବନେଶ୍ୱର, ୨-୯**

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ)ର ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଇଣ୍ଡିଆନ ଷ୍ଟାର୍ଟ ଅପ୍ ଇକୋସିଷ୍ଟମ: ସୁଯୋଗ ଏବଂ ଆହ୍ୱାନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରକୁ କୁଳପତି ଡ.ସୁଧାକର ପଣ୍ଡା ଉଦ୍‌ଘାଟନ କରିଥିଲେ। ମିଟସ୍ ଫୁଡ୍ ପାର୍କର ପରିଚାଳନା ନିର୍ଦ୍ଦେଶକ ଶ୍ରୀରାମ ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଉଦ୍ୟୋଗୀଙ୍କୁ ମିଳୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ଉପଯୋଗ କରି ଏକ ପରିବର୍ତ୍ତନଶୀଳ ସମାଜର ସ୍ୱପ୍ନ ଦେଖିବା ଆବଶ୍ୟକ ବୋଲି ପଣ୍ଡା ଏଥିରେ ଗୁରୁତ୍ୱାରୋପ କରିଛନ୍ତି। ନୂତନ ପିଢିର ଉଦ୍ୟୋଗୀମାନଙ୍କର ଚିନ୍ତାଧାରା ବ୍ୟବହାରିକ ସମସ୍ୟାର ସମାଧାନ ଦିଗରେ ବିନିଯୋଗ ହେବା ଉଚିତ ବୋଲି ସ୍କିଲ୍‌ପ୍ରୋର ଜୟଦୀପ ରକ୍ଷିତ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ବିଜିୟୁର ଡିନ୍ ଡ.ପରମେଶ୍ୱର ନାୟକ, ଟେଟ୍ରାହେଡ୍ରୋନ ମାନୁଫାକଚରିଂ ସର୍ଭିସେସ୍‌ର ଆଲୋକ ସାହୁ, ଟ୍ରିନିଟି ସ୍କୋଡାର ଶ୍ରୀଲୋକ ମହାପାତ୍ର, ଭିଲ୍ଲା ମାର୍ଟର ନରେଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

## ଆକାଶ ଇନ୍‌ଷ୍ଟିଟ୍ୟୁଟ ସହଯୋଗରେ ଶିକ୍ଷକ, ଛାତ୍ରୀଛାତ୍ର ସମ୍ମିଳନୀ



**ଭୁବନେଶ୍ୱର, ୨-୯**

ଆକାଶ ଇନ୍‌ଷ୍ଟିଟ୍ୟୁଟ ସହଯୋଗରେ ନୟାଗଡଠାରେ ଶିକ୍ଷକ ଏବଂ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କେ.ସି. ଅଡିଟୋରିୟମଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏବଂ ଅଭିଭାବକ ଯୋଗ ଦେଇଥିଲେ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରଙ୍କ ପାଇଁ ନୂତନ ଆଶାର ସଞ୍ଚାର ହୋଇଛି। ଛାତ୍ରୀଛାତ୍ରମାନେ ଏନ୍‌ଟିଏସ୍‌ଇ, ଅଲିମ୍ପିଆଡ ଏବଂ ଅନ୍ୟ ପ୍ରତିଦ୍ୱନ୍ଦ୍ୱିତାମୂଳକ ପରୀକ୍ଷା ଲାଗି ନିଜକୁ ପ୍ରସ୍ତୁତ କରିପାରିବେ ବୋଲି ଆକାଶ ପ୍ରତିଷ୍ଠାନ ପକ୍ଷରୁ ସୂଚନା ରହିଛି। ଏଥିରେ ଆକାଶର ଉପସଭାପତି କେ.ଲକ୍ଷ୍ମଣ ରାଓ କହିଛନ୍ତି, ଏନ୍‌ଟିଏସ୍‌ଇ, ଅଲିମ୍ପିଆଡ ଭଳି ଅନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି କରିବାକୁ ଚାହୁଁଥିବା ଗରିବ, ମେଧାବୀ ଏବଂ ଆର୍ଥିକ ଅନଗ୍ରସର ଛାତ୍ରୀଛାତ୍ରଙ୍କୁ ଆକାଶ ଭୁବନେଶ୍ୱର ଶାଖା ପକ୍ଷରୁ ସମସ୍ତ ପ୍ରକାରର ସହଯୋଗ ଯୋଗାଇ ଦିଆଯିବ। ଛାତ୍ରୀଛାତ୍ର ନୟାଗଡ଼ଠାରେ ପରୀକ୍ଷା ଦେବା ସହ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଅଂଶଗ୍ରହଣ କରିପାରିବେ। କାର୍ଯ୍ୟକ୍ରମ ଅବସରରେ ଶିକ୍ଷକ ଜିତେନ୍ଦ୍ର କୁମାର ସ୍ୱାଇଁ, ସତ୍ୟରଞ୍ଜନ ଏବଂ ଅମରେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଇ-ସ୍କୁଟର ଆଣିବ କିଆ

**ଭୁବନେଶ୍ୱର, ୨-୯**

ହ୍ୟୁଣ୍ଡାଇ ମୋଟର୍ସ କର୍ପୋରେଶନର ଏକ ଅଂଶ କିଆ ଫ୍ୟୁଚର ଭେଇକିଲ ପକ୍ଷରୁ ଆଗାମୀ ଦିନରେ ଇ-ସ୍କୁଟର ବଜାରରେ ପ୍ରବେଶ କରିବ। ଏହା ଅନବୋର୍ଡ ସ୍କୁଟର ଭାବେ ପରିଗଣିତ ହେବ। ହ୍ୟୁଣ୍ଡାଇ ମୋଟରର ଯାନଗୁଡିକରେ ଏହାକୁ ସ୍ଥାନିତ କରାଯିବାର ଯୋଜନା ରହିଛି। ଏହି ମଡେଲଟି ହାଲକା ଏବଂ ଏହାକୁ ଫୋଲ୍ଡ କରାଯାଇପାରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ନିକଟରେ କମ୍ପାନୀ ଏହାର ପ୍ରୋଟୋଟାଇପକୁ ପ୍ରସ୍ତୁତ କରିଛି। ସିଇଏସ୍-୨୦୧୭ରେ କମ୍ପାନୀ ଏହି ସ୍କୁଟରକୁ ପ୍ରଦର୍ଶନ କରିଥିଲା। ଏଥିରେ ଉଚ୍ଚ କ୍ଷମତାଯୁକ୍ତ ଲିଥିୟମ ଆୟନ ବ୍ୟାଟେରି, ଷ୍ଟାଇଲିଶ ଫ୍ରଣ୍ଟ ଏବଂ ରିୟର ଲାଇଟ ରହିବ। ଯାନଟି ଚାଲିବା ବେଳେ ଏଥିରେ ଉତ୍ପାଦିତ ଇଲେକ୍‌ଟ୍ରିସିଟି ଦ୍ୱାରା ଏହା ଚାର୍ଜ ହେବାର କ୍ଷମତା ରଖୁଛି। ମଡେଲଟିର ଓଜନ ୭.୭ କିଲୋ ରହିବ ବୋଲି ଗ୍ରୁପର ରବଟିକ୍ସ ଟିମ୍ ମୁଖ୍ୟ ଡଙ୍ଗଜିନ ହ୍ୟୁନ୍ କହିଛନ୍ତି।

## ଆନ୍ଧ୍ର ବ୍ୟାଙ୍କ ପକ୍ଷରୁ ହିନ୍ଦୀ ଦିବସ




**ଭୁବନେଶ୍ୱର, ୨-୯**

ଆନ୍ଧ୍ର ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ହିନ୍ଦୀ ଦିବସ ପାଳନ କରାଯାଇଛି। ଆଞ୍ଚଳିକ ପ୍ରବନ୍ଧକ କେ.ବି.ବି.ଏନ୍.ଏସ୍. ରାମମୂର୍ତ୍ତି ଏହାର ଉଦ୍‌ଘାଟନ କରିଥିଲେ। ରାଜଭାଷା ଅଧିକାରୀ ବିଜୟ କୁମାର ଚୌଧୁରୀ ଏଥିରେ ରାଜଭାଷା ହିନ୍ଦୀର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ସଫଳ କର୍ମଚାରୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଗୋଟିଏ ବର୍ଷ ଯାଏ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରରେ ପାଳନ କରିବାକୁ ବ୍ୟାଙ୍କ ପକ୍ଷରୁ ଯୋଜନା ରଖାଯାଇଥିବା ସୂଚନା ରହିଛି।

# ପିସିଏରୁ ବାହାରିବେ ୪ ବ୍ୟାଙ୍କ

**ନୂଆଦିଲ୍ଲୀ, ୨-୯**

ଆର୍‌ବିଆଇର ପ୍ରମ୍ପଟ କରେକ୍ଟିଭ ଆକ୍ସନ (ପିସିଏ) କାର୍ଯ୍ୟାନୁଷ୍ଠାନ ପରିସରରୁ ଅବଶିଷ୍ଟ ୪ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବାହାରିବେ। ସରକାର ବ୍ୟାଙ୍କଗୁଡିକୁ ସଦ୍ୟତମ ପୁଞ୍ଜି ପ୍ରଦାନ କରିବାକୁ ନିକଟରେ ଘୋଷଣା କରିଛନ୍ତି। ଏହା ଦ୍ୱାରା ବ୍ୟାଙ୍କଗୁଡିକ ପିସିଏରୁ ବାହାରିବେ ବୋଲି ଅର୍ଥ ମନ୍ତ୍ରଣାଳୟ ଆଶା ରଖିଛି। ବର୍ତ୍ତମାନ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ( ଆଇଓବି), ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ୟୁକୋ ବ୍ୟାଙ୍କ ଏବଂ ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ ପିସିଏ ପରିସରରେ ରହିଛନ୍ତି। ଏହା ଦ୍ୱାରା ସେମାନଙ୍କ ଉପରେ ଋଣ ଯୋଗାଣ, ପରିଚାଳନା କ୍ଷତିପୂରଣ ଏବଂ ନିର୍ଦ୍ଦେଶକଙ୍କ ଫି ଭଳି ବିଭିନ୍ନ କଟକଣା ଜାରି କରାଯାଇଛି। ଏହି ୪ ବ୍ୟାଙ୍କକୁ ସରକାର ଶୁକ୍ରବାର ୧୦,୮୦୦ କୋଟି ଟଙ୍କାର ପୁଞ୍ଜି ସହାୟତା ପ୍ରଦାନ କରିଛନ୍ତି। ୪ ବ୍ୟାଙ୍କ ମଧ୍ୟରୁ ଆଇଓବି ସର୍ବାଧିକ ୩,୮୦୦ କୋଟି ଟଙ୍କା ପାଇଛି।

ସେହିଭଳି ସେଣ୍ଟ୍ରାଲ ବ୍ୟାଙ୍କ ଇଣ୍ଡିଆ ୩,୩୦୦ କୋଟି, ୟୁକୋ ବ୍ୟାଙ୍କ ୨,୧୦୦ କୋଟି ଏବଂ ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ ୧୬୦୦ କୋଟି ଟଙ୍କା ପାଇଛି। ଏହି ପୁଞ୍ଜି ସହାୟତା ଦ୍ୱାରା ବ୍ୟାଙ୍କଗୁଡିକ ପିସିଏରୁ ବାହାରିବାକୁ ସକ୍ଷମ ହେବେ ବୋଲି ଅର୍ଥ ସଚିବ ରାଜୀବ କୁମାର କହିଛନ୍ତି। ୟୁନାଇଟେଡ ବ୍ୟାଙ୍କ ମିଶ୍ରଣ ଯୋଗୁ ପିସିଏରୁ ବାହାରିବାକୁ ଥିବା ବେଳେ ଆଇଓବି, ସେଣ୍ଟ୍ରାଲ ବ୍ୟାଙ୍କ ଏବଂ ୟୁକୋ ବ୍ୟାଙ୍କକୁ ସରକାର ପ୍ରଦାନ କରିଥିବା ପୁଞ୍ଜି ସହାୟତା ଦ୍ୱାରା ପିସିଏରୁ ମୁକୁଳିବାକୁ ସହାୟତା କରିବ ବୋଲି କୁମାର ସ୍ପଷ୍ଟ କରିଛନ୍ତି। ୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ମିଶାଇ ୪ ବଡ ବ୍ୟାଙ୍କ ଗଠନ ନେଇ ସରକାର ଗତ ସପ୍ତାହରେ ଘୋଷଣା କରିଛନ୍ତି। ଏହା ଦ୍ୱାରା ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ସହ ମିଶ୍ରଣ ଘଟିବ। ପୂର୍ବରୁ ପିସିଏ ପରିସରରୁ ୫ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବାହାରିଛନ୍ତି। ଏହା ମଧ୍ୟରେ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ, ଆଲ୍ଲାହାବାଦ ବ୍ୟାଙ୍କ, କର୍ପୋରେଶନ ବ୍ୟାଙ୍କ ରହିଛନ୍ତି। ସରକାରଙ୍କ ୨ଟି ପର୍ଯ୍ୟାୟରେ ପୁଞ୍ଜି ଯୋଗାଣ ଦ୍ୱାରା ଏଭଳି ସ୍ଥିତିକୁ ବ୍ୟାଙ୍କଗୁଡିକ ଆସିଛନ୍ତି।

ପୁଞ୍ଜି ଯୋଗାଣ ଦ୍ୱାରା ବ୍ୟାଙ୍କଗୁଡିକ ସେମାନଙ୍କ ପୁଞ୍ଜି ଆବଶ୍ୟକତା ସୀମା ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ଅପରପକ୍ଷରେ ନେଟ୍ ଏନ୍‌ପିଏ ସ୍ତର ୬%ରୁ ତଳକୁ ବ୍ୟାଙ୍କଗୁଡିକ ଖସାଇ ପାରିଛନ୍ତି। ଗତ ବର୍ଷ ଏପ୍ରିଲରେ ରିଜର୍ଭ ବ୍ୟାଙ୍କ ୧୧ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ପିସିଏ କଟକଣା ଜାରି କରିଥିଲା। ବ୍ୟାଙ୍କ ଅଫ ବରୋଦା ସହ ଦେନା ବ୍ୟାଙ୍କ ମିଶ୍ରଣ ହେବା ପରେ ଏହା ଅଲଗା ନାମରେ ପରିଚିତ ହୋଇଛି। ସେହିଭଳି ଆଇଡିବିଆଇ ବ୍ୟାଙ୍କକୁ ଏଲ୍‌ଆଇସି ଅଧିଗ୍ରହଣ କରିଛି। ବ୍ୟାଙ୍କ କେବେ ପିସିଏରୁ ବାହାରିବ ତାହା ସମ୍ପୃକ୍ତ ବ୍ୟାଙ୍କଗୁଡିକର କାର୍ଯ୍ୟଧାରାର ବିଚାରକୁ ନେଇ ରିଜର୍ଭ ବ୍ୟାଙ୍କ ନିଷ୍ପତ୍ତି ନେଇଥାଏ ବୋଲି କୁମାର କହିଛନ୍ତି। ଏନ୍‌ପିଏ ସମସ୍ୟା ସମାଧାନ ଲାଗି ଅର୍ଥମନ୍ତ୍ରଣାଳୟ ବିଭିନ୍ନ ପଦକ୍ଷେପ ନେଉଛି। ଏହା ଫଳରେ ୨୦୧୮-୧୯ ଆର୍ଥିକ ବର୍ଷରେ ୧.୦୬ ଲକ୍ଷ କୋଟି ଟଙ୍କାର ଏନ୍‌ପିଏ ହ୍ରାସ ଏବଂ ୧.୨୧ ଲକ୍ଷ କୋଟି ଟଙ୍କାର ଋଣ ଅସୁଲ ହୋଇଛି, ଯାହା ଏକ ରେକର୍ଡ।

- ପିସିଏରେ ଆଇଓବି, ସେଣ୍ଟ୍ରାଲ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ୟୁନାଇଟେଡ ବ୍ୟାଙ୍କ
- ୪ ବ୍ୟାଙ୍କକୁ ମିଳିଛି ୧୦,୮୦୦ କୋଟି
- ଆଇଓବି ପାଇଛି ସର୍ବାଧିକ ୩,୮୦୦ କୋଟି





ଶନିବାର ଫର୍ମୁଲା ଟୁ ରେସ୍‌ରେ ଆନ୍ଥୋନୀ ହବର୍ଟଙ୍କ ମୃତ୍ୟୁ ଘଟଣା ରବିବାର ବେଲଜିଆନ ଗ୍ରାଁ ପ୍ରିରେ ଦାୟିତ୍ୱ ତୁଲାଇବା ମୋ ପାଇଁ କଷ୍ଟକର ଥିଲା ।

–ଲୁଇସ ହାମିଲଟନ, ମର୍ସିଡିଜ ଡ୍ରାଇଭର



ଆସନ୍ତା ବିଶ୍ୱକପ୍ କ୍ୱାଲିଫାଇଙ୍ଗ ମ୍ୟାଚଗୁଡ଼ିକ ଭାରତୀୟ ଫୁଟ୍‌ବଲ ଦଳ ପାଇଁ ପ୍ରକୃତ ପରୀକ୍ଷା ହେବ। ଆମେ ଭଲ କରିବା ନେଇ ଆଶାବାଦୀ ।

–ଉଦାନ୍ତ ସିଂ, ଭାରତୀୟ ଫୁଟ୍‌ବଲର

## ସଂକ୍ଷେପରେ

### ଟେଷ୍ଟରେ ପଦାର୍ପଣ କରିବେ ଭାରତୀୟ ଅମ୍ପାୟର ମେନନ



**ମୁମ୍ବାଇ,୨।୯(ପିଟି):** ଭାରତୀୟ ଅମ୍ପାୟର ନିତୀନ ମେନନ ଟେଷ୍ଟ ମ୍ୟାଚ୍‌ରେ ପଦାର୍ପଣ କରିବାକୁ ଯାଉଛନ୍ତି। ଆଫଗାନିସ୍ତାନ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଡେରାଡୁନଠାରେ ନଭେମ୍ବର ୨୭ ତାରିଖଠାରୁ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ସେ ଅନ୍ତର୍ଜାତୀୟ ଟେଷ୍ଟ ପଦାର୍ପଣ କରିବେ। ବିସିସିଆଇ ଅନୁଯାୟୀ, ନିତୀନ ପୂର୍ବତନ ଅନ୍ତର୍ଜାତୀୟ ଅମ୍ପାୟର ନରେନ୍ଦ୍ର ମେନନଙ୍କ ପୁଅ। ସେ ବାପାଙ୍କ ପଥରେ ଚାଲି ରାଜ୍ୟ ପାନେଲ ଅମ୍ପାୟର ହୋଇଥିଲେ। ୨୦୦୬ରେ ସର୍ବଭାରତୀୟ ଅମ୍ପାୟର ପରୀକ୍ଷାରେ ସେ ଉତ୍ତୀର୍ଣ୍ଣ ହୋଇଥିଲେ। ୨୦୦୭-୦୮ ସିଜନରୁ ଘରୋଇ କ୍ରିକେଟ ମ୍ୟାଚ୍ ପରିଚାଳନା କରିବା ଆରମ୍ଭ କରିଛନ୍ତି। ୫୭ ପ୍ରଥମ ଶ୍ରେଣୀ ବ୍ୟତୀତ ନିତୀନ ୨୨ ଅନ୍ତର୍ଜାତୀୟ ଦିନିକିଆ, ୯ ଟି୨୦ ଓ ୪୦ ଆଇପିଏଲ ମ୍ୟାଚ୍‌ରେ ଅମ୍ପାୟର ଦାୟିତ୍ୱ ତୁଲାଉଛନ୍ତି। ଆଇସିସି ପ୍ୟାନେଲରେ ସ୍ଥାନ ପାଇବାକୁ ଲକ୍ଷ୍ୟ ରଖିଥିବା ନିତୀନ ବିସିସିଆଇକୁ ସାହାଯ୍ୟ ପାଇଁ ଧନ୍ୟବାଦ୍ ଜଣାଇଛନ୍ତି।

### ମିଆଁଦାଦଙ୍କ ଧମକ



**ନୂଆଦିଲ୍ଲୀ,୨।୯:** ଜମ୍ମୁ-କଶ୍ମୀର ଯେଉଁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାଇଥିଲା ତାହା ଉଠାଇ ନିଆଯିବାରୁ ପ୍ରତିବାଦ ସ୍ୱରୂପ ପାକିସ୍ତାନର ପୂର୍ବତନ କ୍ରିକେଟ ଅଧିନାୟକ ଜାଭେଦ ମିଆଁଦାଦଙ୍କ ନେତୃତ୍ୱରେ ଏକ ଗୋଷ୍ଠୀ ଲାଇନ ଅଫ୍ କଣ୍ଟ୍ରୋଲ (ଏଲଓସି) ଆଡକୁ ଏକ ଶୋଭାଯାତ୍ରାରେ ବାହାରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବିକ୍ଷୋଭ ବେଳେ ମିଆଁଦାଦ ଭାରତୀୟଙ୍କୁ ଖଣ୍ଡାରେ ନିପାତ କରିବାକୁ ଧମକ ଦେଇଛନ୍ତି। ସେ କହିଛନ୍ତି, କଶ୍ମୀର ଭାଇମାନେ ଚିନ୍ତା କରନ୍ତୁ ନାହିଁ। ଆମେ ତୁମ ସାଥିରେ ଅଛୁ। ମୋ ପାଖରେ ପୂର୍ବରୁ ବ୍ୟାଟ ଥିଲା ଛକା ଲଗାଉଥିଲି। ଏବେ ଖଣ୍ଡା ଅଛି। ଯଦି ମୁଁ ବ୍ୟାଟରେ ଛକା ମାରିପାରେ, ଖଣ୍ଡାରେ ଲୋକମାନଙ୍କୁ କାହିଁକି ହତ୍ୟା କରିପାରିବି ନାହିଁ। ଅଗଷ୍ଟ ୫ ତାରିଖରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀର ରାଜ୍ୟକୁ ମିଳିଥିବା ସ୍ୱତନ୍ତ୍ର ମାନ୍ୟତା ଉଠାଇ ଦେଇଛନ୍ତି। ଏହାପରେ ଭାରତ ଓ ପାକିସ୍ତାନ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି। ପାକିସ୍ତାନ ପକ୍ଷରୁ ହେଉଥିବା ବିକ୍ଷୋଭରେ ମିଆଁଦାଦଙ୍କ ବ୍ୟତୀତ ପୂର୍ବତନ ଅଧିନାୟକ ଶାହିଦ ଆଫ୍ରିଦୀ ମଧ୍ୟ ସାମିଲ ହୋଇଥିଲେ।

## ବିଶ୍ୱ ମାର୍ଶାଲ ଆର୍ଟ ମାଷ୍ଟରଶିପ୍ ପ୍ରତିଯୋଗିତା

# ଜୁଜୁଟ୍‌ସୁ କଣ୍ଟାକ୍ଟରେ ଅନୁପମାଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୨।୯(କ୍ରୀଡ଼ା ପ୍ରତିନିଧି)**

ଦକ୍ଷିଣ କୋରିଆର ଚୁଙ୍ଗଜୁଠାରେ ଚାଲିଥିବା ବିଶ୍ୱ ମାର୍ଶାଲ ଆର୍ଟ ମାଷ୍ଟରଶିପ୍ ପ୍ରତିଯୋଗିତାରେ ଭାରତରୁ ଏକମାତ୍ର ଏଲାଇଟ ଖେଳାଳିଭାବେ ଅଂଶଗ୍ରହଣ କରିଥିବା ଉତ୍କଳ କରାଟେ ସ୍କୁଲର ଅନୁପମା ସ୍ୱାଇଁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ପ୍ରତିଯୋଗିତାର ଜୁଜୁଟ୍‌ସୁ କଣ୍ଟାକ୍ଟ ବିଭାଗରେ ଏହି ସଫଳତା ପାଇଛନ୍ତି। ଅନୁପମା ଜୁଜୁଟ୍‌ସୁ ନେୱାଜା ବିଭାଗରେ ମଧ୍ୟ ଚମତ୍କାର ପ୍ରଦର୍ଶନ କରିଥିଲେ। ତେବେ ପଦକ ହାସଲରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। ବିଶ୍ୱ ସଂଘ ଦ୍ୱାରା ଅନୁପମାଙ୍କୁ ବିଶ୍ୱର ଜଣେ ଏଲାଇଟ ଖେଳାଳିଭାବେ ସ୍ୱୀକୃତି ମିଳିଥିବାରୁ ତାଙ୍କର ସମସ୍ତ ଖର୍ଚ୍ଚ ୱାର୍ଲ୍ଡ ମାର୍ଶାଲ ଆର୍ଟ ମାଷ୍ଟରଶିପ୍ ଆୟୋଜକ କମିଟି ବହନ କରୁଛି। ଓଡ଼ିଶା ପୋଲିସରେ କାର୍ଯ୍ୟରତ ଅନୁପମା ଜଣେ ଅନ୍ତର୍ଜାତୀୟ କରାଟେ ଖେଳାଳି ହେବା ସହ ଶକ୍ତି ଉତ୍ତୋଳନରେ ଏସିଆ ଚାମ୍ପିୟନ, ଜୁଜୁଟ୍‌ସୁରେ ବିଶ୍ୱମାନ୍ୟତାପ୍ରାପ୍ତ ଥାଇଲାଣ୍ଡ ଓପନରେ ସ୍ୱର୍ଣ୍ଣ ପଦକ ବିଜୟିନୀ। ବହୁମୁଖୀ ପ୍ରତିଭାର ଅଧିକାରିଣୀ ଅନୁପମା ଉତ୍କଳ କରାଟେ ସ୍କୁଲରେ ଡ. ହରିପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅଭ୍ୟାସ ଜାରି ରଖିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଉତ୍କଳ କରାଟେ ସ୍କୁଲ ମୁଖ୍ୟ ହରିପ୍ରସାଦ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି।



ବ୍ରୋଞ୍ଜ ପଦକ ସହ ପୋଡିୟମରେ ଅନୁପମା ସ୍ୱାଇଁ (ଡାହାଣରୁ ଦ୍ୱିତୀୟ)।

ଅନୁପମା ଏକସଙ୍ଗରେ ମିକ୍ସଡ ମାର୍ଶାଲ ଆର୍ଟ, କରାଟେ, ଶକ୍ତି ଉତ୍ତୋଳନ, ସ୍ପୋର୍ଟସ୍ କ୍ଲାଇମ୍ବିଂ, ରେସଲିଂ ଓ ଶୁଟିଂରେ ନିଜ ଦକ୍ଷତା ପ୍ରତିପାଦନ କରିବାରେ ସକ୍ଷମ ହୋଇଛନ୍ତି। କରାଟେରେ ସେ ଜଣେ ଅନ୍ତର୍ଜାତୀୟ ପଦକଧାରୀ। ୨୦୧୯ ଜୁଲାଇ ୨୬ରୁ ୨୮ ପର୍ଯ୍ୟନ୍ତ କଲିକତାର ନେତାଜୀ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଆମନ୍ତ୍ରଣୀୟ କରାଟେ ଚାମ୍ପିୟନଶିପ୍‌ରେ ସେ ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ହାସଲ କରିଥିଲେ। ୨୦୧୬ ଏପ୍ରିଲ ୭ରୁ ୧୦ ପର୍ଯ୍ୟନ୍ତ ଦୁବାଇରେ ଅନୁଷ୍ଠିତ ପ୍ରଥମ ବିଶ୍ୱ କରାଟେ ପ୍ରିମିୟର ଲିଗ୍‌ରେ ସେ ଭାଗ ନେଇଥିଲେ ଏବଂ ୧ ପଏଣ୍ଟ ଅର୍ଜନ କରିଥିଲେ। ୨୦୧୫ ସେପ୍ଟେମ୍ବର ୧୮ରୁ ୨୦ ପର୍ଯ୍ୟନ୍ତ ନୂଆଦିଲ୍ଲୀର ତାଲକୋଟ୍ରା ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ୮ମ ରାଜ୍ୟଗୋଷ୍ଠୀ କରାଟେ ଚାମ୍ପିୟନଶିପ୍‌ର ମହିଳା ୫୫ କେଜିରେ ଭାଗନେଇ ସେ ୫ମ ସ୍ଥାନ ଅଧିକାର କରିଥିଲେ। ୨୦୧୮ ସେପ୍ଟେମ୍ବର ୨୬ରୁ ୩୦ ପର୍ଯ୍ୟନ୍ତ ଲକ୍ଷ୍ନୌରେ ଆୟୋଜିତ ନ୍ୟାଶନାଲ କ୍ଲାସିକ ଶକ୍ତି ଉତ୍ତୋଳନ ଚାମ୍ପିୟନଶିପ୍‌ର ସିନିୟର ମହିଳା ୫୨ କେଜି କାଟେଗୋରିରେ ସେ ବ୍ରୋଞ୍ଜ ପଦକ ପାଇଥିଲେ। ୨୦୧୭ ଡିସେମ୍ବର ୪ରୁ ୯ ପର୍ଯ୍ୟନ୍ତ କେରଳର ଆଲାପୁଝାଠାରେ ଅନୁଷ୍ଠିତ ଏସିଆନ କ୍ଲାସିକ ପାୱାରଲିଫ୍ଟିଂ ଚାମ୍ପିୟନଶିପ୍‌ର ମହିଳା ୫୨ କେଜି ଅନ୍‌ଇକ୍ୟୁପ୍‌ଡ଼ି କାଟେଗୋରିରେ ସେ ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ଜିତି ନିଜ ଦକ୍ଷତା ପ୍ରତିପାଦନ କରିଥିଲେ। ସେ ସ୍କ୍ୱାଟ୍‌ରେ ୧୩୨, ବେଞ୍ଚପ୍ରେସ୍‌ରେ ୬୫ ଏବଂ ଡେଡ୍‌ଲିଫ୍ଟରେ ୧୨୭.୫ ଏହିପରି ମୋଟ ୩୨୫ କେଜି ଶକ୍ତି ଉତ୍ତୋଳନ କରିଥିଲେ। ୨୦୧୬ରେ ଭୁବନେଶ୍ୱରରେ ଅନୁଷ୍ଠିତ ଯୋଦ୍ଧା ଫାଇଟିଂ ଚାମ୍ପିୟନଶିପ୍‌ରେ ମଧ୍ୟ ତାଙ୍କ କଳାକୌଶଳ ସମସ୍ତଙ୍କୁ ବିସ୍ମିତ କରିଥିଲା। ମା ପ୍ରେମଲତା ଓ ପିତା ପ୍ରସନ୍ନ କୁମାର ସ୍ୱାଇଁଙ୍କ ସୁକନ୍ୟା ଅନୁପମାଙ୍କ ଘର କେନ୍ଦୁଝର ଜିଲା ସାରସ ଗ୍ରାମରେ। ୨୦୧୦ରେ ଉତ୍କଳ କରାଟେ ସ୍କୁଲରେ ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରଶିକ୍ଷଣରେ ନିଜ କ୍ରୀଡ଼ା କ୍ୟାରିୟର ଆରମ୍ଭ କରିଥିବା ଏହି ପ୍ରତିଭାଧାରୀ ଖେଳାଳି ଏବେ ଓଡ଼ିଶା ପୋଲିସରେ କାର୍ଯ୍ୟରତ।




ଅନୁପମାଙ୍କୁ ମିଳିଥିବା ମାନପତ୍ର।

### ଅଷ୍ଟ୍ରେଲିଆ କ୍ୟାମ୍ପରେ ପୁଣି ଷ୍ଟିଭ୍ ୱ

**ମାଞ୍ଚେଷ୍ଟର, ୨।୯ (ପି.ଟି.):** ଇଂଲଣ୍ଡ ବିପକ୍ଷ ଚଳିତ ଆଶେସ ସିରିଜର ଶେଷ ଦୁଇଟି ମ୍ୟାଚ ପାଇଁ ପୂର୍ବତନ ଅଧିନାୟକ ଷ୍ଟିଭ ୱ ମେଣ୍ଟର ଭାବେ ପୁନର୍ବାର ଅଷ୍ଟ୍ରେଲିଆ କ୍ରିକେଟ ଦଳରେ ଯୋଗଦେଇଛନ୍ତି। ଏହାଦ୍ୱାରା ହେଡିଙ୍ଗଲେରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଅଷ୍ଟ୍ରେଲିଆ ଦଳର ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଲିଡ୍‌ସଠାରେ ଗତ ଅଗଷ୍ଟ ୨୫ରେ ତୃତୀୟ ଟେଷ୍ଟର ଚତୁର୍ଥ ଦିବସ ଖେଳରେ ଅଷ୍ଟ୍ରେଲିଆ ବିଜୟ ଆଡକୁ ଅଗ୍ରସର ହେଉଥିବାବେଳେ ବେନ ଷ୍ଟୋକ୍ସ (୧୩୫) ଏବଂ ଜ୍ୟାକ ଲିଚ୍ ଅନ୍ତିମ ଉଇକେଟରେ ଲଢୁଆ ୭୬ ରନ ଯୋଗ କରି ଇଂଲଣ୍ଡକୁ ଜିତାଇ ଦେଇଥିଲେ। ଓଲ୍ଡ ଟ୍ରାଫୋର୍ଡଠାରେ ଚତୁର୍ଥ ଟେଷ୍ଟ ବୁଧବାର ଆରମ୍ଭ ହେବ। ୱ ଏହା ପୂର୍ବରୁ ରବିବାର ରାତିରେ ମାଞ୍ଚେଷ୍ଟରରେ ପହଞ୍ଚିଛନ୍ତି। ପୂର୍ବରୁ ସେ ବର୍ମିଂହାମ୍ ଏବଂ ଲଣ୍ଡନଠାରେ ଅନୁଷ୍ଠିତ ପ୍ରଥମ ଦୁଇ ଟେଷ୍ଟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଦଳର ମେଣ୍ଟର (ଉପଦେଷ୍ଟା)ଭାବେ କାର୍ଯ୍ୟ କରିସାରିଛନ୍ତି। ତୃତୀୟ ଟେଷ୍ଟ ବେଳେ ତାଙ୍କୁ ଦଳ ସହିତ ରହିବା ଲାଗି କୁହାଯାଇଥିଲା। ମାତ୍ର ଏକ ଘରୋଇ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ସେ ସ୍ୱଦେଶ ଚାଲିଯାଇଥିଲେ। ପଣ୍ଟିଂ ଓ ଷ୍ଟିଭ ୱ କେବଳ ଅଭିଜ୍ଞ ଉପଦେଷ୍ଟା ଭଳି କାର୍ଯ୍ୟ କରି ନ ଥାନ୍ତି, ଉଭୟେ ଜଣେ ଜଣେ ମନସ୍ତତ୍ତ୍ୱବିତ୍ ମଧ୍ୟ। ବେଜିଂରେ ୨୦୦୮ ଏବଂ ୨୦୧୨ରେ ଲଣ୍ଡନ ଗେମ୍ସ ବେଳେ ୱ ଅଷ୍ଟ୍ରେଲିଆ ଅଲିମ୍ପିକ ଦଳର ମେଣ୍ଟର ଭାବେ ସଫଳତାର ସହିତ ଦାୟିତ୍ୱ ତୁଲାଇଛନ୍ତି।

## ସିରିଜ କବ୍‌ଜା କଲା ଭାରତ–ଏ

**ଥିରୁଭାନନ୍ତପୁରମ, ୨।୯ (ପି.ଟି.):** ଭ୍ରମଣକାରୀ ୱେଷ୍ଟଇଣ୍ଡିଜ–ଏ ବିପକ୍ଷରେ ସ୍ଥାନୀୟ ଗ୍ରୀନ୍‌ଫିଲ୍ଡ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ସୋମବାର ଖେଳାଯାଇଥିବା ୩ୟ ଅନ୍‌ଅଫିସିଆଲ୍ ଦିନିକିଆ ମ୍ୟାଚ୍‌କୁ ଭାରତ–ଏ ୪ ଉଇକେଟ୍‌ରେ ଜିତିନେଇଛି। ପୂର୍ବରୁ ପ୍ରଥମ ଓ ୨ୟ ଦିନିକିଆ ଜିତିଥିବା ଭାରତ–ଏ ଏଥିସହ ସିରିଜକୁ ୩–୦ରେ ଆଗୁଆ କବ୍‌ଜା କରିନେଇଛି। ସିରିଜର ୪ର୍ଥ ମ୍ୟାଚ୍ ବୁଧବାର ଏହି ଗ୍ରାଉଣ୍ଡରେ ଖେଳାଯିବ।

ବର୍ଷା ବାଧାପ୍ରାପ୍ତ ଯୋଗୁ ସୋମବାର ଖେଳାଯାଇଥିବା ଏହି ମ୍ୟାଚ୍‌କୁ ୩୦ ଓଭର ବିଶିଷ୍ଟ କରାଯାଇଥିଲା। ଦକ୍ଷିଣ ଆଫ୍ରିକା–ଏ ଅଧିନାୟକ ତେମ୍ବା ବାଭୁମା ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଉଇକେଟ୍‌କିପର ହେନରୀ କ୍ଲାସେନ (୪୪ ରନ୍, ୨୧ ବଲ୍)ଙ୍କ ଦ୍ରୁତ ବ୍ୟାଟିଂ ସାଙ୍ଗକୁ ଓପନର୍ ଜାନେମନ୍ ମଲାନ (୩୭ ରନ), ମାଥ୍ୟୁ ବ୍ରିତଜକେ (୩୬) ଓ ବାଭୁମା (୨୭)ଙ୍କ ଉପଯୋଗୀ ଇନିଂସ ବଳରେ ଦଳ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ୍ ହରାଇ ୨୦୭ ରନ୍ ସଂଗ୍ରହ କରିଥିଲା। ଭାରତ–ଏ ପକ୍ଷରୁ ଦୀପକ ଚହର ଓ କ୍ରୁନାଲ ପାଣ୍ଡ୍ୟା ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଭାରତ–ଏ ପ୍ରାରମ୍ଭରୁ ଓପନର୍ ଋତୁରାଜ ଗାଏକ୍ୱାଡ (୧) ଓ ରିକି ଭୁଇ (୦)ଙ୍କ ଉଇକେଟ୍ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ମନୀଷ ପାଣ୍ଡେ (୮୧ ରନ୍, ୫୯ ବଲ୍, ୩ ଚୌକା, ୫ ଛକା)ଙ୍କ ଅଧିନାୟକତ୍ୱ ଇନିଂସ ବଳରେ ଦଳ ୨୭.୫ ଓଭରରେ ୬ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉଇକେଟ୍‌କିପର ଇଶାନ କିଶାନ ୪୦, ଶିଭମ ଦୁବେ ୪୫* ଏବଂ କ୍ରୁନାଲ ପାଣ୍ଡ୍ୟା ଓ ନୀତୀଶ ରାଣା ୧୩ ରନ ଲେଖାଏ କରିଥିଲେ। ଏନ୍‌ରିଚ୍ ନର୍ଟେଜ ଓ ଜର୍ଜ ଲିଣ୍ଡେଙ୍କୁ ୨ଟି ଲେଖାଏ ଉଇକେଟ୍ ମିଳିଥିଲା। ମ୍ୟାଚ୍ ବିଜୟୀ ଦ୍ରୁତ ଅର୍ଦ୍ଧଶତକୀୟ ଇନିଂସ ଲାଗି ମନୀଷ ପାଣ୍ଡେଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ଏ’– ୨୦୭/୮, ୩୦ ଓଭର (କ୍ଲାସେନ ୪୪, ମଲାନ ୩୭, ଖୟା ଜୋଣ୍ଡୋ ୨୧, କ୍ରୁନାଲ ୨/୨୩, ଦୀପକ ୨/୪୨)। ଭାରତ ଏ’– ୨୦୮/୬, ୨୭.୫ ଓଭର (ପାଣ୍ଡେ ୮୧, ଦୁବେ ୪୫*, ଇଶାନ ୪୦, ଅକ୍ଷର ପଟେଲ ୭*, ନର୍ଟେଜ ୨/୪୧)।

## ଫିଫା ପୁରସ୍କାର

# ଦୌଡ଼ରେ ଭାନ୍ ଡିକ୍, ରୋନାଲ୍ଡୋ, ମେସି

**ରୋମ୍, ୨।୯ (ଏଏଫ୍‌ପି)**

ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଫୁଟ୍‌ବଲ ଆସୋସିଏଶନ୍ସ(ଫିଫା)ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଁ କରାଯାଇଥିବା ସଂକ୍ଷିପ୍ତ ତାଲିକାରେ ଲିଭରପୁଲ୍ ସେଣ୍ଟର ବ୍ୟାକ୍ ଭର୍ଜିଲ ଭାନ୍ ଡିକ୍ ସ୍ଥାନ ପାଇଛନ୍ତି। ଏହି ଖେଳାଳି ଜଣକ ନିକଟରେ ୟୁନିୟନ ଅଫ୍ ୟୁରୋପିଆନ ଫୁଟ୍‌ବଲ ଆସୋସିଏଶନ୍ସ (ୟୁଫା)ର ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ହାସଲ କରିସାରିଛନ୍ତି। ନେଦରଲାଣ୍ଡ୍ସର ଏହି ଅନ୍ତର୍ଜାତୀୟ ଖେଳାଳି ଗତ ସପ୍ତାହରେ କ୍ରିଷ୍ଟିଆନୋ ରୋନାଲଡୋ ଏବଂ ଲିଓନେଲ ମେସିଙ୍କୁ ପଛରେ ପକାଇ ୟୁରୋପିଆନ ଟାଇଟଲ ଜିତିଥିଲେ। ବର୍ତ୍ତମାନ ଏହି ୩ଜଣ ପୁଣି ସମ୍ମାନଜନକ ଫିଫା ପୁରସ୍କାର ଦୌଡ଼ରେ ଅଛନ୍ତି। ଲିଭରପୁଲ୍‌ର ଚାମ୍ପିୟନ୍ସ ଲିଗ୍ ଅଭିଯାନରେ ଭାନ୍ ଡିକ୍ ବିଶେଷ ଭୂମିକା ଗ୍ରହଣ କରିଥିଲେ। ସେହିପରି ବର୍ଷର ଶ୍ରେଷ୍ଠ ମହିଳା ଖେଳାଳି ପୁରସ୍କାର ସଂକ୍ଷିପ୍ତ ତାଲିକାରେ ଇଂଲଣ୍ଡର ଫୁଲ୍–ବ୍ୟାକ୍ ଲୁସି ବ୍ରୋଞ୍ଜ୍ ରହିଛନ୍ତି, ଯିଏକି ୟୁଫାର ମହିଳା ପୁରସ୍କାର ଜିତିସାରିଛନ୍ତି। ତାଲିକାରେ ବିଶ୍ୱକପ୍ ବିଜୟୀ ଆମେରିକା ଦଳର ଦୁଇ ଖେଳାଳି ମେଗାନ୍ ରାପିନୋ ଏବଂ ଆଲେକ୍ସ ମୋର୍ଗାନ ଅଛନ୍ତି। ସେହିପରି ଶ୍ରେଷ୍ଠ ପୁରୁଷ କୋଚ୍ ଦୌଡ଼ରେ ମାଞ୍ଚେଷ୍ଟର ସିଟି ମୁଖ୍ୟ ପେପ୍ ଗର୍ଡିଓଲା, ଲିଭରପୁଲ୍‌ର ଜର୍ଜେନ କ୍ଲୋପ୍ ଏବଂ ମୌରିକୋ ପୋଚେଟିନୋ ରହିଛନ୍ତି। ସେହିପରି ମହିଳା କୋଚ୍ ସଂକ୍ଷିପ୍ତ ତାଲିକାରେ ଇଂଲଣ୍ଡକୁ ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରାଇଥିବା ଫିଲ୍ ନେଭିଲ୍, ଆମେରିକାର ଜିଲ୍ ଏଲିସ୍ ଏବଂ ୟୁରୋପିଆନ ଚାମ୍ପିୟନ ନେଦରଲାଣ୍ଡ୍ସକୁ ବିଶ୍ୱକପ୍ ଫାଇନାଲରେ ପହଞ୍ଚାଇଥିବା ସାରିନା ୱେମ୍ୟାନ।



ଲିଓନେଲ ମେସି, ଭାନ୍ ଡିକ୍ ଓ କ୍ରିଷ୍ଟିଆନୋ ରୋନାଲ୍‌ଡୋ।



ସୋମବାର ଦ୍ୱିତୀୟ ଦିବସରେ ଚେସ୍ ଖେଳରେ ନିମଗ୍ନ ପ୍ରତିଯୋଗୀ।

## କୁଳମଣି ତ୍ରିପାଠୀ ସ୍ମାରକୀ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ଟ୍ରଫି ଉନ୍ମୋଚିତ

# ୫ମ ରାଉଣ୍ଡ ଶେଷ ସୁଦ୍ଧା ୫ ଅଗ୍ରଣୀ

**କଟକ ଅଫିସ,୨।୯**

କ୍ଷେତ୍ରବଜାରସ୍ଥିତ ପୂର୍ବତଟ ରେଲୱେ ପ୍ରତିଷ୍ଠାନରେ ଏସ୍.ଆର୍. ଚେସ୍ ସେଣ୍ଟର ଦ୍ୱାରା ଚାଲିଥିବା ଦ୍ୱିତୀୟ କୁଳମଣି ତ୍ରିପାଠୀ ସ୍ମାରକୀ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ପ୍ରତିଯୋଗିତାରେ ସୋମବାର ସୁଦ୍ଧା ୫ ରାଉଣ୍ଡ ଖେଳ ଶେଷ ହୋଇଛି। ହର୍ଷିତ ରଞ୍ଜନ ସାହୁ, ଶ୍ରୀୟଂଶ ଦାସ, ପ୍ରିୟଂଶ ଦାସ, ପି. ସାଇରୂପା, ପ୍ରତ୍ୟୁଷ ମହାପାତ୍ର ୫ ପଏଣ୍ଟ ଲେଖାଏ ପାଇ ଅଗ୍ରଣୀ ରହିଛନ୍ତି। ଜଗଦୀଶ ବାରିକ, ସୂର୍ଯ୍ୟ ପ୍ରାଞ୍ଜଳ ଇନ୍ଦ୍ରଜିତ ଏବଂ ସ୍ୱପ୍ନିଲ ପ୍ରିୟଦର୍ଶୀ ୪.୫ ପଏଣ୍ଟ ସହ ମିଳିତ ଭାବେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ସୋମବାର ଅନୁଷ୍ଠିତ ପଞ୍ଚମ ରାଉଣ୍ଡରେ ହର୍ଷିତ–ଓମ୍ ଆଦିତ୍ୟ ଖାଡାଙ୍ଗାଙ୍କୁ, ଶ୍ରୀୟଂଶ–ପ୍ରକୃତି ରାଉତଙ୍କୁ, ପ୍ରୀୟଂଶ–ପ୍ରତ୍ୟୁଷ ନାୟକଙ୍କୁ, ପି.ସାଇରୂପା–ନିଖିଲ ସାହୁଙ୍କୁ, ପ୍ରତ୍ୟୁଷ–ବିଶ୍ୱପ୍ରୀତ ରାୟଙ୍କୁ ପରାସ୍ତ କରିଥିବା ବେଳେ ଜଗଦୀଶ ବାରିକ ଏବଂ ଏସ୍.ପି. ସୂର୍ଯ୍ୟ ପ୍ରାଞ୍ଜଳ ଇନ୍ଦ୍ରଜିତଙ୍କ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଡ୍ର ରହିଥିଲା। ପଲକ ମହାପାତ୍ର, ଆୟୁଷ ଆର୍ଯ୍ୟନ ମହାପାତ୍ର, ସାଇସ୍ୱରୂପ ମିଶ୍ର, ବିକାଶ କୁମାର ଲେଙ୍କା, ଅନିରୁଦ୍ଧ ସାହୁ, ଶ୍ରେୟାଂଶ ହୋତା, ଶ୍ରୀୟଂଶ ଦେ, ସିଦ୍ଧାର୍ଥ ଭୂୟାଁ, ରିତୁପର୍ଣ୍ଣା ତ୍ରିପାଠୀ, ସୌରଭ କର, ଅନୁଜ ସୁବୁଦ୍ଧି, ଅଞ୍ଜଳି ମିଶ୍ର, ତୁଷାର ଦାସ, ପିୟୁଷ କୁମାର ସାହୁ, ଅଭିଷେକ କର, ଦିବ୍ୟସିଂ ରାୟ, ଓମ୍ ଆଦିତ୍ୟ ରାଉତ, ଶିବାଶିଷ ସିଂ, ଗୁଡ଼ି ସ୍ନେହି, ସ୍ୱସ୍ତିକ ସୁଭମ ପଟ୍ଟନାୟକ, ସିଦ୍ଧାର୍ଥ ମିଶ୍ର, ଆଦିତ୍ୟ ବିକ୍ରମ ମିଶ୍ର, ଶୁଭ ସୁନ୍ଦର ବେହେରା ପ୍ରମୁଖ ଖେଳାଳି ୪ ପଏଣ୍ଟ ସହ ମିଳିତ ଭାବେ ତୃତୀୟ ସ୍ଥାନରେ ଅଛନ୍ତି।

କଟକ ଜିଲା ଚେସ୍ ସଂଘର ସଭାପତି ବିବେକ କୁମାର ତିବ୍ରେୱାଲ, ବରିଷ୍ଠ ଉପସଭାପତି ସନ୍ତୋଷ କୁମାର ପୃଷ୍ଟି, ସାମାଜିକକର୍ମୀ କୃଷ୍ଣଚନ୍ଦ୍ର ଆଇଚ ଅତିଥି ଭାବେ ଯୋଗଦେଇ ଟ୍ରଫିଗୁଡ଼ିକୁ ଉନ୍ମୋଚିତ କରିଥିଲେ। ଆସନ୍ତାକାଲି ଅବଶିଷ୍ଟ ୩ ରାଉଣ୍ଡ ଖେଳ ଅନୁଷ୍ଠିତ ହେବା ସହ ପ୍ରତିଯୋଗିତା ଉଦ୍‌ଯାପିତ ହେବ ବୋଲି ଏସ୍.ଆର୍. ଚେସ୍ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ଅବସରରେ କୁଳମଣି ତ୍ରିପାଠୀ ସ୍ମାରକୀ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ଆମନ୍ତ୍ରଣୀୟ ପ୍ରତିଯୋଗିତାରେ ଭାଗ ନେଇଥିବା ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ଖେଳାଳିଙ୍କ ମଧ୍ୟରେ ଏକ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟ ଖେଳାଳିଙ୍କୁ ୫ ମିନିଟ ଲେଖାଏ ସମୟ ପ୍ରଦାନ କରାଯାଇଥିଲା। ଉକ୍ତ ପ୍ରତିଯୋଗିତାରେ ୭ ରାଉଣ୍ଡ ଖେଳ ହୋଇଥିଲା। ପ୍ରଥମରୁ ପଞ୍ଚମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି।

## ସଂକ୍ଷେପରେ

### ମାଲିଙ୍ଗାଙ୍କ ବିଶ୍ୱ ରେକର୍ଡ



କାଣ୍ଡି,୨।୯(ଏଏଫ୍‌ପି): ଶ୍ରୀଲଙ୍କା ପେସର ଲସିଥ ମାଲିଙ୍ଗା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ଇତିହାସର ସର୍ବାଧିକ ଉଇକେଟ ନେଇଥିବା ବୋଲର ହେବାର ରେକର୍ଡ ଅଧିକାରୀ ହୋଇଛନ୍ତି। ଏଠାରେ ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌ରେ କଲିନ ଡି' ଗ୍ରାଣ୍ଡହୋମଙ୍କୁ କ୍ଲିନ ବୋଲ୍ଡ କରି ସେ ଏହି ସଫଳତା ପାଇଛନ୍ତି। ଏଥିସହ ସେ ପୂର୍ବତନ ପାକିସ୍ତାନ ଅଧିନାୟକ ଶାହିଦ ଆଫ୍ରିଦୀ(୯୮)ଙ୍କୁ ପଛରେ ପକାଇ ଦେଇଛନ୍ତି। ୨୦୧୧ରେ ଟେଷ୍ଟ କ୍ରିକେଟରୁ ଅବସର ନେଇଥିବା ୟର୍କର କିଙ୍ଗ୍ ଭାବେ ପରିଚିତ ମାଲିଙ୍ଗା ଗତ ଜୁଲାଇରେ କ୍ୟାରିୟରର ଅନ୍ତିମ ଦିନିକିଆ ଖେଳିଥିଲେ। ସେ ପ୍ରଥମ ଓଭରରେ କଲିନ ମୁନ୍‌ରୋଙ୍କୁ କ୍ଲିନ ବୋଲ୍ଡ ଆଉଟ୍ କରି ଆଫ୍ରିଦୀଙ୍କ ସମକକ୍ଷ ହୋଇଥିଲେ। ପୂର୍ବତନ ପାକିସ୍ତାନ ଲେଗ୍ ସ୍ପିନର ୯୯ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳି ୯୮ ଉଇକେଟ ନେଇଥିଲେ। ୨୦୦୬ରେ ଇଂଲଣ୍ଡ ବିପକ୍ଷରେ ଅନ୍ତର୍ଜାତୀୟ ଟି୨୦ ପଦାର୍ପଣ କରିଥିବା ୟର୍କର କିଙ୍ଗ୍ ୭୪ତମ ମ୍ୟାଚ୍‌ରେ ବିଶ୍ୱର ସର୍ବାଧିକ ଉଇକେଟ ନେଇଥିବା ବୋଲର ହୋଇପାରିଛନ୍ତି।



ହେଡିଂଲେଠାରେ ଇଂଲଣ୍ଡ ବିପକ୍ଷ ତୃତୀୟ ଆଶେସ ଟେଷ୍ଟରେ ଆମ ଦଳର ପରାଜୟ ଏତେ ବାଧିଥିଲା ଯେ, ମୁଁ ଅସୁସ୍ଥ ଅନୁଭବ କରିଥିଲି।
–ଜଷ୍ଟିନ ଲାଙ୍ଗର, ଅଷ୍ଟ୍ରେଲିଆ କ୍ରିକେଟ କୋଚ୍

ଭାରତର ଶକ୍ତିଶାଳୀ ବ୍ୟାଟିଂ ଲାଇନ୍‌ଅପ୍ ବିପକ୍ଷରେ ଦୁର୍ଭାଗ୍ୟଜନକ ଭାବେ ଏକ ହ୍ୟାଟ୍ରିକରୁ ଅଳ୍ପକେ ବଞ୍ଚିତ ହୋଇଥିଲେ ହେଁ ମୁଁ ଖୁସୀ।
–କେମର ରୋଚ୍, ୱେଷ୍ଟଇଣ୍ଡିଜ ପେସ୍ ବୋଲର



# ଟାର୍ଗେଟ ୪୬୮, ୱେଷ୍ଟଇଣ୍ଡିଜର ସଂଘର୍ଷ ଜାରି

କିଙ୍ଗଷ୍ଟନ(ଜାମାଇକା), ୨।୯

ସାବିନା ପାର୍କରେ ଅନୁଷ୍ଠିତ ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ୱେଷ୍ଟଇଣ୍ଡିଜର ସଂଘର୍ଷ ଜାରି ରହିଛି। ୪୬୮ ରନ ବିଜୟ ଲକ୍ଷ୍ୟର ପିଛା କରି ଖେଳୁଥିବା ୱେଷ୍ଟଇଣ୍ଡିଜ ସୋମବାର ୪ର୍ଥ ଦିବସରେ ଖବର ମିଳିବା ବେଳକୁ ୪ ଉଇକେଟ ହରାଇ ୧୪୪ ରନ ସଂଗ୍ରହ କରିଛି। ହାତରେ ୬ ଉଇକେଟ ଥିବାବେଳେ ଦଳ ଲକ୍ଷ୍ୟଠାରୁ ଆହୁରି ୩୨୪ ରନ ପଛରେ ରହିଛି।

ତୃତୀୟ ଦିବସରେ ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସରେ ୧୩ ଓଭର ଖେଳି ୪୫ ରନ ମଧ୍ୟରେ ୨ଟି ଉଇକେଟ ହରାଇଥିଲା। କ୍ରେଗ୍ ବ୍ରାଥୱେଟ ମାତ୍ର ୩ ରନ କରି ଈଶାନ୍ତ ଶର୍ମାଙ୍କ ଶିକାର ହୋଇଥିବାବେଳେ ଜନ କ୍ୟାମ୍ପବେଲ ୧୬ ରନ କରି ମହମ୍ମଦ ଶାମିଙ୍କ ବଲ୍‌ରେ ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ୪ର୍ଥ ଦିବସ ଆରମ୍ଭରେ ଡାରେନ ବ୍ରାଭୋ ଓ ରଷ୍ଟନ ଚେଜ୍ ସତର୍କତାର ସହିତ ବ୍ୟାଟିଂକରି ଇନିଂସକୁ ଆଗେଇ ନେଇଥିଲେ। ତେବେ ଦଳୀୟ ସ୍କୋର ୫୫ ହୋଇଥିବାବେଳେ ଯଶପ୍ରୀତ ବୁମ୍‌ରାଙ୍କ ବୋଲିଂରେ ୧୭ତମ ଓଭରର ପ୍ରଥମ ବଲ୍ ଖେଳିବାପରେ ବ୍ରାଭୋ ରିଟାୟର୍ଡ ହର୍ଟ ହୋଇ କ୍ରିଜ୍ ଛାଡ଼ିଥିଲେ। ପୂର୍ବଦିନ ବୁମ୍‌ରାଙ୍କ ବାଉନ୍ସରରେ ବ୍ରାଭୋ ଆହତ ହୋଇଥିଲେ। ତେଣୁ ଯନ୍ତ୍ରଣା ବଢ଼ିବାରୁ ବ୍ରାଭୋ ସମ୍ଭବତଃ ରିଟାୟର୍ଡ ହେବାକୁ ପସନ୍ଦ କରିଥିଲେ। ସେ ୪୧ ବଲ୍‌ରୁ ୨୩ ରନ କରିଥିଲେ। ଏହାପରେ ରଷ୍ଟନ ଚେଜ୍ ୧୨ ଓ ଶିମରନ ହେଟମେର ୧ ରନ କରି ଆଉଟ ହୋଇଥିଲେ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ନିୟମ ଅନୁସାରେ ଆହତ ବ୍ରାଭୋଙ୍କ ସ୍ଥାନରେ ଜେର୍ମେନ ବ୍ଲାକ୍‌ଉଡ୍ ବ୍ୟାଟିଂ ପାଇଁ ଆସିଥିଲେ। ଶାମରା ବ୍ରୁକ୍ସ ୩୬ ଓ ବ୍ଲାକ୍‌ଉଡ୍ ୩୨ ରନରେ ଅପରାଜିତ ରହିଥିଲେ।

### ସଂକ୍ଷିପ୍ତ ସ୍କୋର

■ ଭାରତ ପ୍ରଥମ ଇନିଂସ: ୪୧୬। ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୧୧୭/ଅଲଆଉଟ। ଭାରତ ଦ୍ୱିତୀୟ ଇନିଂସ: ୧୬୮/୪/ଘୋଷଣା(ଅଜିଙ୍କ୍ୟ ରାହାନେ-୬୪*, ହନୁମା ବିହାରୀ-୫୩*, ଚେତେଶ୍ୱର ପୂଜାରା-୨୭, କେମର ରୋଚ୍-୩/୨୮, ଜାସନ ହୋଲ୍ଡର-୧/୨୦)



ଯଶପ୍ରୀତ୍ ବୁମ୍‌ରାଙ୍କ ଏକ ବାଉନ୍ସର ବଲ୍‌ରେ ଆହତ ହୋଇଥିବା ଡାରେନ୍ ବ୍ରାଭୋ।

### ପନ୍ତଙ୍କ ୫୦ ଡିସ୍‌ମିଶାଲ

ୱେଷ୍ଟଇଣ୍ଡିଜର ଦ୍ୱିତୀୟ ଇନିଂସରେ ଈଶାନ୍ତ ଶର୍ମାଙ୍କ ବଲ୍‌ରେ କ୍ରେଗ୍ ବ୍ରାଥୱେଟଙ୍କୁ କ୍ୟାଚ କରି ଋଷଭ ପନ୍ତ ଟେଷ୍ଟ କ୍ରିକେଟରେ ଜଣେ ଉଇକେଟ କିପର ଭାବେ ୫୦ ଡିସମିଶାଲ ପୂରଣ କରିଛନ୍ତି। ୧୧ ଟେଷ୍ଟରୁ ସେ ଏହି ସଫଳତା ପାଇଛନ୍ତି। କମ୍ ଟେଷ୍ଟରେ ୫୦ ଡିସମିଶାଲ କରିବାରେ ସେ ପୂର୍ବତନ ଅଷ୍ଟ୍ରେଲୀୟ ଉଇକେଟ କିପର ଆଡାମ ଗିଲକ୍ରିଷ୍ଟଙ୍କ ସମକକ୍ଷ ହୋଇଛନ୍ତି। ଦକ୍ଷିଣ ଆଫ୍ରିକାର ମାର୍କ ବାଉଚର, ଇଂଲଣ୍ଡର ଜନି ବେୟାରଷ୍ଟୋ ଓ ଅଷ୍ଟ୍ରେଲିଆର ଟିମ୍ ପେନ୍ ୧୦ ଟେଷ୍ଟରୁ ଏହି ସଫଳତା ସହ ଆଗରେ ରହିଛନ୍ତି।

### ୧୬୮/୪ରେ ଭାରତର ଇନିଂସ ଘୋଷଣା

ଭାରତ ଏହାର ଦ୍ୱିତୀୟ ଇନିଂସକୁ ୧୬୮/୪ରେ ଘୋଷଣା କରିଥିଲା। ଫଳରେ ୱେଷ୍ଟଇଣ୍ଡିଜ ସମ୍ମୁଖରେ ୪୬୮ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ୫୭ ରନରେ ଭାରତର ୪ଟି ଉଇକେଟ ପଡ଼ିଥିବାବେଳେ ଅସମାପ୍ତ ୫ମ ଉଇକେଟରେ ୧୧୧ ରନର ଭାଗୀଦାରି ହେବାପରେ ଅଧିନାୟକ ବିରାଟ କୋହଲି ଇନିଂସ ଘୋଷଣା କରିଥିଲେ। ସେତେବେଳକୁ ଅଜିଙ୍କ୍ୟ ରାହାନେ ୬୪ ଓ ହନୁମା ବିହାରି ୫୩ ରନ କରି ଅପରାଜିତ ରହିଥିଲେ। ବିଦେଶ ମାଟିରେ କୌଣସି ଟେଷ୍ଟର ୪ର୍ଥ ଇନିଂସରେ ୪୬୮ ରନ ଭାରତ ପକ୍ଷରୁ ୬ଷ୍ଠ ବଡ଼ ଟାର୍ଗେଟ। ପୂର୍ବରୁ ଭାରତ ୫ ଥର ବଡ଼ ଟାର୍ଗେଟ ଦେଇ ୩ଟିରେ ବିଜୟୀ ଏବଂ ୨ଟି ମ୍ୟାଚ ଡ୍ର ରଖିଥିଲା। ୨୦୦୯ରେ ୱେଲିଂଟନଠାରେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟରେ ଭାରତ ସର୍ବାଧିକ ୬୧୭ ରନର ଟାର୍ଗେଟ ଦେଇଥିଲା। ମ୍ୟାଚଟି ଡ୍ର ରହିଥିଲା। ୨୦୧୭ରେ ଗାଲେ ଟେଷ୍ଟରେ ଶ୍ରୀଲଙ୍କାକୁ ୫୫୦ ରନର ଟାର୍ଗେଟ ଦେଇ ଭାରତ ବିଜୟୀ ହୋଇଥିବାବେଳେ ୨୦୧୮ରେ ଟ୍ରେଣ୍ଟବ୍ରିଜଠାରେ ଇଂଲଣ୍ଡକୁ ୫୨୧ ରନ ଟାର୍ଗେଟ ସହ ଭାରତ ବିଜୟ ହାସଲ କରିଥିଲା। ୨୦୦୭ରେ ଓଭାଲଠାରେ ଇଂଲଣ୍ଡକୁ ୫୦୦ ରନର ଟାର୍ଗେଟ ଦେଇଥିଲେ ହେଁ ମ୍ୟାଚ ଡ୍ର ରହିଥିଲା। ୧୯୯୩ରେ କଲମ୍ବୋଠାରେ ଶ୍ରୀଲଙ୍କାକୁ ୪୭୨ ରନର ଟାର୍ଗେଟ ଦେଇ ଭାରତ ବିଜୟୀ ହୋଇଥିଲା।

## ପ୍ରଥମ ଟି୨୦ରେ ନ୍ୟୁଜିଲାଣ୍ଡ ବିଜୟୀ

କାଣ୍ଡି, ୨।୯: ସ୍ଥାନୀୟ ପାଲେକେଲ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ପ୍ରଥମ ଟି୨୦ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୫ ଉଇକେଟ୍‌ରେ ଘରୋଇ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ଓପନର୍ କୁଶଲ ମେଣ୍ଡିସ (୭୯ ରନ୍, ୫୩ ବଲ) ଓ ନିରୋଶାନ ଡିକ୍‌ୱେଲା (୩୩ ରନ)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ୍ ହରାଇ ୧୭୪ ରନ୍ କରିଥିଲା। ଭ୍ରମଣକାରୀ ନ୍ୟୁଜିଲାଣ୍ଡ ପକ୍ଷରୁ ଅଧିନାୟକ ଟିମ୍ ସୌଦୀ ସର୍ବାଧିକ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ନ୍ୟୁଜିଲାଣ୍ଡ ଦୁଇ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ କଲିନ୍ ଡି ଗ୍ରାଣ୍ଡହୋମ୍ (୪୪ ରନ୍, ୨୮ ବଲ) ଓ ରସ୍ ଟେଲର (୪୮ ରନ, ୨୯ ବଲ)ଙ୍କ ଦ୍ରୁତ ବ୍ୟାଟିଂ ବଳରେ ୩ଟି ବଲ୍ ପୂର୍ବରୁ ୫ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡାର୍ଲି ମିଚେଲ ୨୫ ଓ ମିଚେଲ ସାଣ୍ଟନର ୧୪ ରନ୍ କରି ଅପରାଜିତ ରହିଥିଲେ। ଅଧିନାୟକ ଲସିଥ୍ ମାଲିଙ୍ଗା ଓ ୱାନିଡୁ ହସରଙ୍ଗା ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଛନ୍ତି। ମ୍ୟାଚ୍ ବିଜୟୀ ଦ୍ରୁତ ଇନିଂସ ଲାଗି ଟେଲରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ତିନି ମ୍ୟାଚ୍‌ବିଶିଷ୍ଟ ସିରିଜର ୨ୟ ମ୍ୟାଚ୍ ମଙ୍ଗଳବାର ଖେଳାଯିବ।

# ଶାମିଙ୍କ ନାମରେ ଗିରଫ ପରୱାନା



ସ୍ତ୍ରୀ ହସିନା ଜହାନଙ୍କ ସହ ମହମ୍ମଦ ଶାମି।

କୋଲକାତା, ୨।୯

ୱେଷ୍ଟଇଣ୍ଡିଜ ଗସ୍ତରେ ଥିବା ଭାରତୀୟ କ୍ରିକେଟ୍ ଦଳର ଦ୍ରୁତ ବୋଲର ମହମ୍ମଦ ଶାମିଙ୍କ ନାମରେ ସୋମବାର ଗିରଫ ପରୱାନା ଜାରି ହୋଇଛି। ସ୍ତ୍ରୀ ହସିନ ଜହାନଙ୍କ ଦ୍ୱାରା ଫାଇଲ୍ ହୋଇଥିବା ଘରୋଇ ହିଂସା ମାମଲାରେ ଶାମିଙ୍କ ସମେତ ତାଙ୍କ ଭାଇ ହସିଦ୍ ଅହମ୍ମଦଙ୍କ ନାମରେ ମଧ୍ୟ ଗିରଫ ପରୱାନା ଜାରି ହୋଇଥିବା ଜଣାପଡ଼ିଛି। ଆଗାମୀ ୧୫ ଦିନ ମଧ୍ୟରେ ଆତ୍ମସମର୍ପଣ ପାଇଁ ପଶ୍ଚିମବଙ୍ଗର ଆଲିପୁରସ୍ଥିତ କୋର୍ଟ ଶାମିଙ୍କୁ ନିର୍ଦ୍ଦେଶ ଦେଇଥିବା ବିଭିନ୍ନ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି।

ପୂର୍ବରୁ ୨୦୧୮ରେ ହସିନ ବେଙ୍ଗଲ ଦ୍ରୁତ ବୋଲର ଶାମିଙ୍କ ନାମରେ ଘରୋଇ ହିଂସା ଅଭିଯୋଗ ଆଣିଥିଲେ। ସେହି ସମୟରେ ଶାମି ଓ ତାଙ୍କ ଭାଇ ହସିଦ୍‌ଙ୍କ ନାମରେ ଆଇପିସି ଧାରା ୪୯୮ଏ'ରେ ମାମଲା ରୁଜୁ ହୋଇଥିଲା। ହାସିନାଙ୍କ ଏହି ଅଭିଯୋଗ ପରେ ଶାମି କୋର୍ଟରେ ହାଜର ହୋଇ ନ ଥିଲେ। ଫଳରେ ଆଲିପୁର କୋର୍ଟରେ ହାଜର ହେବାକୁ ଶାମିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନିକଟରେ ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ସିରିଜ ପାଇଁ ଭାରତୀୟ କ୍ରିକେଟ୍ ଦଳର ଆମେରିକା ଗସ୍ତ ସମୟରେ ମଧ୍ୟ ଶାମିଙ୍କୁ ଏହି କାରଣରୁ ଭିଜା ମିଳିବାରେ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ପରେ କିନ୍ତୁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ହସ୍ତକ୍ଷେପ ଫଳରେ ଶାମିଙ୍କୁ ଆମେରିକା ଭିଜା ମିଳିଥିଲା। ପ୍ରକାଶଯୋଗ୍ୟ, ଗତବର୍ଷ ପ୍ରାରମ୍ଭରେ ଶାମିଙ୍କ ନାମରେ ଯୌତୁକଜନିତ ହିଂସା ସମେତ ଯୌନ ଉତ୍ପୀଡନ ଓ ମ୍ୟାଚ୍ ଫିକ୍ସିଂ ଅଭିଯୋଗ ହାସିନା ଆଣିଥିଲେ।

### ଚାର୍ଜଶିଟ୍ ନ ମିଳିବା ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବନି

ଘରୋଇ ହିଂସା ମାମଲାରେ କ୍ରିକେଟର୍ ମହମ୍ମଦ ଶାମିଙ୍କ ନାମରେ ଗିରଫ ପର୍‌ୱାନା ଜାରି ହୋଇଛି। ଆଗାମୀ ୧୫ ଦିନ ମଧ୍ୟରେ କୋର୍ଟରେ ହାଜର ହେବା ପାଇଁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଚାର୍ଜଶିଟ୍ ନ ଦେଖିଲା ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଶାମିଙ୍କ ବିରୋଧରେ ନିଆଯିବ ନାହିଁ ବୋଲି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ସୋମବାର ସ୍ପଷ୍ଟ କରାଯାଇଛି। 'ଗିରଫ ପରୱାନା ଜାରି ହୋଇଥିବା ଆମେ ଜାଣିଛୁ। ଚାର୍ଜଶିଟ୍ ପାଇବା ପରେ ବିସିସିଆଇ ସମ୍ବିଧାନ ଅନୁଯାୟୀ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ସେ ନେଇ ନିଷ୍ପତ୍ତି ନେବୁ' ବିସିସିଆଇର ଜଣୈକ ଅଧିକାରୀ କହିଛନ୍ତି।

# ବେସ୍ ପରିବର୍ତ୍ତନ ନିଷ୍ପତ୍ତି ସହଜ ନ ଥିଲା

ନୂଆଦିଲ୍ଲୀ, ୨।୯(ପି.ଟି.)

### ଦିଲ୍ଲୀ ଡାଇନାମସରୁ ଓଡ଼ିଶା ଏଫ୍‌ସି

ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ)ର ଅନ୍ୟତମ ଦଳ ଦିଲ୍ଲୀ ଡାଇନାମସ ଏବେ ଓଡ଼ିଶା ଏଫସିରେ ପରିଣତ ହୋଇଛି। ଅଗଷ୍ଟ ୩୧ରେ ଓଡ଼ିଶା ସରକାରଙ୍କ ସହ ଏମଓୟୁ ସ୍ୱାକ୍ଷର ପରେ ଏହା ସ୍ପଷ୍ଟ ହୋଇଯାଇଛି। ତେଣୁ ଏହି ଫ୍ରାଞ୍ଚାଇଜ୍ ଏବେ ଦିଲ୍ଲୀରୁ ଭୁବନେଶ୍ୱରକୁ ନିଜର ବେସ୍ ପରିବର୍ତ୍ତନ କରିଛି। ଡାଇନାମସ ଗତ ୫ ବର୍ଷ ଧରି ଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଘରୋଇ ମ୍ୟାଚ ଖେଳି ଆସୁଥିଲା। ଦିଲ୍ଲୀରୁ ଭୁବନେଶ୍ୱର ବେସ୍ ପରିବର୍ତ୍ତନ ନିଷ୍ପତ୍ତି ସହଜ ନ ଥିଲା ବୋଲି ଫ୍ରାଞ୍ଚାଇଜ୍ ମାଲିକ ଅନିଲ ଶର୍ମା ପ୍ରକାଶ କରିଛନ୍ତି। ମାତ୍ର ଅନେକ ସମୟରେ ଏପରି କଠୋର ନିଷ୍ପତ୍ତି ନେବାକୁ ପଡ଼ିଥାଏ ବୋଲି କହିଛନ୍ତି। ଦେଶରେ ଫୁଟବଲର ବିକାଶ ମୋର ମୁଖ୍ୟ ଲକ୍ଷ୍ୟ। ଏହି ଲକ୍ଷ୍ୟରେ ମୁଁ ଅଧିକରୁ ଅଧିକ ଉନ୍ନତି ପାଇଁ ପ୍ରୟାସ କରୁଛି। ଲକ୍ଷ୍ୟ ପଥରେ ଅଗ୍ରସର ହେବାରେ ଓଡ଼ିଶା ସରକାର ସମସ୍ତ ସହଯୋଗ କରିବା ମୁଁ ଅନୁଭବ କରୁଛି। ଓଡ଼ିଶା ସରକାର ରାଜ୍ୟରେ ଏକ ସୁସ୍ଥ କ୍ରୀଡ଼ା ବାତାବରଣ ସୃଷ୍ଟିପାଇଁ ଉଦ୍ୟମ କରୁଛନ୍ତି ବୋଲି ଅନିଲ ପ୍ରକାଶ କରିଛନ୍ତି। ଗତ କିଛି ବର୍ଷ ମଧ୍ୟରେ ଅଲିମ୍ପିକ୍ କ୍ରୀଡ଼ାର ଅନେକ ଟପ୍ ଇଭେଣ୍ଟ ଆୟୋଜନ କରି ଓଡ଼ିଶା ସ୍ପୋର୍ଟ୍ସ ହବ୍‌ରେ ପରିଣତ ହୋଇଛି। ଭୁବନେଶ୍ୱରରେ ସଫଳତାର ସହ ୨୦୧୮ ପୁରୁଷ ହକି ବିଶ୍ୱକପ ଆୟୋଜିତ ହୋଇଥିଲା। ହିରୋ ସୁପର କପ୍ ଫୁଟବଲର ପ୍ରଥମ ଦୁଇ ସଂସ୍କରଣ ମଧ୍ୟ ଏଠାରେ ଆୟୋଜନ ହୋଇଥିଲା। ଅଲ୍‌ଇଣ୍ଡିଆ ଫୁଟବଲ ଫେଡେରେଶନ(ଏଆଇଏଫଏଫ) ଡେଭଲପ୍‌ମେଣ୍ଟାଲ ସାଇଡ୍ ଇଣ୍ଡିଆନ ଆରୋଜ ଦଳର ମଧ୍ୟ ଏହା ହୋମ୍ ଗ୍ରାଉଣ୍ଡ। ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ(୨୦୨୦) ଆୟୋଜନ ପାଇଁ ମଧ୍ୟ କଳିଙ୍ଗ ଷ୍ଟାଡିୟମକୁ ପ୍ରାରମ୍ଭିକ ଅନୁମତି ମିଳି ସାରିଛି। ଏବେ ଏହି ଗ୍ରାଉଣ୍ଡ ଓଡ଼ିଶା ଏଫସିର ଘରୋଇ ଗ୍ରାଉଣ୍ଡଭାବେ ବ୍ୟବହାର ହେବ। ପ୍ରକାଶ ଯୋଗ୍ୟ ଯେ, ଆର୍ଥିକ ସମସ୍ୟା ଯୋଗୁ ଏଫସି ପୁଣେ ସିଟି ଏହାର କାର୍ଯ୍ୟକଳାପ ବନ୍ଦ କରିବାଯୋଗୁ ହାଇଦ୍ରାବାଦ୍ ଏଫସି ନୂଆ ଫ୍ରାଞ୍ଚାଇଜ୍‌ଭାବେ ଉଭା ହୋଇଛି।



ପଦକ ସହ ରାଜ୍ୟ ଓପନ ଜୁଡୋ ଚାମ୍ପିୟନ ଦଳର ଖେଳାଳିମାନେ।




# ସେରେନା, ସ୍ୱିତୋଲିନା କ୍ୱାର୍ଟରରେ

ନ୍ୟୁୟର୍କ, ୨।୯: ଆମେରିକାର ସେରେନା ୱିଲିୟମ୍ସ ଓ ୟୁକ୍ରେନର ଏଲିନା ସ୍ୱେତୋଲିନା ୟୁଏସ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଆହତ ସମସ୍ୟାରୁ ମୁକୁଳି ସେରେନା ପ୍ରି-କ୍ୱାର୍ଟର ଫାଇନାଲରେ ୬-୩, ୬-୪ ସେଟ୍‌ରେ କ୍ରୋଏସିଆର ପେତ୍ରା ମାର୍ଟିକଙ୍କୁ ପରାସ୍ତ କରିଛନ୍ତି। କ୍ୱାର୍ଟର ଫାଇନାଲରେ ସେ ଚାଇନାର ୱାଙ୍ଗ କ୍ୱିଆଙ୍ଗଙ୍କୁ ଭେଟିବେ। ସେହିପରି ସ୍ୱିତୋଲିନା ପ୍ରି କ୍ୱାର୍ଟରରେ ଆମେରିକାର ମାଡିସନ କିଜ୍‌ଙ୍କୁ ୭-୫, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସରୁ ରୋଲାଣ୍ଡ ଗାରୋସ ଚାମ୍ପିୟନ ଆଶ୍‌ଲେ ବାର୍ଟି ଓ କାରୋଲିନା ପ୍ଲିସ୍‌କୋଭା ପ୍ରି-କ୍ୱାର୍ଟରରୁ ବିଦାୟ ନେଇଛନ୍ତି। ବାର୍ଟି ପ୍ରି-କ୍ୱାର୍ଟରରେ ଚାଇନାର ୱାଙ୍ଗଙ୍କ ନିକଟରୁ ୨-୬, ୪-୬ ସେଟ୍‌ରେ ପରାସ୍ତ ହୋଇଥିଲେ। ପ୍ଲିସ୍‌କୋଭାଙ୍କୁ ୬-୭(୧-୭), ୬-୩, ୭-୫ ସେଟ୍‌ରେ ହରାଇ ବ୍ରିଟେନର ଜୋହାନା କୋଣ୍ଟା କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି।

### ଓହରିଲେ ଜୋକୋଭିଚ୍, କ୍ୱାର୍ଟରରେ ୱାୱରିଙ୍କା

ଡିଫେଣ୍ଡିଂ ଚାମ୍ପିୟନ ନୋଭାକ ଜୋକୋଭିଚ୍ ୟୁଏସ୍ ଓପନ ପ୍ରିକ୍ୱାର୍ଟର ଫାଇନାଲରୁ ଓହରି ଯାଇଛନ୍ତି। ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ନଂ ୧ ସିଡ୍ ଜୋକୋଭିଚ୍ ୬-୪, ୭-୫, ୨-୧ ସେଟ୍‌ରେ ସୁଇଜରଲାଣ୍ଡର ଷ୍ଟାନ ୱାୱରିଙ୍କାଙ୍କଠାରୁ ଆଗୁଆ ଥିଲେ। ହେଲେ ବାମ କାନ୍ଧରେ ଅତ୍ୟଧିକ ଯନ୍ତ୍ରଣା ଯୋଗୁ ମ୍ୟାଚ୍‌ରୁ ଓହରି ଯାଇଛନ୍ତି। ଫଳରେ ପୂର୍ବତନ ଚାମ୍ପିୟନ ୱାୱରିଙ୍କା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କୌଣସି ଖେଳାଳି ଏଭଳି ଭାବେ ମ୍ୟାଚ୍ ଶେଷ କରିବାକୁ ଚାହାନ୍ତି ନାହିଁ। ମୁଁ ଜୋକୋଭିଚ୍‌ଙ୍କ ପାଇଁ ଦୁଃଖିତ ବୋଲି ୱାୱରିଙ୍କା ମ୍ୟାଚ୍ ପରେ କହିଛନ୍ତି। ସେ ପରବର୍ତ୍ତୀ ମ୍ୟାଚ୍‌ରେ ୫ମ ସିଡ୍ ଡାନିଲ ମାଡଭେଡଭଙ୍କୁ ଭେଟିବେ। ୩୨ ବର୍ଷୀୟ ସର୍ବିୟାନ ଖେଳାଳି ଗତ ୩୭ ଗ୍ରାଣ୍ଡସ୍ଲାମ ମ୍ୟାଚ୍‌ରୁ ୩୬ ମ୍ୟାଚ୍ ଜିତିଛନ୍ତି। ଏଥିସହ ୫ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରୁ ୪ ଟାଇଟଲ ମଧ୍ୟ ହାସଲ କରିଛନ୍ତି। ଉଲ୍ଲେଖଥାଉ କି, ଜୋକୋଭିଚ୍ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ଆହତ ହୋଇଥିଲେ।



ଏଲିନା ସ୍ୱେତୋଲିନା

■ ରାଜ୍ୟ ଓପନ ଜୁଡୋ ଚାମ୍ପିୟନଶିପ୍

# ଭୁବନେଶ୍ୱର, କିସ୍ ଚାମ୍ପିୟନ

ଭୁବନେଶ୍ୱର, ୨।୯(କ୍ରୀଡ଼ା ପ୍ରତିନିଧି)

ରାଜ୍ୟ ଓପନ ଜୁଡୋ (ସବ୍‌ଜୁନିୟର, କ୍ୟାଡେଟ, ଜୁନିୟର, ସିନିୟର) ଚାମ୍ପିୟନଶିପ୍ ଓ ଚୟନ ଟ୍ରାଏଲ ପାରାଦୀପର ମ୍ୟୁନିସପାଲ କଲ୍ୟାଣମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଅଗଷ୍ଟ ୩୧ରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ସେପ୍ଟେମ୍ବର ୧ରେ ଶେଷ ହୋଇଥିଲା। ଉଭୟ ଜୁନିୟର ଓ ସିନିୟର କାଟେଗୋରିରେ ଭୁବନେଶ୍ୱର (ଖୋର୍ଦ୍ଧା) ଏବଂ ସବ୍‌ଜୁନିୟର ଓ କ୍ୟାଡେଟ କାଟେଗୋରିରେ କିସ୍ ଚାମ୍ପିୟନ ହୋଇଛି। ଏହି ପ୍ରତିଯୋଗିତାରେ କିସ୍ ଓ ଓଡ଼ିଶା ପୋଲିସକୁ ମିଶାଇ ୨୨ ଜିଲା/ୟୁନିଟରୁ ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଓ ଅଫିସିଆଲ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ରାଜ୍ୟ ଜୁଡୋ ଆସୋସିଏଶନ(ଓଏସଜିଏ) ମୁଖ୍ୟ କାର୍ଯ୍ୟନିର୍ବାହୀ ଗୀତାଞ୍ଜଳି ପଣ୍ଡା, ଟେକ୍ନିକାଲ ସମ୍ପାଦକ କନ୍ଦନ ମୁର୍ମୁ ଓ ଜଗତସିଂହପୁର ଜୁଡୋ ଆସୋସିଏଶନ ସମ୍ପାଦକ ଲୋପାମୁଦ୍ରା ପତି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବାଳିକା ବିଭାଗରେ ମାଲକାନଗିରିର ଲକ୍ଷ୍ମୀ ସୋଦି ଏବଂ ବାଳକ ବିଭାଗରେ ଭୁବନେଶ୍ୱରର ରାଜେଶ କୁମାର ସାହୁ ଓ ରାଜେଶ ନାୟକ ଶ୍ରେଷ୍ଠ ଜୁଡୋକା ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଏମ୍‌ପି ବିଭୂ ପ୍ରସାଦ ତରାଇ ମୁଖ୍ୟ ଅତିଥି, ପାରାଦୀପ ଫସପେଟ ଲିମିଟେଡ(ପିପିଏଲ) ଏଚ୍‌ଆର ଜଗନ୍ନାଥ ଖୁଣ୍ଟିଆ, ପାରାଦୀପ ପୋର୍ଟ ପିଆରଓ ପ୍ରକାଶ ମିଶ୍ର, ପିପିଏଲ ଲେଡିଜ୍ କ୍ଲବ ସଭାପତି ଜ୍ୟୋତି ଖୁଣ୍ଟିଆ, ଗୋପବନ୍ଧୁ ଷ୍ଟାଡିୟମର ଭଲିବଲ କୋଚ୍ ସଞ୍ଜୟ କୁମାର ଦାସ ଓ କ୍ରିକେଟ କୋଚ୍ ରବି ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୩/୨୦୧୯ Bhubaneswar, Tuesday, September 3/ 2019

## ସଂକ୍ଷେପରେ

### ଫୁଲ ତୋଳିବାକୁ ଯାଇ ପୋଖରୀରେ ବୁଡ଼ିମଲେ ବୃଦ୍ଧ

ସୁକିନ୍ଦା,୨।୯(ଡି.ଏନ୍.ଏ.) ସୁକିନ୍ଦା ବ୍ଲକ ଆମ୍ବିଳବା ଗ୍ରାମର ପଦ୍ମପୋଖରୀରେ ବୁଡି ରବିବାର ସନ୍ଧ୍ୟାରେ ଢେଙ୍କାନାଳ ଜିଲା ଭୁବନ ଗ୍ରାମର ପୂର୍ଣ୍ଣଚନ୍ଦ୍ର ସେନାପତି ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସୋମବାର ସକାଳେ ଅଗ୍ନିଶମ ବିଭାଗର ଭାରପ୍ରାପ୍ତ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ସହ ଖୁନ୍ତୁନ ସିଂ, ଅମୀୟ ଦଳେଇ, ଅନିଲ ରାଉତ, ଗଗନ ଦାସ, ଅସିତ ସେଠୀ ପ୍ରମୁଖ ପହଞ୍ଚି ପୋଖରୀରୁ ମୃତଦେହ ଉଦ୍ଧାର କରିଥିଲେ। ଏ ନେଇ ସୁକିନ୍ଦା ପୋଲିସ ଏକ ଅପମୃତ୍ୟୁ ମାମଲା (ନ.୦୧୯/୧୯) ରୁଜୁକରି ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପରିବାରକୁ ଆର୍ଥିକ ସହାୟତା ପାଇଁ ଭୁବନ ଓ ସୁକିନ୍ଦା ଅଞ୍ଚଳବାସୀ ଦାବି କରିଛନ୍ତି। ପ୍ରକାଶ ଯେ, ପୂର୍ଣ୍ଣଚନ୍ଦ୍ର ଦୈନନ୍ଦିନ ଫୁଲ ବିକ୍ରିକରି ପରିବାର ପ୍ରତିପୋଷଣ କରିଥାନ୍ତି। ଗଣେଶ ପୂଜା ଥିବାରୁ ରବିବାର ସନ୍ଧ୍ୟାରେ ପୋଖରୀରୁ ପଦ୍ମ ତୋଳିବାକୁ ଯାଇଥିଲେ। ହେଲେ ପୋଖରୀ ଦଳ ମଧ୍ୟରେ ଛନ୍ଦି ହୋଇ ପଙ୍କ ମଧ୍ୟରେ ପଡିଯାଇ ମୃତ୍ୟୁବରଣ କରିଥିଲେ। ଖବର ପାଇ ସୁକିନ୍ଦା ଥାନାଧିକାରୀ ବିଚିତ୍ରାନନ୍ଦ ସେଠୀ, ଏସ୍ଆଇ ଅନ୍ତର୍ଯାମୀ ଶ୍ରୀଚନ୍ଦନ ପୋଲିସ ଟିମ୍ ସହ ପହଞ୍ଚିଥିଲେ। ଏଥିସହ ସୁକିନ୍ଦା ଅଗ୍ନିଶମ ବିଭାଗର ଭାରପ୍ରାପ୍ତ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଟିମ୍ ସହ ପହଞ୍ଚିଥିଲେ। ମାତ୍ର ଉକ୍ତ ପୋଖରୀରେ ବିଷଧର ସାପ ରହୁଥିବା ଗ୍ରାମବାସୀ କହିବା ପରେ ମୃତଦେହ ସକାଳେ ଉଦ୍ଧାର କରାଯିବା ନେଇ ନିଷ୍ପତ୍ତି ହୋଇଥିଲା।

### ଦୁଇ ଛାତ୍ରଙ୍କ ଦୁଃସାହସ, ବୁଡ଼ିଯାଉଥିବା ଛାତ୍ରଙ୍କୁ ବଞ୍ଚାଇଲେ

କୋରେଇ,୨।୯(ସ୍ୱ.ପ୍ର.) କୋରେଇ ବ୍ଲକ ଅନ୍ତର୍ଗତ ସାଦକପୁର ପ୍ରାଥମିକ ବିଦ୍ୟାଳୟର ଜଣେ ଛାତ୍ର ସୋମବାର ପୋଖରୀରେ ବୁଡ଼ିଯାଉଥିବା ବେଳେ କୋରାଇ ନୋଡାଲ ହାଇସ୍କୁଲର ଦୁଇ ଛାତ୍ର ତାଙ୍କୁ ଉଦ୍ଧାର କରି ସାହସିକତାର ପ୍ରମାଣ ଦେଇଛନ୍ତି। ପ୍ରକାଶ ଯେ, ସାଦକପୁର ପ୍ରାଥମିକ ବିଦ୍ୟାଳୟର ପ୍ରଥମ ଶ୍ରେଣୀର ଛାତ୍ର ତଥା ଫାଜଲପୁର ଗ୍ରାମର ଅବଦୁଲ ନାଜାମ ଖାଁଙ୍କ ପୁଅ ଅବଦୁଲ ରୁମାନ ଖାଁ(୬) ବିଦ୍ୟାଳୟରୁ ଗଣେଶ ପୂଜା ସାରି ଫେରୁଥିଲେ। ଏହି ସମୟରେ ରାସ୍ତା କଡରେ ଥିବା ଏକ ପୋଖରୀ କୂଳରେ ମାଛ ଦେଖୁଥିବା ବେଳେ ପୋଖରୀରେ ପଡି ବୁଡିଯାଇଥିଲେ। ଏହାଦେଖି କୋରାଇ ହାଇସ୍କୁଲର ଛାତ୍ର ତଥା ସାଦକପୁର ପଞ୍ଚାୟତର ଫାଜଲପୁର ଗ୍ରାମର ସେକ କାଲାବାଉଙ୍କ ପୁଅ ସେକ୍ ତୋସିବ ଓ ସାଦକପୁର ଗ୍ରାମର ମହମ୍ମଦ ଦାଉଦଙ୍କ ପୁଅ ସୋଏବ ପୋଖରୀରେ ପଶି ରୁମାନଙ୍କୁ ଉଦ୍ଧାର କରିଥିଲେ। ସୋଏବ ଓ ତୋସିବ ଏଭଳି ସାହସିକତା ପାଇଁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସାର ପାତ୍ର ପାଲଟିଛନ୍ତି। ଖବରପାଇ ପ୍ରଧାନ ଶିକ୍ଷକ ଦୁର୍ଗାମାଧବ ମହାନ୍ତି ଘଟଣାସ୍ଥଳେ ପହଞ୍ଚି ସାହସୀ ଛାତ୍ରଙ୍କୁ ସାବାସି ଜଣାଇବା ସହ ରୁମାନଙ୍କୁ ପରିବାରଲୋକଙ୍କ ଜିମା ଦେଇଥିଲେ। ଉକ୍ତ ପୋଖରୀ ବାଡ ବୁଜିବା ସହ ଉଦ୍ଧାରକାରୀ ଦୁଇ ଯୁବକଙ୍କୁ ସରକାର ସାହାସିକତା ପୁରସ୍କାର ପ୍ରଦାନ ପାଇଁ ସାଧାରଣରେ ଦାବି ହୋଇଛି।

# ଡାଉନ୍‌ଷ୍ଟ୍ରିମ ଶିଳ୍ପ ପ୍ରତି ଅନାଗ୍ରହ



- ବୁଡ଼ିବାକୁ ବସିଛି କଳିଙ୍ଗନଗର ଶିଳ୍ପ
- ସ୍ଥାନୀୟ ନେତୃତ୍ୱ ସରକାରଙ୍କ ଅସହଯୋଗ ଦାୟୀ

ଯାଜପୁର ଅଫିସ,୨।୯

କୃଷି ପରେ ଦେଶର କର୍ମ ନିଯୁକ୍ତି କ୍ଷେତ୍ରରେ ବଡବଡ ଶିଳ୍ପ ସମେତ ଲଘୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ବଡ଼ ଭାଗିଦାରୀ ତୁଲାଇ ଆସୁଛି। ଅର୍ଥନୀତି ଅଭିବୃଦ୍ଧିର ଏହି କ୍ଷେତ୍ରରେ ଯୋଗଦାନ ବିଶେଷ ଗୁରୁତ୍ୱ ରଖେ। ସେହି ଦୃଷ୍ଟିରୁ ବିଶ୍ୱର ପ୍ରତ୍ୟେକ ଅଗ୍ରଣୀ ଦେଶ ଲଘୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗର ବିକାଶ ପାଇଁ ଚେଷ୍ଟା କରି ଆସୁଛନ୍ତି। ଏହିକ୍ରମରେ ଯାଜପୁର ଜିଲାର ଏମ୍ଏସ୍ଏମ୍ଇ କଳିଙ୍ଗନଗର ନ୍ୟାଶନାଲ ଇନଭେଷ୍ଟମେଣ୍ଟ ମାନୁଫ୍ୟାକ୍ଚରିଂ ଜୋନ ଡୁବୁରୀଠାରେ ଏନ୍ସିଲିଆରି ଓ ଡାଉନ୍‌ଷ୍ଟ୍ରିମ ଉଦ୍ୟୋଗ ସ୍ଥାପନ ପାଇଁ ଯୋଜନା ହୋଇଛି। ଗତ ମେକ୍ ଇନ୍ ଓଡ଼ିଶା କେନକ୍ଲେଭରେ ଯେଉଁ ଉଦ୍ୟୋଗଗୁଡିକ ଏଠାରେ ପୁଞ୍ଜି ଖଟାଇବା ପାଇଁ ରାଜ୍ୟ ସରକାରଙ୍କ ସହ ଚୁକ୍ତି କରିଥିଲେ ତାହା ଏଯାଏ ଫଳପ୍ରଦ ହୋଇପାରି ନାହିଁ। ରାଜନୈତିକ କ୍ଷେତ୍ରରେ ଅସହଯୋଗ ଏବଂ ସାମ୍ପ୍ରତିକ ପରିସ୍ଥିତିକୁ ଦେଖି ଏଠାରେ ଡାଉନଷ୍ଟ୍ରିମ ଶିଳ୍ପ ପ୍ରତି ଆଗ୍ରହ ପ୍ରକାଶ କରୁ ନ ଥିବା ମତପ୍ରକାଶ ପାଇଛି।

ଜିଲାସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିଅରାନ୍ସ କମିଟି ଦ୍ୱାରା ୧।୪।୨୦୧୫ରୁ ଜୁନ ୨୦୧୯ ସୁଦ୍ଧା ୫୫୧୪୫.୨୩ କୋଟି ମୂଲ୍ୟରେ ୨୩ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି। ସେଥିରୁ ମାତ୍ର ୨ଟି ୟୁନିଟ କାମ ଆରମ୍ଭ କରିଥିବା ସୂଚନା ମିଳିଛି। ଏଥିରୁ ଡାଉନ୍‌ଷ୍ଟ୍ରିମ ଶିଳ୍ପ ପ୍ରତି ଶିଳ୍ପପତିଙ୍କ ଆଗ୍ରହ କେତେ ତାହା ସ୍ପଷ୍ଟ ଜଣାପଡୁଛି। ଏପରିକି କଳିଙ୍ଗନଗର ଶିଳ୍ପାଞ୍ଚଳରେ ବଡ଼ବଡ଼ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରୁଥିଲେ ହେଁ ବିଭିନ୍ନ କାରଣ ଯୋଗୁ ସେମାନେ ପଛଘୁଞ୍ଚା ଦେଉଥିବା ସୂଚନା ମିଳିଛି। ଗତ ୨ସପ୍ତାହ ହେଲା ସୁକିନ୍ଦା କ୍ରୋମ ଖଣିରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ବିବାଦ ଯୋଗୁ ପରିବହନ ଠପ୍ ହୋଇପଡିଛି। ଟ୍ରକ ଓ ଶ୍ରମିକ ନିୟୋଜନରେ ବେଆଇନ ଚାନ୍ଦା ଆଦାୟ କରୁଥିବା ସମ୍ପୃକ୍ତ ସଂଘ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବିରୋଧ କରୁଥିବାରୁ ଏଭଳି ସଂଗୀନ ପରିସ୍ଥିତି ସୃଷ୍ଟି ହୋଇଛି। ଯଦ୍ଦ୍ୱାରା କଳିଙ୍ଗନଗର ଶିଳ୍ପାଞ୍ଚଳରେ କଞ୍ଚାମାଲ ଅଭାବରୁ ଉତ୍ପାଦନ ଏକପ୍ରକାର ବନ୍ଦ ରହିଛି। ଅନ୍ୟପକ୍ଷେ କାର୍ଯ୍ୟକ୍ଷମ କାରଖାନା ଭାବେ ନିଳାଚଳ ଇସ୍ପାତ ନିଗମ, ମେସ୍କୋ, ଜିନ୍ଦଲ, ବିଆରପିଏଲ ଓ ଭିସା ଷ୍ଟିଲ ଆର୍ଥିକ ସଙ୍କଟରେ ଗତି କରୁଛି। କେଜେ ଇସ୍ପାତ, ମଇଥାନ, ରୋହିତ ଫେରୋଟେକ କାରଖାନାରେ ତାଲା ପଡିଛି। ତେଣୁ ଏହିସବୁର ଏକ ସ୍ଥାୟୀ ସମାଧାନ ନ ହେଲେ ଶିଳ୍ପ କାରଖାନା ଏଠାରେ ତିଷ୍ଠି ରହିବା ଅସମ୍ଭବ ବୋଲି ମତପ୍ରକାଶ ପାଉଛି। ଏହାବାଦ ବ୍ୟାଙ୍କଗୁଡ଼ିକ ପକ୍ଷରୁ ପ୍ରଦାନ କରାଯାଉଥିବା ଋଣ ହାର ଅଧିକ ରହିବା ଏହି ଉଦ୍ୟୋଗର ଅଗ୍ରଗତିରେ ପ୍ରତିବନ୍ଧକ ସାଜିଛି। ସେହିପରି କଞ୍ଚାମାଲର ମୂଲ୍ୟବୃଦ୍ଧି, ଉତ୍ପାଦର ମୂଲ୍ୟ ଠିକ୍ ସମୟରେ ନ ମିଳିବା ସେମାନଙ୍କୁ ହାତ ବାନ୍ଧି ବସିବାକୁ ଅନେକ ସମୟରେ ବାଧ କରୁଛି। ପୂର୍ବରୁ ବ୍ୟାଙ୍କଗୁଡ଼ିକୁ କ୍ଷୁଦ୍ର ଶିଳ୍ପ ଉଦ୍ୟୋଗଗୁଡ଼ିକୁ ସହଯୋଗର ହାତ ବଢାଇ ଆଗେଇ ନେବାକୁ ସରକାର ପରାମର୍ଶ ଦେଇଆସୁଛନ୍ତି। ଏହିକ୍ରମରେ ପ୍ରଧାନମନ୍ତ୍ରୀ, ଅର୍ଥମନ୍ତ୍ରୀ ବ୍ୟାଙ୍କଗୁଡ଼ିକୁ କୃଷିକ୍ଷେତ୍ର, କ୍ଷୁଦ୍ର ଉଦ୍ୟୋଗ ପ୍ରତି ଆବଶ୍ୟକ ଦୃଷ୍ଟି ଦେଉ ନ ଥିବା କାରଣରୁ ତାଗିଦ ମଧ୍ୟ କରିଛନ୍ତି। ମାତ୍ର ଫଳ କିଛି ହୋଇନାହିଁ। ଦେଶର ଅଭିବୃଦ୍ଧି କିମ୍ବା ଫାଇଦାକୁ ଦୃଷ୍ଟିରେ ନ ରଖି ଅନେକ ସମୟରେ ବ୍ୟାଙ୍କଗୁଡ଼ିକ ସେମାନଙ୍କ ବ୍ୟବସାୟିକ ଅଭିବୃଦ୍ଧିକୁ କିପରି ଆଗେଇ ନେଇପାରିବେ ସେଥିପ୍ରତି ଗୁରୁତ୍ୱ ଦେଉଛନ୍ତି। ବଡବଡ ଶିଳ୍ପପତିଙ୍କୁ ବ୍ୟାଙ୍କ ଅଧିକାରୀମାନେ ବ୍ୟାଙ୍କ ଋଣ ମଞ୍ଜୁର କରୁଥିଲାବେଳେ କ୍ଷୁଦ୍ର ଚାଷୀ ଏବଂ ଆତ୍ମନିର୍ଭରଶୀଳ ହେବା ପାଇଁ ଚାହୁଁଥିବା ବେକାର ଯୁବତୀଯୁବକଙ୍କୁ ବାରମ୍ବାର କାଗଜପତ୍ର, ପ୍ରମାଣପତ୍ର ଇତ୍ୟାଦିର ବିଭିନ୍ନ ବାହାନା ଦେଖାଇ ନିରାଶ କରୁଥିବା ଅଭିଯୋଗ ହେଉଛି। ହତାଶ ହୋଇ ସେମାନେ ମହାଜନଙ୍କ ଉପରେ ନିର୍ଭର କରୁଛନ୍ତି। ଅତ୍ୟଧିକ ଋଣ ଭାର ସେମାନଙ୍କ ସ୍ୱପ୍ନରେ ବାଧକ ସାଜିଛି। ସେମାନଙ୍କ ସ୍ୱପ୍ନ ଭାଙ୍ଗିବା ଅର୍ଥ ଦେଶର ଅଭିବୃଦ୍ଧି ପ୍ରତିହତ ହେବା ସ୍ପଷ୍ଟ। ମାତ୍ର ଏହି କ୍ଷେତ୍ରକୁ ବ୍ୟାଙ୍କ କର୍ତ୍ତୃପକ୍ଷ ଗୁରୁତର ସହ ହୃଦବୋଧ କରିବା ମନେହୁଏ ନାହିଁ। ତେଣୁ କୃଷି କ୍ଷେତ୍ର ହେଉ ଅବା ଲଘୁ କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ହେଉ ଏହି ଦିଗ ପ୍ରତି ବ୍ୟାଙ୍କ କର୍ତ୍ତୃପକ୍ଷ ଏବଂ ସରକାର ବିଶେଷ ଯତ୍ନଶୀଳ ହେବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। କେତେକ କ୍ଷେତ୍ରରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଯୁକ୍ତି ମଧ୍ୟ ଗ୍ରହଣ କରାଯାଇପାରେ। ଆବଶ୍ୟକୀୟ ଭିତ୍ତିଭୂମି ଏବଂ ସୁବିଧା ସୁଯୋଗ ନ ଥାଇ ଋଣ ପ୍ରଦାନ କରାଗଲେ ସେମାନଙ୍କ ଅର୍ଥ ବୁଡିଯିବାର ଯଥେଷ୍ଟ କାରଣ ରହିଛି। ଆଜିର ଯୁଗରେ ନୂଆ ଟେକ୍ନୋଲୋଜି ଏବଂ ବୈଜ୍ଞାନିକ କୌଶଳ, କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ଆବଶ୍ୟକ ପ୍ରଶିକ୍ଷଣ ବିଶେଷ କରି ଆଗକୁ ବଢିବାର ଇଚ୍ଛା ଏବଂ ଉଦ୍ୟମ ସଫଳତାରେ ମୁଖ୍ୟ ଭୂମିକା ଗ୍ରହଣ କରେ। ତେଣୁ କେବଳ ବ୍ୟାଙ୍କ ସହାୟତା ନୁହେଁ, ସ୍ଥାନୀୟ ନେତୃବର୍ଗ ଓ ସରକାରଙ୍କ ପକ୍ଷରୁ ଏହି କ୍ଷେତ୍ରର ବିକାଶ ପାଇଁ ସମୁଚିତ ପଦକ୍ଷେପ ଅତ୍ୟନ୍ତ ଜରୁରୀ। ଯାହାକି କଳିଙ୍ଗନଗର ଶିଳ୍ପାଞ୍ଚଳରେ ଦେଖିବାକୁ ମିଳୁନାହିଁ। ବରଂ ନିଜ ସ୍ୱାର୍ଥ ପାଇଁ ଖଣି ଓ ଶିଳ୍ପାଞ୍ଚଳରେ ସାମୁହିକ ସ୍ୱାର୍ଥକୁ ବଳି ଦିଆଯାଉଛି। ଯେହେତୁ ଅଭିବୃଦ୍ଧିରେ ଏହି କ୍ଷେତ୍ର ଏକ ପ୍ରମୁଖ ଅଙ୍ଗ, ବର୍ତ୍ତମାନ ବିଶ୍ୱବଜାର ପରିସ୍ଥିତିରେ ଏହି ବିଭାଗକୁ ଅଣଦେଖା କରାଯାଇପାରିବ ନାହିଁ। ସେହି ଦୃଷ୍ଟିରୁ ବ୍ୟାଙ୍କଠାରୁ ଆରମ୍ଭ କରି ସରକାର, ଶିଳ୍ପ ବିଭାଗର ହାଲୁକା ମନୋବୃତ୍ତି କଳିଙ୍ଗନଗର ଶିଳ୍ପାଞ୍ଚଳକୁ ମହଙ୍ଗା ପଡିପାରେ ବୋଲି ମତପ୍ରକାଶ ପାଉଛି।

## ନିଖୋଜ ନାବାଳକ ଚେନ୍ନାଇରୁ ଉଦ୍ଧାର

ବରୀ,୨।୯(ସ୍ୱ.ପ୍ର.)

ବରୀ ବ୍ଲକ୍ ଅଧୀନ ରତଳାଙ୍ଗ ପଞ୍ଚାୟତ ଗୌର ଲେଙ୍କା ସାହିର ନିରାକାର ମଲିକଙ୍କ ନାବାଳକ ପୁଅ ଚନ୍ଦନ (୧୬) ଗତ ୫ ତାରିଖରୁ ନିଖୋଜଥିଲେ। ସୋମବାର ଚେନ୍ନାଇରୁ ଉଦ୍ଧାର କରାଯାଇ ଭୁବନେଶ୍ୱର ରୁଚିକା ଚାଇଲ୍ଡ ପ୍ରୋଟେକ୍ଶନ ସେକ୍ଟରରେ ରଖାଯାଇଥିବାବେଳେ ନିରାକାର ତାଙ୍କୁ ଭେଟିଛନ୍ତି। ବୁଧବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି। ଯୁବ ସାମାଜିକ କର୍ମୀ ସୌମ୍ୟ ସାମଲ ଖୋର୍ଦ୍ଧା ପୋଲିସ ଓ ଡିସିପିଓ ବାଣୀଶ୍ରୀ ପଟ୍ଟନାୟକ ଏବଂ ଚେନ୍ନାଇ ପୋଲିସ ସହାୟତାରେ ଚେନ୍ନାଇ ରେଳ ଷ୍ଟେଶନ୍‌ରୁ ଚନ୍ଦନଙ୍କୁ ଉଦ୍ଧାର କରାଯାଇଥିଲା।

## ସାଇଡ୍ ମରାକୁ କେନ୍ଦ୍ରକରି ମାରପିଟ, ୪ ଅଟକ

ଧର୍ମଶାଳା,୨।୯(ଡି.ଏନ୍.ଏ.)

ଧର୍ମଶାଳା ଥାନା ୫୩ ନମ୍ବର ଜାତୀୟ ରାଜପଥର ଆରୁହା ଛକ ନିକଟରେ ସୋମବାର ଅପରାହ୍ଣରେ ସାଇଡ୍‌ମରାକୁ କେନ୍ଦ୍ରକରି ତୁମୁଳ କାଣ୍ଡ ଘଟିଛି। କେତେଜଣ ଯୁବକ ଏକ ବସ୍‌କୁ ଅଟକାଇ ଡ୍ରାଇଭର, ହେଲପର ସମେତ ଯାତ୍ରୀଙ୍କୁ ମାରପିଟ କରିଥିଲେ। ଖବର ପାଇ ମାଲିକ ନିରଞ୍ଜନ ନାୟକ ଘଟଣାସ୍ଥଳରେ ପହଞ୍ଚି ଗଣ୍ଡଗୋଳକାରୀଙ୍କୁ କାବୁକରି ଧର୍ମଶାଳା ଥାନା ଜିମା ଦେଇଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ୪ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ପ୍ରକାଶ ଯେ, ସାଇଡମରାକୁ କେନ୍ଦ୍ର କରି ଢେଙ୍କାନାଳ ଭୁବନରୁ କଟକ ଯାଉଥିବା (ଓଆର ୦ଏଲ-୬୪୮୫) ନମ୍ବର ନିରୁପମା ବସ୍‌କୁ ଆରୁହା ଛକରେ କେତେଜଣ ଯୁବକ ସାଇଡ୍ ମରାକୁ ନେଇ ଅଟକାଇ ମାରପିଟ କରିଥିଲେ।

- ସମ୍ପର୍କୀୟା ଭାଣିଜୀଙ୍କୁ ପୋଲିସ ଏସ୍ଆଇଙ୍କ ବଳାତ୍କାର ଘଟଣା

## ୫ ମାସ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ଲଳିତଗିରି,୨।୯(ସ୍ୱ.ପ୍ର.):

ଯାଜପୁର ଜିଲା ବରୁଆଁ ସଦର ଥାନାରେ ଏସ୍ଆଇ ଥିବା କଟକ ଜିଲା ମାହାଙ୍ଗା ଥାନା ଅଞ୍ଚଳର ସୁରେନ୍ଦ୍ର ଜେନା ସାଲେପୁରରେ ତାଙ୍କର ଜଣେ ସମ୍ପର୍କୀୟା ଭାଣିଜୀଙ୍କୁ ବଳାତ୍କାର କରିଥିଲେ। ଏନେଇ ଯୁବତୀ ଜଣଙ୍କ ଗତ ଏପ୍ରିଲରେ ସାଲେପୁର ଥାନାରେ ଅଭିଯୋଗ କରିଥିଲେ। ତେବେ ଅଭିଯୋଗକୁ ୫ ମାସ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଯାହା ଫଳରେ ପୁଣି ରବିବାର ଯୁବତୀ ଜଣକ ଥାନାକୁ ଆସି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ଏହି ଘଟଣା ପଦାକୁ ଆସିବା ପରେ ପୋଲିସ ପାଇଁ ଅଡୁଆ ପରସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଅଭିଯୋଗ ହେବା ପରଠାରୁ ଏସ୍ଆଇ ଜେନା ଛୁଟିରେ ପଳାଇଛନ୍ତି।

ସୂଚନାଅନୁସାରେ, ଯୁବତୀ ଜଣକ ରାଜ୍ୟ ବାହାରେ ଚାକିରି କରୁଥିବାରୁ ଗତ ଡିସେମ୍ବରରେ ଘରକୁ ଆସିଥିଲେ। ଏହି ସମୟରେ ଏସ୍ଆଇଙ୍କ ସହ ତାଙ୍କର ସାଲେପୁରରେ ଦେଖା ହୋଇଥିଲା। ସେତେବେଳେ ଏସଆଇ ରାଇରଙ୍ଗପୁରରେ ଥିବାବେଳେ ପ୍ରଥମେ ସେଠାକୁ ଯୁବତୀଙ୍କୁ ଡକାଇ ବଳାତ୍କାର କରିଥିଲେ। ଯଦି ଏ କଥା କେଉଁଠି ପ୍ରକାଶ କରନ୍ତି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଫଳରେ ସେ ଚୁପ୍ ରହିଥିଲେ। ତେବେ ଏହାର କିଛିଦିନ ପରେ ଏସ୍ଆଇ ଯାଜପୁର ଆସିଥିଲେ। ଏହାପରେ ସାଲେପୁରରେ ଥିବା ତାଙ୍କ ବଡ଼ଭାଇଙ୍କ ଘରକୁ ଯୁବତୀଙ୍କୁ ନେଇଥିଲେ। ସେଠାରେ ମଧ୍ୟ ବଳାତ୍କାର କରିଥିଲେ। ଏପରି ୨ ଥର ହେବାରୁ ଯୁବତୀ ସାଲେପୁର ଥାନାରେ ଏତଲା ଦେବାକୁ ଯାଇଥିଲେ। ହେଲେ ପୋଲିସ ଏତଲା ରଖି ନ ଥିଲା। ଗତ ଏପ୍ରିଲ ୨୪ରେ ସେ କଟକ ମହିଳା ଥାନାରେ ଏତଲା ଦେଇଥିଲେ। ମହିଳା ଥାନା ପୋଲିସ ନଂ-୧୯/୧୯ରେ ମାମଲା ରୁଜୁ କରି ସାଲେପୁର ଥାନାକୁ ହସ୍ତାନ୍ତର କରିଥିଲା। ସାଲେପୁର ପୋଲିସ ମାମଲା ନଂ-୯୨/୧୯ରେ ଦଫା ୩୭୬, ୩୫୪ ଓ ୫୦୬ ରୁଜୁ କରି ଚୁପ ହୋଇ ବସିଛି। ସେହିପରି ଘଟଣା ସମ୍ପର୍କରେ ଯାଜପୁର ଏସପିଙ୍କୁ ଜଣାଇବାର ନିୟମ ଥିଲା ମଧ୍ୟ ସାଲେପୁର ପୋଲିସ ତାହା କରିନାହିଁ। ଏସମ୍ପର୍କରେ ସାଲେପୁର ଥାନା ଅଧିକାରୀ ଦେବେନ୍ଦ୍ର ମଲ୍ଲିକଙ୍କୁ ପଚାରିବାରୁ ସେ କହିଥିଲେ, ଅଭିଯୋଗ ଆଧାରରେ ତଦନ୍ତ ଜାରି ରହିଛି। ଅଭିଯୁକ୍ତ ଫେରାର ଥିବାରୁ ତାଙ୍କୁ ଗିରଫ ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଛି। ଖୁବ୍‌ଶୀଘ୍ର ତାଙ୍କୁ ଗିରଫ କରାଯିବ। ଜିଲା ପୋଲିସର ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି।

- ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ବିବାଦ

## ବିଗୁଡୁଛି ଖଣି ଅଞ୍ଚଳ ଆର୍ଥିକ ପରିସ୍ଥିତି

କାଳିଆପାଣି,୨।୯(ଡି.ଏନ୍.ଏ.)

କ୍ରୋମାଇଟ ଖଣି ଅଞ୍ଚଳରେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ବିବାଦ ଲାଗି ରହିଥିବାରୁ ଅଞ୍ଚଳର ଆର୍ଥିକ ପରିସ୍ଥିତି ବିଗିଡିବାରେ ଲାଗିଛି । ୧୪ ଦିନ ଧରି ଅଚଳାବସ୍ଥା ହେବାରୁ ଶ୍ରମିକ, କର୍ମଚାରୀ, ଟ୍ରକ୍ ମାଲିକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିଦିନ କୋଟି କୋଟି ଟଙ୍କା ଆର୍ଥିକ କ୍ଷତି ଖଣି କର୍ତ୍ତୃପକ୍ଷ ସହୁଛନ୍ତି । ଅଗଷ୍ଟ ୨୦ ତାରିଖରୁ ଖଣି ଅଞ୍ଚଳରୁ କ୍ରୋମାଇଟ ପରିବହନରେ ବିବାଦ ଲାଗିରହିଥିବାରୁ ପରିବହନ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି। ଏହାର ପ୍ରଭାବ ଖଣି ଅଞ୍ଚଳରେ ସିଧାସଳଖ ପଡ଼ିବା ସହ ଖଣି ସହ ଜଡ଼ିତ ରହିଥିବା ଦୋକାନ ବଜାର ମଧ୍ୟ ପ୍ରଭାବିତ ହୋଇଛି। ସେହିପରି ପରିବହନ ବନ୍ଦ ରହିବାରୁ ଲୋଡିଂ ଶ୍ରମିକ ଓ ଟ୍ରକ୍ ଡ୍ରାଇଭର ସିଧା ସଳଖ ପ୍ରଭାବିତ ହେଉଛନ୍ତି। ହୋଟେଲ ବଜାରଗୁଡ଼ିକ ବନ୍ଦ ରହିଥିବାରୁ ଜିଲାର ବିଭିନ୍ନ ଅଞ୍ଚଳରୁ



ଖଣିରେ ଲୋଡିଂ ଅପେକ୍ଷାରେ ରହିଥିବା ଟ୍ରକ ।

### ଲାଗି ରହିଛି ଅଚଳାବସ୍ଥା

କ୍ରୋମାଇଟ ଲୋଡିଂ ନିମନ୍ତେ ଆସିଥିବା ଟ୍ରକ୍ ଡ୍ରାଇଭର ଓ ହେଲପର ୧୦ କିମି ଦୂର ବାଟରେ ଥିବା ହୋଟେଲକୁ ଯାଉଛନ୍ତି। ଗତ ୩୧ ତାରିଖ ଦିନ ଡିଏମ୍‌ଙ୍କ ପକ୍ଷରୁ ଆହୂତ ସମାଧାନ ବୈଠକ ବିଫଳ ହେବାରୁ ପୁନରାୟ କେଉଁ ଦିନ ସମାଧାନ ହେବ ସେ ନେଇ ଆଶଙ୍କା ଦେଖାଦେଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ନିୟମକୁ କାର୍ଯ୍ୟକାରୀ କରିବାରେ ଜିଲା ପ୍ରଶାସନର ବିଫଳତା ଖଣି ଅଞ୍ଚଳ ସହ ଜିଲାକୁ ଆର୍ଥିକ ସଙ୍କଟ ଆଡ଼କୁ ଠେଲିଦେଉଥିବା କେତେଜଣ ଅର୍ଥନୀତିଜ୍ଞ ପ୍ରକାଶ କରିଛନ୍ତି। ଅଞ୍ଚଳରେ ଅଶାନ୍ତି ବାତାବରଣ ଦିନକୁ ଦିନକୁ ବୃଦ୍ଧି ପାଉଥିବା ବେଳେ ସ୍ଥାନୀୟ ବିଧାୟକଙ୍କ ନୀରବତା ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି।




‘ନୂଆଖାଇ’ –୨୦୧୯
ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ ‘ନୂଆଖାଇ’ ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏହା ଏକ କୃଷିଭିତ୍ତିକ ପର୍ବ; ମୁଁ ରାଜ୍ୟର କୃଷକ ଭାଇଭଉଣୀମାନଙ୍କର ସୁଖ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)

DADLS-22



ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଖାଇ ଜୁହାର୍

ପଶ୍ଚିମ୍ ଓଡ଼ିଶାର୍ ଭାଏ ବହେନ୍ ମାନ୍‌କୁ ମୋର୍ ନୂଆଖାଇ ଜୁହାର୍ । ମା ସମ୍ଲେଶ୍ୱରୀଙ୍କ ଦୟାରୁ ଆପଣ ମାନ୍‌ଙ୍କର୍ କୁଟୁମ୍ବ, ପିଲାଛୁଆ ସଭେ ଭଲ୍‌ରେ ରହନ୍ । ଚାଷ୍‌ବାସ୍, ବେପାର୍ ବାଡି ସବୁ ଭଲ୍‌ରେ ହଉ । ଇଟା ମୋର୍ କାମନା ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

15001/13/0033/1920



‘ନୂଆଖାଇ’ – ୨୦୧୯ ଅବସରରେ
ବାର୍ତ୍ତା

କୃଷିଭିତ୍ତିକ ଗଣପର୍ବ ନୂଆଖାଇ ଉପଲକ୍ଷେ ମୁଁ ପଶ୍ଚିମ ଓଡ଼ିଶାର ସମସ୍ତ ଭାଇଭଉଣୀ ତଥା ରାଜ୍ୟବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ସଂପ୍ରୀତି ଓ ସମୃଦ୍ଧିର ଏହି ଲୋକପର୍ବରେ ଆରାଧ୍ୟା ଦେବୀ ମା’ ସମଲେଇ ସମସ୍ତଙ୍କୁ କୃପା କରନ୍ତୁ, ଧରିତ୍ରୀ ମା’ ଶସ୍ୟ ଶ୍ୟାମଳା ହେଉ, କୃଷକମାନେ ସଶକ୍ତ ହୁଅନ୍ତୁ ଏବଂ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଉଲ୍ଲାସ ଭରିଯାଉ, ଏହାହିଁ କାମନା କରୁଛି ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାକୁ ଭୂଷିତ କର।
- ଶ୍ରୀ ଚୈତନ୍ୟଦେବ



# ବଳି ପଡୁଛନ୍ତି ଗରିବ ମେଧାବୀ

ଯାଜପୁର ଅଫିସ,୨ା୯

ବହୁ ଗରିବ ମେଧାବୀ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷା ଅଭାବରୁ ନିଜ ପ୍ରତିଭାକୁ ହରାଇ ବସୁଥିବା ଅନେକ ନଜିର ରହିଛି। ମାତ୍ର କେନ୍ଦ୍ର ଓ ରାଜ୍ୟ ସରକାରୀ କର୍ମଚାରୀ, ସେନା କର୍ମଚାରୀଙ୍କ ପିଲାଙ୍କୁ କେନ୍ଦ୍ରୀୟ, ନବୋଦୟ ଓ ଆଦର୍ଶ ବିଦ୍ୟାଳୟରେ ସ୍ୱତନ୍ତ୍ର ସ୍ଥାନ ମିଳୁଛି। ପୁଣି ଏମାନଙ୍କ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟ ମଧ୍ୟ ବିଭିନ୍ନ ସ୍ଥାନରେ ରହିଛି। ହେଲେ ଗରିବ ମେଧାବୀ ଛାତ୍ରୀଛାତ୍ର ଯେଉଁମାନଙ୍କ ମା'ବାପା ଚାକିରି କରିନାହାନ୍ତି ସେମାନଙ୍କ ପାଇଁ କେବଳ ସରକାରୀ ବିଦ୍ୟାଳୟ ସାହାରା ହୋଇଛି। ସରକାରୀ ସ୍କୁଲରେ ଶିକ୍ଷାର ମାନ କିଭଳି ତାହା କାହାରିକୁ ଅଛପା ନାହିଁ। ଅନେକ ଅବ୍ୟବସ୍ଥା ମଧ୍ୟରେ ବିଭିନ୍ନ ସରକାରୀ ବିଦ୍ୟାଳୟ ଚାଲିଥିବାବେଳେ ଏଣେ ସରକାର ଶିକ୍ଷା ନୀତିରେ ବିଭେଦ ସୃଷ୍ଟି କରିଚାଲିଛନ୍ତି ବୋଲି ଯାଜପୁର ଲେଖକ ବୁଦ୍ଧିଜୀବୀ ପରିଷଦ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଗୁରୁତର ଅଭିଯୋଗ ଆଣିଛନ୍ତି। ସମସ୍ତ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ସରକାରୀ ବିଦ୍ୟାଳୟ, ସରକାରୀ ଅନୁଦାନପ୍ରାପ୍ତ ଏବଂ ସରକାରୀ ଅନୁମୋଦନପ୍ରାପ୍ତ ବିଦ୍ୟାଳୟ ରହିଥିବାବେଳେ ନବୋଦୟ, ଆଦର୍ଶ ଓ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯାଉଛି। ତେବେ କେଉଁ ପିଲା କେଉଁଠି ପଢିବେ ତାହାର ଉପଯୁକ୍ତ ନିୟମ ସରକାରଙ୍କ ପକ୍ଷରୁ ପ୍ରଣୀତ ହୋଇନାହିଁ। ଆଦର୍ଶ, କେନ୍ଦ୍ରୀୟ ଓ ନବୋଦୟ ବିଦ୍ୟାଳୟ ପାଇଁ ବ୍ରିଟିଶ ଅମଳର ନିୟମକୁ ଜୋର ଜବରଦସ୍ତି ଲଦି ଦିଆଯାଇଛି। କେନ୍ଦ୍ର ସରକାର ଏକକ ବାଳିକା ସନ୍ତାନକୁ କେନ୍ଦ୍ରୀୟ, ନବୋଦୟ ଓ ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇବାର ପ୍ରଥମ ସୁଯୋଗ ଦେଇଥିଲେ। ମାତ୍ର ସମ୍ପୃକ୍ତ ବିଦ୍ୟାଳୟର ଅଧ୍ୟକ୍ଷ ଏହି

**ଶିକ୍ଷା ବିଭାଗର ବିଚିତ୍ର ନୀତି**

- ଗରିବ ମେଧାବୀ ପିଲାଙ୍କୁ ସରକାରୀ ସ୍କୁଲ
- ସରକାରୀ ଚାକିରିଆ ପିଲାଙ୍କୁ ସ୍ୱତନ୍ତ୍ର ସ୍କୁଲ
- ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ଗରିବ ମେଧାବୀ ଛାତ୍ରୀଛାତ୍ର

ଘୋଷଣାକୁ ଉଲ୍ଲଂଘନ କରି ଚାଲିଛନ୍ତି। ଓଡ଼ିଶାରେ ଖୋଲାଯାଇଥିବା ଏହି ସବୁ ବିଦ୍ୟାଳୟଗୁଡ଼ିକରେ ଅଣଓଡ଼ିଆ ଅଧ୍ୟକ୍ଷ ବ୍ରିଟିଶରାଜ ଚଳାଉଥିବାବେଳେ ମୁଖ୍ୟମନ୍ତ୍ରୀ ନୀରବ ରହିଛନ୍ତି। ସିବିଏସଇ ଡାଆଁକୁ ସାରା ଭାରତରେ ସବୁ ରାଜ୍ୟର ବିଦ୍ୟାଳୟ କର୍ତ୍ତୃପକ୍ଷ ମାନି କାର୍ଯ୍ୟକାରୀ କରାଉଛନ୍ତି। କିନ୍ତୁ ଓଡ଼ିଶା ସରକାର ଗୁଣାତ୍ମକ ଶିକ୍ଷା ଆଳରେ ବିଦ୍ୟାଳୟର ପ୍ରକାର ଭେଦ ସୃଷ୍ଟି କରୁଛନ୍ତି। ଛାତ୍ରର ନିଜସ୍ୱ ମନୋନୟନରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଯୋଗୁ ମେଧାବୀ ଛାତ୍ରୀଛାତ୍ର ନ୍ୟାୟ ପାଇପାରୁ ନାହାନ୍ତି ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ଓଡ଼ିଶାରେ ଡିଏଭି ଭଳି ବହୁ ଇଂଲିଶ ମାଧ୍ୟମ ସ୍କୁଲ ରହିଛି। କିନ୍ତୁ ଜଣେ ଗରିବ ମେଧାବୀ ଛାତ୍ର ଏଠାରେ ଶିକ୍ଷାଦାନରୁ ବଞ୍ଚିତ ରହୁଛନ୍ତି। ଶିକ୍ଷା ଅଧିକାର ଆଇନରେ ୨୫ପ୍ରତିଶତ ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଏବଂ ଅନଗ୍ରସର ପିଲାଙ୍କ ପାଇଁ ପ୍ରାଇଭେଟ ସ୍କୁଲରେ ସିଟ ସଂରକ୍ଷଣ ରଖିବା ବାଧ୍ୟତାମୂଳକ ବୋଲି ୧୨ ଏପ୍ରିଲ ୨୦୧୨ରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଥିଲେ। କିନ୍ତୁ ଯାଜପୁର ଜିଲାରେ ଆର୍ଥିକ ଅନଗ୍ରସର ପିଲା କୌଣସି ବେସରକାରୀ ସ୍କୁଲରେ ନାମ ଲେଖାଇବାକୁ ସୁଯୋଗ ମିଳୁନାହିଁ। ଫଳରେ ଶିକ୍ଷା ଅଧିକାର ଆଇନ ଏହି ଜିଲାରେ ପ୍ରହସନ ପାଲଟିଛି ବୋଲି ପରିଷଦ ଅଭିଯୋଗ କରିଛି। କେବଳ ବ୍ୟବସାୟକୁ ମାଧ୍ୟମ କରୁଥିବାରୁ ବେସରକାରୀ ସ୍କୁଲ କର୍ତ୍ତୃପକ୍ଷ ଶିକ୍ଷା ଅଧିକାର ଆଇନକୁ ଉଲ୍ଲଂଘନ କରିବାରେ ଲାଗିଛନ୍ତି। ଶିକ୍ଷା ବିଭାଗ ପାଖରେ ମଧ୍ୟ ଏନେଇ କୌଣସି ତଥ୍ୟ ନାହିଁ। ଫଳରେ ଆର୍ଥିକ ଦୁର୍ବଳ ମେଧାବୀ ଛାତ୍ରୀଛାତ୍ର ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ରହୁଛନ୍ତି। କୌଣସି ନିୟମ ବା ଅର୍ଥ ଯେପରି ବାଧକ ନ ହୁଏ ସେହିଭଳି ଶିକ୍ଷା ନୀତି ପ୍ରଣୟନ କରି ମେଧା ଶକ୍ତି ଓ ପ୍ରତିଭାବାନଙ୍କୁ ସବୁ ପ୍ରକାର ବାସ୍ତବ ପ୍ରୋତ୍ସାହନ ଦେବାକୁ ପରିଷଦର ଆବାହକ ହରେକୃଷ୍ଣ ପଣ୍ଡା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଯାଜପୁର ସହରରେ ୫୦ ରୁ ଊର୍ଦ୍ଧ୍ୱ ମେଢ଼

ଯାଜପୁର ଟାଉନ,୨ା୯(ଡ଼ିଏନଏ)

ଯାଜପୁର ସହରର ଗଣପର୍ବ ଭାବେ କାଳୀପୂଜା ହେଉଥିବାବେଳେ ଏବେ ଗଣେଶ ପୂଜା ଧୁମଧାମରେ ପାଳନ କରାଯାଉଛି। ଏହି ଅବସରରେ ସହରର ବିଭିନ୍ନ ପୂଜା ମଣ୍ଡପରେ ଗଣେଶ ମୂର୍ତ୍ତି ଓ ମଣ୍ଡପ ସଜାଯାଇଛି। ଏହି ସହରରେ ୫୦ରୁ ଊର୍ଦ୍ଧ୍ୱ ମେଢ଼ ପୂଜା ପାଉଛନ୍ତି। ଏହି ପୂଜାକୁ ନେଇ ଯାଜପୁର ସହର ଚଳଚଞ୍ଚଳ ହୋଇଉଠିଛି। ପୂଜାରେ ବିଭିନ୍ନ ସ୍ଥାନରେ ଲାଇଟ୍‌ଗେଟ୍, ତୋରଣ ଆଦି ନିର୍ମାଣ କରାଯାଇ ଭିନ୍ନ ଭିନ୍ନ ପୂଜାମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆସନ୍ତା ୬ ଓ ୭ ତାରିଖ ଭସାଣି ଉତ୍ସବ ଅନୁଷ୍ଠିତ ହେବା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ଯାଜପୁର ସହରର ଦଶାଶ୍ୱମେଧ ଘାଟଠାରେ ଥିବା ବୁଢ଼ା ଗଣେଶ ମନ୍ଦିରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଯାଜପୁର ସହରର ମୋଟରଙ୍ଗାପାଳସ୍ଥିତ ଗଜାନନ ପୂଜା କମିଟି ପକ୍ଷରୁ ୨୦ଫୁଟ୍ ଉଚ୍ଚତାର ଗଣେଶ ମୂର୍ତ୍ତି ନିର୍ମାଣ କରାଯାଇ ପୂଜା କରାଯାଉଛି।

**ସଂକ୍ଷେପରେ**

## ବାଲିଘାଟକୁ ନେଇ ଉତ୍ତେଜନା

**ରସୁଲପୁର,୨ା୯(ଡିଏନଏ):** ରସୁଲପୁର ବ୍ଲକ ଜାବରା ପଞ୍ଚାୟତ ଦେଇ ପ୍ରଭାବିତ ବ୍ରାହ୍ମଣୀ ନଦୀର କଣ୍ଠିଆକଣ ଘାଟରୁ ବାଲି ଉଠାଣକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଜାବରା ଗ୍ରାମର କେତେଜଣ ଯୁବକ ରବିବାର ବିଳମ୍ବିତ ରାତିରେ ବାଲି ବୋଝେଇ ଗାଡିଗୁଡିକୁ ଅଟକାଇ ଥିଲେ। ଏପରି କି ଗଣେଶ ପୂଜା ପାଇଁ ଜବରଦସ୍ତି ଚାନ୍ଦା ଆଦାୟ କରିବାକୁ ଉଦ୍ୟମ କରିଥିଲେ। ଏଥିରେ ଚାଳକମାନେ ସହଯୋଗ ନ କରିବାରୁ କେତେଜଣ ଯୁବକ ସେମାନଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ପୋଲିସ ପାଟ୍ରୋଲିଂ ଗାଡ଼ି ଘଟଣାସ୍ଥଳରେ ପହଁଚି ବାଲି ଚାଲାଣକୁ ଅବରୋଧ କରୁଥିବା ଯୁବକଙ୍କ ମଧ୍ୟରୁ ୩ଜଣଙ୍କୁ ଥାନାକୁ ଆଣି ବ୍ୟକ୍ତିଗତ ମୁଚାଲିକାରେ ଛାଡି ଦେଇଥିଲା। ଏ ସମ୍ପର୍କରେ କୁଆଖିଆ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ରସୁଲପୁର ତହସିଲଦାରଙ୍କ ସହ ଯୋଗାଯୋଗ କରିବାରୁ ଉକ୍ତ ଘାଟଟି ଆଇନସିଦ୍ଧ ବୋଲି ପ୍ରକାଶ କରିଥିଲେ। ଏଥିସହ ବାଲି ପରିବହନରେ ବ୍ୟବହୃତ ଗାଡିଗୁଡିକର ଆର-ଫର୍ମ ରହିଛି ବୋଲି ପ୍ରକାଶ କରିଥିଲେ। ଲିଜ୍ ଘାଟରୁ ବାଲି ଉଠାଣକୁ ବିରୋଧ କରିବା ଅର୍ଥ ଆଇନକୁ ହାତକୁ ନେବା ସହ ସମାନ। ଏଥିସହ ପୂଜାପାର୍ବଣ ସମୟରେ ଗାଡି ମୋଟରକୁ ଅଟକାଇ ଚାନ୍ଦା ଆଦାୟ କରିବା ଏକ ଆପରାଧିକ ଆଚରଣ ବୋଲି ପୋଲିସ ଅଭିଯୁକ୍ତଙ୍କୁ ବୁଝାଇ କହିଥିଲା। ପରେ ଏହି ଘଟଣାର ପୁନଃରାବୃତ୍ତି ନହେବା ପାଇଁ ପ୍ରତିଶ୍ରୁତି ଦେବାରୁ ସେମାନଙ୍କୁ ପୋଲିସ ବ୍ୟକ୍ତିଗତ ମୁଚାଲିକାରେ ଛାଡି ଦେଇଥିଲା ବୋଲି ଜଣାଯାଇଛି।

## ବଡ଼ଚଣାର ବିଭିନ୍ନ ସ୍ଥାନରେ ଗଣେଶ ପୂଜା

**ଚଣ୍ଡିଖୋଲ,୨ା୯(ଡ଼ି.ଏନ.ଏ):** ବଡଚଣା ବ୍ଲକର ବିଭିନ୍ନ ସ୍ଥାନରେ ସୋମବାର ଗଜାନନଙ୍କ ପୂଜାର୍ଚ୍ଚନା ହୋଇଯାଇଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରାତଃ ସମୟରୁ ପୂଜାର୍ଚ୍ଚନା କାର୍ଯ୍ୟ ହୋଇଥିଲାବେଳେ ବିଭିନ୍ନ ବଜାର ଓ ଗ୍ରାମରେ ସନ୍ଧ୍ୟାରେ ପୂଜା ହେଉଛି। ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲିଚନ୍ଦ୍ରପୁରସ୍ଥିତ ସାହାସପୁର ମହାବିଦ୍ୟାଳୟ ସମେତ ବିଭିନ୍ନ ସ୍କୁଲରେ ମଧ୍ୟ ଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି। ସେହିପରି ଚଣ୍ଡିଖୋଲ ଛକ, ବାଲିଚନ୍ଦ୍ରପୁର ବଜାର, ବଡ଼ଚଣା ବଜାର ଆଦି ସ୍ଥାନରେ ମହାଆଡ଼ମ୍ବରରେ ଗଣେଶ ପୂଜା ଅନୁଷ୍ଠିତ ହୋଇଛି।

## କୁଆଖିଆ ପୋଲିସ ପକ୍ଷରୁ ଟ୍ରାଫିକ୍ ସଚେତନତା ଶିବିର

**ରସୁଲପୁର,୨ା୯(ଡିଏନଏ):** କୁଆଖିଆ ପୋଲିସ ନୂଆ ଟ୍ରାଫିକ୍ ନିୟମ ଲାଗୁ କରିବା ଦିଗରେ ତତ୍ପର ହୋଇଉଠିଛି। ସେପ୍ଟେମ୍ବର ୧ରୁ ସମଗ୍ର ଦେଶରେ କାର୍ଯ୍ୟକାରୀ ହୋଇଥିବା ଉକ୍ତ ଆଇନ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ପାଇଁ ପୂର୍ବ ଅପେକ୍ଷା ଅଧିକ କଠୋର ହୋଇଛି। ଏ ଦିଗରେ ଗାଡି ମୋଟର ଚାଳକଙ୍କୁ ସଚେତନ କରାଇବା ପାଇଁ ସୋମବାର ଅପରାହ୍ନରେ ପୋଲିସ ରାଜପଥକୁ ଓହ୍ଲାଇଛି। ୧୬ନଂ ଜାତୀୟ ରାଜପଥର କୁଆଖିଆ ବାଜରର ଟ୍ରାଫିକ ଛକରେ କୁଆଖିଆ ଥାନାଧିକାରୀ ମନୋଜ କୁମାର ସ୍ୱାଇଁ ଓ ଅନ୍ୟ ପୋଲିସ କର୍ମଚାରୀମାନେ ବାଇକ୍ ଚାଳକ, ଚାରିଚକିଆ ଚାଳକଙ୍କୁ ଅଟକାଇ ନୂଆ ଆଇନ ସମ୍ପର୍କରେ ସଚେତନ କରାଇଥିଲେ। ଟ୍ରାଫିକ୍ ନିୟମ ମାନୁଥିବା ଚାଳକଙ୍କୁ ଗୋଲାପ ଫୁଲ ଉପହାର ଦେଇଥିଲେ। ହେଲମେଟ ଓ ସିଟ୍ ବେଲ୍ଟ ପିନ୍ଧି ନ ଥିବା ଗାଡି ଚାଳକଙ୍କୁ ପୋଲିସ ପକ୍ଷରୁ ଜରିମାନା ଆଦାୟ କରାଯାଇ ନ ଥିଲା। ବଦଳରେ ଟ୍ରାଫିକ୍ ନୂଆ ନିୟମ ଅନୁଯାୟୀ ଜରିମାନା ସମ୍ପର୍କରେ ଉଲ୍ଲେଖ ଥିବା ଏକ ଲିଫଲେଟ୍ ପ୍ରଦାନ କରି ଛାଡି ଦେଇଥିଲେ। ଏହାଛଡା ଏ ଦିଗରେ ତ୍ରୁଟି ବିଚ୍ୟୁତି ଘଟାଉଥିବା ଓ ବେପରୁଆ ଗାଡି ଚାଳନା କରୁଥିବା ଚାଳକଙ୍କଠାରୁ ମୋଟା ଅଙ୍କର ଅର୍ଥ ଜରିମାନା ଆଦାୟ ହେବା ସହ ସେମାନଙ୍କ ଲାଇସେନ୍ସକୁ ରଦ୍ଦ କରିଦିଆଯିବ ବୋଲି ବୋଲି ଏଏସଆଇ ଦିଲୀପ କୁମାର କାଣ୍ଡି, ଦୁଷ୍ମନ୍ତ ପରିଡା ପ୍ରମୁଖ ଗାଡି ଚାଳକଙ୍କୁ ବୁଝାଇ କହିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସ୍ଥାନୀୟ ବଜାର କମିଟି ପକ୍ଷରୁ ସହାୟତା ପ୍ରଦାନ କରାଯାଇଥିଲା।

■ ପୂର୍ବତନ ବରୀ ବ୍ଲକ ବିଜେଡି ସଭାପତି ଖବରଦାତା ସମ୍ମିଳନୀ

# ସଂଖ୍ୟାଲଘୁ ସମ୍ପ୍ରଦାୟ ପକ୍ଷରୁ ବିରୋଧ

ରସୁଲପୁର,୨ା୯(ଡିଏନଏ)

ବରୀ ବ୍ଲକର ପୂର୍ବତନ ବିଜେଡି ସଭାପତି ସେକ୍ ସଫିକଉଦ୍ଦିନ(ଟାଲି) ରବିବାର ଏକ ଖବରଦାତା ସମ୍ମିଳନୀରେ ଦେଇଥିବା ବିବୃତ୍ତିକୁ ରସୁଲପୁର ବ୍ଲକର ମୁସଲିମ ବହୁଳ ଅଞ୍ଚଳ ବ୍ରହ୍ମବରଦା ଓ ମହେଶ୍ୱରପୁର ପଞ୍ଚାୟତରେ ସୋମବାର ବିରୋଧ କରାଯାଇଛି। ବରୀଠାରେ ଆୟୋଜିତ ସମ୍ମିଳନୀରେ ଦେଇଥିବା ମନ୍ତବ୍ୟ ମୁସଲମାନ ସମ୍ପ୍ରଦାୟର ନୁହେଁ। ଏହା ତାଙ୍କର ନିଜସ୍ୱ ମତ ବୋଲି ବ୍ରହ୍ମବରଦାସ୍ଥିତ ଇଦ୍‌ଗା ମହଜିଦଠାରେ ଏକତ୍ରିତ ହୋଇଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ନିର୍ବାଚିତ ପ୍ରତିନିଧି, ମୁରବୀ, ଯୁବକମାନେ ପ୍ରକାଶ କରିଥିଲେ। ପ୍ରକାଶ ଯେ, ପ୍ରାକ୍ତନ ବିଜେଡି ସଭାପତି ଟାଲି ଖବରଦାତା ସମ୍ମିଳନୀରେ କେନ୍ଦ୍ର ଭାଜପା ସରକାରଙ୍କ କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ବିଶେଷ କରି ତିନି ତଲାକ ପ୍ରସଙ୍ଗ, ଜମ୍ମୁ କଶ୍ମୀରରୁ ୩୭୦ଧାରା, ୩୫(କ) ଉଚ୍ଛେଦକୁ ସ୍ୱାଗତ କରିବା ସହ ମୁସଲିମ୍ ସମ୍ପ୍ରଦାୟ ବିଦ୍ୟାର୍ଥୀଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା, ଗରିବ ଝିଅଙ୍କ ପାଇଁ ବିବାହ କ୍ଷେତ୍ରରେ ଆର୍ଥିକ ସହାୟତା ପ୍ରଦାନ



ବ୍ରହ୍ମବରଦାସ୍ଥିତ ଇଦ୍‌ଗା ମସ୍‌ଜିଦଠାରେ ଏକତ୍ରିତ ହୋଇଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ।

ଆଦି ଘୋଷଣା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ। ଏହାକୁ ବିରୋଧ କରି ସୋମବାର ଅପରାହ୍ନରେ ପୂର୍ବତନ ସରପଞ୍ଚ ଅଖତର ଅଲ୍ଲୀଙ୍କ ନେତୃତ୍ୱରେ ପଞ୍ଚାୟତର ମୁରବୀ ଜାକିର ହୋସେନ, ଯୁବନେତା ଜୁଲଫିକର ଅଲ୍ଲୀ, ସାବିର ଅଲ୍ଲୀ, ସେକ୍ ଅବଦୁଲ ମଜିଜ୍, ପ୍ରାକ୍ତନ ସମିତିସଭ୍ୟ ଅବଦୁଲ୍ ଦୟାନ ଖାଁ, ନଶିର ଖାଁ, ସେକ୍ ଅଜନମିରୀ, ରାହୁଲ ସେକ୍ ଅନିସଉଦ୍ଦିନଙ୍କ ସମେତ ଶତାଧିକ ସୁଲମାନ ଭାଇମାନେ ମହଜିଦଠାରେ ରୁଣ୍ଡ ହୋଇଥିଲେ। ତିନି ତଲାକ ପ୍ରସଙ୍ଗ ଏବେ ବି ବିବାଦୀୟ ହୋଇରହିଛି। ମୁସଲିମ ସମ୍ପ୍ରଦାୟ ଏହାକୁ ବିରୋଧ କରିଆସୁଛି। ଏହାଛଡା କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ମୁସଲିମ୍ ବିରୋଧୀ ନିଷ୍ପତ୍ତି। ଏବେ ବି କଶ୍ମୀରରେ ଲୋକଙ୍କୁ ସ୍ୱାଧୀନତା ମିଳିନାହିଁ। ମୁସଲମାନଙ୍କୁ ନିର୍ଯାତନା ଦିଆଯାଉଛି। ଏସବୁ ଦିଗରେ କେନ୍ଦ୍ର ସରକାରଙ୍କ ପଦକ୍ଷେପ ମୁସଲିମ ସମ୍ପ୍ରଦାୟ ବିରୋଧୀ ବୋଲି ଦର୍ଶାଇ ଏହାକୁ ସେମାନେ ବିରୋଧ କରିଆସୁଛନ୍ତି। ହେଲେ ପୂର୍ବତନ ସଭାପତି ଏସବୁ ସମ୍ପର୍କରେ ଯେଉଁ ମତ ରଖିଛନ୍ତି ତାହା ତାଙ୍କର ନିଜସ୍ୱ ମତ। ମାତ୍ର ତାଙ୍କ ମତକୁ ଏଠାକାର ମୁସଲିମ ସମ୍ପ୍ରଦାୟ ଘୋର ବିରୋଧ କରୁଛି ବୋଲି ସେମାନେ ପ୍ରକାଶ କରିଛନ୍ତି।

## ଗୋଲଖ ସାମଲ ସ୍ମୃତି ସଂସଦ ପକ୍ଷରୁ ରକ୍ତଦାନ ଶିବିର

ରସୁଲପୁର,୨ା୯(ଡିଏନଏ)

ରସୁଲପୁର ବ୍ଲକ ହରିପୁର ନିକଟ ନିଶ୍ଚନ୍ତା ଗ୍ରାମରେ ଗୋଲଖ ସାମଲ ସ୍ମୃତି ସଂସଦ ପକ୍ଷରୁ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଗୋଲଖଙ୍କ ୫ମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ଅବସରରେ ଏହି ଶିବିରକୁ ଆୟୋଜନ କରାଯାଇଥିଲା। ଉକ୍ତ ଶିବିରରେ ୬୩ଜଣ ବ୍ୟକ୍ତି ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଏହାଛଡା ସଂସଦ ପକ୍ଷରୁ ଆୟୋଜିତ ସ୍ମୃତିଚାରଣ ସଭାରେ ସଂସଦ ପୁରୋଧା ଗୌତମ ସାମଲଙ୍କ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଯାଜପୁର ପୌର ପରିଷଦର ଅଧ୍ୟକ୍ଷ ଭବପ୍ରକାଶ ଦାସ, ମୁଖ୍ୟବକ୍ତାଭାବେ ବରୁଆଁ ଥାନା ଅଧିକାରୀ ବଂଶୀଧର ବେହେରା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସଂଗଠକ ବ୍ରଜକିଶୋର ପାଢୀ, ଦିନବନ୍ଧୁ ମଲ୍ଲିକ, ପ୍ରଦୀପ ତରାଇ, ଗଦାଧର ମଲ୍ଲିକ, ରମେଶ ଭଞ୍ଜ, ଗଦାଧର ଦାସ, ପ୍ରଫୁଲ୍ଲ ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଗୋଲଖଙ୍କର ସମାଜରେ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ନୂଆ ଆଲୋକ ପରିବାର ଓ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ରକ୍ତଦାତାଙ୍କୁ ଉତ୍ସାହିତ କରାଯାଇଥିଲା।

# ୨ ଗୋଷ୍ଠୀକେନ୍ଦ୍ର ଉଦ୍‌ଘାଟିତ

ଚଣ୍ଡିଖୋଲ/ ବାଲିଚନ୍ଦ୍ରପୁର,୨ା୯(ଡ଼ି.ଏନ.ଏ)

ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଗଣେଶ ପୂଜା ଅବସରରେ ବଡ଼ଚଣା ବ୍ଲକ କଳାଶ୍ରୀଠାରେ ୨ଟି ଗୋଷ୍ଠୀକେନ୍ଦ୍ରକୁ ସୋମବାର ଉଦ୍‌ଘାଟନ କରିଛନ୍ତି। ଆମ ଗାଁ ଆମ ବିକାଶ' ଯୋଜନାରେ ପ୍ରତ୍ୟେକ ଗୋଷ୍ଠୀକେନ୍ଦ୍ରକୁ ୨ଲକ୍ଷ ୫୦ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ ଏହା ଉଦ୍‌ଘାଟିତ ହୋଇଯାଇଛି। ଗୋଟିଏ କଳାଶ୍ରୀର ସାହୁ ସାହିରେ ଅଢେଇ ଲକ୍ଷ ଟଙ୍କା ବ୍ୟୟରେ ଶ୍ରୀଗଣେଶ ଗୋଷ୍ଠୀକେନ୍ଦ୍ର ନିର୍ମାଣ କରାଯାଇଥିବାବେଳେ ଦ୍ୱିତୀୟଟି ଏହି ଗ୍ରାମର ଧବଳେଶ୍ୱର ଶିବ ମନ୍ଦିର ନିକଟରେ ଧବଳେଶ୍ୱର ଠାକୁରଙ୍କ ନାମରେ ନାମିତ ହୋଇଛି। ସୋମବାର ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ଶତପଥୀ ଯୋଗଦେଇ ଓଡ଼ିଶାର ଗଳିକନ୍ଦିରେ ବିକାଶର ଧାରା ଆଗେଇ ଚାଲିଛି ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ୧୮ନଂ ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ଶାରଦା ପ୍ରସନ୍ନ ମହାନ୍ତି, କିରଣ କୁମାର ଶତପଥୀ, ସରପଞ୍ଚ ଯଦୁମଣି ଦାସ, ଗଗନ ବିହାରୀ ସ୍ୱାଇଁ, ପ୍ରାକ୍ତନ ସରପଞ୍ଚ ବିଦ୍ୟୁତଲତା ମଲ୍ଲିକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସ୍ଥାନୀୟ ଗୋପାଳପୁର ସରପଞ୍ଚ ଶରତ କୁମାର ସାମଲ ଧନ୍ୟବାଦ ଦେଇଥିଲେ।



ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ଅମର ପ୍ରସାଦ ଶତପଥୀ ବକ୍ତବ୍ୟ ଦେଉଛନ୍ତି।

# ଛାତ୍ରୀଙ୍କୁ ଅଶ୍ଳୀଳ ମେସେଜ ପଠାଇବା ଅଭିଯୋଗ: ଯୁବକ ଗିରଫ

ଚଣ୍ଡିଖୋଲ/ଛତିଆ,୨ା୯(ଡ଼ି.ଏନ.ଏ)

ବୈରି ଥାନା ବନ୍ତଲା ଗ୍ରାମର ଜଣେ ଝିଅକୁ ବାରମ୍ବାର ଅଶ୍ଳୀଳ ମେସେଜ ପଠାଉଥିବା ଅଭିଯୋଗରେ ପୋଲିସ ବଡ଼ଚଣା ଥାନା ଦେଉଳକୂଳ ଗ୍ରାମର ନିର୍ମଳ ରାଉତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ଥାଉକି, ଚଣ୍ଡିଖୋଲସ୍ଥିତ ଏକ କଲେଜରେ ପଢୁଥିବା ଜଣେ ଛାତ୍ରୀଙ୍କୁ ନିର୍ମଳ ବାରମ୍ବାର ଅଶ୍ଳୀଳ ମେସେଜ ପଠାଉଥିଲେ। ଏ ସମ୍ପର୍କରେ ଛାତ୍ରୀ ଜଣଙ୍କ ବୈରୀ ଥାନାରେ ଅଭିଯୋଗ କରିବା ପରେ ବୈରୀ ଥାନାଧିକାରୀ ନିରଞ୍ଜନ ଶବର ଏକ ମାମଲା (ନଂ.୧୨୬/୧୯) ରୁଜୁ କରି ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରିଛନ୍ତି।

# ବଧୂହତ୍ୟା ଅଭିଯୋଗ: ସ୍ୱାମୀ, ନଣନ୍ଦ କୋର୍ଟ ଚାଲାଣ

ଚଣ୍ଡିଖୋଲ/ ଛତିଆ,୨ା୯(ଡ଼ି.ଏନ.ଏ)

ବଡ଼ଚଣା ବ୍ଲକ ବୈରୀ ଥାନା ବରୁଣିଆ ଗ୍ରାମରେ ବଧୂହତ୍ୟା କରାଯାଇଥିବା ନେଇ ବୈରୀ ଥାନାରେ ଅଭିଯୋଗ ହୋଇଛି। ସୋମବାର ପୋଲିସ ଏ ନେଇ ଏକ ମାମଲା (ନଂ. ୧୨୭/୧୯) ରୁଜୁ କରି ମୃତ ମହିଳାଙ୍କ ସ୍ୱାମୀ ବାପି ପ୍ରଧାନ ଓ ନଣନ୍ଦ ଚନ୍ଦନା ପ୍ରଧାନଙ୍କୁ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି। ସୂଚନା ଯେ, ବରୁଣିଆ ଗ୍ରାମର ଦୁଃଶାସନ ପ୍ରଧାନଙ୍କ ପୁଅ ବାପି ୪ବର୍ଷ ପୂର୍ବେ ଟାଙ୍ଗୀ ଥାନା ମଣିଆ ଗ୍ରାମର ଗଙ୍ଗାଧର ବାହାଲିଆଙ୍କ ଝିଅ ଲକିଙ୍କୁ ବିବାହ କରିଥିଲେ। ଶାଶୁଘର ଲୋକେ ଯୌତୁକ ପାଇଁ ଲକିଙ୍କୁ ବାରମ୍ବାର ନିର୍ଯାତନା ଦେଉଥିଲେ ଏବଂ ଏହାକୁ ନେଇ ଲକିଙ୍କ ପରିବାର ଲୋକେ ବାରମ୍ବାର ଲକିଙ୍କୁ ବୁଝାସୁଝା କରିଥିଲେ। ମାତ୍ର ଶେଷରେ ଶନିବାର ଲକି ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ ବୈରୀ ଥାନାରେ ସୂଚନା ଦେଇଥିଲେ। ମୃତ ଲକିଙ୍କ ବାପଘର ଲୋକେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ପାଇବା ପରେ ସୋମବାର ସ୍ୱାମୀ ଓ ନଣନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ବୀମା ଅର୍ଥ ପ୍ରଦାନ ପାଇଁ ଚାଷୀଙ୍କ ଗୁହାରି

ଦଶରଥପୁର,୨ା୯(ଡିଏନ୍ଏ)

**ମଙ୍ଗଳପୁର କୃଷି ସମବାୟ ସମିତି**

ଦଶରଥପୁର ସମବାୟ ଶାଖା ଅଧୀନରେ ଥିବା ମଙ୍ଗଳପୁର ପ୍ରାଥମିକ କୃଷି ସମବାୟ ସମିତିରୁ ବିବାଦ ପିଛା ଛାଡୁ ନାହିଁ। ବହୁ ଦୁର୍ନୀତିରେ ସମ୍ପୃକ୍ତ ଥିବା ଏହି ସମବାୟ ସମିତିର ସଭାପତି ଇସ୍ତଫା ଦେଇଥିବାବେଳେ ସମ୍ପାଦକ ଓ ସେକ୍ରେଟାରୀ ନିଲମ୍ବିତ ହୋଇସାରିଛନ୍ତି। ଏହାର କିଛିଦିନ ପରେ ଏବେ ଶତାଧିକ ଚାଷୀ ବୀମା ଅର୍ଥ ନ ପାଇ ଶନିବାର ବିଧାୟିକା ପ୍ରମିଳା ମଲ୍ଲିକ, ବିଧାୟକ ପ୍ରଣବ ପ୍ରକାଶ ଦାସ ଓ କଟକ ସମବାୟ ସମିତି ସଭାପତିଙ୍କୁ ଭେଟି ଗୁହାରି କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ଏହି ସମବାୟ ଅଧୀନରେ ଥିବା ଥାଲକୁଡି ପଞ୍ଚାୟତର ଚାଷୀ ଖରିଫ ଚାଷ କରିଥିବାବେଳେ ସେମାନଙ୍କ ମଧ୍ୟରୁ ଶତକଡା ୪୬ ପ୍ରତିଶତ କ୍ଷତିଗ୍ରସ୍ତ ହୋଇଥିବା ସରକାରୀ ରିପୋର୍ଟରେ ପ୍ରକାଶ ପାଇଥିଲା। ଚାଷ ପାଇଁ ଋଣ ନେଇଥିବା ଥାଲକୁଡି ପଞ୍ଚାୟତର ମୋଟ୍ ୨୫୭ ଚାଷୀ ବୀମାଭୁକ୍ତ ହୋଇଥିଲେ। ମଙ୍ଗଳପୁର ସମବାୟ ପକ୍ଷରୁ ଏହି ଚାଷୀଙ୍କଠାରୁ ବୀମା ବାବଦ ଅର୍ଥ ମଧ୍ୟ ନିଆଯାଇଥିଲା। ମାତ୍ର ବୀମା କମ୍ପାନୀ ପକ୍ଷରୁ ୨୫୭ ଚାଷୀଙ୍କ ମଧ୍ୟରୁ ୧୯୦ଜଣ ଚାଷୀ ବୀମା ଅର୍ଥ ପାଇବେ ବୋଲି ତାଲିକା ଆସିଥିଲା। ଫଳରେ ବୀମାଭୁକ୍ତ ତାଲିକାରେ ବିରାଟ ହେରାଫେରି ହୋଇଥିବା ଜଣାପଡ଼ିଥିଲା। ଯାହାକୁ ନେଇ ଋଣ ଗ୍ରହୀତାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଚାଷୀମାନେ ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଜଣାଯାଇଥିଲା ଯେ, ବୀମା କମ୍ପାନୀ ପକ୍ଷରୁ ଆସିଥିବା ୧୯୦ ଜଣଙ୍କ ବୀମା ତାଲିକା ମଧ୍ୟରେ ଥାଲକୁଡି ପଞ୍ଚାୟତର ୧୪୭ ଜଣ ଚାଷୀଙ୍କ ନାମ ରହିଛି। ବାକି କ୍ଷତିଗ୍ରସ୍ତ ହୋଇ ନ ଥିବା ମଙ୍ଗଳପୁର, କନିକାପଡା ଏବଂ ଶୁଗୁଆ ପଞ୍ଚାୟତର ୩୬ଜଣ ଚାଷୀଙ୍କ ନାମକୁ ଚଞ୍ଚକତା କରାଯାଇ ତାଲିକାରେ ରଖାଯାଇ ଥିଲା। ଏହାଛଡା ୧୪୭ ଜଣ ଚାଷୀଙ୍କ ଲିଷ୍ଟରେ ୭ଜଣଙ୍କ ନାମ ଦୁଇଥର ଲେଖାଏ ଉଲ୍ଲେଖ ରହିଥିବା ଦେଖାଯାଇଛି। ଜିଲା ସମବାୟ ପକ୍ଷରୁ ଏଆର୍‌ସିଏସ୍ ମଣିରଞ୍ଜନ ମିଶ୍ର ଏହି ଘଟଣାର ତଦନ୍ତ କରିବା ପରେ ନିଲମ୍ବିତ ସେକ୍ରେଟାରୀ ରଜତ ରାୟଙ୍କ ଆଇଡିରେ ଚାଷୀଙ୍କ ନାମ ଉଲ୍ଲେଖ କରାଯାଇ ବୀମା କମ୍ପାନୀକୁ ପଠାଯାଇଛି ବୋଲି ସୂଚନା ଦେଇଛନ୍ତି। ଚାଷରେ କ୍ଷତି ସହିଥିବା ଚାଷୀଙ୍କ ମଧ୍ୟରୁ କେତେଜଣ ଶନିବାର ଯାଜପୁର ବିଧାୟକ, ବିଞ୍ଝାରପୁର ବିଧାୟିକାଙ୍କ ସହ କଟକ ସମବାୟ ସଭାପତିଙ୍କୁ ଭେଟି ଦରଖାସ୍ତ ଦେଇଛନ୍ତି। ଖୁବ୍ ଶୀଘ୍ର ଘଟଣା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଧାୟକ ପ୍ରଣବ ପ୍ରକାଶ ଦାସ କହିଥିବାବେଳେ ବିଧାୟିକା ପ୍ରମିଳା ମଲ୍ଲିକ କୃଷକମାନେ ନିଶ୍ଚିତ ରୂପେ ସେମାନଙ୍କ ଅର୍ଥ ପାଇବା ଲାଗି ସଭାପତିଙ୍କୁ ଅବଗତ କରାଯିବବୋଲି କହିଛନ୍ତି।

■ ଯାଜପୁର-କେନ୍ଦୁଝରରୋଡ ଷ୍ଟେଶନ ନାମ ପରିବର୍ତ୍ତନ ପ୍ରସ୍ତାବ

# ଡିଆରଏମ୍‌ଙ୍କୁ ଭାଜପା ବ୍ୟାସନଗର ମଣ୍ଡଳର ଦାବିପତ୍ର

ଯାଜପୁର ଅଫିସ,୨ା୯

ଓଡ଼ିଶା ଦେଇ ଯାଇଥିବା ହାୱଡା-ଚେନ୍ନାଇ ମୁଖ୍ୟ ରେଳଲାଇନର କଟକ ଓ ଭଦ୍ରକ ମଧ୍ୟରେ ଥିବା ଯାଜପୁର-କେନ୍ଦୁଝର ରୋଡ ଷ୍ଟେଶନର ନାମକୁ ଯାଜପୁର ରେଳଷ୍ଟେଶନ ନାମରେ ନାମିତ ପ୍ରସ୍ତାବ ଭାଜପା ପକ୍ଷରୁ ବିରୋଧ କରାଯାଇଛି। ଅଗଷ୍ଟ ୨୮ରେ ଧରିତ୍ରୀରେ ଏ ସଂକ୍ରାନ୍ତରେ ସବିଶେଷ ତଥ୍ୟ ଭିତ୍ତିକ ଖବର ପ୍ରକାଶ ପାଇବା ପରେ ବିଭିନ୍ନ ମହଲରୁ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଏହିକ୍ରମରେ ଭାଜପା ବ୍ୟାସଦେବ ମଣ୍ଡଳ, ବ୍ୟାସନଗର ପକ୍ଷରୁ ଇଷ୍ଟକୋଷ୍ଟ ରେଳୱେ ଡିଆରଏମଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଉକ୍ତ ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ୧୫ଦିନ ମଧ୍ୟରେ ଯାଜପୁରରୋଡ କିମ୍ବା ଡୋଲିପୁର ନାମରେ ଯାଜପୁର-କେନ୍ଦୁଝରରୋଡ ଷ୍ଟେଶନର ନାମକରଣ ପରିବର୍ତ୍ତନ କରାଯାଉ। ଅନ୍ୟଥା ଯାଜପୁର-କେନ୍ଦୁଝରରୋଡ ଷ୍ଟେଶନ ସମ୍ମୁଖରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସ୍ମାରକପତ୍ରରେ ଚେତାବନୀ ଦିଆଯାଇଛି। ସ୍ମାରକପତ୍ରରେ ଆହୁରି ଦର୍ଶାଯାଇଛି ଯେ, ଯାଜପୁର-କେନ୍ଦୁଝରରୋଡ ରେଳଷ୍ଟେଶନର ନାମ ପରିବର୍ତ୍ତନ କରି ଯାଜପୁର ରେଳ ଷ୍ଟେଶନ ନାମରେ ନାମିତ କରିବାକୁ ଦିଲ୍ଲୀରେ ବାସ କରୁଥିବା ହରିଶ ସାହୁ ଯାହାଙ୍କ ଏହି ଅଞ୍ଚଳ ପ୍ରତି କୌଣସି ସଂଯୋଗ ନାହିଁ ସେ ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଦାବି ଉପରେ ରାଜ୍ୟ ପରିବହନ ଓ ବାଣିଜ୍ୟ ବିଭାଗର ଅତିରିକ୍ତ ସଚିବ ତାଙ୍କ ପତ୍ରସଂଖ୍ୟା ୫୬୮୦/୨୭।୮।୨୦୧୯ରେ ଯାଜପୁର ଜିଲାପାଳଙ୍କୁ ଏକ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାଜପୁର ଜିଲାର ନାମ ଏବଂ ଏହାର ସଦର ମହକୁମା ଷ୍ଟେଶନଠାରୁ ୩୫ କି.ମି. ଦୂରରେ ରହିଛି। ହେଲେ ବର୍ତ୍ତମାନ ଯାଜପୁର-କେନ୍ଦୁଝରରୋଡ ଷ୍ଟେଶନର ଯେଉଁ ନାମକରଣ ପ୍ରକ୍ରିୟା ଆରମ୍ଭ ହୋଇଛି ତାହା ସମ୍ପୂର୍ଣ୍ଣ ବେଆଇନ। ସ୍ଥାନୀୟ ଲୋକଙ୍କ କୌଣସି ମତ ନ ନେଇ ଏଭଳି ପଦକ୍ଷେପ ନେବା ଅନ୍ୟାୟ ଏବଂ ସ୍ଥାନୀୟ ଲୋକଙ୍କ ମନୋଭାବକୁ ଆଘାତ ଦିଆଯାଇଛି। ଯେତେବେଳେ ଯାଜପୁର-କେନ୍ଦୁଝରରୋଡ ଷ୍ଟେଶନର ନାମକରଣ ହୋଇଥିଲା ସେତେବେଳେ ଯାଜପୁରରୁ କେନ୍ଦୁଝରକୁ ରେଳ ସଂଯୋଗ ନ ଥିଲା। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ପରିବର୍ତ୍ତନ ହୋଇଛି। ପୂର୍ବରୁ ନାଗରିକ କମିଟି ପକ୍ଷରୁ ଏହି ଷ୍ଟେଶନର ନାମକରଣ ସନ୍ଥ ବ୍ୟାସଦେବଙ୍କ ନାମରେ ବ୍ୟାସନଗର କରିବାକୁ ଦାବି ହୋଇଥିଲା। ହେଲେ ଏହି ନାମରେ ଏକ ଅନ୍ୟ ଷ୍ଟେଶନ ଥିବାରୁ ସେତେବେଳେ ଏହାକୁ ଖାରଜ କରି ଦିଆଯାଇଥିଲା। ସେତେବେଳେ ସର୍ବସମ୍ମତିକ୍ରମେ ଏହି ଷ୍ଟେଶନର ନାମ ଯାଜପୁରରୋଡ କିମ୍ବା ଡୋଲିପୁର କରିବାକୁ ଦାବି ହେଉଥିଲା। କିନ୍ତୁ ବର୍ତ୍ତମାନ ପୂର୍ବ ଯୋଜନା ଅନୁସାରେ ଏହି ଷ୍ଟେଶନର ନାମକରଣ ଯାଜପୁର କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ଯାହାକୁ କୌଣସି ପ୍ରକାରେ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ରେଳୱେ ବୋର୍ଡର କର୍ମସିଆଲ ସାର୍କୁଲାର-୧୨ ନମ୍ବର/୧୭।୫।୧୯୯ ଅନୁସାରେ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ବିଭାଗ ଏକାକୀ ନାମ ପରିବର୍ତ୍ତନ କରିବାକୁ ମଞ୍ଜୁରୀ ଦେଇପାରିବେ। ଏହାପରେ ପ୍ରସ୍ତାବଟି ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇ ଗୃହ ମନ୍ତ୍ରଣାଳୟକୁ ଯିବା ଉଚିତ ବୋଲି ଇଷ୍ଟକୋଷ୍ଟ ରେଳୱେ ପକ୍ଷରୁ ସୂଚନା ଦିଆଯାଇଛି।

**ଯାଜପୁରରୋଡ, ଡୋଲିପୁର ନାମରେ ନାମିତ ଦାବି**



## ସଂକ୍ଷେପରେ

### ଆଦାୟହେବ ବର୍ଦ୍ଧିତ ଜରିମାନା

କାଳିଆପାଣି, ୨।୯(ଡି.ଏନ୍.ଏ.): କେନ୍ଦ୍ର ସରକାର ଟ୍ରାଫିକ ନିୟମକୁ କଡାକଡିଭାବେ ପାଳନ କରିବା ନେଇ ରବିବାରଠାରୁ ବିଭିନ୍ନ ସ୍ଥାନରେ ସଚେତନତା ସହ ଜରିମାନା ଅଦାୟ କରାଯାଉଛି। ସେହିପରି ସୋମବାର କାଳିଆପାଣି ଖଣି ଅଞ୍ଚଳର ବିଭିନ୍ନ ସ୍ଥାନରେ ଥାନାଧିକାରୀ ରମାକାନ୍ତ ମୁଦୁଲୀଙ୍କ ନେତୃତ୍ୱରେ ସଚେତନତା କରାଯାଉଛି। ନୂତନ ନିୟମ ଅନୁସାରେ ଜରିମାନା ବାବଦରେ ପଥଚାରୀଙ୍କୁ ଲିଫ୍‌ଲେଟ ଓ ମୌଖିକଭାବେ ଥାନାଧିକାରୀ ଜଣାଇଥିଲେ। ମଙ୍ଗଳବାରଠାରୁ ଏହି ନିୟମକୁ କଡାକଡିଭାବେ ପାଳନ କରାଯିବ ବୋଲି କହିଥିଲେ। ଏଥିସହ ଏହି ନିୟମଗୁଡିକୁ ଜନସାଧାରଣ ପାଳନ କରିବା ଥାନା ପକ୍ଷରୁ ଅନୁରୋଧ କରାଯାଇଛି। ସଚେତନତା କାର୍ଯ୍ୟକ୍ରମରେ ଥାନାଧିକାରୀଙ୍କ ସହ ଏସ୍‌ଆଇ ବିଭୂତି ମହାପାତ୍ର, ଏଏସ୍‌ଆଇ ବିଜୟ କୁମାର ସାହୁ ଉପସ୍ଥିତ ଥିଲେ।

### ସ୍ମୃତିଚାରଣ ସଭା

ଧର୍ମଶାଳା,୨।୯(ଡି.ଏନ୍.ଏ.)- ଯାଜପୁର ଜିଲା ଅଭିରାମ ପରମହଂସ ପ୍ରେମୀଙ୍କ ପକ୍ଷରୁ ଧର୍ମଶାଳା ବ୍ଲକ କୁଶୁନପୁରଠାରେ ରବିବାର ସନ୍ଧ୍ୟାରେ ପ୍ରଜା ସୋସିଆଲିଷ୍ଟ ପାର୍ଟିର ବିନ୍ଧାଣୀ ସ୍ୱର୍ଗତ ଜମ୍ବେଶ୍ୱର ନାୟକଙ୍କ ସ୍ମୃତିଚାରଣ ସଭା ସମ୍ପାଦକ ଭିକାରୀ ଚରଣ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସାମାଜିକ କର୍ମୀ ଭୀଷ୍ମ ପ୍ରସାଦ ରଥ, ସତ୍ୟାନନ୍ଦ ଚିନ୍ତାମଣି ମହାନ୍ତି, ପ୍ରଫୁଲ୍ଲ କୁମାର ନାୟକ, ଅକ୍ଷେନ୍ଦୁ କୁମାର ମହାନ୍ତି, ବିନୋଦ ବିହାରୀ ମହାନ୍ତ, ଶ୍ରୀବତ୍ସ ପାଢୀ, ବୁଲୁ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସଭାରେ ଶାନ୍ତିଧାମର ବରିଷ୍ଠ ସାଧୁ ବାବାଜୀ ଜଗନ୍ନାଥ ମହାରାଜ, ଦତାତ୍ରେୟ ଦାସମହାରାଜ ପ୍ରମୁଖ ସ୍ୱର୍ଗତ ଜମ୍ବେଶ୍ୱରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଶେଷରେ କୁଳମଣି ପ୍ରଧାନ ଧନ୍ୟବାଦ ଦେଇଥିଲେ।

### କୁକୁଡ଼ାଖଳିରେ ଗଣେଶ ପୂଜା

ଚଢେଇଧରା,୨।୯(ଡି.ଏନ୍.ଏ.)- ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ ପଞ୍ଚାୟତ ଅଧୀନ କୁକୁଡାଖଳିରେ ସୋମବାର ଗଣେଶ ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାମ ପୋଖରୀରୁ କଳସଯାତ୍ରା କରାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ଅଙ୍କୁରା ରୋପଣ, କଳାସାଧିବାସ ପରେ ପୂଜା ଆରମ୍ଭ ହୋଇଥିଲା। ସେହପରି ଭାବେ ଚଢେଇଧରା, ଭୁବନ, ମଧୁପୁରଗଡ, ରଗଡିପଶି, ଡଙ୍କାରୀ, କାନ୍ଦୁଆପୁର, ମହିସରା, ଆରୁହା, ରମ୍ଭେଇ ଆଦି ଗ୍ରାମରେ ପୂଜା ଅନୁଷ୍ଠିତ ହୋଇଯାଇଛି।

# ଜୋତା ସିଲାଇ କରି ପରିବାର ଚଳାଉଛନ୍ତି ଶିକ୍ଷିତ ଯୁବକ

**ସମ୍ପ୍ରତି ଦେଶ ଓ ରାଜ୍ୟରେ ବେକାରୀ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଶିକ୍ଷିତ ଯୁବତୀଯୁବକମାନେ ସରକାରୀ ଚାକିରୀ ପଛରେ ଗୋଡ଼େଇ ଗୋଡ଼େଇ ହତାଶ ହେଉଛନ୍ତି। ଅନେକ ଚାକିରି ନ ପାଇ ଦେଶ ଓ ରାଜ୍ୟ ବାହାରକୁ ଯାଇ ଦାଦନ ଖଟୁଛନ୍ତି। ଏପରି କି ଟଙ୍କା କେଇଟା ରୋଜଗାର ପାଇଁ ଦଲାଲଙ୍କ ଚକ୍ରାନ୍ତର ଶିକାର ହେଉଛନ୍ତି। ପାଠପଢୁଆ ଝିଅପୁଅମାନେ କୌଳିକ ବୃତ୍ତି ପ୍ରତି ଆଗ୍ରହ ପ୍ରକାଶ ନ କରି କେବଳ ଚାକିରୀ ପଛରେ ଗୋଡ଼ାଉ ଥିବା କାରଣରୁ ପରିବାରର ଆର୍ଥିକ ମେରୁଦଣ୍ଡ ଦୋହଲିଯାଉଛି।**

ରସୁଲପୁର,୨।୯(ଡି.ଏନ୍.ଏ.)

ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଅଞ୍ଚଳର ୩୩ବର୍ଷୀୟ ଯୁବକ ଦେବା ଓରଫ ଏନ୍ ଦେବାନନ୍ଦ ରାଓ। ସେ ଶିକ୍ଷିତ ହୋଇଥିବାବେଳେ ତାଙ୍କ ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ। ଏହା ସତ୍ତ୍ୱେ ଚାକିରି ପଛରେ ନ ଗୋଡ଼ାଇ ନିଜକୁ ଭିନ୍ନ ଭାବରେ ପ୍ରତିପାଦିତ କରିବାରେ ସକ୍ଷମ ହୋଇପାରିଛନ୍ତି ଦେବାନନ୍ଦ। ସେ ମେଧାବୀ ଛାତ୍ର ଥାଇ ବି ପାରିବାରିକ ସମସ୍ୟା କାରଣରୁ ଉଚ୍ଚ ଶିକ୍ଷା ଲାଭ କରିବାରୁ ବଞ୍ଚିତ ହୋଇଛନ୍ତି। ଏଥିରେ କିନ୍ତୁ ଭାଙ୍ଗି ଯାଇ ନାହାନ୍ତି ଦେବା। ବାପାଙ୍କର କୌଳିକ ବୃତ୍ତି ମୋଚି କାମକୁ ଆଦରି ନେଇ ଅନ୍ୟ ବେକାରୀ ଯୁବତୀଯୁବକଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଶିକ୍ଷତ ହୋଇ ବି ଜୋତା ସଫା ଓ ମରାମତି କରିବାରେ ତାଙ୍କ ମନରେ ତିଳେମାତ୍ର ଦ୍ୱିଧା ନାହିଁ ବୋଲି ସେ ଧରିତ୍ରୀକୁ ପ୍ରକାଶ କରିଛନ୍ତି।

ବ୍ରହ୍ମପୁର ଜିଲାର ମୂଳ ବାସିନ୍ଦା ଏନ. ଟାଟା ରାଓ ପରିବାର ଆସି ବ୍ରହ୍ମବରଦା ପଞ୍ଚାୟତରେ ରହୁଛନ୍ତି। ଟାଟା ରାଓ ଜଣେ ଦକ୍ଷ ଜୋତା ମରାମତି କାରିଗର ଭାବରେ ପରିଚିତ ଥିଲେ। ତାଙ୍କର ଅକାଳ ବିୟୋଗ ପରେ ବଡ଼ପୁଅ ଦେବା କାନ୍ଧରେ ଅଜାଡି ହୋଇପଡିଲା ପରିବାର ବୋଝ। ସେତେବେଳେ ବ୍ରହ୍ମବରଦା ହାଜିରହିମିଆଁ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ ପାସ କରିବା ପରେ ବ୍ରହ୍ମବରଦା କଲେଜରେ ଯୁକ୍ତ ୨ରେ ସେ ପଢୁଥିଲେ। ପରିବାରରସ୍ଥିତି ତାଙ୍କୁ ପାଠ ଛାଡ଼ିବାକୁ ବାଧ୍ୟ କଲା। ସେ ପଢ଼ା ଛାଡ଼ି ଦାଦନ ଖଟିବାକୁ ବାହାରକୁ ଗଲେ। ମାତ୍ର ସେହି ରୋଜଗାରରେ ପରିବାର ଚଳିବା କଷ୍ଟକର ହୋଇପଡିଲା। ସେ ଗାଁକୁ ଫେରିଆସି ବାପାଙ୍କ କୌଳିକ ବୃତ୍ତି(ମୋଚି କାମ) ସମ୍ଭାଳିବାକୁ ମନ ବଳାଇଲେ। ଜୋତା ପଲିସ କରିବା ସହ ମରାମତି କରିବାରେ ତାଙ୍କର ୧୦ବର୍ଷ ବିତାଇ ସାରିଲେଣି। ଏବେ ସେ ଜଣେ ଦକ୍ଷ କାରିଗର। ତାଙ୍କ ଜୋତା ମରାମତି କୌଶଳ ସ୍ଥାନୀୟ ବ୍ରହ୍ମବରଦା, ମହେଶ୍ୱରପୁର, ମଙ୍ଗରାଜପୁର, ବନ୍ଧଡିହ, ଝାଲପଡା, ଦେଓଦା ପ୍ରଭୃତି ପଞ୍ଚାୟତରେ ଖୁବ୍ ଆଦର ରହିଛି। ଦୈନିକ ୧୦ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପରିଶ୍ରମ କରିବା ପରେ ମଧ କାମ ସୁରୁନି। ଏବାବଦରେ ମାସକୁ ୨୫ରୁ ୩୦ହାଜର ଟଙ୍କା ରୋଜଗାର ହେଉଛି। ସେ ଜଣେ ଉଦ୍ୟୋଗୀ ହେବାର ଦକ୍ଷତା ବି ତାଙ୍କ ନିକଟରେ ରହିଛି। ନୂଆ ଜୋତା ତିଆରି କାରଖାନା ସ୍ଥାପନ କରିବାର ଇଚ୍ଛା ରହିଛି, ହେଲେ ଅର୍ଥ ସାଜିଛି ବାଧକ। ଏଦିଗରେ ସଫଳତା ପାଇବାକୁ ହେଲେ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତାର ଆବଶ୍ୟକତା ରହିଛି। ବିନା ସୁଧରେ ଋଣ ମିଳି ପାରିଲେ ସେ ନୂଆ ଜୋତା ତିଆରି କରିବା ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବେ। ରାଜ୍ୟ ବାହାରୁ କଞ୍ଚାମାଲ ଆଣି ଜୋତା ପ୍ରସ୍ତୁତ କରିବେ। ଏହାଛଡ଼ା ବାହାର ରାଜ୍ୟରେ କମ୍ପାନୀରେ କାମ କରୁଥିବା ଅନ୍ୟ ଦୁଇ ଭାଇଙ୍କୁ ଏଥିରେ ନିୟୋଜିତ କରିବାକୁ ସକ୍ଷମ ହୋଇପାରିବେ। ଏକ ଜୋତା ତିଆରି କାରଖାନା ଚଳାଇବାକୁ ସକ୍ଷମ ହୋଇପାରିବା ସହ ତାଙ୍କର ସ୍ୱପ୍ନ ପୂରଣ ହେବା ସହ ପରିବାରର ଆର୍ଥିକ ସ୍ଥିତି ସୁଦୃଢ ହୋଇପାରିବ ବୋଲି ଦେବା ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏନେଇ ସାମାଜିକ କର୍ମୀ ମଣ୍ଟୁ ଦାସଙ୍କ ମତରେ ଦେବା ହେଉଛି ବେକାରୀମାନଙ୍କ ପାଇଁ ପ୍ରେରଣାର ଉତ୍ସ। ତାଙ୍କ ଭଳି ଅନ୍ୟମାନେ ପରିବାରର କୌଳିକ ବୃତ୍ତି ପ୍ରତି ମନ ବଳାଇଲେ, ହଜିଯାଉଥିବା ବୃତ୍ତି ପୁଣି ନୂଆ ଜୀବନ ପାଇବ। ବେକାରୀଙ୍କୁ ରୋଜଗାର ମିଳିଯିବ।

**ଚାକିରି ନୁହେଁ କୌଳିକ ବୃତ୍ତି ଦେଇଛି ପରିଚୟ**



## ଦେବପ୍ରସାଦ ସ୍ମୃତି ସଂସଦ ପକ୍ଷରୁ ପୁରସ୍କାର ପ୍ରଦାନ

ଦଶରଥପୁର,୨।୯(ଡିଏନ୍‌ଏ)

ଦଶରଥପୁର ବ୍ଲକ ଚମ୍ପେଇପାଳ ପଞ୍ଚାୟତ ଉଦୟପୁର ନୂଆଗାଁ ଗ୍ରାମର ଯୁବ ଇଞ୍ଜିନିୟର ଦେବପ୍ରସାଦ ରାୟଙ୍କର ସଡ଼କ ଦୁର୍ଘଟଣାରେ ଅକାଳ ବିୟୋଗ ହୋଇଯାଇଥିଲା। ତାଙ୍କ ସ୍ମୃତିରେ ଗଢ଼ା ଯାଇଥିବା ଦେବପ୍ରସାଦ ସ୍ମୃତି ସଂସଦ ପକ୍ଷରୁ ଦଶରଥପୁର ଉଚ୍ଚ ବିଦ୍ୟାଳୟର ଶ୍ରେଷ୍ଠ ଆଦର୍ଶ ଛାତ୍ରଭାବେ ସନ୍ଦୀପ କୁମାର ରଣା ଓ ଛାତ୍ରୀଭାବେ ସ୍ୱପ୍ନାରାଣୀ ସାହୁଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଶୀକାନ୍ତ ଦାଶଙ୍କ ପୌରହିତ୍ୟରେ ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ବାସୁଦେବ ମିଶ୍ର, ନାରାୟଣ ଚନ୍ଦ୍ର ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି ଚୈତନ୍ୟ କୁମାର ପରିଡ଼ା, ବ୍ଲକ୍ ଅଲମ୍ପିକ୍ ଆସୋସିଏସନ୍ ସମ୍ପାଦକ ଭରତ ଚନ୍ଦ୍ର ସାହୁ ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ପୁରସ୍କାର ପ୍ରଦାନ ଉତ୍ସବରେ ବିଦ୍ୟାଳୟର ଶିକ୍ଷକ ଅକ୍ଷୟ କୁମାର ପଣ୍ଡା, ସୁବ୍ରତ କୁମାର ସାହୁ, ସମାଜସେବୀ ଆଞ୍ଜନେୟ ପ୍ରସାଦ ରାୟ, ଅଧର କୁମାର ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ୟାସନଗର ବଣିକ ସଂଘ
## ସହରର ବିକାଶ ପାଇଁ ବିଧାୟକଙ୍କୁ ଦାବିପତ୍ର

ଯାଜପୁର ରୋଡ,୨।୯(ନି.ପ୍ର.)

ବ୍ୟାସନଗର ସହରର ଅଭିବୃଦ୍ଧି ତୁଳନାରେ ସହରର ବିକାଶ ଦିନକୁ ଦିନ ହ୍ରାସ ପାଉଛି। ଏହାକୁ ଦୃଷ୍ଟିରେ ରଖି ସହରର ବିକାଶ ପାଇଁ ସୋମବାର ବ୍ୟାସନଗର ବଣିକ ସଂଘ ପକ୍ଷରୁ ଯାଜପୁର ଜିଲାପାଳ ଓ କୋରେଇ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏ ନେଇ ଗତ ୨୭ ତାରିଖରେ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ନନ୍ଦରାମ ବାଟିକାଠାରେ ଅନୁଷ୍ଠିତ ହୋଇଥିଲା। ସହରର ମୁଖ୍ୟ ରାସ୍ତାଘାଟ, ଡ୍ରେନ୍, ବିଦ୍ୟୁତ୍ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସହରର ମୁଖ୍ୟରାସ୍ତା ଚେରଦା ବାଇପାସ୍‌ଠାରୁ ଦଳା ବାଇପାସ୍ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇ ପଡିଛି । ତୁରନ୍ତ ରାସ୍ତାକୁ ପିଚୁ କରିବା ସହିତ ରାସ୍ତା କଡ଼ର ଡ୍ରେନ୍‌କୁ କନ୍‌ସିଲଡ୍ କରିବା ଓ ଡିଭାଇଡର ଉପରେ ଆଲୋକ ବ୍ୟବସ୍ଥା କରାଯିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଜିଲା ପ୍ରଶାସନ ଦାବିଗୁଡିକୁ ଗ୍ରହଣ କରି ୨ମାସ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏକବର୍ଷ ବିତିଯାଇଥିଲେ ମଧ ପ୍ରତିଶ୍ରୁତି ପାଳନ କରାଯାଇ ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଥିସହ ସମସ୍ୟା ସମ୍ପର୍କରେ ଜିଲାପାଳ ଏକ ବିଧାୟକଙ୍କୁ ଜଣାଇବାକୁ ନିଷ୍ପତ୍ତି ପ୍ରକାଶ ପାଇଥିଲା। ଏହି କ୍ରମରେ ସୋମବାର ସହରରେ ଟ୍ରାଫିକ ନିୟମକୁ ସୁନିୟନ୍ତ୍ରଣ କରିବା ସହିତ ପାର୍କିଂ ପାଇଁ ସ୍ଥାନ କରିବା, ବ୍ୟବସାୟ ପ୍ରତିଷ୍ଠାନ ସମ୍ମୁଖରେ ଝୁଲାସେଟ୍ କରିବା, ବିଦ୍ୟୁତ୍ ସମସ୍ୟାର ସମାଧାନ ଆଦି ବିଭିନ୍ନ ଦାବି ସଂଘର ଅଧ୍ୟକ୍ଷ ବସନ୍ତ କୁମାର ପାତ୍ର, ସଭାପତି ରାଜେନ୍ଦ୍ର କୁମାର ସମାଲ, ସମ୍ପାଦକ ଅସିତାନନ୍ଦ ବିଶ୍ୱାଳ ଓ ରବୀନ୍ଦ୍ର ପୋଥାଳ ପ୍ରମୁଖ ବିଧାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଜିଲାପାଳଙ୍କ ନିକଟକୁ ଇମେଲ ମାଧ୍ୟମରେ ଦାବିପତ୍ର ପଠାଯାଇଥିବା ସଂଘ ପକ୍ଷରୁ କୁହାଯାଇଛି।

## ମଦଦୋକାନ ଖୋଲିବାକୁ ବିରୋଧ

ଯାଜପୁର ରୋଡ,୨।୯(ନି.ପ୍ର.)

ସହରର ମୁଖ୍ୟ ଗୋପବନ୍ଧୁ ଛକଠାରେ ଅଭିରାମ କମ୍ପଲେକ୍ସରେ ମଦ ଦୋକାନ ଖୋଲିବା ନେଇ ଜିଲାପାଳଙ୍କ ପକ୍ଷରୁ ଅନୁମତି ମିଳିଛି। କମ୍ପ୍ଲେକ୍ସରେ ବିଭିନ୍ନ ମହଲ ଓ ଅନ୍ୟାନ୍ୟ ବାଣିଜ୍ୟ ପ୍ରତିଷ୍ଠାନ ରହିଛି। ତେଣୁ ଏଠାରେ ମଦ ଦୋକାନ ଖୋଲିଲେ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବାର ସମ୍ଭାବନା ରହିଛି। ଜିଲାପାଳ କମ୍ପେଲେକ୍ସରେ ମଦଦୋକନ ଖୋଲିବା ପାଇଁ ଦେଇଥିବା ଅନୁମତିକୁ ରଦ୍ଦ କରିବା ପାଇଁବ୍ୟାସନଗର ବଣିକସଂଘ ଦାବିକରିଛି। ଏ ଦିଗରେ ଜିଲାପାଳ କୌଣସି ପଦକ୍ଷେପ ନ ନେଲେ ବଣିକ ସଂଘ ରାଜରାସ୍ତାକୁ ଓଲ୍ଲାଇବ ବୋଲି ସୋମବାର ସଂଘର ଅଧକ୍ଷ ବସନ୍ତ କୁମାର ପାତ୍ର, ସଭାପତି ରାଜେନ୍ଦ୍ର କୁମାର ସାମଲ ଜଣାଇଛନ୍ତି।

## ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ନିର୍ବାଚନ

ଧର୍ମଶାଳା,୨।୯(ଡି.ଏନ୍.ଏ.)

ଧର୍ମଶାଳା ବରିଷ୍ଠ ନାଗରିକ ମଞ୍ଚର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବ୍ଲକ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ଶନିବାର ସନ୍ଧ୍ୟାରେ ସଭାପତି ଅବସରପ୍ରାପ୍ତ ଜିଲାଜଜ୍ ଗୟାଧର ପଣ୍ଡାଙ୍କ ଅଧକ୍ଷତାରେ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଛି। ଗୟାଧର ପଣ୍ଡା ସଭାପତି, ତ୍ରିଲୋଚନ ବିଶ୍ୱାଳ କାର୍ଯ୍ୟକାରୀ ସଭାପତି, ବନମାଳି ରାଉତ, ବ୍ରଜ କିଶୋର ଦାଶ ଉପ-ସଭାପତି, କରୁଣାକର ବରାଳ ସମ୍ପାଦକ, ଆଦିକନ୍ଦ ସ୍ୱାଇଁ ସହସମ୍ପାଦକ, ବିବେକାନନ୍ଦ ନାୟକ ସାଙ୍ଗଠନିକ ସମ୍ପାଦକ ଓ ଅଭୟା ନନ୍ଦ ଶାରଦା କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଭିକାରୀ ଚରଣ ମଲ୍ଲିକ, ଅନିରୁଦ୍ଧ ରାଉତ, ସୁଦର୍ଶନ ଶତପଥୀ, ଧରଣୀଧର ମହାନ୍ତି, ରବିନାରାୟଣ ମଲ୍ଲିକ, ପୀତବାସ ପାତ୍ର, ନାରାୟଣ ବରାଳ, ମହମ୍ମଦ ରିଆଜୁଲ ହକ୍, ବସନ୍ତ ଲେଙ୍କା, ରମେଶ ଚନ୍ଦ୍ର ଜେନା, ବସନ୍ତ କୁମାର ପରିଡା, ବିଜୟ କୁମାର ଶତପଥୀ, ନଟବର ସାହୁଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି। ନୂତନ ଭାବେ ଗଠିତ କମିଟି ପକ୍ଷରୁ ଚାରାରୋପଣ, ଆଇନ ସଚେତନତା, ସଫେଇ, ନିଶା ନିବାରଣ, ସ୍ୱାସ୍ଥ୍ୟ ସଚେତନତା ଆଦି ବିଭିନ୍ନ କାର୍ଯ୍ୟକ୍ରମମାନ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଆଗାମୀ ଦିନରେ ନୂତନ ସଦସ୍ୟତା ପାଇଁ ୬୦ବର୍ଷରୁ ଊର୍ଦ୍ଧ୍ୱ ଉଭୟ ମହିଳା ଓ ପୁରୁଷ ଏଥିରେ ସଦସ୍ୟ ରହି ପାରିବେ ବୋଲି ସ୍ଥିର କରାଯାଇଥିଲା।

# ଯାଜପୁର ଜିଲା: ପୁରପଲ୍ଲୀରେ ପୂଜା ପାଇଲେ ଗଜାନନ



ଧର୍ମଶାଳା ବ୍ଲକ ଜାରକାଠାରେ ଶ୍ରୀଗଣେଶଙ୍କ ପ୍ରତିମୂର୍ତ୍ତି ପୂଜା ପାଉଛି।



ବଡ଼ଚଣା ବ୍ଲକ ପାଟଣା ଗାଁର ତାରିଣୀ କ୍ଲବ ପକ୍ଷରୁ ଗଣେଶ ପୂଜା।



ବରୀରେ ପୂଜା ପାଉଛନ୍ତି ଗଜାନନ।



ବିଞ୍ଝାରପୁର ବ୍ଲକ ଫତେପୁରଠାରେ ଅନୁଷ୍ଠିତ ଗଣେଶ ପୂଜା।



ରତ୍ନଗିରି ଅଲିଆବାଦ ଗ୍ରାମର ଗୋପବନ୍ଧୁ ସେବା ପରିଷଦ ସେବା କ୍ଲବର ଗଣେଶ ପୂଜା।



ସିଂହପୁରଠାରେ ପୂଜା ପାଉଛନ୍ତି ଶ୍ରୀଗଣେଶ।



ଛତିଆ ୟୁଥ କ୍ଲବ ପକ୍ଷରୁ ଆୟୋଜିତ ଗଣେଶ ପୂଜା।



ବିଞ୍ଝାରପୁର ବ୍ଲକ ବିତନାଠାରେ ଗଣେଶଙ୍କ ପ୍ରତିମୂର୍ତ୍ତି ପୂଜା ପାଉଛି।



ଦଶରଥପୁରଠାରେ ଅନୁଷ୍ଠିତ ଗଣେଶ ପୂଜା।



ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାକୁ ଭୂଷିତ କର।
- ଶ୍ରୀ ଚୈତନ୍ୟଦେବ



## ସଂକ୍ଷେପରେ

### ଯୁବତୀଙ୍କ ବେକ୍‌ରୁ ଝାମ୍ପି ନେଲେ ସୁନାଚେନ୍

**ନୟାଗଡ଼ ଅଫିସ,୨।୯:** ନୟାଗଡ଼ରେ ମାତିଛନ୍ତି କଳା ପଲ୍‌ସର ଆରୋହୀ ଲୁଟେରା। ଦୁଇଦିନରେ ଲୁଟେରାମାନେ ୨ଟି ସ୍ଥାନରେ ଦିନ ଦ୍ୱିପ୍ରହରରେ ଚଳନ୍ତା ବାଇକ୍‌ରୁ ଚେନ୍ ଝାମ୍ପି ନେଇଥିବା ଅଭିଯୋଗ ହୋଇଛି। କିନ୍ତୁ ପୋଲିସ ଏ ଯାଏ କାହାରିକୁ ଧରିବାରେ ସକ୍ଷମ ହୋଇପାରିନାହିଁ। ରବିବାର ଇଟାମାଟି ଥାନା ନରସିଂହପ୍ରସାଦ ଛକଠାରେ ଜଣେ ମହିଳାଙ୍କ ଠାରୁ ସୁନା ଚେନ୍ ଲୁଟ୍ ହେବାର ୨୪ ଘଣ୍ଟା ନ ବିତୁଣୁ ନୟାଗଡ଼ ଟାଉନ ଥାନା ବେଲବଣି ଛକରେ ଏହାର ପୁନରାବୃତ୍ତି ଘଟିଛି। ଜଣେ ବ୍ୟକ୍ତି ତାଙ୍କ ଝିଅକୁ ବାଇକ୍‌ରେ ନେଇ ଯାଉଥିବାବେଳେ ଲୁଟେରାମାନେ ଝିଅ ବେକ୍‌ରୁ ସୁନାଚେନ୍ ଝାମ୍ପି ନେଇ ପଳାଇଥିଲେ। ପ୍ରକାଶ ଯେ, ଶରଣକୁଳ ଥାନା ଶିଖରପୁର ଗ୍ରାମର ଇନ୍ଦ୍ରମଣି ବେହେରା ସୋମବାର ଝିଅକୁ ବାଇକ୍‌ରେ ବସାଇ ତାଙ୍କ ଶାଶୁଘର ଡିମିରିଝରିକୁ ଯାଉଥିଲେ। ଅପରାହ୍ନ ୩ଟାରେ ଏକ କଳା ପଲ୍‌ସର ବାଇକ୍ ତାଙ୍କୁ ପିଛା କରି ବେଲବଣି ଛକଠାରେ ସମ୍ପୃକ୍ତ ଯୁବତୀଙ୍କ ବେକରୁ ଲୁଟେରାମାନେ ସୁନାଚେନ୍‌ଟିକୁ ଝାମ୍ପି ନେଇ ପଳାଇଯାଇଥିଲେ। ଘଟଣାସ୍ଥଳରେ ବାପା ଝିଅ ବାଇକରୁ ଖସି ପଡ଼ିଥିଲେ। ଏ ନେଇ ଟାଉନ ଥାନାରେ ଏକ ଅଭିଯୋଗ ହୋଇଥିବା ବେଳେ ପୋଲିସ ଏହାର ତଦନ୍ତ କରୁଥିବା ଟାଉନ ପୋଲିସ ପକ୍ଷରୁ ସୂଚନା ମିଳିଛି। ସେହିପରି ରବିବାର ଇଟାମାଟି ଥାନା ନରସିଂହପ୍ରସାଦ ଛକରେ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ନେଇ ଭଉଣୀ ଘରକୁ ଯାଉଥିବା ବେଳେ ଏକ କଳା ପଲସର ବାଇକ୍‌ରେ ଲୁଟେରାମାନେ ଆସି ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇ ପଳାଇଥିଲେ। ଇଟାମାଟି ପୋଲିସ ଗୋଟିଏ ପଲସର ଜବତ କରିଥିବା ବେଳେ ସନ୍ଦେହରେ ଜଣଙ୍କୁ ଅଟକ ରଖିଛି। ଏହିଭଳି ଦିନ ଦ୍ୱିପ୍ରହରରେ କଳା ପଲସରରେ ଲୁଟ୍ ଆତଙ୍କ ଜିଲାରେ ଭୟର ବାତାବରଣ ସୃଷ୍ଟି କରିଛି। ପୋଲିସ ପ୍ରଶାସନ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡ଼ି କରିବାକୁ ସାଧାରଣରେ ଦାବି ହେଉଛି।

### ତାପଙ୍ଗ ଦଳବେହେରାଙ୍କ ଜୟନ୍ତୀ

**ଖୋର୍ଦ୍ଧା ଅଫିସ,୨।୯:** ତାପଙ୍ଗ ଦଳବେହେରା ମାଧବ ଚନ୍ଦ୍ର ରାଉତରାୟଙ୍କ ୨୪୯ତମ ଜୟନ୍ତୀ ନିଜିଗଡ ତାପଙ୍ଗ ଗଡଚୌପାଢ଼ୀରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ମୃତି ପରିଷଦର ସଭାପତି ଇଂ. ଶିଶିର ନାୟକଙ୍କ ଅଧକ୍ଷତାରେ ଆଲୋଚନା ସଭା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜାତୀୟ କଳିଙ୍ଗ ପାଇକ ସମାରୋହ ପରିଷଦର ଅଧକ୍ଷ କାଳୁ ଚରଣ ଖଣ୍ଡେଇତରାୟ, ସ୍ମୃତି ପରିଷଦର ଉପସଭାପତି ରଞ୍ଜନ ମଙ୍ଗରାଜ, କଳିଙ୍ଗ ପାଇକ ସଙ୍ଗଠନର ପ୍ରତିଷ୍ଠାତା ହଟନାଥ ମଙ୍ଗରାଜ, କାର୍ଯ୍ୟକାରୀ ସମ୍ପାଦକ ସଂଗ୍ରାମ ଜଗଦେବ ଓ ଝିଲିରାଣୀ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଦଳବେହେରାଙ୍କ ତ୍ୟାଗପୁତ ଜୀବନର ଅବତାରଣା କରିଥିଲେ। ଇତିହାସର ପୁର୍ନଲିଖନ ଓ ଭାରତୀୟ ସେନାରେ କଳିଙ୍ଗ ପାଇକ ରେଜିମେଣ୍ଟ ଗଠନର ଦାବିକୁ ବକ୍ତାମାନେ ଦୋହରାଇଥିଲେ। ପ୍ରାତଃରେ ପ୍ରଭାତ ଫେରି କରାଯାଇ ଦଳବେହେରାଙ୍କ ପ୍ରତିମୂର୍ତ୍ତି ଓ ଶହୀଦ୍ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରାଯାଇଥିଲା।

# କାଠମାଫିଆଙ୍କ ସୁରକ୍ଷିତ ସ୍ଥାନ ନୟାଗଡ଼

- ବିଭିନ୍ନ ଜଙ୍ଗଲରୁ ଚୋରି ହେଉଛି କାଠ
- ବନ ବିଭାଗ ନୀରବଦ୍ରଷ୍ଟା

**ନୟାଗଡ଼ ଅଫିସ,୨।୯**

କାଠ ମାଫିଆଙ୍କ ପାଇଁ ସୁରକ୍ଷିତ ଜୋନ୍ ପାଲଟିଛି ନୟାଗଡ଼ ବନଖଣ୍ଡ ଅଧୀନରେ ଥିବା ବିଭିନ୍ନ ଜଙ୍ଗଲ। ମାଫିଆମାନେ ଜଙ୍ଗଲରେ ପଶି ବିଳମ୍ବିତ ରାତିରେ ମେଶିନ୍ ସାହାଯ୍ୟରେ ବଡ଼ ବଡ଼ ଗଛ କାଟି ନେଇ ଯାଉଛନ୍ତି। ବନ ବିଭାଗ ସବୁ ଜାଣୁଥିଲେ ମଧ୍ୟ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ପ୍ରତିଦିନ ବିଳମ୍ବିତ ରାତିରେ ଦଶପଲ୍ଲା ଓ ଗଣିଆ ଜଙ୍ଗଲରୁ କାଠ ବୋଝେଇ ଟ୍ରକ୍ ରାତିରେ ଭୁବନେଶ୍ୱର ସମେତ ଅନ୍ୟ ଅଞ୍ଚଳକୁ ଚାଲାଣ କରାଯାଉଛି। ସେହିପରି ମହିପୁର ବନାଞ୍ଚଳ ଅଧୀନରେ ଆସୁଥିବା ହାତୀମୁଣ୍ଡା ଓ ପାଲଭା ଜଙ୍ଗଲରୁ ମଧ୍ୟ ନିର୍ଭୟରେ ମାଫିଆମାନେ କାଠ ଚୋରି କରି ନେଇଯାଉଥିବାର ଦେଖିବାକୁ ମିଳୁଛି। ରାଜ୍ୟ ରାଜପଥ-୪୮ ଓ ଜାତୀୟ ରାଜପଥ-୫୭ରେ ପ୍ରତିଦିନ କାଠ ଚୋରାଚାଲାଣ ହେଉଥିବା ବେଳେ ବନ ବିଭାଗ କିଛି ହାତଗଣତି କାଠ ବୋଝେଇ ଗାଡ଼ିକୁ ଧରି ବାହାବା ନେଉଛି। ମାଫିଆମାନେ ବନ ବିଭାଗର କିଛି କର୍ମଚାରୀଙ୍କ ସହିତ ସଲାସୁତରା କରି ଏହିଭଳି କରୁଥିବାରୁ ଜଙ୍ଗଲରେ ଦିନକୁ ଦିନ ଗଛ ସଂଖ୍ୟା ହ୍ରାସ ପାଉଥିବା ଦେଖିବାକୁ ମିଳୁଛି। ଉଲ୍ଲେଖଯୋଗ୍ୟ, ନୟାଗଡ଼ ବନଖଣ୍ଡ ଅଧୀନରେ ୭ଟି ବନାଞ୍ଚଳ ଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ ଜଙ୍ଗଲ ରହିଛି। ଜଙ୍ଗଲରୁ ଗଛଗୁଡ଼ିକ କଟାଯିବା ଫଳରେ ବନ୍ୟପ୍ରାଣୀମାନେ ଜଙ୍ଗଲ ମୁହାଁ ହେଉଥିବା ଦେଖିବାକୁ ମିଳୁଛି। ବିଳମ୍ବିତ ରାତିରେ ଦଶପଲ୍ଲା ଓ ଗଣିଆ ଜଙ୍ଗଲରୁ କାଠ ଚୋରି ହୋଇ ଯାଉଥିବା ନେଇ ଅଭିଯୋଗ ହେବା ପରେ ବନବିଭାଗର ଏକ ଟିମ୍ ଗଠନ କରାଯାଇଥିଲା। ଉକ୍ତ ଟିମ୍ ରବିବାର ବିଳମ୍ବିତ ରାତିରେ ଖଣ୍ଡପଡ଼ା ବନାଞ୍ଚଳ ଅଧୀନରେ ଆସୁଥିବା ଢୋଲମରା ପଞ୍ଚାୟତ ବାଦଭୂଇଁ ଗ୍ରାମରୁ ଏକ କାଠ ବୋଝେଇ ଟ୍ରକ୍‌କୁ ଜବତ କରିଛି। ଟ୍ରକ୍ ଚାଳକ ଫେରାର୍ ହୋଇଯାଇଥିବା ବେଳେ ବନବିଭାଗ ଉକ୍ତ ଗାଡ଼ିକୁ ଜବତ କରିଛି। ଏଥିରେ ଲକ୍ଷାଧିକ ଟଙ୍କାର କାଠ ଜବତ ହୋଇଥିବା ନେଇ ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ସୋମବାର ନୟାଗଡ଼ ବନଖଣ୍ଡର ମୋବାଇଲ୍ ଟିମ୍ ଦରପଦା ଛକଠାରେ ଏକ କାଠ ବୋଝେଇ ଟ୍ରକ୍‌କୁ ଜବତ କରି ପଞ୍ଚରିଡ଼ା ବନାଞ୍ଚଳ ଅଧିକାରୀଙ୍କୁ ହସ୍ତାନ୍ତର କରିଥିଲା। ଉକ୍ତ ଗାଡ଼ିଟିକୁ ବନ ବିଭାଗ ଛାଡ଼ି ଦେଇଥିବା ନେଇ ଆଲୋଚନା ହେଉଛି। ଉକ୍ତ ଗାଡ଼ି ମାଲିକ ଏହା ବେସରକାରୀ ଜମିରୁ ଆଣିଥିବା ନେଇ କହିବା ପରେ ବନ ବିଭାଗ ତା'ର କାଗଜପତ୍ର ଯାଞ୍ଚ କରୁଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରାତିରେ ବନାଞ୍ଚଳରୁ କାଠ ଚୋରି ହେଉଥିବା ନେଇ ନୟାଗଡ଼ ଡିଏଫଓ ଧନରାଜ ଏଚ୍‌ଡ଼ିଙ୍କୁ ପଚାରିବାରୁ ସେ କୁହନ୍ତି, ରବିବାର ବିଳମ୍ବିତ ରାତିରେ ବନବିଭାଗ ଟିମ୍ ବାଦଭୂଇଁରେ ଚଢ଼ାଉ କରି ଏକ ଟ୍ରକ୍ ଓ ଲକ୍ଷାଧିକ ଟଙ୍କାର କାଠ ଜବତ କରିଛି। ଅଭିଯୋଗ ଆସିବା ପରେ ବିଭିନ୍ନ ସ୍ଥାନରେ ମୋବାଇଲ୍ ଟିମ୍ ଗଠନ କରାଯାଇ ଚଢ଼ାଉ କରାଯାଉଥିବା ସେ ସୂଚନା ଦେଇଥିଲେ । ବନ ବିଭାଗ ସକ୍ରିୟ ହୋଇ କାଠମାଫିଆଙ୍କୁ ଧରିବା ପାଇଁ ସାଧାରଣରେ ଦାବି ହେଉଛି।


ନୟାଗଡ଼ର ଏକ ଜଙ୍ଗଲରୁ କଟା ହୋଇଥିବା ଗଛ।

## ବିପୁଳ ପରିମାଣର କାଠ ସହ ଟ୍ରକ୍ ଜବତ

**ଖଣ୍ଡପଡ଼ା,୨।୯(ସ୍ୱ.ପ୍ର.)**

ନୟାଗଡ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ରବିବାର ରାତିରେ ଖଣ୍ଡପଡା ରେଞ୍ଜ ରୟତଢୋଲମରା ପଞ୍ଚାୟତର ବାଦଭୂଇଁ ନିକଟରେ ବନ କର୍ମଚାରୀ ଚଢାଉ କରି ଟ୍ରକ୍ ସହ ବିପୁଳ ପରିମାଣର କାଠ ଜବତ କରିଛନ୍ତି। ବିଶେଷ ସୂତ୍ରରୁ ଖବର ପାଇ ନୟାଗଡ ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡିଙ୍କ ନିର୍ଦ୍ଦେଶ କ୍ରମେ ବନବିଭାଗ ମୋବାଇଲ ଷ୍ଟାଫ୍ ଓ ନୟାଗଡ଼, ଦଶପଲ୍ଲା, ଗଣିଆ, ଖଣ୍ଡପଡ଼ା, ଭାପୁର ସେକ୍ସନ ବନ କର୍ମଚାରୀ ଚଢାଉ କରିଥିଲେ। ଟ୍ରକ୍ ଅଟକାଇ କର୍ମଚାରୀମାନେ ଯାଞ୍ଚ କରିବାରୁ ସେଥିରେ ଆକାଶିଆ ଓ ଶାଗୁଆନ ଲଗ୍ ଥିବା ଦେଖିଥିଲେ। ଏହି ସମୟରେ ଟ୍ରକ୍ ଚାଳକ ସେଠାରୁ ଫେରାର ହୋଇଯାଇଥିଲେ। ବନ କର୍ମଚାରୀ କାଠ ବୋଝେଇ ଟ୍ରକଟିକୁ ଖଣ୍ଡପଡା ରେଞ୍ଜ ସିଂଘାପଡା ବନପାଳଙ୍କ କାର୍ଯ୍ୟାଳୟକୁ ଆଣିଥିଲେ। ଡ଼ିଏଫଓଙ୍କ ସୂଚନା କ୍ରମେ ଉକ୍ତ ଗାଡିରେ ପ୍ରାୟ ୧୯୫ରୁ ୨ଶହ ସିଏଫ୍‌ଟି କାଠ ରହିଥିଲା। ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡାଙ୍କ କହିବା କଥା, ଜବତ କାଠ ମଧ୍ୟରେ ୯୨ ଲଗ୍ ଆକାଶିଆ ଓ ୮ଲଗ୍ ଶାଗୁଆନ ଲଗ୍ ଥିବାବେଳେ ଏହାର ମୂଲ୍ୟ ୧ଲକ୍ଷ ଟଙ୍କାରୁ ଅଧିକ ହେବ। ସମ୍ପୃକ୍ତ କାଠ ବେପାରୀଙ୍କ ଘର ନୂଆଗାଁ ଥାନା ଜଗନ୍ନାଥ ପ୍ରସାଦ ଗ୍ରାମରେ। ଏ ନେଇ ବିଭାଗ ପକ୍ଷରୁ ୨୮/୧୯ରେ ଏକ ମାମଲା ରୁଜୁ ହୋଇଛି।


ଜବତ କାଠ ବୋଝେଇ ଟ୍ରକ୍।

# ବିନାୟକଙ୍କ କାଳଜୟୀ ସୃଷ୍ଟି ଓଡ଼ିଆ ସାହିତ୍ୟର ଅମୂଲ୍ୟ ରତ୍ନ



ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

### ପଣ୍ଡିତ ବିନାୟକ ମିଶ୍ରଙ୍କ ଜୟନ୍ତୀ

**ନୟାଗଡ଼ ଅଫିସ,୨।୯**

ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ତଥାସ୍ତୁର ମିଳିତ ଆନୁକୂଲ୍ୟରେ ବିଶିଷ୍ଟ ସାରସ୍ୱତ ସାଧକ ପଣ୍ଡିତ ବିନାୟକ ମିଶ୍ରଙ୍କ ଜୟନ୍ତୀ ସୋମବାର ନୟାଗଡ଼ ବ୍ଲକ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ତଥାସ୍ତୁର ସଭାପତି ବସିରନ୍ ବିବିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଖବରଦାତା ପ୍ରଦୀପ୍ତ କୁମାର ପଟ୍ଟନାୟକ, ଖଡ଼ଗପୁର କଲେଜର ସହକାରୀ ଅଧ୍ୟାପକ ଡ. ଜଗମୋହନ ଆଚାର୍ଯ୍ୟ, ଇଟାମାଟି ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ନାୟକ ଏବଂ ସାହିତ୍ୟ ଏକାଡେମୀର ସଦସ୍ୟ ନିର୍ମଳ ଚନ୍ଦ୍ର ଶୁରଦେଓ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ପଣ୍ଡିତ ବିନାୟକ ମିଶ୍ରଙ୍କ ଜୀବନୀ ଓ ସାହିତ୍ୟ କୃତି ଉପରେ ଆଲୋକପାତ କରିଥିଲେ। ୧୮୯୪ ମସିହା ଗଣେଶ ଚତୁର୍ଥୀରେ ଜିଲାର ଶରଣକୁଳ ଗ୍ରାମର ମାଳିସାହିଠାରେ ପଣ୍ଡିତ ବିନାୟକ ଜନ୍ମଗ୍ରହଣ କରିଥିଲେ। ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ବିନାୟକ ମିଶ୍ର ଜଣେ ପ୍ରତିଭାବାନ ବ୍ୟକ୍ତିତ୍ୱ ଭାବେ ପରିଚୟ ସୃଷ୍ଟି କରିପାରିଥିଲେ । ଓଡ଼ିଆ ସାହିତ୍ୟରେ ଅନନ୍ୟ ସାରସ୍ୱତ ସ୍ରଷ୍ଟା ବିନାୟକଙ୍କ କାଳଜୟୀ ସୃଷ୍ଟି ଏବଂ ସାହିତ୍ୟ, ଇତିହାସ, ସଂସ୍କୃତ ଦିଗରେ ତାଙ୍କ ରଚିତ ଗବେଷଣାତ୍ମକ ପୁସ୍ତକ ଓଡ଼ିଆ ସାହିତ୍ୟରେ ଗୋଟିଏ ଗୋଟିଏ ଅମୂଲ୍ୟ ରତ୍ନ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ କରାଯାଇଥିବା ବକ୍ତୃତାମାଳା ଏବଂ କବିତା ଆବୃତ୍ତି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ ବିଶେଷ ଅବଦାନ ଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଜିଲାସ୍ତରୀୟ କବିତା ଆସରରେ କବି ଓ କବିୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ। ତଥାସ୍ତୁର ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଫୁଲ୍ଲ ନାୟକ ଧନ୍ୟବାଦ ଦେଇଥିଲେ।

## ବଡ଼ହନୁଆଡ଼ରେ ଗୋଷ୍ଠୀ ସଂଘର୍ଷ ଜେଲଗଲେ ୭ ଅଭିଯୁକ୍ତ

**ଖୋର୍ଦ୍ଧା ଅଫିସ,୨।୯**

ବାଣପୁର ଥାନା ବଡହନୁଆଡ ଗ୍ରାମରେ ରବିବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୩ଜଣ ଆହତ ହୋଇଥିଲେ। ଏହି ଘଟଣାରେ ପୋଲିସ ପୃଥକ ମାମଲା ରୁଜୁ କରି ସୋମବାର ଉଭୟ ପକ୍ଷର ୭ ଅଭିଯୁକ୍ତଙ୍କୁ ଗିରଫ କରି ବାଣପୁର କୋର୍ଟ ଚାଲାଣ କରିଥିଲା। ସେମାନେ ହେଲେ ଭବାନୀ ନାୟକ, ବିଭୂତି ଭୂଷଣ ନାୟକ, ଶିବ ନାୟକ, ବୁଧଦେବ ନାୟକ, ଚିତ୍ରସେନ ନାୟକ, ବିମଳ ନାୟକ ଓ ମହେନ୍ଦ୍ର ନାୟକ। ଜାମିନ ନାମଞ୍ଜୁର ହେବା ପରେ ଏମାନଙ୍କୁ ଜେଲ ପଠାଇଦିଆଯାଇଥିବା ପୋଲିସ କହିଛି। ସୂଚନା ଅନୁଯାୟୀ, ବଡହନୁଆଡ ଗ୍ରାମର ଜଣେ ଯୁବତୀ କିଛି ମାସ ପୂର୍ବେ ନିକଟସ୍ଥ ଭାପୁର ଗ୍ରାମରେ ବିବାହ କରିଥିଲେ। କିନ୍ତୁ ଗତ ଜୁଲାଇ ମାସରେ ଯୁବତୀଜଣଙ୍କ ତାଙ୍କ ପୂର୍ବ ପ୍ରେମିକାଙ୍କ ସହ ଫେରାର ହୋଇଯାଇଥିଲେ। ଏହାର ସମାଧାନ ପାଇଁ ଗ୍ରାମରେ ଗ୍ରାମସଭା ଡକାଯାଇ ଉଭୟଙ୍କୁ ଆଣି ଉପସ୍ଥିତ କରାଇବା ପାଇଁ ଫେରାର ହୋଇଥିବା ଯୁବକଙ୍କ ପରିବାରବର୍ଗଙ୍କୁ କୁହାଯାଇଥିଲା। ରବିବାର ରାତିରେ ଉଭୟ ପକ୍ଷଙ୍କ ମଧ୍ୟରେ ବଚସା ହୋଇଥିଲା। ଏହା ପରେ ଉଭୟ ପକ୍ଷର ସମର୍ଥକମାନେ ଏକତ୍ରିତ ହୋଇ ପରସ୍ପରକୁ ଆକ୍ରମଣ କରିଥିଲେ।

## ୪ ଡକାୟତଙ୍କୁ ୧୫ ବର୍ଷ କାରାଦଣ୍ଡ

**ନୟାଗଡ଼ ଅଫିସ,୨।୯**

ଘରେ ପଶି ଡକାୟତି କରିବା ଅଭିଯୋଗରେ ୪ ଜଣ ଡକାୟତଙ୍କୁ ୧୫ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡାଦେଶ ଦିଆଯାଇଛି। ଶନିବାର ନୟାଗଡ଼ ଜିଲା ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ମାନସ କୁମାର ପଣ୍ଡା ଉକ୍ତ ମାମଲାର ଶୁଣାଣି କରି ବିଭିନ୍ନ ଦଫାରେ ୪ ଜଣ ଡକାୟତଙ୍କୁ ଏହି ଦଣ୍ଡାଦେଶ ଦେଇଛନ୍ତି। ଡକାୟତମାନେ ହେଲେ ଫତେଗଡ଼ ଥାନା ପାଥପୁର ଗ୍ରାମର ଧନେଶ୍ୱର ଲେଙ୍କା, ଟାଉନ ଥାନା ଘଡୁଆଳର ତ୍ରିନାଥ ପାଢ଼ୀ, ଟାଉନ ଥାନା ଜଜାଙ୍ଗିସାହିର ଗୋବିନ୍ଦ ଦାସ ଓ ଗୌରାଙ୍ଗ ପ୍ରଧାନ।

ମାମଲାରୁ ପ୍ରକାଶ ଯେ, ୧୦ ଜୁନ୍ ୨୦୧୬ରେ ନୂଆଗାଁ ଥାନା ଅନ୍ତର୍ଗତ ଜଗନ୍ନାଥପ୍ରସାଦ ଗ୍ରାମରେ ରହୁଥିବା ଡାକ୍ତର ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ଘରେ ବିଳମ୍ବିତ ରାତିରେ ମୁଖାପିନ୍ଧା କେତେଜଣ ଡକାୟତ ପଶିଥିଲେ। ସେମାନେ ପରିବାର ଲୋକଙ୍କୁ ବନ୍ଧୁକ ଓ ଧାରୁଆ ଅସ୍ତ୍ର ଦେଖାଇ ମାଡ଼ମାରି ଲକ୍ଷାଧିକ ଟଙ୍କାର ସୁନାଗହଣା, ଟଙ୍କା, ଆସବାବ ପତ୍ର, ଲାପଟପ୍ ଆଦି ଲୁଟି ନେଇଯାଇଥିଲେ। ଡାକ୍ତରଙ୍କ ଝିଅ ଏହାକୁ ପ୍ରତିବାଦ କରିବାରୁ ଡକାୟତମାନେ ତାଙ୍କୁ ମଧ୍ୟ ମାଡ ମାରିଥିଲେ। ପରଦିନ ଲକ୍ଷ୍ମୀନାରାୟଣ ଏ ନେଇ ନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୩୭/୧୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇ ପର୍ଯ୍ୟାୟକ୍ରମେ ଏଥିରେ ସମ୍ପୃକ୍ତ ଥିବା ୪ ଜଣ ଡକାୟତଙ୍କୁ ଗିରଫ କରିଥିଲା। ୨ ଜଣ ଜେଲ୍‌ରେ ଥିବା ବେଳେ ୨ ଜଣ ଜାମିନରେ ବାହାରିଥିଲେ। ଶନିବାର ୧୨ ଜଣ ସାକ୍ଷୀଙ୍କ ସାକ୍ଷ୍ୟଙ୍କୁ ଭିତ୍ତିକରି ଜିଲା ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ପଣ୍ଡା ଡକାୟତମାନଙ୍କୁ ୧୫ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ ଓ ୮ ହଜାର ଟଙ୍କା ଲେଖାଏ ଜରିମାନା ଆଦେଶ ଦେଇଥିଲେ। ଜରିମାନା ଅନାଦାୟ ହେଲେ ଅଧିକ କାରାଦଣ୍ଡ ଭୋଗ କରିବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ରହିଛି। ସରକାରୀ ଓକିଲ ଅମିୟ କୁମାର ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

## ବନ୍ଧୁକ ଦେଖାଇ ୭୦ ହଜାର ଟଙ୍କା ଲୁଟ୍

**ଖୋର୍ଦ୍ଧା ଅଫିସ,୨।୯:** ଖୋର୍ଦ୍ଧା ସଦର ଥାନାର ଟାଙ୍ଗେଣୀ ପାହାଡ ପାଦଦେଶରେ ସୋମବାର ବନ୍ଧୁକ ଦେଖାଇ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ଜଣେ କଲେକ୍ସନ ଏଜେଣ୍ଟଙ୍କଠାରୁ ୭୦ହଜାର ୪୩୯ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ.୧୧୯/୧୯)ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଅର୍ଥ ଲଗାଣକାରୀ ସଂସ୍ଥାର କଲେକ୍ସନ ଏଜେଣ୍ଟ ସ୍ୱମେଶ ଖଡିରତ୍ନ ବେଗୁନିଆ ବ୍ଲକର ଗୋଡା ଗ୍ରାମରୁ ଏହି ଟଙ୍କା ଆଦାୟ କରି ଏକ ବାଇକରେ ଖୋର୍ଦ୍ଧା ଅଫିସକୁ ଫେରୁଥିଲେ। ଟାଙ୍ଗେଣୀ ପାହାଡ ନିକଟରେ ଏକ କାର ସ୍ୱମେଶଙ୍କୁ ଅଟକାଇଥିଲା। ଏହି ସମୟରେ ଏକ ବାଇକରେ ଦୁଇ ଜଣ ଦୁର୍ବୃତ୍ତ ପହଞ୍ଚି ତାଙ୍କ ଟଙ୍କା ବ୍ୟାଗକୁ ଛଡାଇ ନେଇଥିଲେ।

# ସବୁଠି ପୂଜା ପାଇଲେ ବିଘ୍ନ ବିନାଶକ

**ନୟାଗଡ଼ ଅଫିସ,୨।୯**

ବିଘ୍ନ ବିନାଶକ ଗଜାନନଙ୍କ ପୂଜା ସୋମବାର ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଧୁମଧାମରେ ପାଳିତ ହୋଇଯାଇଛି। ନୟାଗଡ଼ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଯଦୁପୁର ଗ୍ରାମରେ ଶୁଖିଲା ମଟରରେ ତିଆରି ହୋଇଥିବା ଗଣେଶଙ୍କ ମୃଣ୍ମୟମୂର୍ତ୍ତି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ମୂର୍ତ୍ତିରେ ୧୨ କିଲୋଗ୍ରାମ ମଟର ବ୍ୟବହୃତ ହୋଇଛି। ଶ୍ରୀ ଶ୍ରୀ ସିଂଘେଶ୍ୱର ଯୁବ ସଂଘର ସଦସ୍ୟମାନଙ୍କ ତରଫରୁ ଏହି ପୂଜା ଆୟୋଜିତ ହୋଇଥିବାବେଳେ ଗ୍ରାମର ଶିଳ୍ପୀ ବିକାଶ ନାୟକ ମୂର୍ତ୍ତି ତିଆରି କରିଛନ୍ତି। ସେହିଭଳି ନୟାଗଡ଼ ଏନ୍‌ଏସିର ୧ ନମ୍ବର ୱାର୍ଡ଼ ପୂର୍ତ୍ତବିଭାଗ ଲେନ୍‌ଠାରେ ଫ୍ରେଣ୍ଡସ୍ ଆଣ୍ଡ ଫ୍ରେଣ୍ଡସ୍ ଆସୋସିଏଶନ୍ ତରଫରୁ ଗଣେଶ ପୂଜା ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ସହରରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଡିଏଭି ପବ୍ଲିକ୍ ସ୍କୁଲ, ବଚପନ୍ ପ୍ଲେ ସ୍କୁଲ୍, ବିଭିନ୍ନ ଘରୋଇ କଲେଜ ଓ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ, ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ, ବଣିକ ସଂଘ, କଚେରି ବଜାର ଛକ, ଟ୍ରକ ମାଲିକ୍ ସଂଘ ଭଳି ବିଭିନ୍ନ ସଂଘ ତରଫରୁ ଗଣେଶ ପୂଜା ପାଳିତ ହୋଇଯାଇଛି। ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ନୟାଗଡ଼


ଖଣ୍ଡପଡ଼ା


ଗଣିଆ


ରଣପୁର


ଦଶପଲ୍ଲା


ଓଡ଼ଗାଁ

**ଖଣ୍ଡପଡ଼ା,(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିଦ୍ୟାଦାତା ଗଜାନନଙ୍କ ପୂଜା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ଛାତ୍ରୀଛାତ୍ର ନୂତନ ପୋଷାକ ପରିଧାନ କରି ପୂଜା ସାମଗ୍ରୀ ଧରି ଶିକ୍ଷାନୁଷ୍ଠାନରେ ପହଞ୍ଚିଥିଲେ। ରାମଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ, ନୀଳମାଧବ ନୋଡାଲ ହାଇସ୍କୁଲ, କୁଞ୍ଜ ବିହାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ନୀଳମାଧବ ମହାବିଦ୍ୟାଳୟ, ଖଣ୍ଡପଡା ମହିଳା ମହାବିଦ୍ୟାଳୟ ସମେତ ବିଭିନ୍ନ କୋଚିଂ ସେଣ୍ଟର ଓ ଯୁବକସଂଘ ପକ୍ଷରୁ ଏହି ପୂଜା ପାଳିତ ହୋଇଥିଲା। ଏହି ଅବସରରେ ସନ୍ଧ୍ୟାରେ ଖଣ୍ଡପଡା, କଣ୍ଟିଲୋ ଅଞ୍ଚଳରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଖଣ୍ଡପଡା ରଥଗଡା ଛକରେ ଟେନ୍‌ଷ୍ଟାର କ୍ଲବ ଓ ଗଣପତି କ୍ଲବ ପକ୍ଷରୁ ଗଜାନନଙ୍କ ପୂଜା ଉତ୍ସବ ଆରମ୍ଭ ହୋଇଛି। ସନ୍ଧ୍ୟାରେ ପୂଜା ମଣ୍ଡପ ନିକଟରେ ଜନସାଧାରଣଙ୍କ ଭିଡ଼ ପରିଲକ୍ଷିତ ହେଉଛି।

**ଗଣିଆ,(ଡି.ଏନ.ଏ.):** ସୋମବାର ଗଣିଆ ଅଞ୍ଚଳର ସମସ୍ତ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ ଓ କେତେକ ଯୁବକ ସଂଘ ତରଫରୁ ବିଘ୍ନବିନାଶକ ଗଣନାୟକଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି । ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପ୍ରଭୁ ଗଜାନନଙ୍କ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ସ୍କୁଲ, କଲେଜ ବ୍ୟତୀତ ଗଣିଆସ୍ଥିତ ଆଡ୍‌ଭାନ୍ସ ଟ୍ୟୁଟୋରିଆଲ, ସରସ୍ୱତୀ ଶିଶୁ ମନ୍ଦିର ଓ ଶ୍ରୀଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଏହି ପୂଜା ଉତ୍ସବ ଖୁବ୍ ଧୁମ୍‌ଧାମରେ ପାଳନ କରାଯାଇଛି। ସେହିପରି ବିଭିନ୍ନ କ୍ଲବ ତରଫରୁ ମଧ୍ୟ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ପୂଜାମଣ୍ଡପଗୁଡ଼ିକୁ ରବିବାରଠାରୁ ବିଭିନ୍ନ ରଙ୍ଗବେରଙ୍ଗ ଆଲୋକମାଳା ସହ ଫୁଲତୋରଣ ଓ ବେଲୁନରେ ସୁସଜ୍ଜିତ କରାଯାଇଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ କେତେକ କ୍ଲବ ତରଫରୁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

**ରଣପୁର,(ସ୍ୱ.ପ୍ର.):** ବିଘ୍ନ ବିନାଶନ ଗଜାନନଙ୍କର ପୂଜା ସୋମବାର ରଣପୁରର ବିଭିନ୍ନ ସ୍ଥାନରେ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ସରକାରୀ, ବେସରକାରୀ ଶିକ୍ଷା ଅନୁଷ୍ଠାନ, କ୍ଲବ, ପାଠାଗାରରେ ପୂଜା ଅନୁଷ୍ଠିତ ହୋଇଥିଲା। ସକାଳୁ ଛାତ୍ରୀଛାତ୍ରମାନେ ନୂତନ ପୋଷାକ ପରିଧାନ କରି ବିଦ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ସହିତ ପୁଷ୍ପାଞ୍ଜଳି ଦେଇ ଶ୍ରୀ ଗଣେଶଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ରଣପୁର ପଞ୍ଚୁଦୋଳ ପଡିଆଠାରେ ପ୍ରଗତି ଯୁବକସଂଘ ତରଫରୁ ଅନୁଷ୍ଠିତ ୭୧ତମ ଗଣେଶ ପୂଜା ଉତ୍ସବ ବେଶ୍ ଆକର୍ଷଣୀୟ ହୋଇଥିଲା। ଏଠାରେ ଆସନ୍ତା ରବିବାର ପର୍ଯ୍ୟନ୍ତ ଓଡିଶାର ସୁନାମଧନ୍ୟ ପାଲା ଗାୟକମାନଙ୍କୁ ନେଇ ପାଲା ପରିବେଷଣ କରାଯିବ। ପ୍ରଥମ ଦିବସରେ ଏହି ମଞ୍ଚକୁ ସ୍ଥାନୀୟ ବିଧାୟକ ସତ୍ୟ ନାରାୟଣ ପ୍ରଧାନଙ୍କ ଦ୍ୱାରା ଉଦ୍‌ଘାଟନ କରଯାଇ ପାଲା ପରିବେଷଣ କରାଯାଇଥିଲା। ସେହିପରି ପ୍ରତିବର୍ଷ ପରି ହରିଜନ ସାହିର ଯୁବକମାନଙ୍କ ଦ୍ୱାରା ହାଟସାହି ଛକଠାରେ ପୂଜା ପାଳନ କରାଯାଇଛି।

**ଦଶପଲ୍ଲା,(ଡି.ଏନ.ଏ.):** ଅଗ୍ରପୂଜ୍ୟ ବିଘ୍ନ ବିନାଶକ ପ୍ରଭୁ ଶ୍ରୀଗଣପତିଙ୍କ ପୂଜା ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ତ୍ରିନାଥ ବଜାର ସ୍ଥିତ ସୀତାରାମ ୟୁଥ୍ କ୍ଲବ, ରାମସେନା, ଗଣେଶ ବଜାର, ରାଜା ସାହେବ କ୍ଲବ, ପ୍ରତିଭା କ୍ଲବ, ଜଗାପୁର ସ୍ଥିତ ପୂଜା ମଣ୍ଡପ, ତ୍ରିରଙ୍ଗା କ୍ଲବ, ପାଟପୁରପାଟଣା, ସାତପାଟଣା, ବାଣିଗୋଛା, ମଧ୍ୟଖଣ୍ଡ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗଣପତି ଜୀଉଙ୍କ ପୂଜା ଉତ୍ସବ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଯୋଗୀବନ୍ଧସ୍ଥିତ ଶିବସେନା କ୍ଲବ ପକ୍ଷରୁ ପୋଖରୀ ମଧ୍ୟରେ ଆକର୍ଷଣୀୟ ତୋରଣମାଳାରେ ଶ୍ରୀ ଜୀଉଙ୍କ ପୂଜା ପାଳିତ ହୋଇଛି।



ସବୁ ସଦ୍‌ଗୁଣର ମଜଭୁତ ମୂଳଦୁଆ ହେଲା ନମ୍ରତା।
- କନ୍‌ଫୁସିଅସ୍



## ସଂକ୍ଷେପରେ

### ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

**ପୁରୀ ଅଫିସ, ୨।୯:** ପବିତ୍ର ଗଣେଶ ଚତୁର୍ଥୀ ଅବସରରେ ସୋମବାର ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ଶ୍ରୀମନ୍ଦିର ପରିସରରେ ବଟ ଗଣେଶ, ନୃତ୍ୟ ଗଣପତି, ଭଣ୍ଡ ଗଣେଶ ଆଦି ପୂଜା ପାଉଛନ୍ତି। ବିଶେଷକରି ବଟ ଗଣେଶଙ୍କ ପାଖରେ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିଥିଲେ। ଏଠାରେ ଅନେକ ଶ୍ରଦ୍ଧାଳୁ ମହାବିନାୟକ ମହାବ୍ରତ ମଧ ପାଳନ କରିଥିଲେ। ସନ୍ଧ୍ୟା ଧୂପ ପରେ ବିଶେଷ ଭୋଗ ଓ ବନ୍ଦାପନା ଇତ୍ୟାଦି କରାଯାଇଥିଲା। ସେହିପରି ସରସ୍ୱତୀଙ୍କ ମନ୍ଦିରରେ ଏକ ଭଦ୍ରାସନ ଉପରେ ମାଦଳା ପାଞ୍ଜିକୁ ରଖାଯାଇ ପତନୀ, ଫୁଲ ମାଳ ଦିଆଯାଇଥିଲା। ଶୀତଳ ଭୋଗ ବନ୍ଦାପନା ସରିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିବା ୨୨ଟି ନଡ଼ିଆ ଭଙ୍ଗାଯାଇଥିଲା।

### ଠିକା କର୍ମଚାରୀଙ୍କୁ ଦରମା ନ ମିଳିବା ପ୍ରସଙ୍ଗ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

**ପୁରୀ ଅଫିସ, ୨।୯:** ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସାକ୍ଷୀଗୋପାଳ, ନିମାପଡ଼ା, ଚନ୍ଦନପୁର, ଅସ୍ତରଙ୍ଗ ଏବଂ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦୦୩ରୁ ରୋଗୀ କଲ୍ୟାଣ ସମିତି (ଆର୍‌କେଏସ୍) ଅଧୀନରେ ୬୨ ଏବଂ ଠିକା ସଂସ୍ଥା ଅଧୀନରେ ୧୦୩ଜଣ ଠିକା କର୍ମଚାରୀ କାମ କରୁଛନ୍ତି। ସେମାନଙ୍କୁ ଇପିଏଫ୍/ଇଏସ୍‌ଆଇ ଏବଂ ୟୁନିଫର୍ମ ଦିଆଯାଉ ନ ଥିବାବେଳେ ଦୈନିକ ୧୫୦ ଟଙ୍କାରେ ଖଟିବାକୁ ପଡୁଛି। ସେମାନଙ୍କୁ ୫ମାସର ଦରମା ମଧ ମିଳିନାହିଁ। ଫଳରେ ଏହି କର୍ମଚାରୀମାନେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ସେମାନଙ୍କୁ ମୌଳିକ ସୁବିଧାରୁ ବଞ୍ଚିତ କରାଯାଉଛି। ଏ ନେଇ ସଚେତନ ନାଗରିକ ମଞ୍ଚ ସଭାପତି ପ୍ରସନ୍ନ କୁମାର ଦାଶ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଠିକା କର୍ମଚାରୀଙ୍କ ସମସ୍ୟା ଶୀଘ୍ର ସମାଧାନ ଲାଗି ପୁରୀ ସିଡିଏମଓ ଏବଂ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେବା ସହ କଳା ତାଲିକାଭୁକ୍ତ କମ୍ପାନୀକୁ କାମ ଲାଗି ସୁଯୋଗ ଦେଇଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରିଛନ୍ତି।

### ବାଇକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୨।୯:** ଏକ ବାଇକ୍ ଧକ୍କାରେ ଗୁରୁତର ହୋଇଥିବା ଜଣେ ବୃଦ୍ଧଙ୍କର ଏମ୍‌କେସିଜି ମେଡିକାଲରେ ରବିବାର ରାତିରେ ମୃତ୍ୟୁ ଘଟିଛି। ମୃତକ ଜଗନ୍ନାଥପ୍ରସାଦ ଥାନା ଚପରା ଗ୍ରାମର ଖଦାଳ ଗୌଡ଼ (୬୭)। ରବିବାର ସନ୍ଧ୍ୟାରେ ଖଦାଳ କୌଣସି କାମରେ ଚିଙ୍କିଲି ଯାଇ ନାଳ ରାସ୍ତା ଦେଇ ଗ୍ରାମକୁ ଫେରୁଥିଲେ। ସେହି ରାସ୍ତାରେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ଭଞ୍ଜନଗର ହସ୍ପିଟାଲରୁ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କଠାରୁ ଟଙ୍କା ନେବା ଭିଡିଓ ଭାଇରାଲ

# ପ୍ରସବ କରାଇଦେବା ପାଇଁ ନେଲେ ୫ ହଜାର

**ନୟାଗଡ଼ ଅଫିସ,୨।୯**

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ହେଉଛି। ଜଣେ ମହିଳାଙ୍କୁ ପ୍ରସବ କରାଇଦେବା ପାଇଁ ଡାକ୍ତର, ଆଟେଣ୍ଡାଣ୍ଟ ଓ ଆଶା ଦିଦି ମିଶି ୫୦୦୦ ଟଙ୍କା ନେଇଥିବା ଓ ଷ୍ଟିଚ୍ ଖୋଲିବା ପରେ ଆଉ ୨୦୦ ଟଙ୍କା ନେଇଥିବା ଅଭିଯୋଗ ସହ ଏକ ଭିଡିଓ ଭାଇରାଲ୍ ହୋଇଛି। ଏହି ଭିଡିଓ ଭାଇରାଲ୍ ହେବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀ ଓ ଡାକ୍ତର କେତେ ସ୍ୱଚ୍ଛ ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି।

ନୟାଗଡ଼ ଜିଲା ଶରଣକୁଳ ଥାନା ସୋଲପଟା ଗ୍ରାମର କାମେଶ୍ୱର ଆଚାରୀ ଏ ନେଇ ଟାଉନ ଥାନା ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି।



ଭାଇରାଲ ହୋଇଥିବା ଭିଡ଼ିଓର ଦୃଶ୍ୟ।

କାମେଶ୍ୱର କରିଥିବା ଅଭିଯୋଗ ଅନୁସାରେ ତାଙ୍କ ସ୍ତ୍ରୀଙ୍କ ପ୍ରସବ ସମୟ ହେବାରୁ ଗତ ୨୭ ତାରିଖରେ ସେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସନ୍ଧ୍ୟାରେ ଡାକ୍ତରଖାନାର ଜଣେ ନର୍ସ (ଆଟେଣ୍ଡାଣ୍ଟ) ଆସି ପ୍ରସବ କରାଇ ଦେବା ପାଇଁ ୫୦୦୦ ଟଙ୍କା ମାଗିଥିଲେ। ଉକ୍ତ ଟଙ୍କାକୁ ଡାକ୍ତର ଓ ସେମାନେ ଭାଗ ବାଣ୍ଟି ନେବେ ବୋଲି କହିଥିଲେ। କାମେଶ୍ୱରଙ୍କ ସ୍ତ୍ରୀଙ୍କ ଅବସ୍ଥା ଗୁରୁତର ହୋଇଥିବାରୁ ସେ ବାଧ ହୋଇ ୫ ହଜାର ଟଙ୍କା ଦେଇଥିଲେ। ଏହା ପରେ ଅସ୍ତ୍ରୋପଚାର କରାଯାଇ ଶିଶୁ କନ୍ୟାଟିଏ ଜନ୍ମ ହୋଇଥିଲା। ସମ୍ପୃକ୍ତ ନର୍ସ ମଧ୍ୟ ତାଙ୍କ ପିଛା ଛାଡ଼ି ନ ଥିଲେ। ଷ୍ଟିଚ୍ ଖୋଲାଯିବ ପରେ ଆଉ ୨୦୦ ଟଙ୍କା ଦେବାକୁ ସେ କହିଥିଲେ। କାମେଶ୍ୱର ସୋମବାର ୨୦୦ ଟଙ୍କା ନର୍ସଙ୍କୁ ଦେଉଥିବାବେଳେ ଚତୁରତାର ସହିତ ଏହାକୁ ମୋବାଇଲରେ ରେକର୍ଡିଂ କରି ଦେଇଥିଲେ। ପରେ ଏହାକୁ ଭାଇରାଲ୍ କରିଥିଲେ। ଏହି ଘଟଣା ଭାଇରାଲ ହେବା ପରେ ବିଭିନ୍ନ ମହଲରେ ଏହାକୁ ନିନ୍ଦା କରାଯାଉଛି। ଅନ୍ୟପକ୍ଷେ କାମେଶ୍ୱରଙ୍କ ନବଜାତ ଶିଶୁକନ୍ୟାର ଅବସ୍ଥା ଭଲ ନ ଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ) ଡା. ଶ୍ୱେତ ମହାପାତ୍ରଙ୍କୁ ପଚାରିବାରୁ ସେ କୁହନ୍ତି, ଏ ନେଇ କାମେଶ୍ୱର ମୋ ପାଖରେ ଅଭିଯୋଗ କରିଛନ୍ତି। ମେଡ଼ିକାଲ୍‌ର ଜଣେ ଆଟେଣ୍ଡାଣ୍ଟ ତାଙ୍କଠାରୁ ୨୦୦ ଟଙ୍କା ନେଉଥିବା ଭିଡିଓରେ ଜଣା ପଡ଼ିଛି। ତେବେ ସେ ଅଭିଯୋଗ କରିଥିବା ୫ ହଜାର ଟଙ୍କା କିଏ କିଏ ନେଇଛନ୍ତି ସେ ଦିଗରେ ତଦନ୍ତ କରାଯିବ ବୋଲି ସେ କହିଥିଲେ। ପ୍ରକାଶ ଯେ, ଗତବର୍ଷ ସେପ୍ଟେମ୍ବର ମାସରେ ଜିଲା ମୁଖ୍ୟ ଚିକିତ୍ସାଳୟର ଜଣେ ନର୍ସ ରୋଗୀଙ୍କ ସମ୍ପର୍କୀୟଙ୍କଠାରୁ ଟଙ୍କା ଦାବି କରିଥିବା ଭିଡିଓ଼ ଭାଇରାଲ୍ ହୋଇଥିଲା।

## ପୋଖରୀ ପରିଷ୍କାର ପାଇଁ ସଚେତନତା



ପୋଖରୀ ହୁଡ଼ାରେ ଲଗାଯାଇଥିବା ସଚେତନତା ଫଳକ।

**ରଣପୁର,୨।୯(ସ୍ୱ.ପ୍ର.)**

ରଣପୁର ଏନ୍‌ଏସିର ସାଗର ପୋଖରୀକୁ ଅପରିଷ୍କାର ନ କରିବାକୁ ସାଗର କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ଏ ନେଇ କମିଟି ପକ୍ଷରୁ ପୋଖରୀ ହୁଡାରେ ସଚେତନତା ଫଳକ ଲଗାଯାଇଛି। ପୋଖରୀରେ ମୂର୍ତ୍ତି ବିସର୍ଜନ ନ କରିବା, ଜୀବଜନ୍ତୁ ଗାଧୋଇ ନ ଦେବା, ଚତୁଃପାର୍ଶ୍ୱରେ ଶୌଚ ନ ହେବା, ମଇଳା ଓ ବର୍ଜ୍ୟବସ୍ତୁ ନ ପକାଇବାକୁ ଉକ୍ତ ଫଳକରେ ଦର୍ଶାଯାଇଛି। ରଣପୁର-ଚାନ୍ଦପୁର ରାସ୍ତାର ରଣପୁରଠାରେ ରହିଥିବା ଏହି ପୋଖରୀଟି ୧ବର୍ଷ ତଳେ ୫୦ଲକ୍ଷ ଟଙ୍କା ବ୍ୟୟରେ ପୁନରୁଦ୍ଧାର ହୋଇଥିଲା।

### ନିଆରା ଢଙ୍ଗରେ ଗଣେଶ ପୂଜା

## ପରିବେଶ ବାର୍ତ୍ତା ଦେଲେ ଛାତ୍ରୀଛାତ୍ର

**ପୁରୀ ଅଫିସ, ୨।୯**

ଜଙ୍ଗଲ ଅବକ୍ଷୟ ଏବଂ ଅବାଧ ଗଛକଟା ଯୋଗୁ ଦିନକୁ ଦିନ ପରିବେଶ ବିଗିଡ଼ିବାରେ ଲାଗିଛି। ବାତ୍ୟା ଫନୀରେ ପୁରୀ ସହରରେ ବ୍ୟାପକ ଗଛ ନଷ୍ଟ ହୋଇଯାଇଛି। ଜୀବଜଗତ ଉପରେ ଏହାର ପ୍ରଭାବ ପଡୁଛି। ତେଣୁ ସବୁଜିମା ଫେରାଇ ଆଣିବା ଲାଗି ଚାରାରୋପଣର ବିଶେଷ ଆବଶ୍ୟକତା ରହିଛି। ବିନାୟକ ଚତୁର୍ଥୀ ଅବସରରେ ସୋମବାର ଅଠରନଳା ଶିକ୍ଷାଶ୍ରୀ ଲେନ୍‌ସ୍ଥିତ ଭଗବତୀ ବିଦ୍ୟା ନିକେତନର ଛାତ୍ରୀଛାତ୍ରମାନେ ଏଭଳି ପରିବେଶ ବାର୍ତ୍ତା ଦେଇ ନିଆରା ଢଙ୍ଗରେ ଗଣେଶ ପୂଜା ପାଳନ କରିଛନ୍ତି। ପ୍ରତ୍ୟେକ ବ୍ୟକ୍ତି ଚାରାଟିଏ ରୋପଣ ଲାଗି ସେମାନେ ଆହ୍ୱାନ ଦେଇଛନ୍ତି। ବିଦ୍ୟାଳୟ ସମ୍ପାଦକ ମହେନ୍ଦ୍ର ବିଶୋୟୀ, ସହସମ୍ପାଦକ ଲକ୍ଷ୍ମୀଧର ମାଝି, ପ୍ରଧାନଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀଙ୍କ ସମେତ ଗୁରୁମା, ଗୁରୁଜୀ ଉପସ୍ଥିତ ଥିଲେ। ମହେନ୍ଦ୍ର କହିଛନ୍ତି, ମାଟି ଓ ଜୈବିକ ସାର ମିଶାଇ ଏହି ଗଣେଶ ମୂର୍ତ୍ତି ନିର୍ମାଣ କରାଯାଇ ମାଟିକୁଣ୍ଡରେ ରଖାଯାଇଛି। ମୂର୍ତ୍ତିକୁ ବିସର୍ଜନ କରାଯିବ ନାହିଁ। ପ୍ରତିଦିନ ଏହି ଗଣେଶ ମୂର୍ତ୍ତି ମସ୍ତକରେ ପାଣି ଢାଳିଲେ ଏକ ସପ୍ତାହ ପରେ ମାଟି କୁଣ୍ଡରୁ ନୂତନ ଚାରା ସୃଷ୍ଟି ହେବ। ଏହି ମୂର୍ତ୍ତିକୁ ବିସର୍ଜନ କରାଗଲେ ବି ଜଳ ପ୍ରଦୂଷିତ ହେବନାହିଁ।



ଅଠରନଳାସ୍ଥିତ ଭଗବତୀ ବିଦ୍ୟା ନିକେତନରେ ପୂଜା ପାଉଥିବା ଗଣେଶ ମୂର୍ତ୍ତି।

## ପରମ୍ପରା: ନୀଳମାଧବ ପୀଠରେ ବାଲି ତୃତୀୟା ବ୍ରତ

**ଖଣ୍ଡପଡା,୨।୯(ସ୍ୱ.ପ୍ର.)**

ଭାଦ୍ର ଶୁକ୍ଳପକ୍ଷ ତୃତୀୟା ତିଥି ରବିବାର କଣ୍ଟିଲୋ ନୀଳମାଧବ ପୀଠରେ ବାଲି ତୃତୀୟା ବ୍ରତ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି । ବିବାହିତା ମହିଳାମାନେ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ଏହି ବ୍ରତ ପାଳନ କରିଥାନ୍ତି। କେତେକ ସ୍ଥାନରେ ଅବିବାହିତ ଝିଅମାନେ ସର୍ବଗୁଣ ସମ୍ପନ୍ନ ସ୍ୱାମୀ ପାଇବା ପାଇଁ ଏହା ପାଳିଥାନ୍ତି। ବ୍ରତ ଧାରିଣୀ ନିଷ୍ଠାର ସହ ତୃତୀୟା ସୂର୍ଯ୍ୟୋଦୟଠାରୁ ୪ର୍ଥୀ ପ୍ରତ୍ୟୁଷ ପର୍ଯ୍ୟନ୍ତ ଉପବାସ ରହିଥାନ୍ତି। ଏହି ସମୟରେ ସେମାନେ ଜଳପାନ ମଧ କରି ନ ଥାନ୍ତି। କିମ୍ବଦନ୍ତୀ ଅନୁଯାୟୀ ମା' ପାର୍ବତୀ ମୃତ୍ୟୁଞ୍ଜୟୀ ଶିବଙ୍କୁ ପତି ରୂପେ ପାଇବା ପାଇଁ କୈଳାସ ପର୍ବତରେ ନିଜ ଚାରି ପାଖରେ ଅଗ୍ନି ସଂଯୋଗ କରି କଠୋର ତପସ୍ୟା କରିଥିଲେ । ଏଥିରେ ଶିବ ସନ୍ତୁଷ୍ଟ ହୋଇ ତାଙ୍କୁ ସ୍ତ୍ରୀ ଭାବେ ଗ୍ରହଣ କରିଥିଲେ। ସେହି ଅନୁଯାୟୀ



ମହିଳାମାନେ ବାଲି ତୃତୀୟା ପୂଜା କରୁଛନ୍ତି।

ନାରୀମାନେ ବାଲି ତୃତୀୟା ସକାଳେ ନଦୀ କିମ୍ବା ପୁଷ୍କରିଣୀରେ ସ୍ନାନ କରି ସାତମୁଠା ବାଲି ଆଣିଥାନ୍ତି । ସେହି ବାଲିରେ ଜଳାଶୟ କୂଳରେ ଶିବ ଲିଙ୍ଗ ସ୍ଥାପନା କରି ପୂଜା କରିଥାନ୍ତି। ସ୍ଥାନୀୟ ଅଞ୍ଚଳର ଜଣେ ମହିଳା କୁହନ୍ତି, ସ୍ୱାମୀଙ୍କ ମଙ୍ଗଳ କାମନା କରି ଆମେ ଏହି ବ୍ରତ ପାଳନ କରିଥାଉ। ରବିବାର ଅପରାହ୍ନରେ ମହିଳାମାନେ ନଦୀରେ ସ୍ନାନ ସାରି ନୂତନ ବସ୍ତ୍ର ପରିଧାନ ପୂର୍ବକ ଘର ଅଗଣା ତୁଳସୀ ଚଉରା ମୂଳେ ବାଲିରେ ଶିବ ଲିଙ୍ଗ ସ୍ଥାପନା କରିଥିଲେ । ପରେ ବିଭିନ୍ନ ପୂଜା ସାମଗ୍ରୀ ରଖି ନିଷ୍ଠାର ସହ ଶିବଙ୍କୁ ପୂଜାର୍ଚ୍ଚନା କରିଥିଲେ। ସୋମବାର ସକାଳୁ ସେମାନେ ନଦୀରେ ବାଲୁକା ବିସର୍ଜନ କରି ସ୍ନାନ ସମ୍ପନ୍ନ କରି ବ୍ରତ ଉଦ୍‌ଯାପନ କରିଥିଲେ।

## ବକ୍ତୃତାରେ ସ୍ୱୟଂସିଦ୍ଧା ଗଞ୍ଜାମ ଟପ୍ପର

**ହାତୀଓଟ,୨।୯**

ଗଞ୍ଜାମ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍କୁଲସ୍ତରୀୟ ଦୁଇଦିନ ଧରି ବିଭିନ୍ନ ବିଷୟ ଉପରେ ପ୍ରତିଯୋଗିତା ଶନିବାର ଛତ୍ରପୁରରେ ଶେଷ ହୋଇଯାଇଛି । ଜାତୀୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶାନୁସାରେ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, ବ୍ୟଙ୍ଗ ନାଟକ ଭଳି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା । ଏଥିରେ ଗଞ୍ଜାମ ଜିଲାର ସମସ୍ତ ଆଦର୍ଶ ବିଦ୍ୟାଳୟ ସହ ୩୮ ସ୍କୁଲ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେଥିମଧ୍ୟରୁ ହାତୀଓଟ ଆଦର୍ଶ ବିଦ୍ୟାଳୟ ପୋଲସରାର ନବମ ଶ୍ରେଣୀ ଛାତ୍ରୀ ସ୍ୱୟଂସିଦ୍ଧା ଦଳାଇ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଖଲ୍ଲିକୋଟ କଲେଜ ଅଧ୍ୟାପିକା ଡ଼. ସନ୍ଧ୍ୟାରାଣୀ ପଟ୍ଟନାୟକ, ଶାନ୍ତନୁ ସୁନା, ସିଟି ହାଇସ୍କୁଲ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ ଓ ସୁଜାତା ମହାରଣା ବିଚାରକ ଭାବେ ଯୋଗଦେଇ ବକ୍ତୃତାରେ ସ୍ୱୟଂସିଦ୍ଧାଙ୍କୁ ପୁରସ୍କୃତ କରିଥିଲେ । ସ୍ୱୟଂସିଦ୍ଧା ବକ୍ତୃତାରେ ଗଞ୍ଜାମ ଜିଲାର ପ୍ରଥମ ସ୍ଥାନ ଗ୍ରହଣ କରିଥିବାରୁ ହାତୀଓଟ ଆଦର୍ଶ ବିଦ୍ୟାଳୟ ପୋଲସରାର କାର୍ଯ୍ୟକାରୀ ଅଧକ୍ଷ ସ୍ମିତା ନାଇକ ଓ ସ୍କୁଲର ସମସ୍ତ ଶିକ୍ଷକ କର୍ତ୍ତୃପକ୍ଷ ତାଙ୍କୁ ପ୍ରଶଂସା କରି ଆଦର୍ଶ ବିଦ୍ୟାଳୟ ପୋଲସରା ପାଇଁ ଗର୍ବ ଓ ଗୌରବ ବୋଲି କହିଛନ୍ତି ।

## ବୋଲଗଡ଼ରେ ଗଣେଶ ପୂଜା

**ବୋଲଗଡ,୨।୯(ଡି.ଏନ.ଏ.)**

ସୋମବାର ଗଣେଶ ଚତୁର୍ଥୀଅବସରରେ ବୋଲଗଡ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ପ୍ରଭୁ ଗଜାନନଙ୍କ ମୃଣ୍ମୟ ମୂର୍ତ୍ତି ସୁସଜ୍ଜିତ ପୂଜା ମଣ୍ଡପରେ ପୂଜା ପାଉଛନ୍ତି। କେତେକ ସ୍ଥାନରେ ପୂଜା ମଣ୍ଡପ ନିକଟରେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି । ବୋଲଗଡ ଗ୍ରାମରେ ୩୦ଟିରୁ ଊର୍ଦ୍ଧ୍ୱ ସ୍ଥାନରେ ଗଣେଶ ପୂଜା ଆୟୋଜିତ ହୋଇଛି । ସେହିପରି ରାଜସୁନାଖଳା ଗଣେଶ ବଜାର ବଣିକ ସଂଘ ପକ୍ଷରୁ ସ୍ଥାନୀୟ ଗଣେଶ ମନ୍ଦିରରେ ଠାକୁରଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଛି । ଏଠାରେ ପ୍ରଭୁ ବିଘ୍ନ ବିନାଶନଙ୍କ ପ୍ରସ୍ତରମୂର୍ତ୍ତି ବର୍ଷ ସାରା ପୂଜା ପାଉଛନ୍ତି।



ଅସରଳା ଗ୍ରାମରେ ପୂଜା ପାଉଥିବା ଗଣେଶଙ୍କ ମୃଣ୍ମୟମୂର୍ତ୍ତି।

## ଟାଙ୍ଗୀରେ ବିଦ୍ୟାଦାତା ଶ୍ରୀଗଣେଶଙ୍କ ପୂଜା

**ଟାଙ୍ଗୀ (ଖୋର୍ଦ୍ଧା), ୨।୯ (ଡି.ଏନ.ଏ.)**

ଟାଙ୍ଗୀ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ, ଯୁବକ ସଂଘ ପକ୍ଷରୁ ସୋମବାର ବିଦ୍ୟାଦାତା ଶ୍ରୀଗଣନାଥଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ବଳରାମଦେବ ବିଦ୍ୟାପୀଠ, ବାଳିକା ଉଚ୍ଚ ବିଦ୍ୟାଳୟ, ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ, ରାମକୃଷ୍ଣ ଶିକ୍ଷାକେନ୍ଦ୍ର, ବଡପାରୀ ନୋଡାଲ ହାଇସ୍କୁଲ, ପାରିଓରଡ ହାଇସ୍କୁଲ, ଚାନ୍ଦପୁର ସତ୍ୟସାଇ ବିଦ୍ୟାମନ୍ଦିର, କାଲୁପଡାଘାଟ ନୋଡାଲ ହାଇସ୍କୁଲ, ଚାନ୍ଦପୁର ସରସ୍ୱତୀ ଶିଶୁମନ୍ଦିର, ତାଳଡିହ ପ୍ରାଥମିକ ବିଦ୍ୟାଳୟ, ଜେମାଦେଈପୁର ବୀଣାପାଣି ବିଦ୍ୟାମନ୍ଦିରରେ ଛାତ୍ରୀଛାତ୍ରମାନେ ଶ୍ରୀଗଣେଶଙ୍କୁ ପୂଜାର୍ଚ୍ଚନା କରିଥିଲେ। ଟାଙ୍ଗୀର ମୁଖ୍ୟରାସ୍ତା ପାର୍ଶ୍ୱରେ ବିଭିନ୍ନ କ୍ଲବର ୪୫ରୁ ଅଧିକ ପୂଜାମଣ୍ଡପ ନିର୍ମିତ ହୋଇଛି। ସେହିପରି ଚାନ୍ଦପୁର ବଜାରରେ ୧୦ରୁ ଅଧିକ ଓ ବଡପାରୀରେ ୭ଟି ମେଢରେ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା ହୋଇଛି।

# ଅଭିନବ ଉପାୟରେ ଠକେଇ

**କୃଷ୍ଣପ୍ରସାଦ,୨।୯(ଡି.ଏନ.ଏ.)**

### ମାଓବାଦୀ ସନ୍ଦେହ

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ଜଣେ ବ୍ୟକ୍ତିଙ୍କ ଠାରୁ ଅଭିନବ ଉପାୟରେ ଠକେଇ କରି ଟଙ୍କା ଲୁଟ୍ ହୋଇଛି। ଏଥିସହ ଲୁଟେରାମାନେ ତାଙ୍କୁ ମାଡମାରି ହାତଗୋଡ ବାନ୍ଧି ଜଙ୍ଗଲରେ ପକାଇ ଦେଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ସମ୍ପୃକ୍ତ ଲୁଟେରାମାନେ ମାଓବାଦୀ ବୋଲି ସନ୍ଦେହ କରାଯାଉଥିବାବେଳେ ଏଥିନେଇ ୨ଦିନ ଧରି ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି।

ଏଭଳି ଅଭାବନୀୟ ଘଟଣା ଘଟିଛି କୃଷ୍ଣପ୍ରସାଦ ବ୍ଲକର କୁରୁପାଳ ଗ୍ରାମରେ। କୃଷ୍ଣପ୍ରସାଦ ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ ଗତ ୩୧ ତାରିଖ ଅପରାହ୍ନରେ ଜଣେ ଅଚିହ୍ନା ଯୁବକ କୁରୁପାଳ ଗ୍ରାମର କାଲୁ ଚରଣ ଜେନା(୪୨)ଙ୍କ ଘରକୁ ଯାଇଥିଲେ । କାହ୍ନୁଙ୍କ ଘର ଚାଳଛପର ଥିଲା । ଯୁବକ ଜଣଙ୍କ ଉକ୍ତ ଘରେ କାହିଁକି ଆଜବେଷ୍ଟସ ପକାଇ ନାହଁ ବୋଲି ପରିବାର ଲୋକଙ୍କୁ ପଚାରିଥିଲେ । ପରିବାର ଲୋକେ ଆର୍ଥିକ ସ୍ୱଚ୍ଛଳ ମଧ୍ୟରେ ନ ଥିବାରୁ ଆଜବେଷ୍ଟସ ପକାଇବା ପାଇଁ ଅସମର୍ଥତା ପ୍ରକାଶ କରିଥିଲେ। ତେବେ ସମ୍ପୃକ୍ତ ଯୁବକଙ୍କ ଏକ ଟିଣ ଚାଦର ଫ୍ୟାକ୍ଟ୍ରି ଅଛି ବୋଲି ସେମାନଙ୍କୁ ଜଣାଇଥିଲେ। କବାଡିଆମାନେ ଯେଉଁ ଅଦରକାରୀ ଲୁହା ନେଉଛନ୍ତି ତାକୁ ନେଇ ଆମେ ଟିଣ ଚାଦର ବନାଉଛୁ ବୋଲି କହିଥିଲେ। ବର୍ତ୍ତମାନ କୁରୁପାଳଗାଁ ଠାରୁ ୪ କି.ମି. ଦୂର ଚାରିଛକଠାରେ ଆମ ଗାଡି ଅଛି, ଆମେ ତାହା ଶସ୍ତାରେ ଦେବୁ, ଆପଣ ଟଙ୍କା ନେଇ ଆସନ୍ତୁ ନେଇ ଆସିବେ ବୋଲି ସମ୍ପୃକ୍ତ ଯୁବକ କହିଥିଲେ। ଅପରିଚିତ ଯୁବକଙ୍କ କଥାକୁ ବିଶ୍ୱାସ କରି କାଲୁ ଚରଣ ୭ ହଜାର ୫୦୦ ଟଙ୍କାନେଇ ସନ୍ଧ୍ୟା ୭ ଟାରେ ଯୁବକଙ୍କ ସାଥିରେ ଯାଇଥିଲେ । ଚାରିଛକରେ ଗାଡି ନ ଦେଖି ଯୁବକ କହିଥିଲେ ଆମଟ୍ରକ୍ ଗଡଡ ନୂଆଗାଁ ଯାଇଛି , ମୋ ସାଥିରେ ଅଟୋରେ ଆସ ନେଇ ଆସିବ କହି ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଏକ ଅଟୋରେ ବସାଇଥିଲେ। ଉକ୍ତ ଅଟୋରେ ପୂର୍ବରୁ ୫ ଜଣ ଯୁବକ ବସିଥିଲେ । ଚାରିଛକରୁ କିଛିରାସ୍ତା ଯିବା ପରେ ସେମାନେ କାଲୁଙ୍କ ହାତ ଗୋଡକୁ ବାନ୍ଧି ନିକଟସ୍ଥ ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ତାଙ୍କୁ ନିସ୍ତୁକ ମାଡମାରି ପକେଟରୁ ଟଙ୍କା ଛଡାଇ ନେଇଥିଲେ । ପାଟିକରି ଗହଳି କଲେ ଜୀବନରେ ମାରିଦେବୁ ବୋଲି ସେମାନେ ଧମକ ଦେଇ ପଳାଇଥିଲେ। ସମସ୍ତ ଯୁବକ ମୁଣ୍ଡରେ ଗୋଟିଏ ଲେଖାଏଁ ନାଲି କପଡା ବାନ୍ଧି ଥିଲେ । କିଛି ସମୟ ପରେ କୌଶଳ କରି କାଲୁ ହାତଗୋଡରୁ ବନ୍ଧା ଥିବା ଦଉଡି ଫିଟାଇ ଘରକୁ ଚାଲି ଆସିଥିଲେ। ଚିଲିକା ନୂଆପଡା ଫାଣ୍ଡିକୁ ଫୋନ କରିଥିଲେ । କୃଷ୍ଣପ୍ରସାଦ ଥାନାରେ ଅଭିଯୋଗ କରିବାକୁ ଫାଣ୍ଡିରୁ କୁହାଯାଇଥିଲା। କାଲୁ ୧ ତାରିଖ ରାତିରେ କୃଷ୍ଣପ୍ରସାଦ ଥାନାରେ ଏତଲା ଦେଇଥିଲେ । ସେମାନେ ମୁଣ୍ଡରେ ନାଲିଫିତା ବାନ୍ଧିଥିବା ଶୁଣି ମାଓବାଦୀ ସନ୍ଦେହରେ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି । ଏହା ପୂର୍ବରୁ ଆତଙ୍କବାଦୀ ବଙ୍ଗୋପସାଗର ଉପକୂଳ ଦେଇ ପ୍ରବେଶକରିବା ସରକାରୀ ସତର୍କତା ଥିବା ବେଳେ ପୋଲିସ ରାତିସାରା ପାଟ୍ରୋଲିଂ ଜାରି ରଖିଛି। ତେବେ ଏମାନେ କିଏ ବୋଲି ନାନା କଳ୍ପନା ଜଳ୍ପନା ସୃଷ୍ଟି ହୋଇଛି। ଏ ସମ୍ପର୍କରେ କୃଷ୍ଣପ୍ରସାଦ ଥାନା ଆଇଆଇସି ଅଭିମନ୍ୟୁ ନାୟକଙ୍କୁ ପଚାରିବାରୁ ସେ ଅଭିଯୋଗ ପାଇଥିବା କହିବା ସହ ସମ୍ପୃକ୍ତ ଦୁର୍ବୃତ୍ତମାନେ ମାଓବାଦୀ କି ଅନ୍ୟକେହି ସେ ନେଇ ତଦନ୍ତ କରାଯାଉଥିବା କହିଥିଲେ।

# ଗଜପତିଙ୍କ ଗୁରୁ ଗାଦି ଥିଲା ବଡ଼ ଆଖଡ଼ା ମଠ

**ପୁରୀ ଅଫିସ,୨।୯**

ଶ୍ରୀମନ୍ଦିରର ସୁରକ୍ଷା ଏବଂ ପୁରୀର ବିକାଶ ପାଇଁ ଭାଙ୍ଗିବ ବଡ଼ ଆଖଡା ମଠ। ଶ୍ରୀକ୍ଷେତ୍ରର ପୁରାତନ ମଠ ମଧ୍ୟରୁ ଏହା ଅନ୍ୟତମ। ଏହି ମଠର ଐତିହ୍ୟ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ସର୍ବଭାରତୀୟସ୍ତରର ଶ୍ରୀପଞ୍ଚରାମାନନ୍ଦୀୟ ଦିଗମ୍ବର ବୈଠକ ବଡ଼ ଆଖଡା ମଠ ଭାବେ ଶ୍ରୀକ୍ଷେତ୍ରରେ ପରିଚିତ। ଏହାକୁ ମଧ ଦିଗମ୍ବର ଆଖଡ଼ା କୁହାଯାଏ। ଆଖଡ଼ା ତିନି ଭାଗରେ ବିଭକ୍ତ। ନିର୍ବାଣୀ ଆଖଡ଼ା, ନିର୍ମୋହୀ ଆଖଡ଼ା ଓ ଦିଗମ୍ବର ଆଖଡ଼ା। ଆଖଡ଼ାଗୁଡ଼ିକ ଶ୍ରୀରାମାନନ୍ଦାଚାର୍ଯ୍ୟ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ। ଭାରତର ସାଂସ୍କୃତିକ ସଂହତି ଦୃଷ୍ଟିରୁ ଶଙ୍କରାଚାର୍ଯ୍ୟ ୪ ଦିଗରେ ଚାରୋଟି ପୀଠ ସ୍ଥାପନ କଲା ପରି ଶ୍ରୀରାମାନନ୍ଦାଚାର୍ଯ୍ୟ ୬ଟି ଆଖଡ଼ା ପ୍ରତିଷ୍ଠା କରିଥିଲେ। ତନ୍ମଧ୍ୟରୁ ପୁରୀରେ ଗୋଟିଏ ଦିଗମ୍ବର ଆଖଡ଼ା ପ୍ରତିଷ୍ଠା କରିଥିଲେ। ଏହାକୁ ୬ବୈଠକ କୁହାଯାଏ। ଅର୍ଥାତ୍ ୬ଟି ଯାକ ବୈଠକର ନାଗାମାନେ ଏକାଠି ହେଲେ ତାକୁ କୁହାଯାଏ ଦିଗମ୍ବର ଅଣି ଆଖଡ଼ା। ଏମାନେ କୁମ୍ଭମେଳାରେ ଓ ପୁରୀର ରଥଯାତ୍ରାରେ ଏକାଠି ହୁଅନ୍ତି। ହାରାହାରି ୧୩୫୨ ମସିହାରେ ଶ୍ରୀରାମାନନ୍ଦାଚାର୍ଯ୍ୟ ଶ୍ରୀଜଗନ୍ନାଥ ଧାମରେ ପଦାର୍ପଣ



ବଡ ଆଖଡ଼ା ମଠ।

### ରାମାନନ୍ଦାଚାର୍ଯ୍ୟଙ୍କ ବିଗ୍ରହ ଓ ପାଦୁକା ପୂଜା ପାଉଛି

କରିଥିଲେ। ସେ ଏଠାରେ ପଦାର୍ପଣ କଲାବେଳେ ଆଡ଼ପମଣ୍ଡପରେ ମହାପ୍ରଭୁ ବିଜେ କରିଥିଲେ। ସେ ପ୍ରଥମ ଦିନ ଆଡ଼ପମଣ୍ଡପକୁ ଯାଇ ଯେବେ ଦର୍ଶନ କଲେ ସେଦିନ ଥିଲା ସନ୍ଧ୍ୟା ଦର୍ଶନ। ଆଡ଼ପମଣ୍ଡପରେ ମହାପ୍ରଭୁଙ୍କୁ ଦେଖି ଭାବ ବିହ୍ୱଳ ହୋଇଯାଇଥିଲେ। ତିନିଠାକୁରଙ୍କୁ ଶ୍ରୀରାମ, ଲକ୍ଷ୍ମଣ ଓ ଦେବୀ ସୀତାଙ୍କ ରୂପରେ ଦର୍ଶନ କରିଥିଲେ। ସେତେବେଳେ ତାଙ୍କ ପାଟିରୁ ଶ୍ଳୋକ ବାହାରି ଆସିଥିଲା। ସେହି ଦିନଠାରୁ ବଡ଼ ଆଖଡା ମଠର ସାଧୁମାନେ ସନ୍ଧ୍ୟା ଦର୍ଶନ ଦିନ ମଠର ନିଶାଣ ନେଇ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ କରି ସେହି ଶ୍ଳୋକଟି ବୋଲନ୍ତି।

ରାମାନନ୍ଦାଚାର୍ଯ୍ୟ ଯେଉଁଠି ଛଡା ପୋତି ଅବସ୍ଥାନ କରିଥିଲେ ସେହି ମଠଟି ବଡ଼ ଆଖଡା ମଠ ରୂପେ ଏବେ ପରିଚିତ। ଶ୍ରୀମନ୍ଦିର ଉପରେ ଆକ୍ରମଣ କାଳରେ ରାମାନନ୍ଦ ସମ୍ପ୍ରଦାୟର ନାଗା ସାଧୁମାନେ ନିଜ ଜୀବନକୁ ବାଜି ଲଗାଇ ଆକ୍ରମଣକାରୀଙ୍କ ସହିତ ଯୁଦ୍ଧ କରି ନିଜର ପ୍ରାଣପାତ କରିବାର ଇତିହାସ ରହିଛି। ଶ୍ରୀମନ୍ଦିର ସୁରକ୍ଷା ପାଇଁ ଯେଉଁ ତ୍ୟାଗ ରହିଥିଲା ତାକୁ ସମ୍ମାନ ଜଣାଇ ଗଜପତି ସେମାନଙ୍କ ଚିତାକୁ ଶ୍ରୀମନ୍ଦିରର ଅଁଳା ବେଢାରେ ସ୍ଥାନିତ କରିଛନ୍ତି। ବଡ଼ ଆଖଡ଼ା ମଠକୁ ନିଜର ଗୁରୁ ଗାଦି ବୋଲି ଗ୍ରହଣ କରିଥିଲେ। ଆଖଡ଼ାର ମହନ୍ତମାନଙ୍କୁ ଗୁରୁ ରୂପେ ବରଣ କରି ତାଙ୍କଠାରୁ ମନ୍ତ୍ର ଦୀକ୍ଷା ନେଉଥିଲେ। ରାମାନନ୍ଦାଚାର୍ଯ୍ୟଙ୍କ ପାଦୁକା ଶ୍ରୀକ୍ଷେତ୍ରରେ ଥିବା ତାଙ୍କ ସମ୍ପ୍ରଦାୟର ୨୬ଟି ମଠ ମଧ୍ୟରେ କେବଳ ବଡ଼ ଆଖଡା ମଠରେ ବିଦ୍ୟାମାନ ଥିଲା। କାଳକ୍ରମେ ତାହା ନଷ୍ଟ ହୋଇଯିବାରୁ ବର୍ତ୍ତମାନ ନୂତନ ପାଦୁକା ପୂଜା ପାଉଛି। ଶ୍ରୀରାମାନନ୍ଦାଚାର୍ଯ୍ୟ ପୂର୍ଣ୍ଣ ଅବୟବ ମୂର୍ତ୍ତି ମଧ ସ୍ୱତନ୍ତ୍ର ମନ୍ଦିରରେ ଉପାସନା ହେଉଛି। ଶ୍ରୀରାମାନନ୍ଦାଚାର୍ଯ୍ୟ ମୂଳରୁ ଏହି ମଠରେ ସ୍ଥାପନ କରିଥିବା ୩୨ଟି ଶାଳଗ୍ରାମ ଶିଳା ଆଜି ବି ପୂଜା ପାଉଛନ୍ତି। ଏହି ମଠ ମନ୍ଦିରରେ ତିନି ବିଗ୍ରହ (ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରା)ଙ୍କୁ ମଠର ଥାନପତି ଭାବରେ ପୂଜା କରାଯାଉଛି। ବଡ଼ ଆଖଡା ମଠର ଉପାସ୍ୟ ହେଉଛନ୍ତି ଶ୍ରୀହନୁମାନ। ସେଥିପାଇଁ ଶ୍ରୀହନୁମାନଙ୍କର ଏକ ସ୍ୱତନ୍ତ୍ର ମନ୍ଦିର ମଧ ମଠରେ ରହିଛି। ଶ୍ରୀରାମାନନ୍ଦାଚାର୍ଯ୍ୟ ଏହି ମଠରୁ ହିଁ ରାମତାରକ ଅନୁଶାସନ ଘୋଷଣା କରିଥିଲେ। ସେ ଏହି ପୀଠରୁ ଏକ ସାଂସ୍କୃତିକ ସମୀକରଣର ବାର୍ତ୍ତା ସମଗ୍ର ମାନବ ସମାଜକୁ ଦେଇଥିଲେ।